# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨୦/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, November 20/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 354 | ମୂଲ୍ୟ ₹୭/-





**ଗୋବିନ୍ଦ ପୋଦ୍ଦାରଙ୍କୁ ୫ ଉଇକେଟ ସଫଳତା**

କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ନାଗାଲାଣ୍ଡ ବିପକ୍ଷ ରଣ୍ଜୀ ଟ୍ରଫି ମ୍ୟାଚ୍‌ରେ ୫ ଉଇକେଟ ସଫଳତା ପାଇଛନ୍ତି ଓଡ଼ିଶାର ଗୋବିନ୍ଦ ପୋଦ୍ଦାର। **୧୪**

**୦୨** **ଆଜି ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନୀତୀଶ**

ଜେଡିୟୁ ମୁଖ୍ୟ ନୀତୀଶ କୁମାର ବୁଧବାର ଏନ୍‌ଡିଏ ନେତା ନିର୍ବାଚିତ ହୋଇଛନ୍ତି। ସେ ଗୁରୁବାର ବିହାର ମୁଖ୍ୟମନ୍ତ୍ରୀ ରୂପେ ୧୦ମ ଥର ଶପଥ ନେବେ।






ଭୁବନେଶ୍ୱର କୃଷି ଭବନଠାରେ ବୁଧବାର ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଛରେ ପାଣି ଦେଇ ଶୁଭାରମ୍ଭ କରୁଛନ୍ତି। ନିକଟରେ ଅଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀ।

# ସାପକାମୁଡ଼ା ମୃତ୍ୟୁ ସହାୟତା ୧୦ ଲକ୍ଷ

- **ପାଣିରେ ବୁଡ଼ି, ବଜ୍ରପାତଜନିତ ମୃତ୍ୟୁରେ ବି ମିଳିବ**
- **ଜନଗଣନା ପରେ ବଢ଼ିବ ତହସିଲ ସଂଖ୍ୟା**

**ରାଜ୍ୟରେ ସାପକାମୁଡ଼ା, ବଜ୍ରପାତ ଏବଂ ପାଣିରେ ବୁଡ଼ି ଅକାଳରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ପରିବାରକୁ କିଭଳି ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ମିଳିବ, ସେଥିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।**

ଭୁବନେଶ୍ୱର,୧୯।୧୧ (ରବିନାରାୟଣ ଜେନା)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ଲୋକସେବା ଭବନରେ କହିଛନ୍ତି, ସାପକାମୁଡ଼ା, ବଜ୍ରପାତ ଏବଂ ପାଣିରେ ବୁଡ଼ି ମୃତ୍ୟୁ ଘଟଣାରେ ଅନୁକମ୍ପାମୂଳକ ସହାୟତା ବୃଦ୍ଧି ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ଜାତୀୟ ବିପର୍ଯ୍ୟୟ ସହାୟତା ଆଇନକୁ ପରିବର୍ତ୍ତନ କରିବାକୁ ଅନୁରୋଧ କରାଯାଇଛି। ଏହାସହିତ ସୁପ୍ରିମ୍‌କୋର୍ଟଙ୍କ ପକ୍ଷରୁ ଏହିଭଳି ଘଟଣାରେ ଏକ ନିର୍ଦ୍ଦେଶନାମା କେନ୍ଦ୍ର ସରକାରଙ୍କୁ ରହିଛି। ଏହାକୁ ନେଇ କେନ୍ଦ୍ର ସରକାର ବିଚାରବିମର୍ଶ କରୁଛନ୍ତି। ତେବେ ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ଆଇନରେ କିଭଳି ରାଜ୍ୟ ସରକାରମାନେ ପରିବର୍ତ୍ତନ କରିପାରିବେ ଏବଂ ଏହି ବିପର୍ଯ୍ୟୟଜନିତ ମୃତ୍ୟୁ ଅନୁକମ୍ପା ସହାୟତା ରାଶି ବଢ଼ିବ ସେଥିନେଇ ପ୍ରକ୍ରିୟା ଜାରି ରହିଛି।

ମନ୍ତ୍ରୀ ପୁଣି କହିଛନ୍ତି, ସାପକାମୁଡ଼ା, ବଜ୍ରପାତ କିମ୍ବା ପାଣିରେ ବୁଡ଼ି ମୃତ୍ୟୁର ବ୍ୟବଚ୍ଛେଦ ରିପୋର୍ଟ ଲାଗି ଅନେକ ସମୟରେ ଡାକ୍ତରମାନେ ବିଳମ୍ବ କରୁଛନ୍ତି। ଅଧିକାଂଶ କ୍ଷେତ୍ରରେ ଡାକ୍ତରମାନେ କେଉଁ କାରଣରୁ ☞ପୃଷ୍ଠା-୪

## ସିସି କ୍ୟାମେରା ଧରିବ ଦଲାଲ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୯।୧୧ (ରବିନାରାୟଣ ଜେନା)

ରାଜ୍ୟରେ ଦୀର୍ଘବର୍ଷ ଧରି ଦଲାଲି ବ୍ୟବସ୍ଥା ଚାଲିଆସୁଥିଲା। ଏହା ଆମ ପାଇଁ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଥିଲା। ଏବେ ସିସି କ୍ୟାମେରା ଲାଗିବା ପରେ ଏଥିରେ ସୁଧାର ଆସୁଛି। ସରକାରୀ କାର୍ଯ୍ୟାଳୟରୁ ଦୁର୍ନୀତି ଧୀରେ ଧୀରେ ହଟିବ ଏବଂ ବାବୁରାଜ୍‌ର ଅବସାନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ଲୋକସେବା ଭବନରେ ବୁଧବାର ରାଜସ୍ୱ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଅଧିକାରୀମାନଙ୍କୁ ପର୍ଯ୍ୟାପ୍ତ ଦରମା ସାଙ୍ଗକୁ ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯାଉଛି। ଏହାସତ୍ତ୍ୱେ କେତେଜଣ ଅଧିକାରୀ ଦୁର୍ନୀତିକୁ ଆପଣାଉଛନ୍ତି। ଯେଉଁ ଅଧିକାରୀମାନେ ସରକାରଙ୍କ ମାର୍ଗଦର୍ଶିକା ଓ ପରାମର୍ଶ ଅନୁଯାୟୀ କାର୍ଯ୍ୟ ନ କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ପ୍ରତିଦିନ ଭିଜିଲାନ୍ସ ହାତରେ କେହି ନା କେହି ଅଧିକାରୀ ଧରାପଡୁଛନ୍ତି। ଏହି ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରାଯିବ। ସେ ଆହୁରି କହିଛନ୍ତି, ଗଣତନ୍ତ୍ରରେ ନାଗରିକମାନେ ହେଲେ ମାଲିକ, ଅଧିକାରୀମାନେ ସେବକ। ଅଧିକାରୀମାନେ ☞ପୃଷ୍ଠା-୪

# କୃଷକ ସଶକ୍ତୀକରଣ ମୁଖ୍ୟ ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ

**୩୪.୧୨ ଲକ୍ଷ ଚାଷୀ ପାଇଲେ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି**

ଭୁବନେଶ୍ୱର, ୧୯।୧୧(ସୁନିତ୍ ମିଶ୍ର)

ରାଜ୍ୟରେ କୃଷକଙ୍କ ସଶକ୍ତୀକରଣ ଓ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନାର ସୁବିଧା ସୁଯୋଗ ରାଜ୍ୟର ସବୁ ଯୋଗ୍ୟ ଚାଷୀ ନିଶ୍ଚିତରୂପେ ପାଆନ୍ତୁ, କେହି ଜଣେ ବି ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କୃଷି ଭବନଠାରେ ବୁଧବାର ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସୃଷ୍ଟି ତତ୍ତ୍ୱ ଓ ବ୍ରହ୍ମା**


**ଏନ୍‌ଆଇଏ ହାଜତରେ ଅନ୍‌ମୋଲ ବିଷ୍ଣୋଇ** ......୭......


# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ହେବ ସମ୍ପ୍ରସାରଣ

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ**

**ରାଉରକେଲା ଏୟାରପୋର୍ଟ ପାଇଁ ଜମି ଯୋଗାଣ ଆଲୋଚନା**

ଭୁବନେଶ୍ୱର, ୧୯।୧୧(ସୁନିତ୍ ମିଶ୍ର)

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ହେବାକୁ ଯାଉଛି। ଏନେଇ କେନ୍ଦ୍ର ଭାରିଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବୁଧବାର ଲୋକସେବା ଭବନ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଆଲୋଚନାରୁ ମିଳିଥିବା ସୂଚନା ମୁତାବକ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଏ ସମ୍ପର୍କରେ ସମାଧାନ ପାଇଁ ମଧ୍ୟ ଉଭୟଙ୍କ ମଧ୍ୟରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ନିତାନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶହେବା ସହ ☞ପୃଷ୍ଠା-୪

# ଇନ୍‌ଟେକ୍ ୱେଲ୍‌ରେ ଜଳ ଶୋଷିବ ଜେଏସ୍‌ଡବ୍ଲ୍ୟୁ

**କାନପୁର ନଦୀବନ୍ଧ ଯୋଜନା ଦିଗହରା**

ଯୋଡ଼ା,୧୯।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲାରେ କୃଷିର ଅଭିବୃଦ୍ଧି ପାଇଁ ୬୦ ଦଶକରେ ରାଜ୍ୟ ସରକାର ବୈତରଣୀ ନଦୀ ଉପରେ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପର ସ୍ୱପ୍ନ ଦେଖିଥିଲେ। ଯୋଜନାକୁ ରୂପରେଖ ଦେବା ନିମନ୍ତେ ପ୍ରଥମେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ ଓ ପରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ବୃହତ୍ ଜଳସେଚନ ପ୍ରକଳ୍ପ ପାଇଁ ୩ ଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପରିତାପର ବିଷୟ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଲାନାହିଁ। ଅନ୍ୟପକ୍ଷରେ ଜିନ୍ଦଲ ସାଉଥ୍ ୱେଷ୍ଟ(ଜେଏସ୍‌ଡବ୍ଲ୍ୟୁ) କମ୍ପାନୀ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଇନ୍‌ଟେକ୍ ୱେଲ୍ ବା ଡ୍ୟାମ୍‌ରେ କୂପ ଖନନ କରାଯାଇ ଜଳ ନେବାର ଯୋଜନା ହେଉଛି। ଫଳରେ ଚାଷ ଏବଂ ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣି ନିଅଣ୍ଟ ଦେଖାଦେବ ବୋଲି ସାଧାରଣରେ ଅଭିଯୋଗ ହେଉଛି। ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଉଥିବାବେଳେ ଏହି ପ୍ରକଳ୍ପ କୃଷି ନା ଶିଳ୍ପ ଉଦ୍ଦେଶ୍ୟରେ ହେଉଛି ତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

ଜଳଭଣ୍ଡାରରୁ ଶିଳ୍ପକୁ ଜଳ ନେବା ପାଇଁ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଡ୍ୟାମ୍‌ର ପରିସୀମା ତଥା କ୍ୟାଚ୍‌ମେଣ୍ଟ ଏରିଆ ମଧ୍ୟରେ ଏବଂ ସୁନା ନଦୀ-ବୈତରଣୀ ସଙ୍ଗମସ୍ଥଳର ଅନତି ଦୂରରେ ଇନ୍‌ଟେକ୍ ୱେଲ୍ ନିର୍ମାଣ କରାଯାଉଛି। ଏଠାରୁ କମ୍ପାନୀ ପାଣି କେନ୍ଦୁଝର, ସୁନ୍ଦରଗଡ଼ ସୀମାରେ ଥିବା ଗୁଆଲି ଏବଂ କୋଇଡ଼ା ଖଣିକୁ ନେବ। ସେଠାରୁ ୩୦ ଇଞ୍ଚର ଗୋଲେଇ ସ୍ଲରି ପାଇପ୍‌ଲାଇନରେ ଲୁହାପଥର ଗୁଣ୍ଡରେ ପାଣି ମିଶାଇ ପାରାଦୀପ ଏବଂ ଜେଏସ୍‌ଡବ୍ଲ୍ୟୁ ଦ୍ୱାରା ନିର୍ମାଣାଧୀନ ଶିଳ୍ପକୁ ପରିବହନ କରିବ। ଏଥିରେ ଜଳର ଗତି ପ୍ରତି ସେକେଣ୍ଡରେ ପ୍ରାୟ ୧.୮ ମିଟର ରହିବ। ଶତକଡ଼ା ୩୦ରୁ ୩୫ ପ୍ରତିଶତ ଜଳ ସହ ୬୫ରୁ ୭୦ ପ୍ରତିଶତ ଲୁହାପଥର ଗୁଣ୍ଡ ମିଶ୍ରିତ ହୋଇ ପାଇପ୍‌ଲାଇନ ଜରିଆରେ ପରିବହନ କରାଯିବ। ଜେଏସ୍‌ଡବ୍ଲ୍ୟୁ କାରଖାନାକୁ ବାର୍ଷିକ ପ୍ରାୟ ୩୦ ମିଲିୟନ ଟନ୍‌ରୁ ଊର୍ଦ୍ଧ୍ୱ ଲୁହାପଥର ସ୍ଲରି ମାଧ୍ୟମରେ ପରିବହନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ପାଇପ୍‌ଲାଇନ ଜରିଆରେ କାନପୁର ବୃହତ୍ ଜଳସେଚନ ପ୍ରକଳ୍ପରୁ କମ୍ପାନୀ ଜଳ ଶୋଷିଲେ ବନ୍ଧର କ୍ୟାଚ୍‌ମେଣ୍ଟ ଏରିଆରୁ ଜଳାଭାବ ଦେଖାଦେବା ସମ୍ଭାବନା ରହିଛି। ଏହା କେନ୍ଦୁଝର ଜିଲାର ଚାଷୀକୁଳକୁ ପ୍ରଥମେ ପ୍ରଭାବିତ କରିବ। ପରିଣାମ ସ୍ୱରୂପ ଚାଷୀଙ୍କ ପାଇଁ ଜଳ ଯୋଗାଣ ହ୍ରାସ ପାଇବା ସହ ଚାଷ ଜମିରେ ଠିକ୍‌ଭାବେ ଜଳ ☞ପୃଷ୍ଠା-୪



ଜେଏସ୍‌ଡବ୍ଲ୍ୟୁ ଦ୍ୱାରା କାନପୁର ଡ୍ୟାମ୍ ପରିସୀମାରେ ନିର୍ମାଣାଧୀନ ଇନ୍‌ଟେକ୍ ୱେଲ୍।




# ଆନ୍ଧ୍ରରେ ପୁଣି ଏନ୍‌କାଉଣ୍ଟର: ୭ ମାଓବାଦୀ ନିହତ

**୫ ଜିଲାରୁ ୫୦ ଗିରଫ**

ଅମରାବତୀ,୧୯।୧୧(ପି.ଟି.)

ଆନ୍ଧ୍ରପ୍ରଦେଶର ମାରେଡୁମିଲ୍ଲି ଜିଲାରେ ଏମ୍. ହିଡ଼ମା ଓ ତାଙ୍କ ସ୍ତ୍ରୀଙ୍କ ସମେତ ୬ ମାଓବାଦୀ ନିହତ ହେବାର ଦିନକ ପରେ ପୁଣି ଏକ ସଫଳତା ମିଳିଛି। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ବୁଧବାର ଆଉ ୭ ମାଓବାଦୀ ନିହତ ହୋଇଛନ୍ତି। ଏହାବାଦ୍ ଗୋଇନ୍ଦା ତଥ୍ୟ ଆଧାରରେ ପୋଲିସ ୫ ଜିଲାରୁ ସିପିଆଇ (ମାଓଇଷ୍ଟ)ର ୫୦ ସଦସ୍ୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରୁ ମାଓବାଦୀଙ୍କୁ ମୂଳପୋଛ କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଆନ୍ଧ୍ରର ମାରେଡୁମିଲ୍ଲି ଜିଲାରେ ମଙ୍ଗଳବାର ସୁରକ୍ଷା ବଳ ପକ୍ଷରୁ ଅପରେଶନ୍ ଆରମ୍ଭ ହୋଇଥିଲା। ଏଥିରେ ହିଡ଼ମା, ତାଙ୍କ ସ୍ତ୍ରୀ ରାଜେ ଓ ଅନ୍ୟ ୪ ମାଓବାଦୀ ନିହତ ହୋଇଥିଲେ। ଏନ୍‌କାଉଣ୍ଟରର ଦ୍ୱିତୀୟ ଦିନରେ ଅନ୍ୟ ୭ ମାଓବାଦୀ ନିହତ ହୋଇଥିବା ନେଇ ଗୋଇନ୍ଦା ଏଡିଜିପି ମହେଶ ଚନ୍ଦ୍ର ଲଡ୍ଢା ☞ପୃଷ୍ଠା-୪

# ଆଶ୍ରୟ ଦେବାକୁ କହି ମହିଳାଙ୍କୁ ବଳାତ୍କାର

ରାୟଗଡ଼ା,୧୯।୧୧ (ଆଶିଷ ରଞ୍ଜନ ପଣ୍ଡା)

ଘରେ ଆଶ୍ରୟ ଦେବାକୁ କହି ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ଏ ନେଇ ପୀଡ଼ିତା ମହିଳା ତାଙ୍କ ସ୍ୱାମୀଙ୍କ ସହ ମଙ୍ଗଳବାର ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସ୍‌ଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକ୍‌ର ଏହି ଦମ୍ପତି ତାମିଲନାଡୁ ଦାଦନ ଖଟିବାକୁ ଯାଇ ମଙ୍ଗଳବାର ଟ୍ରେନ୍ ଯୋଗେ ରାୟଗଡ଼ା ଫେରିଥିଲେ। ସେମାନେ ନିଜ ଗାଁକୁ ଯିବା ପାଇଁ ରାତି ପ୍ରାୟ ୮ଟାରେ ରାୟଗଡ଼ା ବସ୍‌ଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଜଣେ ଅଜଣା ଯୁବକ କେଉଁଆଡ଼େ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ବନ୍ଧୁଗାଁକୁ ଯିବାକୁ ବସ୍ ପାଇଁ ଅପେକ୍ଷା କରିଛୁ ବୋଲି ଦମ୍ପତି କହିଥିଲେ। ହେଲେ ଏବେ ବନ୍ଧୁଗାଁକୁ ଆଉ ବସ୍ ମିଳିବ ନାହିଁ ଏବଂ ମୋ ଘରେ ରାତିରେ ରହିଯାଅ, ସକାଳୁ ନିଜ ଗାଁକୁ ଚାଲିଯିବ ବୋଲି ଯୁବକ ଜଣକ କହିଥିଲେ। ଏଥିରେ ଦମ୍ପତି ରାଜିହେବା ପରେ ଯୁବକ ଜଣକ ପ୍ରଥମେ ପୀଡ଼ିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡ଼ି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲି ଆସିଥିଲେ। ପରେ ସେ ମହିଳାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ବଳାତ୍କାର କରିଥିଲେ। ଦୀର୍ଘ ସମୟ ଧରି ସ୍ତ୍ରୀ ନ ଫେରିବାରୁ ସ୍ୱାମୀ ବସ୍‌ଷ୍ଟାଣ୍ଡ ନିକଟକୁ ଆସି ଖୋଜିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଏହି ସମୟରେ ପୀଡ଼ିତା କାନ୍ଦି କାନ୍ଦି ଆସି ସମସ୍ତ ଘଟଣା ବିଷୟରେ ସ୍ୱାମୀଙ୍କୁ ଜଣାଇଥିଲେ। ଏହାପରେ ଉଭୟ ରାୟଗଡ଼ା ଟାଉନ ଥାନାକୁ ☞ପୃଷ୍ଠା-୪

## ଦିଲ୍ଲୀରେ ଆଜି




ସ୍କୁଲ, ୟୁନିଭର୍ସିଟି, ହସ୍ପିଟାଲ ଓ ପରିବହନ କେନ୍ଦ୍ର ସମେତ ସର୍ବସାଧାରଣ ସ୍ଥାନଗୁଡ଼ିକରୁ ବୁଲା କୁକୁରଙ୍କୁ ହଟାଇବା ପାଇଁ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେବା ପରେ ବୁଧବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ କୁକୁରପ୍ରେମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଏନ୍‌ଆଇଏ ହାଜତରେ ଅନ୍‌ମୋଲ ବିଷ୍ଣୋଇ

■ସିଧୁ ମୁସେୱାଲା, ବାବା ସିଦ୍ଦିକି ହତ୍ୟା ମାମଲାରେ ୱାଣ୍ଟେଡ୍ ଥିଲେ
■ଆମେରିକାରୁ ପ୍ରତ୍ୟର୍ପିତ ହେବା ପରେ ୧୧ ଦିନିଆ ରିମାଣ୍ଡରେ ଗ୍ୟାଙ୍ଗଷ୍ଟର



ୱାଶିଂଟନ୍/ ନୂଆଦିଲ୍ଲୀ,୧୯।୧୧

ପଞ୍ଜାବୀ ଗାୟକ ସିଧୁ ମୁସେୱାଲା ଓ ମୁମ୍ବାଇର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ବାବା ସିଦ୍ଦିକିଙ୍କ ହତ୍ୟାର ମାଷ୍ଟରମାଇଣ୍ଡ ଗ୍ୟାଙ୍ଗଷ୍ଟର ଅନ୍‌ମୋଲ ବିଷ୍ଣୋଇଙ୍କୁ ଆମେରିକାରୁ ପ୍ରତ୍ୟର୍ପିତ କରି ଭାରତ ଅଣାଯିବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ତାଙ୍କୁ ୧୧ ଦିନିଆ ରିମାଣ୍ଡରେ ନେଇଛି। ଅନ୍‌ମୋଲ ହେଉଛନ୍ତି ଜେଲରେ ଥିବା କୁଖ୍ୟାତ୍ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ସାନଭାଇ। ଆମେରିକାର ପ୍ରତ୍ୟର୍ପଣ ପରେ ଅନ୍‌ମୋଲଙ୍କୁ ବିମାନରେ ବୁଧବାର ନୂଆଦିଲ୍ଲୀକୁ ଅଣାଯାଇଥିଲା। ଏହା ପରେ ଏନ୍‌ଆଇଏ ତାଙ୍କୁ ପଟିଆଲ ହାଉସ୍ କୋର୍ଟରେ ହାଜର କରାଇ ୧୫ ଦିନ ପାଇଁ ରିମାଣ୍ଡରେ ନେବାକୁ ନିବେଦନ କରିଥିଲା। କିନ୍ତୁ କୋର୍ଟ ତାଙ୍କୁ ୧୧ ଦିନିଆ ରିମାଣ୍ଡରେ ନେବାକୁ ତଦନ୍ତକାରୀ ସଂସ୍ଥାକୁ ଅନୁମତି ପ୍ରଦାନ କରିଛନ୍ତି।

ଏନ୍‌ଆଇଏ ଅନ୍‌ମୋଲଙ୍କୁ ଟେରର ସିଣ୍ଡିକେଟ୍, ଗ୍ୟାଙ୍ଗ୍ ସଦସ୍ୟ ଏବଂ ଆମେରିକାରୁ ସେ କିପରି ଅପରେଶନ୍ ଚଳାଉଥିଲେ; ସେ ସମ୍ପର୍କରେ ଜେରା କରିପାରେ ବୋଲି ଜଣାପଡ଼ିଛି। ମୁସେୱାଲା, ବାବା ସିଦ୍ଦିକିଙ୍କ ହତ୍ୟା, ବଲିଉଡ୍ ଅଭିନେତା ସଲମାନ୍ ଖାନ୍‌ଙ୍କୁ ଧମକ ଭଳି ଅନେକ ହାଇପ୍ରୋଫାଇଲ୍ ମାମଲାରେ ଜଡ଼ିତ ଅନ୍‌ମୋଲଙ୍କୁ ରିମାଣ୍ଡରେ ନିଆଯିବା ଏନ୍‌ଆଇଏ ପାଇଁ ଏକ ବଡ଼ ସଫଳତା ବୋଲି ଜଣେ ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ୨୦୨୨ ମେ' ୨୯ରେ ମୁସେୱାଲା ଏବଂ ୨୦୨୪ ଅକ୍ଟୋବର ୧୨ରେ ବାବା ସିଦ୍ଦିକିଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ୨୦୨୪ରେ ସଲମାନ୍‌ଙ୍କ ମୁମ୍ବାଇସ୍ଥିତ ବାସଭବନକୁ ଗୁଳିକରି ହତ୍ୟା ଧମକ ଦିଆଯାଇଥିଲା। ଏହି ସବୁ କାଣ୍ଡର ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ଅନ୍‌ମୋଲ ୨୦୨୨ରେ ଆମେରିକାକୁ ଫେରାର ହୋଇଯାଇଥିଲେ। ଗତବର୍ଷ ନଭେମ୍ବରରେ ଆମେରିକାରେ ତାଙ୍କୁ ଅଟକ ରଖାଯାଇଥିଲା। ଭାଇ ଲରେନ୍ସଙ୍କ ଟେରର୍ ସିଣ୍ଡିକେଟ୍ ମାମଲାରେ ଅନ୍‌ମୋଲଙ୍କୁ ମିଶାଇ ଅଦ୍ୟାବଧି ୧୯ ଅଭିଯୁକ୍ତଙ୍କୁ ଗିରଫ କରାଗଲାଣି।

# ପଶ୍ଚିମବଙ୍ଗରେ ଅସ୍ତ୍ର ହେବ କି ଏସ୍‌ଆଇଆର୍

**ବିହାର ବିଧାନସଭା ନିର୍ବାଚନରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ର ଆଶାତୀତ ସଫଳତା ପରେ ଭାରତୀୟ ଜନତା ପାର୍ଟି (ଭାଜପା) ଏବେ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇଛି। ୨୦୧୧ରୁ ମୁଖ୍ୟମନ୍ତ୍ରୀ ଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ୧୪ ବର୍ଷର ଦୁର୍ଗ ପତନ ଘଟାଇ କ୍ଷମତା ଦଖଲ କରିବାକୁ ବିରୋଧୀ ଦଳ ଜୋର୍‌ଦାର ଉଦ୍ୟମ ଚଳାଇଛି। ନିର୍ବାଚନ କମିଶନ ଭୋଟର ତାଲିକାର ଶୁଦ୍ଧୀକରଣ ପାଇଁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବାବେଳେ ଟିଏମ୍‌ସି ଏହାକୁ ଭାଜପାର ନିର୍ବାଚନୀ ଅସ୍ତ୍ର ବୋଲି ସମାଲୋଚନା କରିଛି। ତେବେ ଦିଦିଙ୍କ ରାଜ୍ୟରେ ଭାଜପାର ମିଶନ ଏତେ ସହଜରେ ସଫଳ ହୋଇ ନ ପାରେ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।**



ମମତା ବାନାର୍ଜୀ



ଶୁଭେନ୍ଦୁ ଅଧିକାରୀ

କୋଲକାତା,୧୯।୧୧

ବିହାର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗରେ ସବୁଠୁ ବଡ଼ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଭା ହୋଇଛନ୍ତି। ମୋଦି ବିହାର ଫଳାଫଳକୁ ପଶ୍ଚିମବଙ୍ଗରେ ଦୋହରାଇବା ପାଇଁ ଆଶାବାଦୀ, ଯାହାକି ତାଙ୍କ ବିଜୟ ଅଭିଭାଷଣରେ ପ୍ରକାଶ କରିଥିଲେ। ଗତ ୧୪ରେ ମୋଦି ଦଳୀୟ ନେତା ଓ କର୍ମୀଙ୍କୁ କହିଥିଲେ, ଏବେ ପଶ୍ଚିମବଙ୍ଗ ପାଳି। ଗଙ୍ଗା ବିହାରରୁ ପଶ୍ଚିମବଙ୍ଗକୁ ପ୍ରବାହିତ ହେବା ଭଳି ଭାଜପା ବିଜୟର ସ୍ରୋତ ପଶ୍ଚିମବଙ୍ଗକୁ ବାଟ କଢ଼ାଇଛି। ସମସ୍ତେ ମିଳିମିଶି ପଶ୍ଚିମବଙ୍ଗରୁ ମଧ୍ୟ 'ଜଙ୍ଗଲରାଜ'କୁ ହଟାଇବା ବେଳ ଆସିଛି।

ପଶ୍ଚିମବଙ୍ଗରେ ୨୦୨୬ ମାର୍ଚ୍ଚ–ଏପ୍ରିଲ ଆଡ଼କୁ ବିଧାନସଭାର ୨୯୪ ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଗତ ନିର୍ବାଚନରେ ଟିଏମ୍‌ସି ୨୨୫ ଆସନ ଦଖଲ କରିଥିବାବେଳେ ଭାଜପାର ୬୫ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଆଗାମୀ ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ମଧ୍ୟ ନିର୍ବାଚନ କମିଶନ (ଇସି) ନଭେମ୍ବର ୪ରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚଳାଇଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ନେଇ ଉଲ୍ଲସିତ ରାଜ୍ୟ ଭାଜପା ସଭାପତି ଶ୍ରମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, ପଶ୍ଚିମବଙ୍ଗରୁ ବେଆଇନ ବାଂଲାଦେଶୀଙ୍କୁ ହଟାଇବା ଆମ ଲକ୍ଷ୍ୟ। ଭାଜପା ଦିଲ୍ଲୀରେ ଅରବିନ୍ଦ କେଜ୍‌ରିୱାଲଙ୍କୁ ହରାଇଛି। ହରିୟାଣା, ମହାରାଷ୍ଟ୍ର ଓ ବିହାର ବିଜୟ ପରେ ପରବର୍ତ୍ତୀ ଟାର୍ଗେଟ ପଶ୍ଚିମବଙ୍ଗ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ସପ୍ତାହେ ତଳେ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟକୁ ଯାଇ ୫ ନିର୍ବାଚନମଣ୍ଡଳୀରେ ଥିବା ୧୩.୨୫ ଲକ୍ଷ ଜାଲ୍ ଭୋଟରଙ୍କ ତାଲିକା ସମ୍ବଳିତ ଏକ ପେନ୍‌ଡ୍ରାଇଭ୍ ପ୍ରଦାନ କରିଛନ୍ତି। ସିଇଓ ମନୋଜ କୁମାର ଅଗ୍ରୱାଲ ପୂରଣ ହୋଇଥିବା ସମସ୍ତ ଫର୍ମ ମାସକ ମଧ୍ୟରେ ସଂଗ୍ରହ ପାଇଁ ଜିଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂଆ ଭୋଟର ତାଲିକାରୁ ଭାଜପା ଦାବି କରୁଥିବା ଜାଲ୍ ଭୋଟରଙ୍କ ନାମ କଟାଗଲେ ଏସ୍‌ଆଇଆର୍‌କୁ ନେଇ ବିବାଦ ଆହୁରି ବଢ଼ିପାରେ। କିନ୍ତୁ ରାଜନୈତିକ ବିଶ୍ଳେଷକଙ୍କ ମତରେ ପଶ୍ଚିମବଙ୍ଗ ବିହାର ନୁହେଁ, ଯେ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ଭଳି ଟିଏମ୍‌ସି ନେତ୍ରୀ ମମତାଙ୍କୁ ଭାଜପା ଏତେ ସହଜରେ ଧରାଶାୟୀ କରିଦେବ। ମମତା ଏସ୍‌ଆଇଆର୍‌କୁ 'ଭୋଟବନ୍ଦୀ' ଆଖ୍ୟାଦେଇ ମତଦାତାଙ୍କ ଅଧିକାରକୁ କୌଣସି ପ୍ରକାରେ ସୁରକ୍ଷିତ କରିବେ ବୋଲି କହିଛନ୍ତି। ଏଥିସହ ବିହାର ଭଳି ଏସ୍‌ଆଇଆର୍ ତାଙ୍କ ରାଜ୍ୟରେ କରାଇଦେବେ ନାହିଁ ବୋଲି ମମତା କଡ଼ା ବିରୋଧ କରିଛନ୍ତି। ପୂର୍ବରୁ ଜାତୀୟ ନାଗରିକପଞ୍ଜିକା (ଏନ୍‌ଆର୍‌ସି)କୁ ବିରୋଧ କରିଆସୁଥିବା ଟିଏମ୍‌ସି ପଶ୍ଚିମବଙ୍ଗରେ ଜଣେ ହେଲେ ଭୋଟର ଯେପରି ବାଦ୍ ନ ପଡ଼ିବେ ତାହା ସୁନିଶ୍ଚିତ କରାଯିବ ବୋଲି କହିଛି। ଏସ୍‌ଆଇଆର୍ ପ୍ରକ୍ରିୟା ଜାରି ରହିଥିବାବେଳେ ପରିଚୟପତ୍ର ଦସ୍ତାବିଜ ଦାଖଲ କରି ନ ପାରି ୧୦ରୁ ଅଧିକ ବ୍ୟକ୍ତି ଆତ୍ମହତ୍ୟା କରିଥିବା ଟିଏମ୍‌ସି ଅଭିଯୋଗ କରିଆସୁଛି। ଯେଉଁ ଦେଶରେ ଶୀର୍ଷ ନେତା ନିଜ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଦେଖାଇପାରୁନାହାନ୍ତି, ସେଠି ଗରିବ ଲୋକଙ୍କୁ ଜଟିଳ ଦସ୍ତାବିଜ ମାଗିବା କେତେ ଯୁକ୍ତିଯୁକ୍ତ ବୋଲି ଟିଏମ୍‌ସି ଏମ୍‌ପି ସାଗରିକା ଘୋଷ ପ୍ରଶ୍ନ କରିଛନ୍ତି।

# ଆକ୍ରମଣ ପାଇଁ ଚାନ୍ଦା ମାଗୁଛି ଜୈଶ୍

ନୂଆଦିଲ୍ଲୀ,୧୯।୧୧


ଦିଲ୍ଲୀର ଲାଲ୍‌କିଲ୍ଲା ଆକ୍ରମଣରେ ଜଡ଼ିତ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍–ଇ–ମହମ୍ମଦ (ଜେଇଏମ୍) ଭାରତରେ ଆଉ ଏକ ଆତ୍ମଘାତୀ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର ରଚୁଛି। ଏଥି ସକାଶେ ଜେଇଏମ୍ ପାକିସ୍ତାନୀ ଅନ୍‌ଲାଇନ୍ ଆପ୍ଲିକେଶନ୍ ସଦାପେ ଜରିଆରେ ୬,୪୦୦ କୋଟି ଟଙ୍କାର ଚାନ୍ଦା ସଂଗ୍ରହ କରୁଛି ବୋଲି ଭାରତୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ଜାଣିବାକୁ ପାଇଛନ୍ତି। କେବଳ ଏତିକି ନୁହେଁ, ଜେଇଏମ୍ ଏହାର ପରବର୍ତ୍ତୀ ଆକ୍ରମଣରେ ମହିଳାମାନଙ୍କୁ ନିୟୋଜିତ କରିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ଖବର ଏନ୍‌ଡିଟିଭି ସମେତ ଆଉ କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି, ଯାହାର ସତ୍ୟାସତ୍ୟ ଜାଣିବା କଷ୍ଟକର।

ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କ ଭଉଣୀ ସାଦିୟାଙ୍କ ନେତୃତ୍ୱରେ ଏହାର ଏକ ମହିଳା ଶାଖା ରହିଛି। ଗତ ମେ' ୭ରେ ଭାରତୀୟ ସୁରକ୍ଷା ବଳର 'ଅପରେଶନ୍ ସିନ୍ଦୂର'ରେ ପାକିସ୍ତାନର ବାହୱାଲପୁରରେ ଜେଇଏମ୍ ଶିବିରଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଯିବା ପରେ ଏହି ମହିଳା ଶାଖା ପ୍ରତିଷ୍ଠା କରାଯାଇଥିଲା। ଲାଲ୍‌କିଲ୍ଲା ଆକ୍ରମଣର ମହିଳା ସନ୍ଦିଗ୍ଧ ଡା.ଶାହିନା ସଇଦ୍ ଉକ୍ତ ସଙ୍ଗଠନ ଜମାତ୍ ଉଲ୍–ମୁମିନାତ୍‌ର ଜଣେ ସଦସ୍ୟା। ଜୈଶ୍ ନେଟ୍‌ୱର୍କରେ 'ମାଡାମ୍ ସର୍ଜନ' ନାମଧାରୀ ଶାହିନା ଦିଲ୍ଲୀ ଆକ୍ରମଣ ପାଇଁ ପାଣ୍ଠି ଯୋଗାଇଥିବା ସନ୍ଦେହ କରାଯାଉଛି। ସୁରକ୍ଷା ସଂସ୍ଥାଗୁଡ଼ିକ ଆହୁରି ଜାଣିବାକୁ ପାଇଛନ୍ତି, ଜୈଶ୍ ନେତାମାନେ ଭାରତରେ ପୁଣି ଆକ୍ରମଣ ପାଇଁ ଅନ୍‌ଲାଇନ୍ ଜରିଆରେ ଚାନ୍ଦା ମାଗୁଛନ୍ତି। ମୁଜାହିଦ୍ ବା ଫାଇଟରଙ୍କ ପାଇଁ ଯିଏ ୱିଣ୍ଟର କିଟ୍ ଯୋଗାଇଦେବେ, ତାଙ୍କୁ ମଧ୍ୟ ଜିହାଦୀ ରୂପେ ବିବେଚନା କରାଯିବ। ଅନୁରୂପ ଭାବେ ଜିହାଦୀଙ୍କୁ ସହଯୋଗ କରୁଥିବା ବ୍ୟକ୍ତି ତାଙ୍କ ମୃତ୍ୟୁ ପରେ ଜିହାଦୀ ମାନ୍ୟତା ପାଇବେ। ଜଣ ପିଛା ୨୦,୦୦୦ ପାକିସ୍ତାନୀ ଟଙ୍କା ଚାନ୍ଦା ମଗାଯାଉଛି, ଯାହାକି ଭାରତୀୟ ମୁଦ୍ରାରେ ୬,୪୦୦ ଟଙ୍କା ହେବ। ଏହି ଅର୍ଥକୁ ଜିହାଦୀଙ୍କ ପାଇଁ ଜୋତା, ଉଲେନ୍ ସକ୍ସ, ମ୍ୟାଟ୍ରେସ୍, ଟେଣ୍ଟ ଆଦି କିଣାଯିବ। ଆକ୍ରମଣ ପୂର୍ବରୁ ଓ ପରେ ଆତଙ୍କବାଦୀଙ୍କୁ ଏହି ସବୁ ପୋଷାକ ଓ ଉପକରଣର ଆବଶ୍ୟକତା ରହିଥାଏ।

# ଏସ୍‌ଆଇଆର୍ ଚାପ: ବିଏଲ୍‌ଓଙ୍କ ଆତ୍ମହତ୍ୟା

ଜଲପାଇଗୁଡ଼ି,୧୯।୧୧

ପଶ୍ଚିମବଙ୍ଗର ଜଲପାଇଗୁଡ଼ି ଜିଲାରେ ଜଣେ ମହିଳା ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘରୁ ଜବତ ହୋଇଛି। ନିର୍ବାଚନ କମିଶନ(ଇସି)ଙ୍କ ଏସ୍‌ଆଇଆର୍ ସମ୍ପର୍କିତ ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ବିଏଲ୍‌ଓ ଥିବା ଅଙ୍ଗନୱାଡି କର୍ମୀ ଶାନ୍ତିମଣି ଓରାଓ(୪୮) ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ମୃତ୍ୟୁର କାରଣ ସ୍ପଷ୍ଟ କରିବା ପାଇଁ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବାବେଳେ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ଅମାନବୀୟ ଦର୍ଶାଇ କହିଛନ୍ତି, ବିନା କୌଣସି ଯୋଜନାରେ ବିଏଲ୍‌ଓଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବାରୁ ସେମାନଙ୍କ ଉପରେ ଚାପ ବଢ଼ୁଛି। ଅତ୍ୟଧିକ ଚାପ ଯୋଗୁ ଶାନ୍ତିମଣି




ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏହି ମୃତ୍ୟୁ ପାଇଁ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛି।

# ନୀତୀଶ ଏନ୍‌ଡିଏ ନେତା ନିର୍ବାଚିତ

**ବିହାର ମୁଖ୍ୟମନ୍ତ୍ରୀ ରୂପେ ଆଜି ୧୦ମ ଥର ଶପଥ ନେବେ**

ପାଟନା,୧୯।୧୧

ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ବୁଧବାର ସର୍ବସମ୍ମତିକ୍ରମେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନିର୍ବାଚିତ ହୋଇଛନ୍ତି। ଏହା ପରେ ସେ ପାଟନାସ୍ଥିତ ରାଜଭବନରେ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କୁ ଭେଟି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ସହ ରାଜ୍ୟରେ



ନୀତୀଶ କୁମାର

ପରବର୍ତ୍ତୀ ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ଗୁରୁବାର ପାଟନାର ଗାନ୍ଧୀ ମଇଦାନରେ ସେ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବେ। ତାଙ୍କ ସହ ଅନ୍ୟ ୨୨ ବିଧାୟକ ମଧ୍ୟ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିପାରନ୍ତି।

ଭାଜପା ବିଧାୟକ ଦଳ ବୈଠକରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧରୀ ନେତା ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ବିଜୟ ସିହ୍ନାଙ୍କୁ ଉପନେତା ବଛାଯାଇଛି। ତେଣୁ ଉଭୟେ ପୁଣି ଥରେ ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇପାରନ୍ତି। ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେତେଜଣ କେନ୍ଦ୍ରମନ୍ତ୍ରୀ, ଭାଜପା ଏବଂ ଏନ୍‌ଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଲକ୍ଷାଧିକ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ପାଟନାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି।

# ୨୦୦ କେଜିର ରୁଟି

**କାହୁମାଙ୍କ ପ୍ରୟାସକୁ ପ୍ରଶଂସା**

ନାଇରୋବି

କେନିଆରେ ୨୦୦ କେଜି(କିଲୋଗ୍ରାମ) ଓଜନର ରୁଟି ପ୍ରସ୍ତୁତକରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିବା ପାଇଁ ପ୍ରୟାସ କରିଥିଲେ ଉଗାଣ୍ଡା ଜନ୍ମିତ କଣ୍ଟେଣ୍ଟ କ୍ରିଏଟର ରେମଣ୍ଡ କାହୁମା। ରୁଟି ପ୍ରସ୍ତୁତିରେ ସମସ୍ତ ବ୍ୟବସ୍ଥା ଲାଗି ୧,୧୯୦,୯୩୭ କେନିଆନ ସିଲିଂ ଖର୍ଚ୍ଚ ହୋଇଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ରେକର୍ଡ ହାସଲ ହୋଇପାରିଲା ନାହିଁ। ଅବଶ୍ୟ ଏଭଳି ପ୍ରୟାସ ୟୁଟ୍ୟୁବ୍‌ରେ ଭାଇରାଲ ହୋଇଥିଲା, ଲକ୍ଷ ଲକ୍ଷ ୟୁଜର କାହୁମାଙ୍କ ସାହସକୁ ପ୍ରଶଂସା କରୁଛନ୍ତି। ରେମଣ୍ଡ କାହୁମା ଅପରିଚିତ ନୁହନ୍ତି। ସେ ପୂର୍ବରୁ ଦୁଇଟି ଗିନିଜ ବିଶ୍ୱ ରେକର୍ଡ ସ୍ଥାପନ କରିସାରିଛନ୍ତି। ୨୦୨୨ରେ ସେ ୨୦୪.୬ କିଲୋଗ୍ରାମ ଓଜନର ବିଶ୍ୱର ସବୁଠାରୁ ବଡ଼ ଏଗ୍ ରୋଲ୍ ତିଆରି କରିଥିଲେ।




୨୦୨୩ରେ ସେ ୩ଟି ରୁଟି (୩ ମିନିଟ୍ ୧୦ ସେକେଣ୍ଡ) ତିଆରି କରି ଦ୍ରୁତତମ ରୁଟି ପ୍ରସ୍ତୁତିରେ ରେକର୍ଡ ସ୍ଥାପନ କରିଛନ୍ତି। ତେବେ ୨୦୦ କିଲୋଗ୍ରାମ ଓଜନ ରୁଟି ପ୍ରସ୍ତୁତ କରିବା ପାଇଁ କାହୁମାଙ୍କ ଟାର୍ଗେଟ୍ ଥିଲା। ସୂଚନାଯୋଗ୍ୟ, ଜଣେ ଭାରତୀୟଙ୍କ ଦ୍ୱାରା ପ୍ରସ୍ତୁତ ୧୪୫ କିଲୋଗ୍ରାମ୍ ଓଜନର ରୁଟି ଏପର୍ଯ୍ୟନ୍ତ ରେକର୍ଡ ହୋଇ ରହିଛି। ତେବେ କାହୁମାଙ୍କର ୨୦୦ କେଜରି ରୁଟି ପ୍ରସ୍ତୁତି କୌଣସି ସହଜ କାର୍ଯ୍ୟ ନ ଥିଲା। ଏଥିଲାଗି ୨ ମିଟର ବ୍ୟାସ ଏବଂ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ତିଆରି ଏକ ବଡ଼ ପ୍ୟାନ୍ ତିଆରି କରାଇଥିଲେ। ଅଟା ଦଳିବା ପାଇଁ ପାଣି ଏବଂ ତେଲ ବ୍ୟବହାର କରାଯାଇଥିଲା। ରୁଟିକୁ ଓଲଟାଇବା ପାଇଁ କୋଡ଼ିଏଟି ପତଳା କାଠ ପ୍ଲେଟ୍ ତିଆରି କରାଯାଇଥିଲା, ଯାହାଦ୍ୱାରା ତେଲ ଲଗାଯାଇପାରିବ ଏବଂ ରୁଟି ପ୍ୟାନ୍ ସହ ଲାଗି ରହିବ ନାହିଁ। ପ୍ୟାନ୍ ଗରମ କରିବା ଲାଗି ୪ ବସ୍ତା କୋଇଲା ଜଳାଇ ଦିଆଯାଇଥିଲା। କାହୁମାଙ୍କ ଟିମ୍ ପ୍ୟାନ୍ ଉପରେ ଅଟା ବିଛାଇ ଦେଇଥିଲେ। ସବୁକିଛି ଠିକ୍ ଥିଲା। କିନ୍ତୁ ଯେତେବେଳେ ସେମାନେ 'ରୁଟି'କୁ ଲେଉଟାଇବାକୁ ଚେଷ୍ଟାକଲେ କିନ୍ତୁ ତାହା ଓଲଟି ନ ପାରି ଛିଣ୍ଡିବାକୁ ଲାଗିଲା। ଫଳରେ ଏନେଇ ଗିନିଜ ୱାର୍ଲ୍ଡ ରେକର୍ଡ ହାସଲ ଅଧୁରା ରହିଗଲା। ଭିଡିଓଟି ୫୦ ଲକ୍ଷରୁ ଅଧିକ ଭ୍ୟୁ ପାଇଛି ଏବଂ ୟୁଜରମାନେ କାହୁମାଙ୍କ ଏହି ପ୍ରୟାସକୁ ଢେର୍ ପ୍ରଶଂସା କରୁଛନ୍ତି।

## ଫୁରସତ୍

# ପୁଅର ନାମ 'ନୀର୍' ରଖିଲେ ପରିଣୀତି

ମୁମ୍ବାଇ


ପରିଣୀତି ଚୋପ୍ରା ଏବଂ ରାଘବ ଚଢ଼ା ନିକଟରେ ଏକ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ପ୍ରଶଂସକମାନେ ସେମାନଙ୍କ ପୁଅର ଏକ ଝଲକ ପାଇଁ ଉତ୍ସାହର ସହ ଅପେକ୍ଷା କରିଥିଲେ। ଏବେ ଏହି ଦମ୍ପତି ସେମାନଙ୍କ ଅପେକ୍ଷାର ଅନ୍ତ ଘଟାଇ ୧ ମାସ ପରେ ସେମାନଙ୍କ ପୁଅର ପ୍ରଥମ ଫଟୋ ଶେୟାର କରିଛନ୍ତି। ପରିଣୀତି ଅକ୍ଟୋବର ୧୯ରେ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ।

ପୁଅ ସହ ପରିଣୀତି ସୋସିଆଲ ମିଡିଆରେ ସୁନ୍ଦର ଫଟୋ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ପରିଣୀତି ଏବଂ ରାଘବ ସେମାନଙ୍କ ପୁଅର ପାଦ ଚୁମ୍ବନ କରୁଥିବାର ଦେଖାଯାଇଛି। ଅନ୍ୟ ଏକ ଫଟୋରେ ପୁଅର ପାଦ ଧରିଛନ୍ତି। ଏହି ଫଟୋଗୁଡ଼ିକରେ ପରିଣୀତି ଏବଂ ରାଘବ ସେମାନଙ୍କ ପୁତ୍ରର ମୁହଁ ଦେଖାଇ



ନାହାନ୍ତି। ସେମାନଙ୍କ ପୁଅର ଫଟୋ ଶେୟାର କରିବା ସହ ପରିଣୀତି ତାଙ୍କ ନାମ ମଧ୍ୟ ପ୍ରକାଶ କରିଛନ୍ତି। ପରିଣୀତି ଏବଂ ରାଘବ ସେମାନଙ୍କ ପୁତ୍ରର ନାମ ନୀର୍ ରଖିଛନ୍ତି। ଫଟୋ ଶେୟାର କରି ସେ ଲେଖିଛନ୍ତି, ଜଳସ୍ୟ ରୂପଂ, ପ୍ରେମସ୍ୟ ସ୍ୱରୂପମ୍ – 'ତତ୍ର ଏଭା ନୀର୍।' ଜୀବନର ଏକ ଅସୀମ ବୁନ୍ଦାରେ ଆମ ହୃଦୟ ଶାନ୍ତି ପାଇଲା। ଆମେ ତା'ର ନାମ 'ନୀର୍' ଦେଲୁ – ପବିତ୍ର, ଦିବ୍ୟ, ଅସୀମ।

## ଚିପ୍ସ ପ୍ୟାକେଟରୁ ଖେଳନା ଖାଇ ଶିଶୁ ମୃତ




# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ, ଏଏସ୍ଆଇ

## ମଦ ବ୍ୟବସାୟୀଙ୍କଠାରୁ ନେଉଥିଲେ ଲାଞ୍ଚ

କେନ୍ଦୁଝର (ନରେଶଚନ୍ଦ୍ର ପଟ୍ଟନାୟକ)/ ଚମ୍ପୁଆ, (ମହେଶ୍ୱର ଦାସ)/ ଭୁବନେଶ୍ୱର, ୧୯।୧୦(ସତ୍ୟଜିତ ରାଉତ)

ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ଫସିଛନ୍ତି କେନ୍ଦୁଝର ଜିଲା ଅବକାରୀ ଅଧୀକ୍ଷକ ସୀତାରାଣୀ ପଟ୍ଟନାୟକ। ତାଙ୍କ ସହ ଚମ୍ପୁଆ ଅବକାରୀ ଥାନାର ଓଆଇସି ଦାୟିତ୍ୱରେ ଥିବା ଏଏସ୍ଆଇ ବିଜୟ କୁମାର ମହନ୍ତ ମଧ ଧରାପଡ଼ିଛନ୍ତି। ଜଣେ ମଦ ବ୍ୟବସାୟୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଛି। ଭିଜିଲାନ୍ସ ଟିମ୍ ସମସ୍ତ ଲାଞ୍ଚ ଟଙ୍କା ଜବତକରି ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୭/୨୦୨୫) କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବେଳେ ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଉଭୟ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ଟିମ୍ ସୀତାରଣୀ ଓ ବିଜୟଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଛି। ସୀତାରାଣୀଙ୍କ ଅଫିସ ଚାମ୍ବର, ବାରିପଦା ଟାଉନ୍‌ସ୍ଥିତ ବାସଭବନ ଓ ଭଦ୍ରକ ଜିଲା ଧାମନଗରସ୍ଥିତ ସ୍ୱାମୀଙ୍କ ଭଡ଼ାଘରେ ଯାଞ୍ଚ ଚାଲିଛି। ସେହିପରି ଏଏସ୍ଆଇ ବିଜୟଙ୍କ ମୟୂରଭଞ୍ଜ ଜିଲା ବୈଶିଙ୍ଗାସ୍ଥିତ ବାସଭବନ ଏବଂ ତାଙ୍କ ଅଫିସ ରୁମ୍‌ରେ ମଧ ଭିଜିଲାନ୍ସ ଅଧିକାରୀମାନେ ଏକକାଳୀନ ଯାଞ୍ଚ କରିଛନ୍ତି। ଏଥିସହ ସୀତାରାଣୀଙ୍କ ବ୍ୟାଙ୍କ ତଥ୍ୟ ଏବଂ ଅନ୍ୟାନ୍ୟ ନିବେଶ ଦିଗକୁ ନେଇ ଭିଜିଲାନ୍ସ ଖୋଳତାଡ଼ ଚଳାଇଛି।

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ମାମଲାର ଅଭିଯୋଗକାରୀ ହେଉଛନ୍ତି ଚମ୍ପୁଆ ବ୍ଲକ୍ ସରେଇ ଗ୍ରାମର ବିଧୁଭୂଷଣ ପତି ନାମକ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତା (ଭେଣ୍ଡର)। ସୀତାରାଣୀ ୪ ମାସ ତଳେ କେନ୍ଦୁଝର ଅବକାରୀ ଅଧୀକ୍ଷକ ଦାୟିତ୍ୱ ନେଇଥିଲେ। ସେବେଠାରୁ ସେ ମଦ ବ୍ୟବସାୟ ସୁରୁଖୁରୁରେ ଚଳାଇଦେବାକୁ କହି ବିଧୁଭୂଷଣଙ୍କଠାରୁ ନିୟମିତ ଲାଞ୍ଚ ଦାବି କରୁଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଏ ନେଇ ବ୍ୟବସାୟୀ ଜଣକ ମଙ୍ଗଳବାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ସୀତାରାଣୀଙ୍କୁ ଧରିବାକୁ ଜାଲ ବିଛାଇଥିଲେ। ସେପଟେ ବିଜୟଙ୍କୁ ସୀତାରାଣୀ ମୋବାଇଲରେ କଲ୍‌କରି ଏହି ଲାଞ୍ଚ ଟଙ୍କା ଆଣିବାକୁ କହିଥିଲେ। ଲାଞ୍ଚ ଟଙ୍କାକୁ ବିଧୁଭୂଷଣଙ୍କଠାରୁ ବିଜୟ ଗ୍ରହଣ କରି ସୀତାରାଣୀଙ୍କୁ ଦେଇଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ଚଢ଼ାଉକରି ଉଭୟଙ୍କୁ କାବୁ କରିଥିଲା। ତେବେ ଯାଞ୍ଚରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଧରାପଡ଼ିଲେ ସେମାନଙ୍କ ଅଡୁଆ ଆହୁରି ବଢ଼ିଯିବ। କାରଣ ସୀତାରାଣୀ ଏଭଳି ପୂର୍ବରୁ ମଧ ମଦବେପାରୀ ଏବଂ ଅନ୍ୟମାନଙ୍କଠାରୁ ବିଭିନ୍ନ ଉପାୟରେ ଲାଞ୍ଚ ନେଉଥିଲେ ବୋଲି ଅଭିଯୋଗ ହୋଇଛି।

# ଚଳଚ୍ଚିତ୍ର ଆମ ସାମାଜିକ ସାଂସ୍କୃତିକ ଜୀବନର ବାସ୍ତବ ପ୍ରତିଛବି: କନକ ବର୍ଦ୍ଧନ

## ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ପାଇଁ ଏମ୍ଓୟୁ

ଭୁବନେଶ୍ୱର,୧୯।୧୧ (ସୌମ୍ୟରଞ୍ଜନ ରାଉତ)

ଚଳଚ୍ଚିତ୍ର ଆମ ସାମାଜିକ ସାଂସ୍କୃତିକ ଜୀବନର ବାସ୍ତବ ପ୍ରତିଛବି। ଏହାର ସଂରକ୍ଷଣ ଦ୍ୱାରା ଆମ ସ୍ମୃତିରୁ ହଜି ଯାଉଥିବା ଲୋକପ୍ରିୟ ସିନେମା ପୁଣି ଜୀବନ୍ତ ହୋଇଉଠିବ। ହସ୍ତଶିଳ୍ପ ସଂଗ୍ରହାଳୟ କଳାଭୂମିଠାରେ ଚାଲିଥିବା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଏବଂ ପୁନରୁଦ୍ଧାର କର୍ମଶାଳାର ବୁଧବାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହା କହିଛନ୍ତି।

ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଲେ, ପୁରୁଣା ଓ ଚଳଚ୍ଚିତ୍ର ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ। ଏହାକୁ ସାଇତି ରଖିବା ଦାୟିତ୍ୱ ହେଉଛି ଆମର। ଏହି ଅବସରରେ ରାଜ୍ୟ ଚଳଚ୍ଚିତ୍ର ଅଭିଲେଖାଗାର ପ୍ରତିଷ୍ଠା ନେଇ ଓଡ଼ିଶା ସରକାର ଓ ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ (ଏଫ୍ଏଚ୍ଏଫ୍) ମଧ୍ୟରେ ଏକ ଏମ୍ଓୟୁ ସ୍ୱାକ୍ଷରିତ ହୋଇଥିଲା। ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ଏବଂ ଫାଉଣ୍ଡେଶନର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ଏହି ଏମ୍ଓୟୁରେ ସ୍ୱାକ୍ଷର କରିଥିଲେ। ଏଥିସହ କର୍ମଶାଳାରେ ରାଜ୍ୟ ତଥା ଦେଶ ବିଦେଶରୁ ଯୋଗଦେଇଥିବା ୫୯ଜଣ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ସହ ମୋମେଣ୍ଟୋ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କଳାଭୂମି ମୁକ୍ତାକାଶ ମଞ୍ଚ ତଳେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଶଣ କରିଥିଲେ। ଶୁଲଗ୍ନା ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।



ଏମ୍ଓୟୁ ସ୍ୱାକ୍ଷର ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବିଭାଗର କମିଶନର ଗୁହା ପୁନମ୍ ତାପସ କୁମାର ଓ ଫାଉଣ୍ଡେଶନର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ପ୍ରମୁଖ।

# ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରୋଲ୍ ମଡେଲ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୧୧(ସୁନିତ୍ ମିଶ୍ର)

ଲିଙ୍ଗଗତ ସମାନତାର ଅଭିବୃଦ୍ଧି ଓ ବିପର୍ଯ୍ୟୟଜନିତ ଆପଦ ହ୍ରାସ ସୁନିଶ୍ଚିତ କରୁଥିବା ପ୍ରଶାସନ ନିମନ୍ତେ ଜାତୀୟ କର୍ମଶାଳା ଆରମ୍ଭ ହୋଇଛି। ଏହି ୨ ଦିନିଆ କର୍ମଶାଳା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ(ଓସ୍‌ଡମା), ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍ଏଫ୍‌ପିଏ) ସହଯୋଗରେ ସାରା ଭାରତରେ ବିପର୍ଯ୍ୟୟଜନିତ ଆପଦ ହ୍ରାସ କ୍ଷେତ୍ରରେ ଦାୟତ୍ୱସମ୍ପନ୍ନ ପ୍ରଶାସନ ନିଶ୍ଚିତ ଭାବେ ମାର୍ଗଦର୍ଶନ ଦେବ। ଏହି କାର୍ଯ୍ୟକ୍ରମରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଓଡ଼ିଶା ସରକାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀ, ମିଳିତ ଜାତିସଂଘ ସଂସ୍ଥା ବିକାଶ ସହଭାଗୀ ଶିକ୍ଷା ପ୍ରତିଷ୍ଠାନ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ କହିଛନ୍ତି, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ସହ ଓଡ଼ିଶା ବର୍ତ୍ତମାନ ଅନ୍ୟମାନଙ୍କ ପାଇଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରୋଲ ମଡେଲ ସାଜିଛି। ଏହା ହେଉଛି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା, ଆନ୍ତରିକତା ଓ ନିଷ୍ଠାପର ଭାବେ ଦାୟିତ୍ୱ ସମ୍ପାଦନର ନିଚ୍ଛକ ଉଦାହରଣ ବୋଲି ସେ କହିଛନ୍ତି।

ମନ୍ତ୍ରୀ ସୁରେଶ ପୂଜାରୀ ଏହି ଅବସରରେ କହିଛନ୍ତି, ସରକାର ସବୁବେଳେ ଜନକେନ୍ଦ୍ରୀୟ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସୁଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଟୁଥିବା ଆପଦକାଳୀନ ସ୍ଥିତିରୁ ଆମେ ଯେଉଁ ପରିଚାଳନାଜନିତ ଅଭିଜ୍ଞତା ଆହରଣ କରୁଛୁ ସଙ୍କଟ ସମୟରେ ସେସବୁର ଉପଯୋଗକରି ଜନସାଧାରଣଙ୍କୁ ସୁରକ୍ଷା ଦେବା ତଥା ଶୂନ୍ୟ ମୃତ୍ୟୁହାର ନିଶ୍ଚିତ କରିବା ଦିଗରେ ସରକାର ସବୁବେଳେ ପ୍ରୟାସ କରିଆସୁଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ଓଏସ୍‌ଡିଏମ୍ଏ ସବୁବେଳେ ଗୋଷ୍ଠୀଗତ ସହଭାଗିତା ତଥା ସ୍ୱେଚ୍ଛାସେବୀମାନଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ଆମେ ନିରନ୍ତର ଭାବେ ଚେଷ୍ଟାରତ। ଆମେ ସବୁବେଳେ ଆପଦକାଳୀନ ସ୍ଥିତିର ସାମ୍ନା କରିବା ପାଇଁ ପ୍ରାକ୍‌ପ୍ରସ୍ତୁତି ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେଉଛୁ। ଏହାସହ ଜରୁରିକାଳୀନ ସ୍ଥିତିରେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ସବୁବେଳେ ଚେଷ୍ଟା କରିଆସୁଛୁ ବୋଲି ସେ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବିରୋଧରେ ଆଗତ ଆବେଦନ ଖାରଜ

## ହାଇକୋର୍ଟରେ ସମ୍ବଲପୁର ଲୋକ ସଭା ନିର୍ବାଚନ ମାମଲା

କଟକ,୧୯।୧୧ (କାର୍ତ୍ତିକ ସାହୁ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଡ. ସୁବାସ ମହାପାତ୍ର କରିଥିବା ନିର୍ବାଚନୀ ମକଦ୍ଦମାକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ସମ୍ବଲପୁର ଲୋକ ସଭା ନିର୍ବାଚନୀ ମାମଲାରେ ହାଇକୋର୍ଟ ମହାପାତ୍ରଙ୍କ ଆବେଦନକୁ ଖାରଜ କରିବା ସହ ଧର୍ମେନ୍ଦ୍ରଙ୍କ ଆବେଦନକୁ ଗ୍ରହଣ କରିଛନ୍ତି। ଆବେଦନକାରୀ ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ସଞ୍ଜୟ କୁମାର ମିଶ୍ରଙ୍କ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

ସୂଚନାନୁସାରେ, ୨୦୨୪ ମସିହାରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକ ସଭା ମଣ୍ଡଳୀରେ ଭାଜପା ପ୍ରାର୍ଥୀ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୟ ଲାଭ କରିଥିଲେ। ଏହି ଲୋକ ସଭା ଆସନରୁ ପରାଜିତ ହୋଇଥିବା ପ୍ରାର୍ଥୀ ଡ. ସୁବାସ ମହାପାତ୍ର ଧର୍ମେନ୍ଦ୍ରଙ୍କ ନୋମିନେଶନ୍ ତ୍ରୁଟି ଥିବା ଦର୍ଶାଇ ତାଙ୍କ ନିର୍ବାଚନକୁ ଖାରଜ କରିବା ପାଇଁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ପ୍ରଧାନ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଅସତ୍ୟ ତଥ୍ୟ ଦାଖଲ କରିଛନ୍ତି। ଏଥିସହିତ ସେ ବେଆଇନ ପଦ୍ଧତିରେ ମଧ୍ୟ ଭୋଟ ହାତେଇଥିବାରୁ ତାଙ୍କ ନିର୍ବାଚନକୁ ଖାରଜ କରିବାକୁ ସେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ତେବେ ମହାପାତ୍ରଙ୍କ ନିର୍ବାଚନୀ ମକଦ୍ଦମାରେ ସତ୍ୟତା ନ ଥିବା ଦର୍ଶାଇ ଏହାକୁ ପ୍ରାଥମିକ ପର୍ଯ୍ୟାୟରୁ ଶୁଣାଣି ନ କରି ଖାରଜ କରିବାକୁ ପ୍ରଧାନ ହାଇକୋର୍ଟରେ ଆବେଦନ କରିଥିଲେ।

DSPL - 362


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ
(ପ୍ରତ୍ୟେକ ମାସ ୯ ତାରିଖ)



ପ୍ରତ୍ୟେକ ମାସ ୯ ତାରିଖ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର/ ଉପଖଣ୍ଡ ଚିକିତ୍ସାଳୟ/ ସଦର ଚିକିତ୍ସାଳୟ/ ସରକାରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍‌ରେ ପ୍ରସବ ପୂର୍ବବର୍ତ୍ତୀ ଯାଞ୍ଚର ସ୍ୱତନ୍ତ୍ର ସେବା ବିନାମୂଲ୍ୟରେ ଉପଲବ୍ଧ।
- ଉକ୍ତ ଦିନ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଏ ଓ ପରାମର୍ଶ ଦିଆଯାଏ
- ବିପଦ ଶଙ୍କୁଳ ଗର୍ଭବତୀଙ୍କ ଚିହ୍ନଟ, ଚିକିତ୍ସା, ପୁନଃ ପରାମର୍ଶ ଏବଂ ଆବଶ୍ୟକ ସ୍ଥଳେ ଉଚ୍ଚତର ଡାକ୍ତରଖାନାକୁ ପ୍ରେରଣ

୪ ଥର ଏ.ଏନ୍.ସି. ପରୀକ୍ଷା ସହିତ
ଗର୍ଭଧାରଣର ୪-୯ ମାସ ଭିତରେ ଏହି କାର୍ଯ୍ୟକ୍ରମ ଅଧିନରେ
ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଅନ୍ତତଃ ଥରେ ସ୍ୱାସ୍ଥ୍ୟ ପରୀକ୍ଷା ନିଶ୍ଚୟ କରାନ୍ତୁ ।

ନିଶୁଳ୍କ ହେଲ୍ପଲାଇନ୍ : ୧୮୦୦-୧୮୦-୧୧୦୪
OIPR:
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭିଏସ୍ଏସ୍ ନଗର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବରିଷ୍ଠ ନାଗରିକ ଭବନ, ଭିଏସ୍ଏସ୍ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ରାଜଧାନୀ ପୁସ୍ତକ ମେଳା, ସ୍ଥାନ: ଶହୀଦ ନଗର ଦୁର୍ଗାପୂଜା ପଡ଼ିଆ, ସମୟ: ଅପରାହ୍ନ ୨ଟା।
- କୋଷାଗାର ନିର୍ଦ୍ଦେଶାଳୟ ସାଂସ୍କୃତିକ ପରିଷଦ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ପ୍ରତିଭା ରାୟ ଫାଉଣ୍ଡେଶନ୍, ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀ ପକ୍ଷରୁ ପୁରସ୍କାର ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ୱ ଶିଶୁ ଦିବସ ଉପଲକ୍ଷେ ଶିଶୁମେଳା କାର୍ଯ୍ୟକ୍ରମ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ସାଇ କଳା ସଂସଦ ଆନୁକୂଲ୍ୟରେ ନୃତ୍ୟ ମଞ୍ଜରୀ ମହୋତ୍ସବ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ

- ପୂର୍ବତନ ବିଧାୟକ ସଂଗ୍ରାମ କେଶରୀ ମହାପାତ୍ରଙ୍କ ୨୫ତମ ବାର୍ଷିକ ସ୍ମୃତିସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଅକ୍ଷୟ ପ୍ରଧାନଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଥାନାପଡ଼ିଆ, ନୀଳଗିରି, ସମୟ: ସକାଳ ୯ଟା।
- ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ଗୋପାଳଗାଁ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ସମ୍ପୋଇ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ୟାଗଭୂମି ମହୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ୭୨ ତମ ସର୍ବ ଭାରତୀୟ ସମବାୟ ଜିଲାସ୍ତରୀୟ ଉତ୍ସବ, ସ୍ଥାନ : ଟାଉନ ହଲ, ଭଦ୍ରକ, ସମୟ : ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ମା' ଉମାଦେବୀଙ୍କ ବାର୍ଷିକ ଯାତ୍ରା ଅବସରରେ ନାମ ସଂକୀର୍ତ୍ତନ, ଭଜନ, ସ୍ଥାନ: ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ବାରମଞ୍ଜା, ସମୟ: ସକାଳ ୭ଟାରୁ ଆରମ୍ଭ।
- ବାର୍ଷିକ ସତ୍ୟନାରାୟଣ ପୂଜା ମହୋତ୍ସବ, ସ୍ଥାନ: ପୁରୁଣାକୋଟ, ସମୟ: ଅପରାହ୍ନ ୫ଟା।

## କେନ୍ଦ୍ରାପଡ଼ା

- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: ଅଙ୍ଗୁଳାଇ ବିଦ୍ୟାଳୟ, ମାର୍ଶାଘାଇ, ସମୟ: ସକାଳ ୮ଟା।
- ରାଜସ୍ୱ ସମ୍ପର୍କିୟ ଅଭିଯୋଗ ଶୁଣାଣି ଶିବର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ସୂଚନା ମିଶନର ବହିଷ୍କାର ଦାବିରେ ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କାର୍ତ୍ତିକେଶ୍ୱର ପୂଜାସୋବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଆ ବଜାର, ଭାଗବତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଏବିସିଡି ଚେରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାଧାଶ୍ୟାମ ମେହେରଙ୍କ ୧୧୭ତମ ଜୟନ୍ତୀ ଓ ବାନ୍ଧକଳା ଦିବସ-୨୦୨୫, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ଅଟୋ ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୪ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ମଞ୍ଚ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍ଡି ପଡ଼ିଆ, ସମୟ: ସନ୍ଧ୍ୟା ୬ଟା। -ମଞ୍ଚରେ ପଶ୍ଚିମାଞ୍ଚଳର ଅବଲୁପ୍ତପ୍ରାୟ ଲୋକନୃତ୍ୟ କଳା ପ୍ରଦର୍ଶନ ସମୟ : ସନ୍ଧ୍ୟା ୭ଟା ୧୫।

## ବଲାଙ୍ଗୀର

- ଓଡିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ପ୍ରତିବାଦ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟର ଉଦ୍ଯାପନୀ, ସ୍ଥାନ : ଲୋଇସିଂହା ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ଗୋପବନ୍ଧୁ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଉଦିତନଗର, ସମୟ: ସକାଳ ୯ଟା।
- ବିପିୟୁଟି ରିସର୍ଚ୍ଚ କନକ୍ଲେଭ ଶୁଭାରମ୍ଭ, ସ୍ଥାନ: ବିପିୟୁଟି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ସତ୍ୟସାଇ ସେବା ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓରାମପଡା, ଉଦିତନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଆସେକା ରାଉରକେଲାର ଖବରଦାତା ସମ୍ମିଳନୀ, ସ୍ଥାନ: ଗୁରୁ ଗୋମକେ ଭବନ, ସେକ୍ଟର-୧୬, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଇଇଏମ୍ଏସ୍ ପକ୍ଷରୁ ଆନନ୍ଦ ଉତ୍ସବ ଉଦ୍ଯାପନୀ ସମାରୋହ, ସ୍ଥାନ: ଆଇଇଏମ୍ଏସ୍ ଶିକ୍ଷାକେନ୍ଦ୍ର, ସମୟ: ଅପରାହ୍ନ ୧ଟା।

## ବରଗଡ଼

- ବରଗଡ଼ ପୁସ୍ତକମେଳାର ଉଦ୍‌ଘାଟନୀ ସମାରୋହ, ସ୍ଥାନ:ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ସମ୍ବିଧାନ ସଚେତନତା ରଥ ପରିଦର୍ଶନ, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ପଞ୍ଚମ ରାଜ୍ୟସ୍ତରୀୟ ମା ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ ବାଣିଜ୍ୟ ମେଳାର ତୃତୀୟ ଦିବସ, ସ୍ଥାନ:ମିନି ଷ୍ଟାଡିୟମ ପୁରୁଣାକଟକ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ସ୍ଥିତ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ସମବାୟ ସପ୍ତାହ ଅବସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: କମିରା ଖେଳ ପଡ଼ିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ପୂର୍ବତନ ବିଧାୟକ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଜୟନ୍ତୀ ଉପଲକ୍ଷେ ପହଲ ଅନୁଷ୍ଠାନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ପାର୍ଶ୍ୱନାଥ ଜୈନ ଭବନ ଖରିଆର ରୋଡ୍, ସମୟ: ସକାଳ ୯ଟା।
- ୩ୟ ଫୁଟ୍‌ବଲ ମହାକୁମ୍ଭ ତୃତୀୟ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା

- ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲସ୍ଥିତ ଏମ୍‌ସି ଏଲ୍ କମ୍ୟୁନିଟି ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟେନିସ କ୍ରିକେଟ୍ ପ୍ରତିଯୋଗିତା, ସ୍ଥାନ:ବନ୍ଧବାହାଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାପଗ୍ରହ ଶନି ଓ ରାହୁଙ୍କ ପ୍ରଭାବରେ ଦୈନନ୍ଦିନ ଜୀବନରେ ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ପରସ୍ପର ପଡୁ ନ ଥିବା ପୁଅ ବୋହୂଙ୍କ କଥା ମନକୁ ଆନ୍ଦୋଳିତ କରିପାରେ। ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି ସମସ୍ୟା ଦେଖାଦେବ। ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦେଶାନୁସାରେ ହଠାତ୍ ଯାତ୍ରା କରିବାକୁ ପଡିବାର ସମ୍ଭାବନା ରହିଛି।

**ବୃଷ** ଶୁକ୍ରଙ୍କ ଶୁଭ ପ୍ରଭାବରୁ ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ସ୍ଥିତି ଭଲ ରହିବ। ବିଭିନ୍ନ ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ମିଥୁନ** ଧନସ୍ଥାନରେ ବୃହସ୍ପତିଙ୍କ ସ୍ଥିତିଜନିତ ଆର୍ଥିକ ସ୍ଥିତି ଭଲ ରହିବ। ଅତ୍ୟାବଶ୍ୟକ କାମ ଅଟକି ରହିବାରୁ ସେହିକଥା ଚିନ୍ତାକରି ଅନ୍ୟମନସ୍କ ରହିପାରନ୍ତି। ବହୁ ଦିନରୁ ଚେଷ୍ଟା କରୁଥିବା କୌଣସି ନୂତନ କାର୍ଯ୍ୟରେ ଯୋଗଦେବାର ସୂଚନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗିରହିବ।

**କର୍କଟ** ବନ୍ଧୁକାରକ ବୁଧ କୋଣଭାବ ମଣ୍ଡନ କରିଥିବାରୁ ବିବାଦର ସମାଧାନ ପାଇଁ ପଥ ପରିଷ୍କାର କରିବ। କର୍ମକ୍ଷେତ୍ରରେ ଅସୁବିଧା ଭୋଗିବେ ଏବଂ କାରଣ ନ ଥାଇ ଦୋଷୀ ସାବସ୍ତ୍ୟ ହେବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି।

**ସିଂହ** କବନ୍ଧଗ୍ରହ କେତୁ ରାଶିରେ ଅବସ୍ଥାନ କରି ସ୍ୱାସ୍ଥ୍ୟ, ବ୍ୟବସାୟ ସାଙ୍ଗକୁ ଯାତ୍ରାରେ ଦ୍ୱନ୍ଦ୍ୱ ସୃଷ୍ଟି କରାଇବେ। ପରିବାର ଭିତରେ ସାଧାରଣ କଥାରୁ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଆପଣଙ୍କର କୃତି ଓ କୃତିତ୍ୱକୁ ନେଇ ସାହିତ୍ୟ, ରଚନାତ୍ମକ କାମରେ ପ୍ରଶଂସା ମିଳିବ। ସାଂସ୍କୃତିକ କିମ୍ବା ସାଂଗଠନିକ କାମ, ରାଜନୈତିକ କ୍ଷେତ୍ର ପାଇଁ ଦିନଟି ବହୁତ ଭଲ।

**କନ୍ୟା** ରାହୁଙ୍କ କୁପ୍ରଭା ପରିବାରର ବୁଝାମଣା ଓ ବିଚାରଧାରାକୁ ଓଲଟ ପାଲଟ କରିଦେବ। ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। କାର୍ଯ୍ୟକ୍ଷେତ୍ରରେ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ ଏବଂ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କିତ ଆଲୋଚନା ବିଗିଡି ଯାଇପାରେ।

**ତୁଳା** ରାହୁ ପରମମିତ୍ର ଶନିଙ୍କ ଗୃହରେ ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ଉପାୟ ଚିନ୍ତା କରାଇପାରନ୍ତି। ବିଶାଖା ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ବ୍ୟବସାୟ, ପରିବହନ, ପ୍ଲଟିଂ କାରବାର ଓ କଚେରି ମାମଲାରେ ଶୁଭ ଫଳ ପାଇବେ।

**ବିଛା** ଶାରୀରିକ ସୁସ୍ଥତା ପୂର୍ଣ୍ଣମାତ୍ରାରେ ଅକ୍ଷୁଣ୍ଣ ରହିଲେ ମଧ୍ୟ ଅପୂରଣୀୟ ଆଶା ମାନସିକ ସ୍ତରକୁ କଳୁଷିତ କରିପାରେ। ଆପଣ କର୍ମକ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି। ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ହୋଇପାରେ, ଯାହାକି ପରକ୍ଷଣରେ ଦରକାରରେ ଆସିବ।

**ଧନୁ** ଚନ୍ଦ୍ରଙ୍କ ଏକାଦଶ ସ୍ଥାନରେ ଅବସ୍ଥିତି ପାରିବାରିକ ଜୀବନକୁ ସରସ କରାଇବ। ଆଜି ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରାଶ୍ୟାଧିପ ଦୁଃସ୍ଥାନସ୍ଥ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସୁସ୍ଥତାକୁ ବ୍ୟାହତ କରିପାରେ।

**ମକର** ଅଷ୍ଟମଭାବରେ କେତୁଙ୍କ ଅବସ୍ଥାନ ପ୍ରଭାବରେ ଭଲ କଥାକୁ ମଧ୍ୟ ଓଲଟା ଦୃଷ୍ଟିରେ ଦେଖିପାରନ୍ତି। ସୁଯୋଗର ସଦ୍‌ବ୍ୟବହାର କରିପାରିଲେ ଆଶା ପୂରଣ ହେବ। ସାହାଯ୍ୟ, ସହଯୋଗ ମାଧ୍ୟମରେ ନିଜପାଇଁ ନୂତନ ସୁଯୋଗ ସକାଶେ ରାସ୍ତା ଉନ୍ମୋଚନ କରିବେ। ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** କର୍ମାଧିପ ମଙ୍ଗଳଙ୍କ ଶୁଭପ୍ରଭାବରେ କର୍ମକ୍ଷେତ୍ରରେ ପ୍ରାଧାନ୍ୟ ବଢ଼ିବ। ଗତକାଲିଠାରୁ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ସମ୍ପନ୍ନ କରିବେ। ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ ଓ ନୂତନ ବାଣିଜ୍ୟ ଯୋଡିବା ପାଇଁ ଚିନ୍ତା କରିବେ। କାନକୁହା କଥାକୁ ସତ୍ୟ ମଣି ଉପରିସ୍ଥ ଅଫିସରଙ୍କ ଭର୍ତ୍ସନା ମାନସିକ ସ୍ଥିତିକୁ ବିଗାଡ଼ି ପାରେ।

**ମୀନ** ରାଶି ପାଇଁ ଗ୍ରହସ୍ଥିତି ଅନୁକୂଳ ରହିଥିବାରୁ କାମ ଅଟକିବ ନାହିଁ। ପାରିବାରିକ କ୍ଷେତ୍ରରେ ନୂତନ ଯୋଜନାର ଅଗ୍ରଗତି ମନକୁ ଉଚାଟ କରିବ। ପୂର୍ବଭାଦ୍ରପଦର ସମସ୍ୟା ବଢିବାରୁ ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ବହୁତ ଖର୍ଚ୍ଚ ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

ଆଜି ନଭେମ୍ବର ୨୦ ତାରିଖ, ମହୋଦଧି ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ମଧ ଦେବ ଦୀପାବଳି, ଦଶରଥ ଓ କୌଶଲ୍ୟାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ, ଶ୍ରୀଜୀଉଙ୍କର ଶ୍ରାଦ୍ଧବେଶ, ମାଣବସା ଗୁରୁବାର ତୃତୀୟପାଳି, ରାଶିନକ୍ଷତ୍ର-ବିଶାଖା/ବିଛା। ଦିବା ଘ.୧୦।୫୮ ଗତେ ଅନୁରାଧା, ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୧ ଗତେ ଘ.୦୭।୨୯ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ. ୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁ କାଳ ।

## କୃଷକ ସଶକ୍ତୀକରଣ ...

ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷକମାନଙ୍କୁ ଆବଶ୍ୟକ ବିହନ, ସାର, କୀଟନାଶକ ଆଦି କିଣିବା ପାଇଁ କେନ୍ଦ୍ର ସରକାର ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ସେହି କ୍ରମରେ ରାଜ୍ୟର ୩୪.୧୨ ଲକ୍ଷ କୃଷକଙ୍କୁ ପିଏମ୍ କିଷାନ ନିଧି ଯୋଜନାର ୨୧ତମ କିସ୍ତି ବାବଦକୁ ୨ ହଜାର ଟଙ୍କା ଲେଖାଏ ୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ତାମିଲନାଡୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ୨୧ତମ କିସ୍ତିରେ ଦେଶର ୯ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ୧୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପିଏମ୍ କିଷାନ ସହ ଆମ ରାଜ୍ୟରେ ସିଏମ୍ କିଷାନ ଜରିଆରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ୩୨୩୬ ଜଣ ପିଭିଟିଜି ଚାଷୀ ଏବଂ ୩୧,୬୯୫ ଜଣ ସହରାଞ୍ଚଳ ଚାଷୀ ଅନ୍ତର୍ଭୁକ୍ତ ଅଛନ୍ତି। ସିଏମ୍ କିଷାନ ଯୋଜନା ହିତାଧିକାରୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟାନିଧି ଯୋଜନାରେ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଏହି ଯୋଜନାରେ ୨୦୨୪-୨୫ ଶିକ୍ଷା ବର୍ଷରେ ୧୩,୯୨୩ ଛାତ୍ରୀଛାତ୍ରଙ୍କୁ ୫୩କୋଟି ୬୭ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ଯାହା ପୂର୍ବବର୍ଷ ତୁଳନାରେ ୫ ଗୁଣ ଅଧିକ। ପିଏମ୍ ଧନଧାନ୍ୟ କୃଷି ଯୋଜନା କାର୍ଯ୍ୟକ୍ରମରେ ଓଡ଼ିଶାର କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲାକୁ ଚୟନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକମାନଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ଆମ ରାଜ୍ୟର ଚାଷୀମାନେ ବାର୍ଷିକ ୧୦ ହଜାର ଟଙ୍କା ପାଉଛନ୍ତି। ଏହି ରାଶିକୁ ଠିକ୍ ଭାବେ ଉପଯୋଗ କଲେ କୃଷି କାର୍ଯ୍ୟରେ ସଫଳତା ମିଳି ଅଭାବ ଦୂରହେବ। କୃଷକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି। କେନ୍ଦ୍ର କୃଷିମନ୍ତ୍ରୀ ମଧ୍ୟ ଓଡ଼ିଶା ସରକାରଙ୍କ କୃଷକ କଲ୍ୟାଣ କାର୍ଯ୍ୟକୁ ମଡେଲ ଭାବେ ଗ୍ରହଣ କରିବା ପାଇଁ କହିଛନ୍ତି। ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ ରାଉଳ କହିଛନ୍ତି, କୃଷି ପାଇଁ ୩ଟି ସମ୍ବଳ ଜମି, ଶ୍ରମ ଓ ପୁଞ୍ଜି ଆବଶ୍ୟକ। କୃଷକଙ୍କ ପାଖରେ ସବୁବେଳେ ଜମି ଓ ଶ୍ରମ ରହିଥାଏ ହେଲେ ପୁଞ୍ଜି ନ ଥାଏ। ଏହାକୁ ହୃଦୟଙ୍ଗମକରି ପ୍ରଧାନମନ୍ତ୍ରୀ ଏହି ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପିଏମ୍ କିଷାନର ସହାୟତା ରାଶି ଚାଷୀମାନଙ୍କୁ ମାନସିକ ଓ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରୁଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆଜିର ମଲୁ କାଲିର ବଇଦ।**

ମଣିଷ ବିପଦରେ ପଡ଼ିଲେ ସେଥିରୁ ବର୍ତ୍ତିବା ପାଇଁ ଚେଷ୍ଟା କରେ , ଫଳସ୍ୱରୂପ ବୁଦ୍ଧି ଖଟେଇ କିଛି ଶିକ୍ଷା ହାସଲ କରେ। ବିପଦ ହିଁ ମଣିଷକୁ ଅଭିଜ୍ଞ କରାଏ। ଅଭିଜ୍ଞତାରୁ ଶିଖି କୌଣସି ବିଷୟରେ ଅଭିଜ୍ଞ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଟିକା ଦିଓଟି ଧୋଇ ଥୋଇଲିଲୋ,**
**ନିଗିଡି ପଡ଼ିଲା ଘିଅ;**
**ଲୋକେ ପଚାରିଲେ କି ବୋଲି କହିବି,**
**ମୁଁ ତ ଗାଁ ମକଦ୍ଦମୀ ଝିଅ।**

ବାପ ଘର ଲୋକଙ୍କ ଠାଣି ମାଣି ନେଇ ତୁଚ୍ଛା ପ୍ରଶଂସା। ବାପ ଅଜା ଅମଳରେ ସେମାନେ କେତେ ଥିଲାବାଲା ବା ବଡ଼ଲୋକ ଥିଲେ ଦେଖେଇ ହୋଇ କଥା କହିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

## ରାଉରକେଲା ଷ୍ଟିଲ୍ ...

ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନକରି ଲୋକଙ୍କ ସହ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ ହେବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୋଣ୍ଡରିକ୍, ସେଲ୍‌ର ଚେୟାରମ୍ୟାନ ଅମରେନ୍ଦୁ ପ୍ରକାଶ ଏବଂ ସେଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ଲୋକସେବା ଭବନରେ କେନ୍ଦ୍ର ଭାରିଶିଳ୍ପ, ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କୁ ଉପହାର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍।

## ସାପକାମୁଡ଼ା ମୃତ୍ୟୁ ...

ମୃତ୍ୟୁ ହୋଇଛି ତାହାକୁ ଉଲ୍ଲେଖ କରୁନାହାନ୍ତି। ଫଳରେ ସେ କ୍ଷେତ୍ରରେ ମୃତକଙ୍କ ପରିବାରକୁ କିଭଳି ଅନୁକମ୍ପାମୂଳକ ସହାୟତା ଠିକ୍ ଭାବେ ମିଳିପାରିବ, ସେନେଇ ଜିଲାପାଳମାନଙ୍କୁ ନିଜେ ତଦାରଖ କରିବାକୁ କୁହାଯାଇଛି।

ମନ୍ତ୍ରୀ ପୂଜାରୀ କହିଛନ୍ତି, ସମ୍ପ୍ରତି ଜନଗଣନା ନିର୍ଦ୍ଦେଶାଳୟ ପକ୍ଷରୁ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଶେଷହେବା ପରେ ରାଜ୍ୟରେ ତହସିଲ ସଂଖ୍ୟା ବୃଦ୍ଧି କରାଯିବ। ଗୋଟିଏ ଲେଖାଏ ତହସିଲରେ ଅଧିକ ଚାପ ରହୁଥିବାରୁ ଲୋକେ ସୁଶାସନର ସୁଫଳ ପାଇପାରୁନାହାନ୍ତି। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ବଡ଼ ତହସିଲକୁ ବିଭାଜିତ କରି ଛୋଟ ତହସିଲରେ ପରିଣତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଦୁଇଟି ପଞ୍ଚାୟତ ପାଇଁ ଗୋଟିଏ ଆର୍‌ଆଇ ସର୍କଲ କରାଯିବା ପରେ ସବୁ ପଞ୍ଚାୟତରେ ଆର୍‌ଆଇ ସର୍କଲ କରାଯିବ। ରାଜସ୍ୱ ସେବା ପାଇଁ ହିତାଧିକାରୀଙ୍କ ସଂଖ୍ୟା ବଢୁଛି। ସେଥିପାଇଁ ଏବେ ସମ୍ବଲପୁର, ଭୁବନେଶ୍ୱର ଓ କଟକରେ ୪ଟି ନୂଆ ତହସିଲ ସ୍ଥାପନ ଲାଗି ପ୍ରକ୍ରିୟା ଜାରି ରହିଛି। ଏହାବାଦ୍ ଭୋଗରାଇ ନିର୍ବାଚନମଣ୍ଡଳୀରେ ମାତ୍ର ଗୋଟିଏ ବ୍ଲକ୍‌ରେ ୫୫ ଗାଁ ଏବଂ ଗୋଟିଏ ତହସିଲ ରହିଛି। ଏହାକୁ ଜନଗଣନା କାର୍ଯ୍ୟକ୍ରମ ଶେଷ ପରେ ବିଭକ୍ତ କରାଯିବ। ଫଳରେ ଲୋକେ ରାଜସ୍ୱ ପ୍ରଶାସନକୁ ହାତପାଆନ୍ତାରେ ପାଇପାରିବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

## ସିସି କ୍ୟାମେରା ଧରିବ ...

ଏକଥାକୁ ଯଥାଶୀଘ୍ର ବୁଝିଯିବା ଆବଶ୍ୟକ। ସେମାନଙ୍କ ମାନସିକତାରେ ପରିବର୍ତ୍ତନ କରିବା ମଧ୍ୟ ନିହାତି ଜରୁରୀ। ମନ୍ତ୍ରୀ କହିଛନ୍ତି, ଏଣିକି ପ୍ରତ୍ୟେକ ରାଜସ୍ୱ ପ୍ରଶାସନରେ ସିସିଟିଭି ଜରିଆରେ ଦଲାଲ୍‌ମାନଙ୍କୁ ଧରାଯିବ। ଯେଉଁ କାର୍ଯ୍ୟାଳୟରେ ଜଣେ ବ୍ୟକ୍ତି ବାରମ୍ବାର ଆସୁଥିବା ଦୃଷ୍ଟିକୁ ଆସିବ ସେଠାରେ ସମ୍ପୃକ୍ତ ଉପଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ ଆଇନ ଅନୁଯାୟୀ ତା' ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବେ ଏବଂ ତାଙ୍କୁ ଦଲାଲ୍ ଭାବେ ଘୋଷଣା କରିପାରିବେ। ତେବେ ରାଜସ୍ୱ ପ୍ରଶାସନ କିଭଳି ଚାଲୁଛି ସେନେଇ ଲୋକଙ୍କ ମତାମତ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି। ଏହାକୁ ଅଧିକ ତ୍ୱରାନ୍ୱିତ କରାଯିବ। ରାଜ୍ୟରେ ରାଜସ୍ୱ ସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ଲ୍ୟାଣ୍ଡ ମ୍ୟାନେଜ୍‌ମେଣ୍ଟ ଆକ୍ଟ ଅଣାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି।

## ଆନ୍ଧ୍ରରେ ପୁଣି...

ସୂଚନା ଦେଇଛନ୍ତି। ବିଜୟୱାଡାରେ ଆୟୋଜିତ ଏକ ଖବରତାଦା ସମ୍ମିଳନୀରେ ମହେଶ କହିଛନ୍ତି, ମଙ୍ଗଳବାର ଯେଉଁ ସ୍ଥାନରେ ଏନ୍‌କାଉଣ୍ଟର ହୋଇଥିଲା, ସେଠାରୁ ପ୍ରାୟ ୭ କି.ମି. ଦୂର ସୀତାରାମରାଜୁ ଜିଲାର ଅଲ୍ଲୁରିରେ ସୁରକ୍ଷା ବଳ ବୁଧବାର ପୁଣି ଅପରେଶନ୍ ଚଳାଇଥିଲେ। ଏଥିରେ ୭ ମାଓବାଦୀ ନିହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୩ ଜଣ ମହିଳା। ମୃତ ମାଓବାଦୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେମାନଙ୍କ ମଧ୍ୟରେ ମେଟ୍ଟୁରି ଜୋଖା ରାଓ ଓରଫ ଟେକ୍ ଶଙ୍କର ରହିଥିବା ଜଣାପଡ଼ିଛି।

ଶ୍ରୀକାକୁଲମ୍ ଜିଲାର ବାସିନ୍ଦା ଟେକ୍ ଶଙ୍କର ଆନ୍ଧ୍ର-ଓଡ଼ିଶା ବର୍ଡର ଦାୟିତ୍ୱରେ ଥିଲେ। ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ଯୋଗାଯୋଗ ଭଳି ଟେକ୍ନିକାଲ ଅପରେଶନ୍‌ରେ ତାଙ୍କର ସ୍ୱତନ୍ତ୍ର ଅଭିଜ୍ଞତା ରହିଥିଲା। ଶଙ୍କର ୨୦ ବର୍ଷ ଧରି ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ଥିଲେ। ମାଓବାଦୀ ଆନ୍ଦୋଳନକୁ ଆଗକୁ ବଢ଼ାଇବା ପାଇଁ ସେ ଉଦ୍ୟମ ଚଳାଇଥିଲେ ବୋଲି ଏଡିଜିପି ମହେଶ ସୂଚନା ଦେଇଛନ୍ତି। ଇତିମଧ୍ୟରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୁରକ୍ଷା ବଳ କ୍ରିଷ୍ଣା, ଏଲୁରୁ, ଏନ୍‌ଟିଆର୍, କାକିନାଡ଼ା ଓ କୋନାସୀମା ଜିଲାରେ ଚଢ଼ାଉ କରି ସିପିଆଇ (ମାଓଇଷ୍ଟ)ର ୫୦ କ୍ୟାଡରଙ୍କୁ ଗିରଫ କରିଥିବା ସେ କହିଛନ୍ତି। ଗିରଫ ମାଓବାଦୀମାନେ ଛତିଶଗଡ଼ର ସୁକୁମା, ବିଜାପୁର, ନାରାୟଣପୁର ଓ ପଶ୍ଚିମ ବସ୍ତର ଜିଲାର। ଛତିଶଗଡ଼ରେ ମାଓବାଦୀଙ୍କ ଗିରଫଦାରି ଚାଲିଥିବାବେଳେ ସେମାନେ ଆନ୍ଧ୍ରକୁ ଚାଲିଆସିଥିଲେ। ସେମାନଙ୍କ ନିକଟରୁ ୩୯ ବନ୍ଧୁକ, ୩୦୨ ରାଉଣ୍ଡ ଗୁଳି, ଡିଟୋନେଟର ସମେତ ନଗଦ ୧୩ ଲକ୍ଷ ଟଙ୍କା ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହି ଅପରେଶନ୍‌ରେ ରାଜ୍ୟ ଗୋଇନ୍ଦା ବିଭାଗ, ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ବ୍ରାଞ୍ଚ (ଏସ୍‌ଆଇବି), ଜିଲା ପୋଲିସ ୟୁନିଟ ଓ ବିଜୟୱାଡ଼ା କମିଶନରେଟ୍ ସାମିଲ ଥିଲେ।

## ଇନ୍‌ଟେକ୍ ୱେଲ୍‌ରେ ...

ପହଞ୍ଚି ପାରିବନାହିଁ। ଫଳରେ ଜଳ ନ ପାଇ ଚାଷୀକୁଳ ହତାଶ ହେବେ। ଖାଲି ଏତିକି ନୁହେଁ, କାନପୁର ବୃହତ୍ ଜଳସେଚନ ପ୍ରକଳ୍ପ ମଧ୍ୟରୁ ୱାଟର କର୍ପୋରେଶନ ପାଣି ନେଇ 'ଡ୍ରିଙ୍କ୍ ଫର୍ ଟ୍ୟାପ୍' ଜରିଆରେ ଘରେ ଘରେ ପାଣି ଯୋଗାଣ କରିବାର ଯେଉଁ ଯୋଜନା ରଖିଛି ତାହା ମଧ୍ୟ ପ୍ରଭାବିତ ହେବ ବୋଲି କୁହାଯାଉଛି। ଏ ନେଇ ଗତ ମେ ୯ ରେ କେନ୍ଦୁଝର ଗସ୍ତ ଅବସରରେ ଜଳ ମାନବ ଡ. ରାଜେନ୍ଦ୍ର ସିଂ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ମଧ୍ୟ ସତର୍କ ସୂଚନା ଦେଇଛନ୍ତି। ଯୋଡ଼ା ଟ୍ରକ୍ ମାଲିକ ସଂଘ ସମ୍ପାଦକ ସୁଶାନ୍ତ ବାରିକ ଏବଂ ଟ୍ରକ୍ ମାଲିକ ଭାଗ୍ୟରଞ୍ଜନ ମହାନ୍ତି କହିଛନ୍ତି, ପାଇପ୍‌ଲାଇନରେ କମ୍ପାନୀ ଲୁହାଗୁଣ୍ଡ ପରିବହନ କଲେ ଚାଷୀଙ୍କ ସମେତ ଏ ଅଞ୍ଚଳର ପରିବହନ ବ୍ୟବସାୟ ମଧ୍ୟ ପ୍ରଭାବିତ ହେବ। ଯୋଡ଼ା, ବଡ଼ବିଲ, ଗୁଆଲି, ଭଦ୍ରାସାହି, କେନ୍ଦୁଝର, ଆନନ୍ଦପୁର, ଚମ୍ପୁଆ ପ୍ରଭୃତି ଅଞ୍ଚଳର ପ୍ରାୟ ୫ ହଜାର ଗାଡ଼ି ମାଲିକ ପରିବହନ କାର୍ଯ୍ୟରୁ ବଞ୍ଚିତ ହେବେ। ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷଭାବେ ରାସ୍ତାକଡ଼ ଢାବା, ପାନ, ଚା' ଦୋକାନୀ ମଧ୍ୟ ରୋଜଗାର ହରାଇବେ। ସାମୂହିକ ପ୍ରଭାବକୁ ଦୃଷ୍ଟିରେ ରଖି ଇନ୍‌ଟେକ୍ ୱେଲ୍ ଉପରେ ସରକାର ପୁନର୍ବିଚାର କରିବା ଉଚିତ ବୋଲି ସେମାନେ କହିଛନ୍ତି।

ନିକଟରେ ଅବସର ଗ୍ରହଣ କରିଥିବା କାନପୁର ଡ୍ୟାମ୍ ପ୍ରୋଜେକ୍ଟର ମୁଖ୍ୟଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡାଙ୍କ କହିବା ଅନୁଯାୟୀ, ଶିଳ୍ପକୁ ଦିଆଯାଉଥିବା ଜଳ ଜିଲାର ଶାଳପଡ଼ା ଡିଭିଜନରୁ ଆବଣ୍ଟନ କରାଯାଇଥାଏ। ନୂତନ ନିୟମ ଅନୁଯାୟୀ, ଜେଏସ୍‌ଡବ୍ଲ୍ୟୁ ବନ୍ଧରୁ କେତେ ପାଣି ଶିଳ୍ପରେ ବ୍ୟବହାର କରିବ, ଏହାକୁ ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍‌ଫର୍ମେଟିକ୍ ସେଣ୍ଟର (ଏନ୍‌ଆଇସି) କଣ୍ଟ୍ରୋଲ କରିବ। କାନପୁର ଡ୍ୟାମ୍ ଯୋଗୁ ପ୍ରାୟ ୨୯, ୫୭୮ ହେକ୍ଟର ଚାଷଜମିକୁ ଜଳ ସେଚିତ କରିବାର ଲକ୍ଷ୍ୟ ରଖାଯାଇଛି।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, କାନପୁର ନଦୀବନ୍ଧରୁ ଜେଏସ୍‌ଡବ୍ଲ୍ୟୁ ଜଳ ଶୋଷିଲେ ଜିଲା ସାରା ଆନ୍ଦୋଳନକୁ ତୀବ୍ର କରାଯିବ। ଏସିଆ ମହାଦେଶରେ ନଦୀ ଉପରେ ରିସର୍ଚ୍ଚ କରୁଥିବା ମହିଳା ସାମାଜିକ କର୍ମୀ ବ୍ରତିନ୍ଦି ଜେନା କହିଛନ୍ତି, ଶିଳ୍ପ ପାଇଁ ବୈତରଣୀ ନଦୀ ଭବିଷ୍ୟତରେ ଏକ ଇତିହାସ ହୋଇଯିବ। ଜେଏସ୍‌ଡବ୍ଲ୍ୟୁର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଦୀପଚାନ୍ଦ ବିହାରୀ କହିଛନ୍ତି, ଇନ୍‌ଟେକ୍ ୱେଲ୍ କାମ ନିୟମ ଅନୁଯାୟୀ ଜାରି ରହିଛି।

## ଆଶ୍ରୟ ଦେବାକୁ ...

ଯାଇ ଏତଲା ଦେଇଥିଲେ। ଏ ନେଇ ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି କେସ୍ ନଂ. ୪୩୧/୨୫ରେ ମାମଲା ରୁଜୁ କରାଯାଇଛି। ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି । ଏଥିସହ ମହିଳାଙ୍କ ବୟାନ ମୁତାବକ ବଳାତ୍କାର ଘଟିଥିବା ସ୍ଥାନକୁ ଯାଇ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତକରି ଦୋଷୀଙ୍କୁ ଦଣ୍ଡଦେବା ପାଇଁ ପୀଡ଼ିତା ମହିଳା ଓ ତାଙ୍କ ସ୍ୱାମୀ ଦାବି କରିଛନ୍ତି।

# ରାଜ୍ୟ ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ

## ପ୍ରାଇଡ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୧୨ ଦେଶର ୪୦ ବିଦେଶୀ ପ୍ରତିନିଧି

ଭୁବନେଶ୍ୱର,୧୯।୧୧(ସୁନିତ୍ ମିଶ୍ର)

୩୭ତମ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ପାର୍ଲାମେଣ୍ଟାରି ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନ୍ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସିସ୍ (ପ୍ରାଇଡ୍) ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ବୁଧବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଓଡ଼ିଶା ରାଜ୍ୟ ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ। ଜୁନ୍ ୨୦୨୪ରୁ ଜୁନ୍ ୨୦୨୫ ମଧ୍ୟରେ ଓଡ଼ିଶା ବିଧାନସଭା ୬୨ଟି ବୈଠକ ପରିଚାଳନା କରିଛି ଏବଂ ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ଉପରେ ରେକର୍ଡ ୧୨ ଘଣ୍ଟା ୨୫ ମିନିଟ୍ ବିତର୍କ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଧାନସଭା ପ୍ରକ୍ରିୟାର ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି ମତଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଇ-ପ୍ରଶାସନ ପାଇଁ ଓସ୍ୱାସ୍, ସମ୍ପୂର୍ଣ୍ଣ ଡିଜିଟାଲ ଗୃହ, ଗବେଷଣା ଏବଂ ସୂଚୀକରଣ(ଇଣ୍ଡେକ୍ସିଂ) ପାଇଁ ଏଆଇର ବ୍ୟବହାର ଆଦି ଅନେକ ପଦକ୍ଷେପ ନିଆଯାଇଛି। ଡିଜିଟାଲ ପ୍ରୟୋଗ କ୍ଷେତ୍ରରେ ଉତ୍କର୍ଷ ପାଇଁ ଓଡ଼ିଶା ବିଧାନସଭା ଜାତୀୟ ପୁରସ୍କାର ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ସଂସଦୀୟ କମିଟି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପକରି ସେ କହିଛନ୍ତି, ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି। ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟିଗୁଡିକ 'ମିନି-ପାର୍ଲାମେଣ୍ଟ' ଭାବେ କାର୍ଯ୍ୟ କରୁଛି। ଓଡ଼ିଶା ନିକଟରେ ଅନୁସୂଚିତ ଜାତି ଏବଂ ଜନଜାତି କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରିଛନ୍ତି। ଏହା ଆମର ଇନ୍କ୍ଲୁସିଭ୍ ଗଭର୍ନାନ୍ସ ପ୍ରତି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବେ ବର୍ଣ୍ଣନା କରିଛନ୍ତି। ବିଦେଶୀ ପ୍ରତିନିଧିମାନେ ପୂର୍ବରୁ ପୁରୀ, କୋଣାର୍କ, ଧଉଳି ଏବଂ ଅନ୍ୟାନ୍ୟ ଐତିହ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ସେମାନେ ଓଡ଼ିଶାର ଐତିହ୍ୟ ଓ ଆତିଥ୍ୟର ଉଚ୍ଚ ପ୍ରଶଂସା କରିଛନ୍ତି।


ଲୋକସେବା ଭବନରେ ବୁଧବାର ବିଦେଶୀ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଅବସରରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର କହିଛନ୍ତି, ବିଶ୍ୱ ଗଣତାନ୍ତ୍ରିକ ପରିବେଶରେ ଓଡ଼ିଶାର ବିଧାନସଭା ଏକ ଜାତୀୟ ମଡେଲ ଭାବରେ ଉଭା ହୋଇଛି। ଓଡ଼ିଶାର ବିଧାନସଭା ଶୃଙ୍ଖଳା, ଗଠନମୂଳକ ବିତର୍କ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନର ଏକ ମଡେଲ। ଏଣୁ ସଂସଦୀୟ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମ ଯୁବ ବିଶ୍ୱ ପ୍ରତିନିଧିମାନଙ୍କୁ ଭାରତର ଅନନ୍ୟ ସଂସଦୀୟ ପରମ୍ପରା ଶିଖିବା ପାଇଁ ଏକ ବିରଳ ସୁଯୋଗ ପ୍ରଦାନ କରୁଛି।

ଉକ୍ତ ଇଣ୍ଟର୍ନଶିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲଡିୟେଭ, ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ(ସଂସଦୀୟ ବ୍ୟାପାର) ସୁରେନ୍ଦ୍ର କୁମାର, ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ନିର୍ଦ୍ଦେଶକ ପ୍ରାଇଡ୍ ପ୍ରଶାନ୍ତ ମଲିକ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖୁବ୍‌ଶୀଘ୍ର ଆରମ୍ଭ ହେବ କୋଷ୍ଟାଲ ହାଇୱେ ପ୍ରକଳ୍ପ: ପୂର୍ତ୍ତ ମନ୍ତ୍ରୀ

ଭୁବନେଶ୍ୱର,୧୯।୧୧(ରବିନାରାୟଣ ଜେନା)

ଖୁବ୍‌ଶୀଘ୍ର କୋଷ୍ଟାଲ ହାଇୱେ ପ୍ରକଳ୍ପ କାମ ଆରମ୍ଭ ହେବ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଲୋକସେବା ଭବନରେ ବୁଧବାର ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ଅର୍ଥ ବିଭାଗର ଆପ୍ରାଇଜାଲ କମିଟି କୋଷ୍ଟାଲ ହାଇୱେ ପ୍ରକଳ୍ପ ପାଇଁ ସମ୍ମତି ଦେଇଛି। ରାଜ୍ୟ ସରକାର କେବଳ ସିସିଏ ମଞ୍ଜୁରୀକୁ ଅପେକ୍ଷା କରିଛନ୍ତି। ମଞ୍ଜୁରୀ ମିଳିବା କ୍ଷଣି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ।

ସେ କହିଛନ୍ତି, ଓଡ଼ିଶା ଲୋକଙ୍କ ଲମ୍ବା ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି। ରାମେଶ୍ୱରଠାରୁ ଆରମ୍ଭକରି ପାରାଦୀପ ପର୍ଯ୍ୟନ୍ତ ଆଲାଇନ୍‌ମେଣ୍ଟ ସହ ୮୩୦୦ କୋଟି ଟଙ୍କାର ଖର୍ଚ୍ଚକୁ ମଧ୍ୟ ଆପ୍ରାଇଜାଲ କମିଟି ଅନୁମୋଦନ କରିଛି। ତେବେ ରାମେଶ୍ୱରଠାରୁ କୋଣାର୍କ ପର୍ଯ୍ୟନ୍ତ ୪ ଲେନ୍ ରାସ୍ତା ଏବଂ କୋଣାର୍କଠାରୁ ପାରାଦୀପ ପର୍ଯ୍ୟନ୍ତ ଡବଲ ଲେନ୍ ପେଭ୍‌ଡ ସୋଲ୍‌ଡର(ଡିଏଲ୍‌ପିଏସ୍) ରାସ୍ତା ହେବ ବୋଲି ନିଷ୍ପତ୍ତି ହୋଇଛି। ପେଣ୍ଡିଂ ଥିବା ସିସିଏର ମଞ୍ଜୁରୀ ମିଳିଗଲେ ଏନ୍‌ଏଚ୍‌ଏଆଇ ଟେଣ୍ଡର ଡାକିବା ଏବଂ ପ୍ରକଳ୍ପ କ୍ରିୟାନ୍ୱୟନ ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ପ୍ରକଳ୍ପ କାର୍ଯ୍ୟ ପାଇଁ ୬୦ରୁ ୭୦ ପ୍ରତିଶତ ଜମି ଅଧିଗ୍ରହଣ ସରିଛି।

ସେ କହିଛନ୍ତି, ପୂର୍ବ ସରକାର ସମୟରେ ବାରମ୍ବାର ଆଲାଇନ୍‌ମେଣ୍ଟ ପରିବର୍ତ୍ତନ କରାଯାଉଥିଲା। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇପାରୁ ନ ଥିଲା। କୋଷ୍ଟାଲ ହାଇୱେ ପ୍ରକଳ୍ପ କିପରି ନ ହେବ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମାଲୋଚନାର ଶିକାର ହେବେ, ତାହା ହିଁ ପୂର୍ବ ସରକାର ଚାହୁଁଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

# ବିକାଶର ଇଞ୍ଜିନ ହେବ ସହର : ମନ୍ତ୍ରୀ ପୃଥ୍ୱୀରାଜ

## ବସ୍ତି ନୁହେଁ, ଟିପିରେ ରହିବେ ଲୋକେ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

### ଦୁଇଦିନିଆ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀ

ଭୁବନେଶ୍ୱର,୧୯।୧୧
(ରବିନାରାୟଣ ଜେନା)

ଜିଲାର ଆର୍ଥିକ ବିକାଶରେ ସହରୀକରଣର ପ୍ରମୁଖ ଭୂମିକା ରହିଛି। ତେଣୁ ଆଗାମୀ ୫୦ ବର୍ଷରୁ ଊର୍ଦ୍ଧ୍ୱକୁ ଦୃଷ୍ଟିରେ ରଖି ସହରର ଯୋଜନାବଦ୍ଧ ନକ୍ସା ପ୍ରସ୍ତୁତ କରିବାକୁ ହେବ। ସବୁ ସହରକୁ ବିକାଶର ଇଞ୍ଜିନ କରିବାକୁ ପଡ଼ିବ ବୋଲି ଆଇନ ଓ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଲୋକସେବା ଭବନରେ ଅନୁଷ୍ଠିତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଦୁଇଦିନିଆ ସମ୍ମିଳନୀ ଅବସରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ବିଭିନ୍ନ ସହରର ଭିଡ଼ କମାଇବା ପାଇଁ ବାଇପାସ୍ ରାସ୍ତା, ସହର ଚତୁଃପାର୍ଶ୍ୱରେ ରିଂ-ରୋଡ୍ ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ ବଡ଼ରାସ୍ତା ନିର୍ମାଣ ବେଳେ ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯିବ। ସହରର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସରଳୀକରଣ କରାଯିବ, ଯଦ୍ୱାରା ନୂଆରାସ୍ତା ନିର୍ମାଣ ଓ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ ସହଜରେ ହୋଇପାରିବ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଲକ୍ଷ୍ୟରେ ପହଞ୍ଚିବା ପାଇଁ ବ୍ୟାପକ ସହରୀକରଣର ଯୋଜନା ରହିଛି ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ସହରକୁ କାର୍ଯ୍ୟ ଅନ୍ୱେଷଣରେ ଆସୁଥିବା ଲୋକେ ଏବେ ଆଉ ବସ୍ତିରେ ନୁହେଁ, ସରକାରଙ୍କ ଟାଉନ୍ ପ୍ଲାନିଂ ଯୋଜନାରେ ସାମିଲ ହେବେ। ସେମାନଙ୍କୁ ବସ୍ତି ଭଳି ଅସ୍ୱାସ୍ଥ୍ୟକର ପରିବେଶରୁ ବାହାରକୁ ଆଣି ବ୍ୟବସ୍ଥିତ ଢଙ୍ଗରେ ସୁଲଭ ଆବାସ ଯୋଗାଇ ଦିଆଯିବ, ଯେଉଁଥିରେ ସେମାନଙ୍କ ପାଇଁ ରାସ୍ତା, ବିଦ୍ୟୁତ୍, ପାନୀୟଜଳ, ଡ୍ରେନେଜ୍ ଓ ଆନୁଷଙ୍ଗିକ ସୁବିଧା ରହିବ। ଫଳରେ ଉଭୟ ସ୍ୱତ୍ତ୍ୱାଧିକାରୀମାନେ ଜମିର ଉପଯୁକ୍ତ ମୂଲ୍ୟ ପାଇବା ସହ ଇଚ୍ଛୁକ ବ୍ୟକ୍ତିଙ୍କ ସହରରେ ଘର ପାଇବାର ସ୍ୱପ୍ନ ପୂରଣ ହୋଇପାରିବ। ସହରର ଆର୍ଥିକ ଅଭିବୃଦ୍ଧି ଘଟିବ। ସବୁ ମହାନଗର ନିଗମ, ମ୍ୟୁନିସିପାଲିଟି, ପୌରାଞ୍ଚଳରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଯୋଗଦେଇ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳର ବିକାଶ ସହିତ ସମ୍ବଲପୁର, ଝାରସୁଗୁଡ଼ା, ଗୋପାଳପୁର ଆଦି ବିଭିନ୍ନ ସହରର ବିକାଶ ପାଇଁ ସମନ୍ୱିତ ଯୋଜନା ଉପରେ ଆଲୋକପାତ କରିଥିଲେ। ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ସବୁ ସହରାଞ୍ଚଳରେ ଖାଲଖମାମୁକ୍ତ ଏବଂ ପଥଚାରୀଙ୍କ ରାସ୍ତା ସୁନିଶ୍ଚିତ କରିବା ପାଇଁ ଯୋଜନା ରହିଥିବା ସେ କହିଥିଲେ।

# ପାଉଁଶ ବୋଝେଇ ହାଇୱା ଧକ୍କାରେ ସାଧୁବାବାଙ୍କ ମୃତ୍ୟୁ

ସମ୍ବଲପୁର,୧୯।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର-କଟକ ୫୫ ନଂ. ଜାତୀୟ ରାଜପଥର ରେଢ଼ାଖୋଲ ସହରର ମେଡିକାଲ ଛକରେ ବୁଧବାର ଦୁର୍ଘଟଣା ଘଟିଛି। ପାଉଁଶ ବୋଝେଇ ହାଇୱା ଧକ୍କାରେ ଜଣେ ସାଧୁବାବାଙ୍କ ମୃତ୍ୟୁ ହୋଇଛି। ସୂଚନାରୁ ପ୍ରକାଶ, ରେଢ଼ାଖୋଲ ଥାନା ମେଡିକାଲ ଛକରେ ସମ୍ବଲପୁର ଆଡୁ ଅନୁଗୋଳ ଅଭିମୁଖେ ଆସୁଥିବା ଏକ ପାଉଁଶ ବୋଝେଇ ହାଇୱା ଏକ ଲୁନାଗାଡିକୁ ଧକ୍କା ଦେଇଥିଲା। ଫଳରେ ଲୁନାରେ ଯାଉଥିବା ସାଧୁବାବାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ରେଢ଼ାଖୋଲ ଥାନା ବୈଷ୍ଣବଝୁଲି ଆଶ୍ରମର ରଜନୀ ବାବା। ଘଟଣାସ୍ଥଳରେ ରେଢ଼ାଖୋଲ ପୋଲିସ ପହଞ୍ଚି ହାଇୱା ଗାଡିକୁ ଜବତ କରିଛି। ଚାଳକ ଫେରାର ଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା।

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ
सेन्ट्रल बैंक ऑफ़ इंडिया
Central Bank of India
1911 से आपके लिए "केंद्रित" "CENTRAL" TO YOU SINCE 1911
କ୍ଷେତ୍ରୀୟ କାର୍ଯ୍ୟାଳୟ, ସମ୍ବଲପୁର
ମେଗା ଏମ୍‌ଏସ୍‌ଏମ୍‌ଇ ଋଣ ଆଉଟରିଚ୍ କାର୍ଯ୍ୟକ୍ରମ
ବ୍ୟବସାୟିକ ବିସ୍ତାର ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା ପର୍ଯ୍ୟନ୍ତ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତ୍ୟେକ ଏମ୍‌ଏସ୍‌ଏମ୍‌ଇ ସ୍ୱପ୍ନକୁ ଉପଯୁକ୍ତ ଆର୍ଥିକ ସମାଧାନ ସହିତ ପୂରଣ କରିଥାଏ
ସେଣ୍ଟ ବିଜିନେସ୍ ଲୋନ୍ | ସେଣ୍ଟ ଜିଏସ୍‌ଟି | ସେଣ୍ଟ ହୋଟେଲ | ସେଣ୍ଟ ସଞ୍ଜିବନୀ

ଆମେ ସମସ୍ତଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ କରୁଛୁ।
ତାରିଖ: ୨୧.୧୧.୨୦୨୫
ସମୟ: ପୂର୍ବାହ୍ନ ୧୧.୦୦ ଘଟିକା
ସ୍ଥାନ: ସୁନ୍ଦରଗଡ
ଆପଣଙ୍କ ସମସ୍ତ ପ୍ରକାର ଏମ୍‌ଏସ୍‌ଏମ୍‌ଇ ଆବଶ୍ୟକତା ନିମନ୍ତେ ସହଜ ଏବଂ ସୁଗମ ଅର୍ଥ ପ୍ରାପ୍ତ କରନ୍ତୁ
କୌଣସି ଅନୁସନ୍ଧାନ ନିମନ୍ତେ ଦୟାକରି ଆପଣଙ୍କ ନିକଟସ୍ଥ ଶାଖା/କ୍ଷେତ୍ରୀୟ କାର୍ଯ୍ୟାଳୟ/ଅଞ୍ଚଳ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।
Give us a Missed call for Loan Assistance 922 390 1111
Toll Free Number 1800 30 30
WhatsApp Number 7900 123 123
*ନିୟମ ଓ ସର୍ତ୍ତାବଳୀ ଲାଗୁ
www.centralbank.bank.in

# ୭ ମାସରେ ବିନା ଟିକେଟରେ ରେଳଯାତ୍ରା କରିଛନ୍ତି ୪.୪୧ ଲକ୍ଷ



ଭୁବନେଶ୍ୱର,୧୯।୧୧
(ଅନୁରାଧା ମହାରଣା)

■ ଅକ୍ଟୋବରରେ ଧରାପଡ଼ିଛନ୍ତି ୫୮,୭୩୧
■ ୩ କୋଟିରୁ ଅଧିକ ଟଙ୍କାର ଜରିମାନା ସଂଗ୍ରହ

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନଧିକୃତ ଯାତ୍ରାକୁ ଏଡ଼ାଇବା ପାଇଁ ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ କରିଛି। ଚଳିତ ବର୍ଷ କେବଳ ଅକ୍ଟୋବରରେ ବିନା ଟିକେଟରେ ୫୮,୭୩୧ଜଣ ଯାତ୍ରା କରିଥିବା ଧରାପଡ଼ିଛି, ଯାହା ଗତବର୍ଷ ଅକ୍ଟୋବର ତୁଳନାରେ ୫.୪% ଅଧିକ। ସେହିଭଳି ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ବିନା ଟିକେଟରେ ମୋଟ ୪,୪୧,୧୦୬ ଜଣ ଯାତ୍ରା କରିଛନ୍ତି, ଯାହା ପୂର୍ବ ବର୍ଷ (୪,୦୦,୯୪୬) ତୁଳନାରେ ୧୦% ଅଧିକ। ତେବେ ଏହାକୁ ନେଇ ରେଳମଣ୍ଡଳ ଉଦ୍‌ବେଗ ପ୍ରକାଶ କରି କହିଛି, ବିନା ଟିକେଟ କିମ୍ବା ବୈଧ ଟିକେଟ ବିନା ଟ୍ରେନ୍ ଯାତ୍ରା କରିବା ଦ୍ୱାରା କେବଳ ଦଣ୍ଡ ଲାଗୁ ହୁଏ ନାହିଁ, ବରଂ ଯାତ୍ରୀମାନଙ୍କୁ ଅସୁବିଧା ହୁଏ ଏବଂ ଯାତ୍ରା ପରିବେଶକୁ ବିପର୍ଯ୍ୟସ୍ତ କରେ। ତେଣୁ ଦଣ୍ଡ ସ୍ୱରୂପ ନିୟମ ଉଲ୍ଲଂଘନକାରୀଙ୍କଠାରୁ ରେଳମଣ୍ଡଳ କେବଳ ଅକ୍ଟୋବରରେ ୩,୧୫,୧୧,୭୭୦ ଟଙ୍କା ଜରିମାନା ଆଦାୟ କରିଛି। ଏହା ଗତବର୍ଷଠାରୁ ୨୩% ଅଧିକ। ସେହିପରି ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ମୋଟ ୨୩,୯୪,୨୩,୬୯୮ ଟଙ୍କା ଜରିମାନା ଆଦାୟ କରାଯାଇଛି, ଯାହା ୨୦୨୪ରେ ଆଦାୟ ହୋଇଥିବା ଜରିମାନା ୧୮,୯୭,୨୯,୦୧୦ ତୁଳନାରେ ୨୬% ଅଧିକ ରହିଛି।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ କୁହାଯାଇଛି, ରେଳପଥ ପକ୍ଷରୁ ସାର୍ବଜନୀନ ଘୋଷଣା, ସୋସିଆଲ ମିଡିଆ ମେସେଜିଂ ଏବଂ ଷ୍ଟେଶନସ୍ତରୀୟ ପ୍ରଚାର ମାଧ୍ୟମରେ ବ୍ୟାପକ ସଚେତନତା ଅଭିଯାନ ଜାରି ରହିଛି। ଯାତ୍ରୀମାନଙ୍କୁ ନିରନ୍ତର ଭାବେ ସମ୍ମାନର ସହ ଯାତ୍ରା କରିବାକୁ ଏବଂ ରେଳ ନିୟମ ପାଳନ କରିବାକୁ ଉତ୍ସାହିତ କରାଯାଇଛି। ସ୍ୱତନ୍ତ୍ର ଟିକେଟ ଯାଞ୍ଚ ଦଳଗୁଡ଼ିକ ଆରପିଏଫ୍ ସହ ସମନ୍ୱୟ ରଖି ଏହି ବ୍ୟାପକ ଯାଞ୍ଚ କରାଯାଉଛି। ରେଳମଣ୍ଡଳର ବରିଷ୍ଠ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ସମସ୍ତ ଯାତ୍ରୀଙ୍କୁ ଅଯଥା ଅସୁବିଧାକୁ ଏଡ଼ାଇବା ଏବଂ ଏକ ଶୃଙ୍ଖଳିତ ଏବଂ ସମ୍ମାନର ସହ ସୁବିଧା ଯୁକ୍ତ ଯାତ୍ରା ପରିବେଶକୁ ଆପଣେଇବା ପାଇଁ ସର୍ବଦା ବୈଧ ଟିକେଟ କିମ୍ବା ଯାତ୍ରା ଅଧିକାର ଦଲିଲ ବହନ କରିବାକୁ ପରାମର୍ଶ ଦେଇଛନ୍ତି।

# ପ୍ରତିଷ୍ଠିତ ନୃତତ୍ତ୍ୱ ବିଦ୍ୱାନ୍ ଥିଲେ ପ୍ରଫେସର ଏଲ୍. କେ. ମହାପାତ୍ର



ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶିଷ୍ଟ ନୃତତ୍ତ୍ୱବିତ୍ ଡ. ବିଜୟ ସହାୟଙ୍କ ସହ ଅନ୍ୟ ଅତିଥିମାନେ।

## ଦୁଇ ସପ୍ତାହ ବ୍ୟାପୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୯।୧୧
(ସୁଚିସ୍ମିତା ସାହୁ)

ବିଶିଷ୍ଟ ନୃତତ୍ତ୍ୱବିତ୍ ପ୍ରଫେସର ଏଲ୍. କେ. ମହାପାତ୍ରଙ୍କ ଜୀବନ ଓ କାର୍ଯ୍ୟକୁ ସ୍ମରଣ କରିବା ପାଇଁ ପ୍ରଫେସର ମହାପାତ୍ର ସ୍ମୃତି ଟ୍ରଷ୍ଟ, ବକୁଳ ଫାଉଣ୍ଡେଶନ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ପକ୍ଷରୁ ଦୁଇସପ୍ତାହ ବ୍ୟାପୀ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହିକ୍ରମରେ ୫ମ ପ୍ରଫେସର ଏଲ୍. କେ. ମହାପାତ୍ର ସ୍ମାରକୀ ବକ୍ତୃତା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। 'ସାମାଜିକ-ଆର୍ଥିକ ଓ ରାଜନୈତିକ ସମସ୍ୟାଗୁଡିକ ନିରାକରଣ ପାଇଁ ନୃତତ୍ତ୍ୱ କାହିଁକି ଆବଶ୍ୟକ' ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ନୃତତ୍ତ୍ୱବିତ୍ ଡ. ବିଜୟ ସହାୟ କହିଲେ, ଭାରତର ପ୍ରତିଷ୍ଠିତ ନୃତତ୍ତ୍ୱ ବିଦ୍ୱାନ ଏବଂ ଓଡିଶାର ବିଶିଷ୍ଟ ସାମାଜିକ ବିଜ୍ଞାନୀ ଥିଲେ ପ୍ରଫେସର ଏଲ୍. କେ. ମହାପାତ୍ର। ୧୯୪୭ ମସିହାରେ ପ୍ରଫେସର ମହାପାତ୍ର ୧୮ ବର୍ଷ ବୟସର ହୋଇଥିବାବେଳେ ରେଭେନ୍ସା ମହାବିଦ୍ୟାଳୟରେ ଏକ ନୃତତ୍ତ୍ୱ ଉପରେ ବ୍ୟାଖ୍ୟାନ ଶୁଣି ନୃତତ୍ତ୍ୱ ପଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ତା'ପରେ ସେ ଦେଶରେ ଏକମାତ୍ର ନୃତତ୍ତ୍ୱ ଅଧ୍ୟୟନ କେନ୍ଦ୍ର ଥିବା କୋଲକାତା ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିଲେ। ଏଥିସହ ସେ ଦେଶବିଦେଶର ବିଭିନ୍ନ ସ୍ଥାନରେ ଦଶବର୍ଷ ଅଧ୍ୟୟନ ଓ ଗବେଷଣା କରିବା ପରେ ୧୯୭୦-୮୦ ଦଶକରେ ଓଡ଼ିଶାକୁ ଫେରି ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ଯୋଗଦେବା ସହ ଏହାକୁ ଦେଶର ସବୁଠାରୁ ଶ୍ରେଷ୍ଠ ପରିଚୟ ଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ପି.ଜି. କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ମିତାଲି ଚିନାରା ଏବଂ କିସ୍ ବିଶ୍ୱବିଦ୍ୟାଳୟର ଏମେରିଟସ୍ ପ୍ରଫେସର ଏନ୍. ସି. ଦାଶ ଯୋଗଦେଇ ପ୍ରଫେସର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପ୍ରଫେସର ମହାପାତ୍ରଙ୍କର ଇଣ୍ଡୋନେସିଆ ଓ ଦକ୍ଷିଣପୂର୍ବ ଏସିଆ ଅଧ୍ୟୟନକୁ ନେଇ ନଭେମ୍ବର ୬ରେ ବକୁଳ ଫାଉଣ୍ଡେଶନରେ 'ବାଲି ଅନ୍‌ଭେଲ୍‌ଡ: କାହାଣୀ, ଅଧ୍ୟୟନ ଓ ଅନ୍ୟାନ୍ୟ ପର୍ବ' କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାକୁ ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଜଦୂତ ଇନା କ୍ରୀଷ୍ଣମୂର୍ତ୍ତି ଉଦ୍‌ଘାଟନ କରିଥିଲେ। ବାଲି ବିଷୟରେ ଭ୍ରମଣ ଲେଖା, ସାଂସ୍କୃତିକ ଓ ନୃତତ୍ତ୍ୱ ଅଧ୍ୟୟନ ଏବଂ ବାଲିନୀୟ ଶିଶୁକଥା ଉପରେ ଚିତ୍ରପୁସ୍ତକ ପ୍ରଦର୍ଶନୀ ଓ ଇଣ୍ଡୋନେସିଆରେ ପ୍ରଫେସର ମହାପାତ୍ରଙ୍କ ସଂଗୃହୀତ ଫଟୋର ଏକ ପ୍ରଦର୍ଶନୀ ହୋଇଥିଲା। ଏହି ଅବସରରେ ପ୍ରଫେସର ମହାପାତ୍ରଙ୍କ କନ୍ୟା ଶୀଳାଙ୍କ ବାଲିରେ ରହଣି ଉପରେ ଏକ ଆଲୋଚନା ହୋଇଥିଲା। ଏହା ଏକ ଅଦ୍ୱିତୀୟ ନୃତାତ୍ତ୍ୱିକ ପରୀକ୍ଷଣ ଥିଲା, ଯେଉଁଥିରେ ଶୀଳା (ସେତେବେଳେ ୧୪ ବର୍ଷ) ତିନିମାସ ଧରି ଏକ ବାଲିନୀୟ ପରିବାର ସହିତ ରହି ବାଲିନୀୟ ନୃତ୍ୟ ଶିଖିଥିଲେ ଓ ସେଥିରୁ ବାଲିନୀୟ ସଂସ୍କୃତିକୁ ଅନୁଭବ କରିଥିଲେ।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରଫେସର ଉମାକାନ୍ତ ମିଶ୍ର ଯୋଗଦେଇ କଳିଙ୍ଗର ନୌବାଣିଜ୍ୟ ଏବଂ ୧୦ମ-୧୩ମ ଶତାବ୍ଦୀରେ ଇଣ୍ଡୋନେସିଆରେ ଭାରତୀୟ ବସ୍ତ୍ର ପ୍ରତି ଚାହିଦା ବୃଦ୍ଧି ସମ୍ପର୍କରେ କହିଥିଲେ। ଷ୍ଟୋରିଟେଲର ଶିବପ୍ରିୟା ଓ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ବାଲିନୀୟ କାହାଣୀ କହିଥିଲେ। ଏହି ଅବସରରେ ଏଲ. କେ. ମହାପାତ୍ର ସେଣ୍ଟର ଫର୍ ସୋସିଆଲ ସାଇନ୍ସେସ୍ ଲାଇବ୍ରେରିର ଡିଜିଟାଲ କ୍ୟାଟାଲଗ ଉନ୍ମୋଚନ କରାଯାଇଥିଲା।

DSPL - 366
ସ୍କ୍ରାପ୍(Scrap) ବ୍ୟବସାୟ କରୁଥିବା ସମସ୍ତ ପଞ୍ଜିକୃତ ଓ ଅଣ- ପଞ୍ଜିକୃତ ଟିକସ ଦାତା ଦୟାକରି ଧ୍ୟାନ ଦିଅନ୍ତୁ
NATION TAX MARKET
ଦ୍ରବ୍ୟ ଓ ସେବା କର (GST) ଆଇନ ଅନ୍ତର୍ଗତ TDS (Tax Deduction at Source) ଓ RCM (Reverse Charge Mechanism) ଅନୁପାଳନ ସମ୍ପର୍କିତ ନିୟମ ଅଧୀନରେ

| | |
|---|---|
| କୌଣସି ଅଣ-ପଞ୍ଜିକୃତ ବ୍ୟବସାୟୀଙ୍କ ଠାରୁ କ୍ରୟ କରାଗଲେ RCM ଅଧୀନରେ ୧୮ ପ୍ରତିଶତ ହାରରେ GST ଦେବାକୁ ହେବ । [କେନ୍ଦ୍ରୀୟ ଟିକସ (ଟିକସ ହାର) ବିଜ୍ଞପ୍ତି ନମ୍ବର ୦୭/୨୦୨୪, ତାରିଖ :୦୮.୧୦.୨୦୨୪ ଏବଂ ଅନୁରୂପ ରାଜ୍ୟ ଟିକସ ବିଜ୍ଞପ୍ତି ନମ୍ବର ୨୯୬୭୦, ତାରିଖ : ୨୫.୧୦.୨୦୨୪ ] | ଯଦି ପଞ୍ଜିକୃତ ଟିକସ ଦାତାଙ୍କ ଠାରୁ କ୍ରୟ କରାଯାଏ , ତେବେ କ୍ରେତା କୁ ଏ କ୍ଷେତ୍ରରେ ୨ ପ୍ରତିଶତ ହାରରେ ଟିଡ଼ିଏସ୍ କାଟି ଜମା କରିବାକୁ ହେବ । [ କେନ୍ଦ୍ରୀୟ ଟିକସ ବିଜ୍ଞପ୍ତି ନମ୍ବର ୨୫/୨୦୨୪, ତାରିଖ: ୦୨.୧୦.୨୦୨୪ ଏବଂ ଅନୁରୂପ ରାଜ୍ୟ ଟିକସ ବିଜ୍ଞପ୍ତି ନମ୍ବର ୨୯୬୭୮, ତାରିଖ :୨୫.୧୦.୨୦୨୪] |

* ଓଡିଶା ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିସନରେଟ GST ଟିଡ଼ିଏସ୍ (TDS) ଓ ଆରସିଏମ୍ (RCM) ବ୍ୟବସ୍ଥାର ଅନୁପାଳନ ଉପରେ ତୀକ୍ଷଣ ନଜର ରଖିଛନ୍ତି ।
** ଉପରୋକ୍ତ ସୂଚନା କେବଳ ସାଧାରଣ ମାର୍ଗଦର୍ଶନ ପାଇଁ | ଅଧିକ ବିବରଣୀ ପାଇଁ ଅର୍ଥ ବିଭାଗ ୱେବସାଇଟ https://finance.odisha.gov.in ଏବଂ www.cbic.gov.in ରେ ଉପଲବ୍ଧ ବିଜ୍ଞପ୍ତିକୁ ଦେଖନ୍ତୁ ।
ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର କମିଶନରେଟ, ଓଡିଶା
@Banijyakar
OIPR:

"ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। -ଶ୍ରୀଅରବିନ୍ଦ

-ମହୋଦଧି ଅମାବାସ୍ୟା
ଓ ଦେବ ଦୀପାବଳି



# ସୃଷ୍ଟି ତତ୍ତ୍ୱ ଓ ବ୍ରହ୍ମା



ଦେବଦତ୍ତ ପଟ୍ଟନାୟକ

ହିନ୍ଦୁଧର୍ମ ଅପରିବର୍ତ୍ତନୀୟ ବୋଲି ଘୋଷଣା କରିବାକୁ ରାଜନେତାମାନେ ସନାତନ ଧର୍ମ ଶବ୍ଦ ବ୍ୟବହାର କରିଥାନ୍ତି। ସେମାନଙ୍କ ମତରେ କେବଳ ମୁସଲମାନ ଓ ଇଂରେଜଙ୍କ ରାଜନୈତିକ ବିରୋଧ ଏହି ଧର୍ମରେ ବାଧା ସୃଷ୍ଟି କରିଥିଲେ। କିନ୍ତୁ ତାହା ବାସ୍ତବରେ ସତ ନୁହେଁ। ହିନ୍ଦୁଧର୍ମ ପରିବର୍ତ୍ତନୀୟ କି ନାହିଁ ତାହା ତ୍ରିତତ୍ତ୍ୱ ବା ତ୍ରିଦେବ ବିଷୟକୁ ଦେଖିଲେ ଜଣାପଡ଼ିବ। ଏବେ ଆମେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଓ ସଂହାରକର୍ତ୍ତା ଶିବଙ୍କ କଥା କହୁଛୁ। କିନ୍ତୁ ବୈଦିକ କର୍ମକାଣ୍ଡ ବା ଧର୍ମୀୟ କ୍ରିୟା ସମ୍ପାଦନ କରୁଥିବା ଚତୁର୍ମୁଖୀ ବ୍ରହ୍ମାଙ୍କ ଅବଧାରଣା ହିନ୍ଦୁ ଇତିହାସରେ ବହୁ ପରେ ଅର୍ଥାତ୍ ୨,୦୦୦ ବର୍ଷ ପୂର୍ବେ ପ୍ରକାଶ ପାଇଛି। ଏହି ବ୍ରହ୍ମାଙ୍କ ସମ୍ପର୍କରେ ବୈଦିକ ଶାସ୍ତ୍ରରେ ଆଦୌ ଉଲ୍ଲେଖ ନାହିଁ। ୩,୦୦୦ ବର୍ଷରୁ ଅଧିକ ପୁରାତନ ବୈଦିକ ପୁରାଣରେ ଉଲ୍ଲେଖ ରହିଥିବା ବ୍ରାହ୍ମଣ ବ୍ରହ୍ମାଣ୍ଡ ଶକ୍ତିକୁ ସୂଚିତ କରେ, ଯାହାକୁ ଜପ ଓ ମନ୍ତ୍ର ଦ୍ୱାରା ଆହ୍ୱାନ କରାଯାଇଥାଏ। ଧ୍ୱନି ମାଧ୍ୟମରେ ବିଷୟଗୁଡ଼ିକୁ ପରିବର୍ତ୍ତନ କରିବା ସକାଶେ ଏହା ହେଉଛି ଗୁପ୍ତ ତତ୍ତ୍ୱ ଓ ଶକ୍ତି। ପରେ ଉପନିଷଦରେ ବର୍ଣ୍ଣିତ ଏହି ବ୍ରାହ୍ମଣ ବ୍ରହ୍ମାଣ୍ଡରେ ପରମଶକ୍ତିକୁ ସୂଚିତ କରିଛି ଏବଂ ଏହାର ଚତୁର୍ମୁଖୀ ବ୍ରହ୍ମାଙ୍କ ସହ କୌଣସି ସମ୍ପର୍କ ନାହିଁ।

ସୃଷ୍ଟିକର୍ତ୍ତାଙ୍କ ପୁରୁଷ ରୂପର ଧାରଣା ପ୍ରଥମେ ଋକ୍‌ବେଦରେ ସାମ୍ନାକୁ ଆସିଛି, ଯିଏ ହେଉଛନ୍ତି ବହୁମୁଖୀ ଓ ବହୁ ବାହୁ ଧାରଣ କରିଥିବା ସର୍ବପ୍ରାଚୀନ ଜୀବସତ୍ତା। ସିଏ ବିଭିନ୍ନ ଭାଗରେ ବିଭାଜିତ ହୋଇଥିଲେ ; ଯେଉଁଥିରୁ ପ୍ରକୃତିର ସୂର୍ଯ୍ୟ, ଚନ୍ଦ୍ର, ପାଣି, ପବନ ଏବଂ ଶେଷରେ ଗ୍ରହ ଓ ପ୍ରାଣୀ ସୃଷ୍ଟି ହୋଇଥିଲେ। ପରେ ବ୍ରାହ୍ମଣ ଭାବେ ଜଣାଶୁଣା ବୈଦିକ କର୍ମକାଣ୍ଡ ଗ୍ରନ୍ଥରେ ଆମକୁ କୁହାଯାଇଛି ଯେ, ସେହି ପୁରୁଷ ସର୍ବପ୍ରଥମେ ଜନ୍ମ ନେଇଥିଲେ ଏବଂ ଏକୁଟିଆ ଅନୁଭବ କରିଥିଲେ। ଏଣୁ ସେ ସାଥୀ ସୃଷ୍ଟି କଲେ। ତାଙ୍କୁ ଭୋକ ହେବାରୁ ସେ ଖାଦ୍ୟ ସୃଷ୍ଟି କଲେ। ଜିଜ୍ଞାସା ଆସିଲା ଓ ସେ ଜ୍ଞାନ ସୃଷ୍ଟି କଲେ। ସେହି ପୁରୁଷଙ୍କ ସାଥୀ, ଖାଦ୍ୟ ଓ ଜ୍ଞାନ ଦେବୀଙ୍କ ରୂପ ନେଲା। ସମାନ ବୈଦିକ ଧର୍ମୀୟ କ୍ରିୟାରେ ମଧ୍ୟ ସନ୍ତାନ ଦେବ କିମ୍ବା ପ୍ରଜାପତିଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। କର୍ମକାଣ୍ଡ ଗ୍ରନ୍ଥରେ ବିଭିନ୍ନ କାହାଣୀରେ ତାଙ୍କୁ ମତ୍ସ୍ୟ ଭାବେ ବର୍ଣ୍ଣନା କରାଯାଇଛି, ଯିଏ କି ମହାବନ୍ୟାରୁ ମନୁଙ୍କୁ



ଉଦ୍ଧାର କରିଛନ୍ତି। କଇଁଛ ପିଠିରେ ପୃଥିବୀ ରହିଛି ଏବଂ ମହାବନ୍ୟା ବା ମହାପ୍ରଳୟରେ ବରାହ ସମୁଦ୍ରକୁ ଲମ୍ଫ ଦେଇ ବୁଡ଼ିଯାଉଥିବା ପୃଥିବୀକୁ ରକ୍ଷା କରିଛି। ପ୍ରଜାପତି ତାଙ୍କ ଶ୍ୱାସରୁ ଜୀବଙ୍କୁ ଜନ୍ମ ଦେଇଛନ୍ତି ଏବଂ ଅନ୍ୟ ମଣିଷ ଓ ଦେବତାଙ୍କ ସହ ଭାବନା ଆଦାନପ୍ରଦାନ ପାଇଁ କଥା ହେବାର ଶକ୍ତି ଦେଇଛନ୍ତି। ଭାବନା, ଚିନ୍ତା, ସମୟ, ମୃତ୍ୟୁ, ଯଜ୍ଞ କର୍ମକାଣ୍ଡ, ସୂର୍ଯ୍ୟ ଓ ଚନ୍ଦ୍ର ସୃଷ୍ଟି ପଛରେ ପ୍ରଜାପତିଙ୍କ ଭୂମିକା ରହିଛି। ଏଣୁ ବୈଦିକ କର୍ମକାଣ୍ଡର ନିୟମାବଳୀରେ ପ୍ରଜାପତି ହେଉଛନ୍ତି ଜଣେ ଗୁରୁତ୍ୱପୂର୍ଣ୍ଣ ଚରିତ୍ର। ପ୍ରଜାପତିଙ୍କ ସମ୍ପର୍କରେ ଏହିସବୁ କାହାଣୀ ହେଉଛି ମୂଳ ଇତିହାସ। ବୈଦିକ ରୀତିନୀତିକୁ ବୁଝାଇବା ପାଇଁ ଏହି କାହାଣୀଗୁଡ଼ିକୁ ଆମକୁ କୁହାଯାଇଥିଲା।

ଆଉ ଏକ କାହାଣୀରେ ପ୍ରଜାପତିଙ୍କୁ ଦେବ ଓ ଅସୁରଙ୍କ ପିତା ଭାବେ ଦର୍ଶାଯାଇଛି। ତାଙ୍କ ସନ୍ତାନମାନେ ଖାଦ୍ୟ ସକାଶେ ଲଗାତର କଳହରେ ଲିପ୍ତ ହେବା ସେ ଦେଖିଛନ୍ତି। ଏହା ସହ ଶତପଥ ବ୍ରାହ୍ମଣରେ ପ୍ରଥମଥର ପାଇଁ ଦେବତା ଓ ଅସୁରଙ୍କ ମଧ୍ୟରେ ପ୍ରଥମ ବିଭାଜନ ଆମେ ଦେଖିବାକୁ ପାଉ। ଅସୁରମାନେ ନିଜେ ଖାଇ ସେମାନଙ୍କ ପେଟ ଭରୁଥିବାବେଳେ ଦେବତାମାନେ ପରସ୍ପର ମଧ୍ୟରେ ବାଣ୍ଟି ଖାଉଥିଲେ। ଦେବତାଙ୍କର ଏହି କାର୍ଯ୍ୟ ସେମାନଙ୍କୁ ଉଚ୍ଚତର ସ୍ତରକୁ ନେଇଯାଇଥିଲାବେଳେ ଅସୁରମାନେ ନୀଚସ୍ତରର ଜୀବ ଭାବେ ବିବେଚିତ ହୋଇଥିଲେ। ଅନ୍ୟ ଏକ କାହାଣୀରେ କୁହାଯାଇଛି ଯେ, ଅସୁର ରାଜା ବିରୋଚନ ଦର୍ପଣକୁ ଚାହିଁଛନ୍ତି ଏବଂ ନିଜର ପ୍ରତିଫଳନ ହୋଇଛି। ଅନ୍ୟପଟେ ଦେବରାଜ ଇନ୍ଦ୍ର ଦର୍ପଣକୁ ଚାହିଁବା କ୍ଷଣି ସେଥିରେ ନିଜ ଶରୀର ତାଙ୍କ ଆତ୍ମା ମଧ୍ୟରେ ଆବୃତ ହୋଇ ରହିବା ଏବଂ ପ୍ରକୃତ ଆତ୍ମା ଅଦୃଶ୍ୟ ବୋଲି ଅନୁଭବ କରିଛନ୍ତି। ସେଥିପାଇଁ ପ୍ରଜାପତି ଦେବତାଙ୍କ ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କୁ ପରମପଦକୁ ନେଇଯାଇଛନ୍ତି। ଥରେ ଦେବତା, ଅସୁର ଓ ମଣିଷମାନେ ପ୍ରଜାପତିଙ୍କ ପାଖକୁ ଯାଇ କହିଲେ ଯେ, ଜୀବନରେ ସମସ୍ୟା ସମାଧାନର ବାଟ କ'ଣ। ସେ ସବୁକିଛି ଉତ୍ତର 'ଦ' ଶବ୍ଦରେ ଦେଇଛନ୍ତି। ଦେବତାମାନେ ଏହାର ଅର୍ଥ 'ଦମୟତ' କିମ୍ବା ସେମାନଙ୍କ ଭୋଗବାଦୀ ଜୀବନଶୈଳୀର ସଂଯମ ବୋଲି ମନେକରିଛନ୍ତି। ଅସୁରମାନେ ଏହାର ଅର୍ଥ 'ଦୟା' କିମ୍ବା ସେମାନଙ୍କ କ୍ରୂର ଜୀବନଶୈଳୀର ସଂଯମତା ବୋଲି ଭାବିଛନ୍ତି। ମଣିଷମାନେ ଭାବିଛନ୍ତି ଯେ, ଏହାର ଅର୍ଥ ହେଉଛି 'ଦତ୍ତ' କିମ୍ବା ଉଦାରତା। ଏଣୁ ସମସ୍ତେ ତାଙ୍କ ପିତା ପ୍ରଜାପତିଙ୍କଠାରୁ ଉତ୍ତର ପାଇଯାଇଛନ୍ତି।

ପରେ ପୁରାଣ ଶାସ୍ତ୍ରରେ ଦେବତା ଓ ଅସୁରଙ୍କ ପିତା ଏହି ପ୍ରଜାପତିଙ୍କୁ ବ୍ରହ୍ମା ଭାବେ ଉଲ୍ଲେଖ କରାଯାଇଛି। ଏଣୁ ହିନ୍ଦୁ ବୈଦିକ ଶାସ୍ତ୍ରରେ ସୃଷ୍ଟିକର୍ତ୍ତା ସବୁବେଳେ ପୁରୁଷ ଏବଂ ସବୁ ସନ୍ତାନ ସୃଷ୍ଟିକାର୍ଯ୍ୟକୁ ନିଜ ଅଧୀନରେ ରଖିଛନ୍ତି। ଏପରିକି ବ୍ରହ୍ମାଙ୍କର କୌଣସି ଜଣେ ସ୍ତ୍ରୀ ଥିବା ସ୍ପଷ୍ଟ ଭାବେ ସୂଚିତ କରାଯାଇନାହିଁ, ଯଦିଓ ବେଳେବେଳେ ସମନ୍ୱୟ ରକ୍ଷା କରିବା ସକାଶେ ସରସ୍ୱତୀଙ୍କୁ ସ୍ତ୍ରୀ ଭାବେ ଦର୍ଶାଯାଇଛି। ଅନେକ ପୁତ୍ର ସୃଷ୍ଟି କରିପାରୁଥିବା ବ୍ରହ୍ମାଙ୍କୁ ଆମେ ଜାଣୁ। କିନ୍ତୁ କଶ୍ୟପ ଓ ଅତ୍ରି ନାମକ ଋଷିଙ୍କର ମଧ୍ୟ ସ୍ତ୍ରୀ ଥିଲେ ଏବଂ ସେମାନେ ଅନେକ ପିଲା ସୃଷ୍ଟି କରିପାରିଛନ୍ତି। ଏଣୁ କଶ୍ୟପଙ୍କ ସ୍ତ୍ରୀ ଥିଲେ ଯେଉଁମାନେ ସାପ, ପକ୍ଷୀ ଏବଂ ଦେବତା ଓ ଅସୁରଙ୍କୁ ମଧ୍ୟ ଜନ୍ମ ଦେଇଛନ୍ତି।

ସେହି ବୈଦିକ ସମୟରେ ବିଷ୍ଣୁ ବିଶ୍ୱର ପାଳନକର୍ତ୍ତା ଭାବେ ସାମ୍ନାକୁ ଆସିଛନ୍ତି ଏବଂ ପ୍ରଜାପତିଙ୍କ ଉପଯୁକ୍ତ ଗୁଣକୁ ଗ୍ରହଣ କରିଛନ୍ତି। ଏଣୁ ବୈଦିକ କର୍ମକାଣ୍ଡରେ ବର୍ଣ୍ଣନା କରାଯାଇଥିବା ପ୍ରଜାପତି, ମତ୍ସ୍ୟ, କଚ୍ଛପ, ବରାହ ମଧ୍ୟରୁ ବିଷ୍ଣୁ ପୁରାଣରେ ବିଷ୍ଣୁ ପ୍ରଥମ ତିନି ଅବତାର ହୋଇଛନ୍ତି। ଏହି ବିଷ୍ଣୁ ପ୍ରଜାପତିଙ୍କ କେତେକ ନିର୍ଦ୍ଦିଷ୍ଟ ଦାୟିତ୍ୱ ତୁଲାଇଛନ୍ତି ଏବଂ ପ୍ରଜାପତି ବ୍ରହ୍ମା ପାଲଟି ଯାଇଛନ୍ତି। ପରେ ସମୟକ୍ରମେ ୫୦୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ଏକ ନୂଆ ପୁରାଣ ସାମ୍ନାକୁ ଆସିଛି, ଯେଉଁ ସମୟରେ ଲୋକେ ବୈଦିକ ସମୟର ପ୍ରାଚୀନ ପୁରୁଷଙ୍କୁ ଭୁଲି ଯାଇଛନ୍ତି।

ହିନ୍ଦୁଧର୍ମର ଏକ ଇତିହାସ ରହିଛି। ସମୟ ସ୍ରୋତରେ ଦେବତାମାନେ ପ୍ରକାଶ ପାଇଛନ୍ତି ଓ ଅଦୃଶ୍ୟ ହୋଇ ଯାଇଛନ୍ତି। ଏପରିକି ସୃଷ୍ଟିକର୍ତ୍ତାଙ୍କୁ ମଧ୍ୟ ସୃଷ୍ଟି କରାଯାଇଥିଲା। ପ୍ରଚାର ସାଧନକୁ ବ୍ୟବହାର କରି ଇତିହାସକୁ ଅସ୍ୱୀକାର କରିବା ଏବଂ ଏପାଖସେପାଖ କରିବା ଏକ ଅପ୍ରଭାବୀ କାର୍ଯ୍ୟ। ଏହା କେବେବି କୌଣସି ଧର୍ମ ପାଇଁ କାମ କରିବ ନାହିଁ।

-devduttofficial@gmail.com

# ନଦୀମନସ୍କ ହେବା



କମଳଲୋଚନ ପଣ୍ଡା

ପୂର୍ବରୁ ନଦୀପଥ ଥିଲା ଜୀବନ ଜୀବିକାର ଏକମାତ୍ର ପନ୍ଥା ଓ ପରିବହନର କର୍ମଶାଳା। ସାମ୍ପ୍ରତିକ ସ୍ଥିତିରେ ଆଧୁନିକତାର ସ୍ପର୍ଶରେ ଦୁନିଆ ବଦଳିଥିଲେ ମଧ୍ୟ ଏବେ ବି ଓଡ଼ିଶାର ବହୁ ସ୍ଥାନରେ ଲୋକେ ନଦୀ ଉପରେ ନିର୍ଭରଶୀଳ। ଓଡ଼ିଶାରେ ୧୨ରୁ ଅଧିକ ବଡ଼ ନଦୀ ଥିବା ବେଳେ ଏସବୁ ବିଭିନ୍ନ ସମୟରେ ବିଭିନ୍ନ କାରଣରୁ ପ୍ରଦୂଷିତ ହେଉଛି। ସହର, ଜନବସତି, ଡାକ୍ତରଖାନା ଓ କଳକାରଖାନାଗୁଡିକର ବର୍ଜ୍ୟବସ୍ତୁ ଓ ପାଣି, ନଦୀକୁ ସିଧାସଳଖ ଭାବରେ ଛାଡି ଦିଆଯିବା ଫଳରେ ନଦୀଗୁଡିକ ପ୍ରଦୂଷିତ ହେଉଛି। ଓଡ଼ିଶାର ପ୍ରାୟ ସମସ୍ତ ନଦୀ ମାତ୍ରାଧିକ ପ୍ରଦୂଷଣ ଓ ଜବରଦଖଲର ଶିକାର ହୋଇ ମୃତବତ ଅବସ୍ଥାକୁ ଚାଲିଗଲେଣି। ରାଜ୍ୟର ଜଳ ସମ୍ପଦର ମୁଖ୍ୟ ଉତ୍ସ ହେଉଛି ଆମର ନଦୀ। ଏଗୁଡିକର ସୁରକ୍ଷା ପାଇଁ ଏବେଠୁ ପଦକ୍ଷେପ ନ ନେଲେ ଭବିଷ୍ୟତରେ ଓଡ଼ିଶା ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେବ। ଓଡ଼ିଶାରେ ନଦୀଗୁଡିକର ଅବସ୍ଥା ପ୍ରତି ଦୃଷ୍ଟି ଦେଲେ ଦେଖାଯାଏ ଯେ ସବୁଠାରୁ ବଡ଼ ନଦୀ ମହାନଦୀ ଏବେ ଶୁଖିଲା। ସମ୍ବଲପୁରରେ ମହାନଦୀ ଆଉ ନଦୀ ହୋଇ ରହିନାହିଁ। ଏହା ଏକ ନାଳରେ ପରିଣତ ହୋଇଯାଇଛି। ଓଡ଼ିଶାରେ ୪୯୪ କିଲୋମିଟର ପରିବ୍ୟାପ୍ତ ହୋଇଛି ମହାନଦୀ। ଏହି ନଦୀଟିରେ ଜଳ ପ୍ରବାହ କମିବା ଯୋଗୁ ନିଜକୁ ସଫା କରିବାରେ କ୍ଷମତା ମଧ୍ୟ ହରାଇ ଚାଲିଛି। ନଦୀ ଜଳରେ କଳକାରଖାନାରୁ ଆସୁଥିବା ଦୂଷିତ ବର୍ଜ୍ୟବସ୍ତୁର ବିଷ ମିଶୁଥିଲେ ହେଁ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କେଉଁଠି ହେଲେ କାର୍ଯ୍ୟକାରୀ ହୋଇନାହିଁ। ପ୍ରତ୍ୟେକ ନଦୀର ନିଜସ୍ୱ ଜଳ ବିଶୋଧନ ପ୍ରକ୍ରିୟା ଶକ୍ତି ଥିଲେ ହେଁ ତାହା ପ୍ରବାହମାନ ହୋଇ ନ ପାରିଲେ ବିଶୋଧନ କ୍ଷମତା ଆପେ ଆପେ ହରାଇଥାଏ। ଏହି ଭଳି କିଛିଦିନ ହେଲା ମହାନଦୀର ଶାଖା ପ୍ରଶାଖା ନଦୀସବୁରେ ଜଳ ପ୍ରବାହ ନ ଥିବାରୁ ଅଧିକାଂଶ ନଦୀର ଜଳ ପ୍ରଦୂଷିତ ହେବାରେ ଲାଗିଛି। ଓଡ଼ିଶାରେ ପ୍ରବାହିତ ଅଧିକାଂଶ ନଦୀ ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ସେଥି ପାଇଁ ନଦୀ ବଞ୍ଚାଅ ଆନ୍ଦୋଳନ ମୁଣ୍ଡ ଟେକିଉଠିଛି। ଦୀର୍ଘଦିନରୁ ମହାନଦୀ ବଞ୍ଚାଅ ଆନ୍ଦୋଳନ, ନିର୍ମଳ ଦୟାନଦୀ, ଓଡ଼ିଶା ନଦୀ ସୁରକ୍ଷା ସମିତି, ଚିଲିକା ବଞ୍ଚାଅ, ବ୍ରାହ୍ମଣୀ ନଦୀ ପୁନରୁଦ୍ଧାର, ଖରସ୍ରୋତା ନଦୀ ବଞ୍ଚାଅ, ବୈତରଣୀ ନଦୀର ପୁନରୁଦ୍ଧାର ଆନ୍ଦୋଳନ ହୋଇଆସୁଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଯଦି ଆମେ ଟ୍ରିବ୍ୟୁନାଲ ଉପରେ ନିର୍ଭର କରିବା ତେବେ ତାହା ଆମ ପାଇଁ ଆତ୍ମଘାତି ହେବ। ଦେଶରେ ଯେତେ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ବସିଛି କୌଣସି ଗୋଟିଏ ଜଳ ବିବାଦ ସମାଧାନ ଦିଗରେ ଏହା ସଫଳ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ତେଣୁ ମହାନଦୀ ଜଳ ବିବାଦର ସମାଧାନ ପାଇଁ ବିକଳ୍ପ ରାସ୍ତା ବାହାର କରିବା ଆବଶ୍ୟକ। ଏବେ ଖଣି କମ୍ପାନୀ ପାଇଁ ବୈତରଣୀ ଓ ବ୍ରାହ୍ମଣୀ ବିପଦଗ୍ରସ୍ତ ହୋଇପଡ଼ିଛି। ପାଣିର ପ୍ରଦୂଷଣ ମାତ୍ରା ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି।

ଏସିଆର ଦ୍ୱିତୀୟ ବୃହତ୍ତମ ହ୍ରଦ ଚିଲିକା କ୍ରମଶଃ ପ୍ରଦୂଷିତ ଓ ସଙ୍କୁଚିତ ହେବାରେ ଲାଗିଛି। ପ୍ରାୟ୧୧୦୦ ବର୍ଗ କିଲୋମିଟରରୁ ସଙ୍କୁଚିତ ହୋଇ ୭୫୦ବର୍ଗ କିଲୋମିଟରରେ ସୀମିତ ରହିଛି। ଦକ୍ଷିଣ ଓଡ଼ିଶାରେ ଥିବା ପ୍ରମୁଖ ନଦୀ ବ୍ରାହ୍ମଣୀ, ଖରସ୍ରୋତା ପ୍ରମୁଖ ନଦୀ ଏବେ ଶୁଖିଲା ପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଓଡ଼ିଶାର ଜନଜୀବନ, ଅର୍ଥନୀତି, ଗମନାଗମନ, ତୀର୍ଥକ୍ଷେତ୍ରଗୁଡିକ ବିପନ୍ନ ହେବାକୁ ବସିଲାଣି। ଚାଷ, ମତ୍ସ୍ୟ ସମ୍ପଦ, ତୈଳବୀଜ ଫସଲ, ବର୍ଷରେ ଋତୁ ଅନୁଯାୟୀ ଉତ୍ପାଦିତ ଫସଲ ଲୋପ ପାଇ ଚାଲିଛି। ଓଡ଼ିଶାର ବିଭିନ୍ନ ନଦୀର ଶଯ୍ୟା ଓ ପଠାଜମି ଜବର ଦଖଲ ଯୋଗୁ ନଦୀଗୁଡିକ ସଙ୍କୁଚିତ ହୋଇଯାଉଛି ତାହା ସହିତ ବର୍ଷାଦିନେ ଜଳ ନିଷ୍କାସନ ନ ହେବା ଯୋଗୁ ପ୍ରବଳ ବନ୍ୟା ସୃଷ୍ଟି କରୁଛି। ନଦୀ ସୁରକ୍ଷା ପାଇଁ ଓଡ଼ିଶାର ପ୍ରତ୍ୟେକ ନଦୀର ଜମିକୁ ଚିହ୍ନଟ କରିବା ଆବଶ୍ୟକ। ଏବେ କିଛି ବର୍ଷ ହେଲା ଯେପରି ପାଣିପାଗର ପରିବର୍ତ୍ତନ ଘଟିଛି ସେଥିପ୍ରତି ଦୃଷ୍ଟି ଦେଇ ଝରଣା ପାଣିର ଉତ୍ସକୁ ମୁକ୍ତ ରଖିବା ସହିତ ଏହାର ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ।

ଗ୍ରନ୍ଥାଗାର ସହାୟକ, ଫକୀରମୋହନ ବିଶ୍ୱବିଦ୍ୟାଳୟ
ମୋ: ୭୩୨୭୦୨୮୯୭୮

## ଏଇ ଭାରତରେ

ଚେନ୍ନାଇର ପେରୁଙ୍ଗୁଡ଼ି ବର୍ଜ୍ୟ ପାହାଡ଼ ଭାବେ ଜଣାଶୁଣା। ୯୬ ଏକରରେ ଏହା ପରିବ୍ୟାପ୍ତ। ଏଠାରେ ୧.୭ ମିଲିୟନ କ୍ୟୁବିକ ମିଟର ବର୍ଜ୍ୟ ଠୁଳ ହୋଇଥାଏ। କହିବାକୁ ଗଲେ ଏହାର ଆକାର ୨୦ଟି ଫୁଟବଲ ଖେଳପଡ଼ିଆ ସହ ସମାନ। ଏବେ ଏହି ବର୍ଜ୍ୟକୁ ରିସାଇକେଲ କରାଯାଇ ବ୍ୟବହାରଯୋଗ୍ୟ ବୋତଲ, ଫର୍ନିଚର ଓ ସ୍ଲାବ୍ ଆଦି ତିଆରି କରାଯାଉଛି। ଷ୍ଟିଲ୍ ବର୍ଜ୍ୟରୁ ବାସନ ଓ ହାର୍ଡୱେର ଜିନିଷ କରାଯିବା ସହ କାଚ ବର୍ଜ୍ୟରୁ ବୋତଲ ଓ ପଥରରୁ ସ୍ଲାବ ପ୍ରସ୍ତୁତ ହେଉଛି। ପ୍ଲାଷ୍ଟିକ ବର୍ଜ୍ୟରୁ ପୁନଃ ରିସାଇକେଲଯୋଗ୍ୟ ଆଉଟ୍‌ଡୋର ଫର୍ନିଚର, ର୍‍ୟାମ୍ପ ଆଦି ତିଆରି କରାଯାଉଛି। ଏବେ ସୁଦ୍ଧା ୩,୦୦୦ ଟନ୍ କାଚ ରିସାଇକେଲ କରାଯାଇ ସାରିଲାଣି। ଏହି କାର୍ଯ୍ୟ ବ୍ଲୁ ପ୍ଲାନେଟ ଏନ୍‌ଭାଇରନ୍‌ମେଣ୍ଟ ସଲ୍ୟୁଶନ ଦ୍ୱାରା କରାଯାଉଛି। ପେରୁଙ୍ଗୁଡ଼ିରୁ ପ୍ରତିଦିନ ୯,୦୦୦ ଟନ୍ ବର୍ଜ୍ୟ ବାହାର କରିନିଆଯାଇ ରିସାଇକେଲ ପାଇଁ ବିଭିନ୍ନ ପ୍ରକାର ବର୍ଜ୍ୟକୁ ପୃଥକ କରାଯାଉଛି ଏବଂ ଏହାର ସୁରକ୍ଷା ଦିଗକୁ ଯାଞ୍ଚ କରାଯାଉଛି। ବ୍ଲୁ ପ୍ଲାନେଟ ତରଫରୁ ଏଭଳି ବର୍ଜ୍ୟ ପରିଚାଳନା କାର୍ଯ୍ୟ ଅନ୍ୟ ୯ଟି ରାଜ୍ୟରେ ଆରମ୍ଭ କରାଯାଇଛି। ଭାରତରେ ସହରଗୁଡ଼ିକରେ ବର୍ଷକୁ ୬୨ ମିଲିୟନ ଟନ୍ ବର୍ଜ୍ୟ ବାହାରୁଥିବା ବେଳେ ବ୍ଲୁ ପ୍ଲାନେଟର ଏଭଳି ପଦକ୍ଷେପ ପ୍ରଦୂଷଣ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିବ।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ନଭେମ୍ବର ୧୯୭୬

- ରାଜ୍ୟର ବିଶିଷ୍ଟ ସମାଜସେବୀ ପ୍ରଭାମୟୀ ଦେବୀଙ୍କ ୫୦ ବର୍ଷ ବୟସରେ ପରଲୋକ।
- ଭାରତ ଓ ବୁଲ୍‌ଗେରିଆ ମଧ୍ୟରେ କଳା ଓ ସଂସ୍କୃତି କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଚୁକ୍ତି ସ୍ୱାକ୍ଷରିତ।
- ଆନ୍ତର୍ଜାତିକ ବଜାରରେ ଷ୍ଟର୍ଲିଂ କାରବାରକୁ କମାଇ ଦେବା ନିମନ୍ତେ ବ୍ରିଟେନ କେତେକ କଠୋର ବ୍ୟବସ୍ଥା ଗ୍ରହଣ କରିଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | 3 | 4 | | |
| 7 | | | | 8 | | | | |
| 5 | | 6 | | | | | | |
| | 8 | | | | 7 | 1 | 9 | |
| | | | | 5 | 6 | | | 2 |
| | | | | 4 | | | | |
| | | 1 | | | | | | 5 |
| | | | | 2 | | | 3 | 8 |
| 2 | | 3 | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 2 | 4 | 8 | 3 | 1 | 5 | 6 |
| 8 | 5 | 3 | 1 | 6 | 2 | 7 | 4 | 9 |
| 1 | 4 | 6 | 5 | 9 | 7 | 3 | 2 | 8 |
| 2 | 8 | 7 | 3 | 1 | 9 | 5 | 6 | 4 |
| 3 | 1 | 5 | 6 | 2 | 4 | 8 | 9 | 7 |
| 4 | 6 | 9 | 7 | 5 | 8 | 2 | 3 | 1 |
| 5 | 9 | 8 | 2 | 7 | 6 | 4 | 1 | 3 |
| 7 | 3 | 1 | 9 | 4 | 5 | 6 | 8 | 2 |
| 6 | 2 | 4 | 8 | 3 | 1 | 9 | 7 | 5 |

ଗତକାଲିର ଉତ୍ତର

# କୂଟନୀତି ଅନ୍ତରାଳେ



ହରେକୃଷ୍ଣ ପଣ୍ଡା

ଏକ ଐତିହାସିକ ବିବରଣୀ ଉପରେ ଶ୍ରୀଅରବିନ୍ଦ କହିଥିଲେ - ବାହ୍ୟ ଦୃଷ୍ଟିର ଅନ୍ତରାଳେ ଘଟୁଥିବା ଘଟଣାବଳୀକୁ ଇତିହାସ କ୍ୱଚିତ ଲିପିବଦ୍ଧ କରିଥାଏ। ଏହା କେବଳ ପରଦାର ସାମ୍ନାରେ ଘଟିଥିବା ଘଟଣାବଳୀକୁ ଲିପିବଦ୍ଧ କରେ। ଫଳରେ ୟୁରୋପରେ ବହୁ ଲକ୍ଷ ଲୋକଙ୍କ ଉପରେ ଯୁଦ୍ଧର ବିଭୀଷିକା ଅନ୍ତରାଳେ ଘଟିଥିବା ଘଟଣା ଅଲିଖିତ ରହିଯାଇଛି। ଠିକ୍ ସେହିପରି ଆମେରିକାର ବୈଦେଶିକ ନୀତିର ସାମ୍ନାପଟକୁ ଦେଖି ଭିନ୍ନବାଦୀ ଯେଉଁ ମତ ପୋଷଣ କରୁଛନ୍ତି ତାହା କିମ୍ଭୂତକିମାକର ମନେହୁଏ। ଏବେ ବି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯୁଦ୍ଧର ମାନସିକତା ଉଗ୍ର ରୂପରେ ରହିଛି। ସେମାନଙ୍କ ମଧ୍ୟରେ ଉଚ୍ଚତର ଶକ୍ତିର ଅବତରଣ ହୋଇନାହିଁ, ଯାହା ଭାରତରେ ହୋଇଛି। ଭାରତର ବୈଦେଶିକ ନୀତିରେ ଯାହା ଘଟୁଛି ତାହା ଅନ୍ୟାନ୍ୟ ଦେଶଗୁଡ଼ିକରେ ଯଦି ସମ୍ଭବ ହୋଇପାରନ୍ତା ତେବେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କେଉଁଦିନରୁ ହୋଇସାରନ୍ତାଣି। ଭାରତର ବୈଦେଶିକ ନୀତି ପ୍ରକୃତରେ ଯାହା ତାହା କାର୍ଯ୍ୟ ଦ୍ୱାରା ଆକଳନ କରାଯାଇ ପାରିବନାହିଁ। ସମୟର ସ୍ରୋତକୁ ନେଇ ମଧ୍ୟ ଆକଳନ ହୋଇ ପାରିବନାହିଁ। ଅନ୍ତର୍ଦୃଷ୍ଟିସମ୍ପନ୍ନ ହେଲେ ତା'ର ଆକଳନ କରାଯାଇପାରିବ, ଯେଉଁଥିପାଇଁ ଭାରତର ବୈଦେଶିକ ନୀତିକୁ ଅନମନୀୟ ବୋଲି କୁହାଯାଇଛି।

ଦେଖିବାକୁ ଗଲେ ଭାରତ ବହୁ ପ୍ରତିକୂଳ ପରିସ୍ଥିତିରେ ଥାଇ ମଧ୍ୟ ବୈଦେଶିକ ନୀତିରେ ନିରପେକ୍ଷତା, ବସୁଧୈବ କୁଟୁମ୍ବକମ ନୀତିରୁ ଓହରିନାହିଁ। ସାମର୍ଥ୍ୟହୀନ ପାକିସ୍ତାନ ଯେପରି ଦୀର୍ଘ ବର୍ଷ ଧରି ଭାରତ ସହ ଶତ୍ରୁତା ଆଚରଣ କରିଆସିଛି ଏବଂ ଆତଙ୍କବାଦୀଙ୍କୁ ପାଳନ ପୋଷଣ କରି ଭାରତର କ୍ଷତି ସାଧନ କରିଚାଲିଛି, ଭାରତ ଚାହିଁଥିଲେ ତାହା କେଉଁଦିନରୁ ଶେଷ ହୋଇସାରନ୍ତାଣି। କିନ୍ତୁ ଭାରତ ଅପରେଶନ ସିନ୍ଦୂରରେ ଶକ୍ତି ପ୍ରଦର୍ଶନ କରିବା ଅର୍ଥ ପାକିସ୍ତାନ ଆତଙ୍କବାଦକୁ ଛାଡ଼ି ଠିକ୍ ବାଟକୁ ଫେରି ଆସୁ। ସେହିପରି ଅନ୍ୟତମ ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାରତର ଶରଣାପନ୍ନ। ବାଂଲାଦେଶ ବାରମ୍ବାର ତାଙ୍କୁ ଫେରାଇଦେବାକୁ ଦାବି କରୁଛି। କିନ୍ତୁ ଭାରତ ତାହା ଶୁଣୁନାହିଁ,ତାଙ୍କ ଦାବି ଅନୁସାରେ ବିନା ଚୁକ୍ତିରେ ଶରଣ ପଶିଥିବା ଜଣେ ରାଜନେତାଙ୍କୁ ବିଦାକରିଦେବା କ'ଣ ରାଷ୍ଟ୍ରୀୟ ମର୍ଯ୍ୟାଦାକୁ ଅମର୍ଯ୍ୟାଦା ଆଣିଦେବା ସହ ସମାନ ହେବ ନାହିଁ କି? ଏଠାରେ ପ୍ରଶ୍ନ ଉଠୁଛି ପୂର୍ବ ଗଠିତ ସାର୍କ ସମ୍ମେଳନ ଶିଥିଳ ପାଲଟିଯାଇଛି। କୁଆଡ଼େ ବାଂଲାଦେଶ ଅଭିଯୋଗ ସହ ଭାରତର ଆଭିମୁଖ୍ୟକୁ ଦାୟୀ କରୁଛି। ଏହି ସଂଗଠନ ଦ୍ୱାରା ଭାରତର ଲାଭ ଯେତିକି ହୋଇଥାଆନ୍ତା ତା'ଠାରୁ ଅଧିକ ଲାଭ ହୋଇଥାଆନ୍ତା ସଦସ୍ୟ ରାଷ୍ଟ୍ରଗୁଡ଼ିକର। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରସ୍ତାବ ଦେଇଥିଲେ ସାର୍କ ଦେଶଗୁଡ଼ିକରେ ଏକକ ମୁଦ୍ରା ପ୍ରଚଳନ କରିବାକୁ। ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ପାକିସ୍ତାନ ଓ ବାଂଲାଦେଶ ଆଗ୍ରହ ପ୍ରକାଶ କଲେନାହିଁ। ଏବେ ଭାରତ,ରୁଷିଆ ,ଚାଇନା ମେଣ୍ଟ ସେହି ପ୍ରସ୍ତାବକୁ କାର୍ଯ୍ୟକାରୀ ନ କଲେ ଆମେରିକାର ଶୋଷଣ ନୀତିକୁ ପ୍ରତିହତ କରିପାରିବେ ନାହିଁ ବୋଲି ସ୍ୱୀକାର କଲେଣି। ବ୍ରିକ୍ସ ସଙ୍ଗଠନ ମଧ୍ୟ ସେହି ପ୍ରସ୍ତାବକୁ ସମର୍ଥନ ଜଣାଇଛନ୍ତି। ଭାରତର ବୃହତର ଓ ଏସିଆ ମହାଦେଶୀୟ ସ୍ୱାର୍ଥ ସାଧନ ପାଇଁ କାର୍ଯ୍ୟ କରୁଥିବା ବେଳେ ସାର୍କ ସଙ୍ଗଠନ ଲାଗି ସମୟ ଅପଚୟ ଓ ପରିଣାମକୁ ଦୃଷ୍ଟିଦେବା କ'ଣ ବୁଦ୍ଧିମାନର ପରିଚୟ ନୁହେଁ କି? ଭାରତ ଏହାକୁ ନିଷ୍କ୍ରିୟ କରିନାହିଁ ବରଂ ବୃହତର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏକ ସୁଦୂରପ୍ରସାରୀ ନୂତନ ପଥ ନିର୍ମାଣକରି ଚାଲିଥିବା କୁହାଯାଇପାରେ। ପଡ଼ୋଶୀ ଦେଶ ପ୍ରତି ଭାରତ ସବୁବେଳେ ସମ୍ବେଦନଶୀଳତା ଦେଖାଇ ଆସିଛି। ୨୦୨୨ ରେ ଅଗ୍ନିପଥ ଯୋଜନା ଆରମ୍ଭ ହେଲାବେଳେ ଭାରତୀୟ ଆର୍ମିରେ ନେପାଳୀମାନେ ସ୍ୱଇଚ୍ଛାରେ ଯୋଗଦେଇଥିଲେ। ସେତେବେଳେ ୨୦୧୫ର କଟକଣା ଲୋପପାଇଥିଲା। ଏହି ଯୋଜନା ଦ୍ୱାରା ବହୁ ନେପାଳୀ ଆତ୍ମନିର୍ଭରଶୀଳ ହୋଇପାରିଥିଲେ । ଗାଜା ଗଣହତ୍ୟା ବନ୍ଦ କରିବା ପାଇଁ ଭାରତ ସବୁବେଳେ ଶାନ୍ତି ପ୍ରସ୍ତାବ ଦେଇ ଆସିଛି। ଭାରତ କେତେବେଳେ କାହା ସହ କିପରି ସମ୍ପର୍କ ରକ୍ଷାକରିବ ତାହା ଐତିହାସିକ ପୃଷ୍ଠଭୂମିକୁ ନେଇ ବିଚାରବିମର୍ଶ କରିଥାଏ। କିଛିଦିନ ତଳେ ମାଳଦ୍ୱୀପ କିଛି କାରଣ ନ ଥାଇ ଭାରତ ସହ ସମ୍ପର୍କ ବିଚ୍ଛିନ୍ନ କରିବାକୁ ଚାହିଁଥିଲା। ହେଲେ ସେଠାରେ ସରକାର ପରିବର୍ତ୍ତନ ପରେ ପୁଣି ପୂର୍ବ ସମ୍ପର୍କ ସ୍ଥାପନ କରିବାକୁ ପଥ ଉନ୍ମୋଚନ କରିଛନ୍ତି।

ଆଫଗାନରେ ତାଲିବାନ୍ ସରକାର ଗଠନ ବେଳେ ଭାରତ ଦୂରତ୍ୱ ବଜାୟ ରଖିଥିଲା। କିନ୍ତୁ ପରେ ଆଫଗାନ ଗଠନରେ ଭାରତର ଭୂମିକାକୁ ତାଲିବାନ୍ ସରକାର ବୁଝି ଭାରତ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିଛି । ଏବେ ପାକିସ୍ତାନକୁ ତାଲିବାନ୍ ସରକାର ଶତ୍ରୁ ରାଷ୍ଟ୍ର ଭାବେ ଦେଖୁଛି। ଇରାନ ସହ ଭାରତର ବନ୍ଧୁତ୍ୱ ଥିବା ବେଳେ ପାକିସ୍ତାନକୁ ତାହା ନିକଟତମ ବୋଲି ମନେକରେ। ସେଠାରୁ ଭାରତ ଯେଉଁ ତୈଳ ଆମଦାନୀ କରୁଥିଲା ତା'ର ପ୍ରତିବନ୍ଧକ ସାଜିଲା ପାକିସ୍ତାନ ଆଉ ଭୌଗୋଳିକ ସ୍ଥିତି। କିନ୍ତୁ ଭାରତ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଆର୍ଥିକ ସମସ୍ୟା ଯୋଗୁ ତୈଳ ଆମଦାନୀ ବନ୍ଦ କରିଥିଲା। ତେବେ ଇରାନ ସହ ବାଣିଜ୍ୟିକ କାରବାର ବନ୍ଦ ହୋଇନାହିଁ।

ଏହା ପରେ ବିଚାରକରିବା ଆମେରିକା, ଚାଇନା, ରୁଷିଆ କଥା। ଡୋନାଲ୍ଡ ଟ୍ରମ୍ପ ଭାରତ ପ୍ରତି ଯେଉଁ ଅସୂୟା ଭାବ ପ୍ରଦର୍ଶନ ପୂର୍ବକ ଟାରିଫ ବୃଦ୍ଧି କରିଛନ୍ତି ତାହା ଆମେରିକାର ସିଆଇଏ ସଂସ୍ଥାର ଅନ୍ତର୍ନିହିତ ଚାପ ଯୋଗୁ। ଭାରତର ପ୍ରଗତି, ନିରପେକ୍ଷ ବୈଦେଶିକ ନୀତି ଆମେରିକା ପାଇଁ ଅସହ୍ୟର କାରଣ ହୋଇପାରେ। ସେ ଭାରତକୁ ଯେଉଁ ଦୃଷ୍ଟିରେ ଦେଖୁ ନା କାହିଁକି, ଭାରତ ତା' ସହ ବନ୍ଧୁତ୍ୱ ରଖିପାରେ ରଖି ବି ନ ପାରେ, କିନ୍ତୁ ଭାରତ ଆମେରିକାକୁ ସିଧାସଳଖ ଶତ୍ରୁ ବୋଲି ପ୍ରକାଶ କରିବା ବୈଦେଶିକ ନୀତିର ପରିପନ୍ଥୀ।



ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଇସ୍ରାଏଲ ଭାରତକୁ ପ୍ରତିକ୍ଷେତ୍ରରେ ସହଯୋଗ କରିଆସିଛି। ମୁକ୍ତ ବାଣିଜ୍ୟିକ କ୍ଷେତ୍ରରେ ଭାରତ ସହ ବହୁ ଏସିଆନ ଓ ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ରହିଆସିଛି। ଚାଇନା ସହ ଭାରତର ଶତ୍ରୁତା ଥିବା ବେଳେ ଉଭୟ ପରସ୍ପର ନିର୍ଭରଶୀଳ। ଆରବ ରାଷ୍ଟ୍ର ସହ ଭାରତର କୌଣସି ତିକ୍ତତା ନାହିଁ। ସେମାନେ ଯଦି ଆମେରିକା ବିପକ୍ଷରେ ଗୋଷ୍ଠୀ ଗଠନ କରିବେ ତେବେ ଭାରତର କିଛି କହିବାର ନାହିଁ। ପ୍ରତ୍ୟେକ ବୈଦେଶିକ ସମ୍ପର୍କ ଓ କାରବାର ପଛରେ ଯେଉଁ ବୃହତ୍ କାରଣଗୁଡିକ ରହିଛି ତାହା ଅଛପା। ଏବେ ପାକିସ୍ତାନ ଆରବ ଗୋଷ୍ଠୀକୁ ପରମାଣୁ ଅସ୍ତ୍ର ଯୋଗାଇବ ବୋଲି ଜଣାପଡ଼ିଥିବା ବେଳେ ଏଭଳି ଗୁପ୍ତ ରାଜିନାମା ସମ୍ପର୍କରେ ଆଗରୁ ଭାରତ ଜାଣିଛି। ତା' ପରେ ଆରବ ଗୋଷ୍ଠୀ ଭାରତ ପ୍ରତି କେବେ ଅବମାନନା କରିନାହାନ୍ତି। ବିଭିନ୍ନ ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତର ବୈଦେଶିକ ନୀତି ସମ୍ପର୍କରେ ସମାଲୋଚନା କରାଯିବା ପୂର୍ବରୁ ଗଭୀର ଅନୁଶୀଳନ କରାଯିବା ଏବଂ ଅନ୍ତର୍ଦୃଷ୍ଟିସମ୍ପନ୍ନ ହେବା ଆବଶ୍ୟକ।

ସୟେଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩

## ଚିରନ୍ତନୀ

ଅନ୍ଧକାରେ
ମୋ ପାଶେ ବସି ଗାଇଲ କିଏ ଗୀତ
ସ୍କନ୍ଧେ ରଖି ପରଶ-ନବନୀତ !
ଗାଇଲ ଗୀତ ଥରାଇ ତନୁ
ଗାଇଲ ଗୁଣ୍ଠୁ ଗୁଣ୍ଠୁ!
ଆମ୍ରବନେ ନୂପୁର ରୁଣ୍ଠୁଝୁଣ୍ଠୁ !
-(ସନ୍ଧ୍ୟା ପଥେ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବନ୍ୟପ୍ରାଣୀଙ୍କ ଏଆଇ ଭିଡିଓ ବନ୍ଦ କରାଯାଉ

ମହାଶୟ,

ସାମାଜିକ ଗଣମାଧ୍ୟମ ଭିଡିଓରେ ହସୁଥିବା ହାତୀ, ନାଚୁଥିବା ବାଘ, ଭାଲୁ, କଙ୍ଗାରୁ ଭଳି ବନ୍ୟପ୍ରାଣୀ ମଣିଷଙ୍କ ସହ ଖେଳୁଥିବାର ଦେଖିବାକୁ ମିଳୁଛି। ଭିଡିଓଟି କିଛି ସେକେଣ୍ଡରେ ଭାଇରାଲ ହୋଇଯାଉଛି। କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଦ୍ୱାରା ସୃଷ୍ଟି ଏହି ଭିଡିଓଗୁଡ଼ିକ ଦେଖିବାକୁ ଏତେ ବାସ୍ତବ ଯେ ସେଗୁଡ଼ିକ ମିଛ ବୋଲି ଧରିବା କାଠିକର ପାଠ। ଲୋକେ ସେଗୁଡ଼ିକୁ ସତ ଭାବି ପ୍ରସାରିତ କରୁଛନ୍ତି। ସେହି ଏଆଇ ଭିଡିଓ ଗୁଡିକ ଲୋକଙ୍କ ମଧ୍ୟରେ ପ୍ରାଣୀ ଆଚରଣ ନେଇ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛି। ଏହି ଭୁଲ ଧାରଣା ପ୍ରାଣୀଙ୍କର ଅସଲ ଆଚରଣକୁ ବିକୃତ କରୁଛି। ଫଳରେ ଲୋକ ଭାବୁଛନ୍ତି ବାଘ ନିକଟରେ ଯିବା ଠିକ୍, ହାତୀ ପୋଷିପାରିବା। କିନ୍ତୁ ପ୍ରକୃତ ସତ୍ୟ ଆଉ କିଛି। ବନ୍ୟପ୍ରାଣୀମାନେ କଦାପି ମନୋରଞ୍ଜନ ପାଇଁ ନୁହନ୍ତି। ବିପନ୍ନ ପ୍ରାଣୀଙ୍କ ଅସଲ ସଂଖ୍ୟାନେଇ ସଚେତନତା କମିଯାଉଛି। ଯେଉଁ ବାଘ ଆଜି ସଙ୍କଟରେ ସେମାନଙ୍କୁ ଏଆଇ ଭିଡିଓ ମନୋରଞ୍ଜନର ନାୟକ କରିଦେଉଛି। ଯେଉଁ ହାତୀଙ୍କୁ ସ୍ମାଇଲିଂ ଜ୍ୟାଣ୍ଟ ଭାବେ ଦେଖାଯାଉଛି। ଏହାକୁ ଦେଖି ଲୋକେ ଭାବୁଛନ୍ତି ପ୍ରାଣୀ ନିହାତି ସୁରକ୍ଷିତ ଓ ସଂରକ୍ଷଣ ଠିକ୍ ଚାଲିଛି। କିନ୍ତୁ ସତ ଅଲଗା। ଏଆଇ ଭିଡିଓଗୁଡ଼ିକର ସମ୍ଭାବ୍ୟ କ୍ଷତିକୁ ଏଡ଼ାଇବା ପାଇଁ ବିଭିନ୍ନ ପ୍ରକାର ପ୍ରାଣୀ ସଚେତନତା ଓ ପରିବେଶଗତ ଶିକ୍ଷାଦାନ ଭଳି ରଣନୀତି ଆପଣେଇବା ଆବଶ୍ୟକ ଏବଂ ଏଭଳି ଭିଡିଓ ପ୍ରସ୍ତୁତ କରୁଥିବା ଲୋକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ।

-ଅଜିତ କୁମାର ପ୍ରଧାନ, ନୀଳଗିରି, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୯ମ 'ପେନ୍ ଇନ୍ ବୁକ୍ସ ଯୁବ ଲେଖକ ସମ୍ମାନ' ଘୋଷଣା

## ସମ୍ମାନିତ ହେବେ ୧୦ ଯୁବ ଲେଖକ

ଭୁବନେଶ୍ୱର,୧୯।୧୧ (ସୁଚିସ୍ମିତା ସାହୁ)



ଶୁଭାଶିଷ ପଟ୍ଟନାୟକ (୧୯୯୯) · ପ୍ରତିମା ପାତ୍ର (୧୯୮୫) · ଜିତେନ୍ଦ୍ର ସାହୁ (୧୯୯୯) · ଜନ୍ମେଜୟ ପଣ୍ଡା (୧୯୯୭) · ସ୍ରୋତସ୍ୱିନୀ ପରିଡ଼ା (୧୯୯୮) · କୌଶିକ ଗିରି (୨୦୦୭) · ସୁବ୍ରତ ପାତ୍ର (୧୯୯୫) · ଶିବ ଚରଣ ମହାପାତ୍ର (୧୯୯୦) · ଶୁଭସ୍ମିତା ତ୍ରିପାଠୀ (୧୯୯୭) · ଶୁଭଶ୍ରୀ ତନିମା ନାୟକ (୧୯୯୬)

ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ଯୁବ ଲେଖକମାନେ।

ପ୍ରକାଶନ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ପକ୍ଷରୁ ୯ମ 'ଯୁବ ଲେଖକ ସମ୍ମାନ' ବୁଧବାର ଘୋଷଣା ହୋଇଛି। ୪୦ ବର୍ଷରୁ କମ୍ ବୟସର ୧୦ଜଣ ଯୁବ ଲେଖକ ଏହି ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗଳ୍ପ ପାଣ୍ଡୁଲିପି ପାଇଁ 'ଡେଣା ନ ଥିବା ଚଢ଼େଇ' ନିମନ୍ତେ ବାଲେଶ୍ୱରର ଶୁଭାଶିଷ ପଟ୍ଟନାୟକ, 'ଭୟଙ୍କର ବର୍ଷା ରାତି' ନିମନ୍ତେ ବରଗଡ଼ର ପ୍ରତିମା ପାତ୍ର, 'ଦହିହାଣ୍ଡି' ନିମନ୍ତେ ଯାଜପୁରର ଜିତେନ୍ଦ୍ର ସାହୁ, 'ଟିସୁପେପର' ପାଇଁ ଯାଜପୁରର ସ୍ରୋତସ୍ୱିନୀ, 'ଶେଷରାକ୍ଷୀ ଓ ଅନ୍ୟାନ୍ୟ ଗଳ୍ପ' ପାଇଁ କେନ୍ଦ୍ରାପଡ଼ାର ସୁବ୍ରତ ପାତ୍ର, 'ସ୍କେଚ୍' ପାଇଁ କେନ୍ଦୁଝରର ଶିବ ଚରଣ ମହାପାତ୍ର ଏବଂ ଉପନ୍ୟାସ ପାଣ୍ଡୁଲିପି 'ଅଜ୍ଞାତବାସ' ନିମନ୍ତେ କଟକ ଜିଲାର ଜନ୍ମେଜୟ ପଣ୍ଡାଙ୍କୁ ସମ୍ମାନିତ କରାଯିବ। ଅନୁରୂପ ଭାବେ କବିତା ପାଣ୍ଡୁଲିପି ନିମନ୍ତେ 'ତ୍ୟାଗର ଈଶ୍ୱରୀ' ପାଇଁ ମୟୂରଭଞ୍ଜର କୌଶିକ ଗିରି, 'କେହି ଜଣେ ପ୍ରେମିକ ପୁରୁଷ' ଗଞ୍ଜାମର ଶୁଭସ୍ମିତା ତ୍ରିପାଠୀ ଓ 'ଫୁଲ ଫୁଟିବାର ବେଳ' ପାଇଁ କେନ୍ଦୁଝରର ଶୁଭଶ୍ରୀ ତନିମା ନାୟକ 'ପେନ୍ ଇନ ବୁକ୍ସ ଯୁବ ଲେଖକ ସମ୍ମାନ ୨୦୨୫' ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଏ ସମ୍ପର୍କରେ ସୂଚନା ଦେଇ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ସମ୍ମାନ ପ୍ରବର୍ତ୍ତକ କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି, ଯୁବ ଲେଖକଙ୍କୁ ସ୍ୱୀକୃତି ଦେବା ସହ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ସେମାନଙ୍କ ପାଣ୍ଡୁଲିପି ପୁସ୍ତକଗୁଡ଼ିକୁ ପ୍ରକାଶ କରିବା ଏବଂ ତାହାକୁ ପାଠକଙ୍କ ସହ ଯୋଡ଼ିବା ଏହି ସମ୍ମାନର ମୁଖ୍ୟ ଉଦ୍ଦେଶ୍ୟ। ତେବେ ୨୦୨୫ ମସିହା ପାଇଁ ମୋଟ ୬୪ଟି ପାଣ୍ଡୁଲିପି ଗ୍ରହଣ କରାଯାଇଥିବାବେଳେ ବିଚାରକ ମଣ୍ଡଳୀଙ୍କ ପକ୍ଷରୁ ୧୦ ପାଣ୍ଡୁଲିପିକୁ ଚୟନ କରାଯାଇଛି। ଲେଖକ ପ୍ରକାଶ ମହାପାତ୍ର, ପ୍ରବୀଣା ମହାନ୍ତି ଓ ଆଶିଷ କୁମାର ଗଡ଼ନାୟକ ବିଚାରକ ରହିଥିଲେ। ଆସନ୍ତା ଡିସେମ୍ବର ୭ରେ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ। ସେମାନଙ୍କ ପାଣ୍ଡୁଲିପି ପୁସ୍ତକଗୁଡ଼ିକ ଆସନ୍ତା ବର୍ଷ ପ୍ରକାଶ ପାଇବ। ଏଥିସହ ୨୦୨୪ ମସିହାରେ ସମ୍ମାନିତ ହୋଇଥିବା ଯୁବ ଲେଖକଙ୍କ ପୁସ୍ତକଗୁଡ଼ିକ ମଧ୍ୟ ଚଳିତବର୍ଷର ସମ୍ମାନ ପ୍ରଦାନ ଉତ୍ସବରେ ଉନ୍ମୋଚନହେବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

# ଦିଲୀପଙ୍କୁ ମିଳିବ ଜାତୀୟ ଗୋପାଳ ରତ୍ନ ପୁରସ୍କାର



ଜାତୀୟ ଗୋପାଳ ରତ୍ନ ପୁରସ୍କାର ପାଇଁ ମନୋନୀତ ଦିଲୀପ ପ୍ରଧାନ।

ଛେଣ୍ଡିପଦା,୧୯।୧୧ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରୀ ଗ୍ରାମର ଦିଲୀପ ପ୍ରଧାନଙ୍କୁ ମିଳିବ ଜାତୀୟ ଗୋପାଳ ରତ୍ନ ପୁରସ୍କାର। କେନ୍ଦ୍ର ମତ୍ସ୍ୟ, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ ପକ୍ଷରୁ ଦିଲୀରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ଜାତୀୟ ପୁରସ୍କାର ପାଇଁ ଦେଶର ୩ଜଣଙ୍କ ନାମ ଘୋଷଣା ହୋଇଥିବାବେଳେ ୧ ନମ୍ବର ସ୍ଥାନରେ ଦିଲୀପଙ୍କ ନାମ ରହିଛି। ଏଥିସହ ଏକମାତ୍ର ଓଡ଼ିଆ ଭାବେ ଦିଲୀପ ଏହି ଜାତୀୟ ପୁରସ୍କାର ପାଇବାକୁ ଯାଉଥିବାରୁ ଛେଣ୍ଡିପଦାବାସୀ ଖୁସି ପ୍ରକଟ କରିଛନ୍ତି।

ସୂଚନା ଅନୁଯାୟୀ, ଦିଲୀପ ଗତ ୧୪ ବର୍ଷ ହେବ ବାଏଫ ନାମକ ଏକ ସରକାରୀ ସୀକୃତିପ୍ରାପ୍ତ ଏନ୍‌ଜିଓରେ ଗାଈଙ୍କ କୃତ୍ରିମ ପ୍ରଜନନ ଟେକ୍ନିସିଆନ ଭାବେ କାମ କରୁଛନ୍ତି। ଏଥିସହ ପାତ୍ରପଡ଼ା ଗୋ ବିକାଶ କେନ୍ଦ୍ରର ଅଧିକାରୀ ଦାୟିତ୍ୱରେ ଅଛନ୍ତି। ସେ ୧୮ଟି ଗାଁରେ ଘରକୁ ଘର ବୁଲି ଗାଈଙ୍କ କୃତ୍ରିମ ପ୍ରଜନନ, ଗର୍ଭ ପରୀକ୍ଷା, ବାଛୁରି ପାଳନ, ଛେଳି କୃତ୍ରିମ ପ୍ରଜନନ, କିପରି ଗୋ ସଂଖ୍ୟା ବୃଦ୍ଧି ପାଇ ଚାଷୀ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଜନସାଧାରଣଙ୍କୁ ସଚେତନ କରିଆସୁଛନ୍ତି। ଗତ ୩ ବର୍ଷରେ ଦିଲୀପ ୪ ହଜାରରୁ ଅଧିକ ଗାଈଙ୍କ କୃତ୍ରିମ ପ୍ରଜନନ କରାଇଛନ୍ତି। ଏହି ପୁରସ୍କାର ପାଇଁ ଦିଲୀପ ଅନୁଗୋଳ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସାଧିକାରୀ ଏବଂ ବାଏଫର ଜିଲା କ୍ଷେତ୍ର ଅଧିକାରୀଙ୍କ ସହଯୋଗକୁ ଶ୍ରେୟ ଦେଇଛନ୍ତି।

# ଅଟେଇରେ ହରିଣ ମାରି ଖାଇଲା ବାଘ

## ୪ ଟ୍ରାପ୍ କ୍ୟାମେରା ଖଞ୍ଜିଲା ବନ ବିଭାଗ

ପାଟଣା,୧୯।୧୧ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜର ତଣ୍ଡ ବିଟ୍ ଅଟେଇ ସଂରକ୍ଷିତ ବଣ ମହୁଲଡିହା ଜଙ୍ଗଲରେ ଏକ ହରିଣକୁ ବାଘ ମାରି ଖାଇଛି। ବୁଧବାର ହରିଣର ଖଣ୍ଡ ବିଖଣ୍ଡିତ ଗଳିତ ଦେହାବଶେଷ ବନ ବିଭାଗ ଉଦ୍ଧାର କରିଛି। ବାଘର ଗତିବିଧି ନିରୀକ୍ଷଣ ପାଇଁ ବନ ବିଭାଗ ପକ୍ଷରୁ ଜଙ୍ଗଲରେ ୪ ଟ୍ରାପ୍ କ୍ୟାମେରା ଲାଗିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପାରା ସ୍କ୍ୱାଡ୍ ପାଟ୍ରୋଲିଂ କରୁଥିବା ସମୟରେ ଦୁର୍ଗନ୍ଧ ହୋଇଥିଲା। ଖୋଜା ଖୋଜି କରିବା ପରେ ଏକ ହରିଣର ଗଳିତ ଦେହାବଶେଷ ଦେଖି ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କୁ ଖବର ଦେଇଥିଲେ। ହରିଣର ମୃତଦେହ ନିକଟରେ ବାଘର ପାଦଚିହ୍ନ ଓ ମଳ ଦେଖି ବନ ବିଭାଗ ବାଘ ମାରିଥିବା ଅନୁମାନ କରୁଛି। ଏନେଇ ତତ୍ପରତା ପ୍ରକାଶକରି ବୁଧବାର ଘଟଣାସ୍ଥଳରେ ବନ୍ୟଜୀବ ବିଜ୍ଞାନୀ ଶିବାଶିଷ ସାହୁ, ଶାନ୍ତିଭୂଷଣ ସାହୁ ଓ ଗାର୍ଡ ହୃଦାନନ୍ଦ ମହାନ୍ତି ପହଞ୍ଚି ବାଘ ପାଦଚିହ୍ନର ଫଟୋ ଓ ମଳର ନମୁନା ସଂଗ୍ରହ କରିଛନ୍ତି। ପ୍ରାଥମିକ ତଦନ୍ତରେ ପାଦଚିହ୍ନ ଓ ହରିଣ ମୃତଦେହରେ ଥିବା ଆକ୍ରମଣ ଚିହ୍ନରୁ ଏହା ଏକ କଲରାପତରିଆ ବାଘର କାର୍ଯ୍ୟ ଓ ଉପସ୍ଥିତି ବୋଲି ଅନୁମାନ କରାଯାଉଛି। ବାଘ ୪ରୁ୫ ଦିନ ପୂର୍ବରୁ ହରିଣ ଶିକାର କରିଥିବା ଜୀବବିଜ୍ଞାନୀ ଅନୁମାନ କରିଛନ୍ତି। ପରେ ବଣ ମହୁଲଡିହା ଜଙ୍ଗଲରେ ବାଘର ଗତିବିଧି ଉପରେ ନଜର ରଖିବାକୁ ୪ଟି ଟ୍ରାପ୍ କ୍ୟାମେରା ଖଞ୍ଜିଥିଲେ। ତେବେ ଅଟେଇ ସଂରକ୍ଷିତ ଜଙ୍ଗଲରେ ୮ରୁ ଉର୍ଦ୍ଧ୍ୱ କଲରାପତରିଆ ବାଘ ଥିବା ବନ ବିଭାଗ କହିଛି। ଗୁରୁବାର ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ ହରିଣର ଦେହାବଶେଷ ପୋତିଯିବ ବୋଲି ବନ ବିଭାଗ ସୂଚନା ଦେଇଛି।



ବନ ବିଭାଗ ପକ୍ଷରୁ ଏକ ଗଛରେ ଟ୍ରାପ୍ କ୍ୟାମେରା ଖଞ୍ଜା ଯାଉଛି।

# ମୋ ଦିନ, ମୋ ଅଧିକାର

## ଆଜି ବିଶ୍ୱ ଶିଶୁ ଦିବସ

ବିଶ୍ୱ ସ୍ତରରେ ଶିଶୁଙ୍କ ଅଧିକାର, କଲ୍ୟାଣ ଓ ସ୍ୱରକୁ ପ୍ରୋତ୍ସାହିତ ତଥା ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ନଭେମ୍ବର ୨୦ରେ ପାଳିତ ହୋଇଆସୁଛି ବିଶ୍ୱ ଶିଶୁ ଦିବସ। ଏହା ଶିଶୁମାନଙ୍କ ଅଧିକାରକୁ ସମର୍ଥନ ଓ ଆଲୋକପାତ କରିବାର ଏକ ଦିବସ, ଯାହା ୧୯୫୯ ମସିହାରେ ଜାତିସଂଘର ଶିଶୁ ଅଧିକାର ଚୁକ୍ତିନାମା ଏବଂ ୧୯୮୯ ମସିହାରେ ଶିଶୁ ଅଧିକାର ଘୋଷଣାନାମାକୁ ଗ୍ରହଣ କରିଥାଏ। ଏହି ଦିବସ ଶିଶୁ ଶ୍ରମିକ, ଶିକ୍ଷାର ଅଭାବ ଓ ନିର୍ଯାତନା ଭଳି ସମସ୍ୟା ବିଷୟରେ ସଚେତନ କରାଇଥାଏ। ୟୁନିସେଫ୍ ଅନୁଯାୟୀ ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ମୋ ଦିନ, ମୋ ଅଧିକାର', ଯାହା ପିଲାମାନଙ୍କୁ ଶୁଣିବା ଓ ସେମାନଙ୍କ ଅଧିକାର ସମ୍ପର୍କରେ ସେମାନଙ୍କର ମତାମତ ଏବଂ ଅଭିଜ୍ଞତା ପ୍ରକାଶ କରିବା ପାଇଁ ସେମାନଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରେ।



# ଟ୍ରେନ୍ ଧକ୍କାରେ ଯୁବକ ମୃତ

ବଇଣ୍ଡା, ୧୯।୧୧ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଠେଲକନାଳୀ ଗ୍ରାମର କୁନା ମୁଣ୍ଡା (୩୦)ଙ୍କ ଟ୍ରେନ୍ ଧକ୍କାରେ ବୁଧବାର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କୁନା ସକାଳେ ଶୌଚ ପାଇଁ ରେଳଧାରଣା ନିକଟ ପଡିଆକୁ ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ସମ୍ବଲପୁରରୁ ପୁରୀ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ରେଢ଼ାଖୋଲ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଏକ ମାମଲା ରୁଜୁ କରିଛି।

# ପାଇଖାନା ଘରେ ପଡ଼ି ଛାତ୍ରୀଙ୍କ ମୃତ୍ୟୁ

- ଭୀମାକାଣ୍ଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଅଘଟଣ
- ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀକଲେ ଅଭିଭାବକ

କେନ୍ଦୁଝର,୧୯।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଅର୍ଥାଭାବ ସତ୍ତ୍ୱେ ଝିଅକୁ ହଷ୍ଟେଲରେ ରଖି ପାଠ ପଢ଼ାଉଥିଲେ। ଝିଅ ପାଠପଢ଼ି ବଡ଼ ହୋଇ ଚାକିରି କରିବ। ପରିବାର ପ୍ରତିପୋଷଣରେ ସହାୟ ହେବ। ଏଭଳି ଆଶା ରଖି ମା'ବାପା ମାତ୍ର ୩ ବର୍ଷର ଝିଅକୁ ହଷ୍ଟେଲରେ ଛାଡ଼ିଥିଲେ। କିନ୍ତୁ ବିଧିର ବିଧାନ କିଛି ଅଲଗା ଥିଲା। ବୁଧବାର ପାଇଖାନା ଘରେ ଗୋଡ଼ ଖସିଯିବାରୁ ପଡ଼ି ଝିଅଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ତେଲକୋଇ ଥାନା ଅନ୍ତର୍ଗତ କୁଲାଡେରାର ତେଜସ୍ୱିନୀ ନାୟକ(୯)। ଏଭଳି ଦୁଃଖଦ ଘଟଣା ତେଲକୋଇ ବ୍ଲକ୍ ଭୀମାକାଣ୍ଡ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ଘଟିଛି।

ପ୍ରକାଶ ଯେ, ତେଲକୋଇ ବ୍ଲକ୍ ଅନ୍ତର୍ଗତ ଭୀମାକାଣ୍ଡ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ୧୧୦ ସିଟ୍ ବିଶିଷ୍ଟ ହଷ୍ଟେଲ ରହିଛି। ସେଠାରେ କୁଲାଡେରା ଗ୍ରାମର ଗଣେଶ୍ୱର ନାଏକଙ୍କ ଝିଅ ତେଜସ୍ୱିନୀ ହଷ୍ଟେଲରେ ରହି ତୃତୀୟ ଶ୍ରେଣୀରେ ପଢୁଥିଲେ। ବୁଧବାର ସକାଳ ପ୍ରାୟ ୬ଟା୩୦ରେ ଶୌଚହେବାକୁ ଯାଇଥିଲେ। ପାଇଖାନା ଘରେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଚିକିତ୍ସା କରିବା ବେଳେ ବ୍ରେନ୍ ହାମ୍‌ରେଜ ହୋଇଥିବା ଜାଣିବାକୁ ପାଇଥିଲେ। କିଛି ସମୟ ପରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ପରିବାର ପକ୍ଷରୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ତାଙ୍କ ଝିଅର ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି। ତେଲକୋଇ ପୋଲିସ ପହଞ୍ଚି ତଦନ୍ତ କରୁଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପାତ୍ର କହିଛନ୍ତି, ପାଇଖାନା ଘରେ ଟାଇଲ ପଡ଼ିଥିବାରୁ ପାଣି ପଡ଼ି ଗୋଡ଼ ଖସିଥିଲା। ତୁରନ୍ତ ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କେନ୍ଦୁଝରକୁ ନେଇଯିବାକୁ କହିଥିଲେ। କିଛି ପରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଏଭଳି ଘଟଣା ପରେ ହଷ୍ଟେଲରେ ଛାତ୍ରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।


## ଖଡ଼ଗପୁର ମଣ୍ଡଳରେ ମାଇନର ୟୁନିଟ୍ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: କେଜିପି/ସିଏଟିଜି/୨୦୨୫ ତାରିଖ: ୧୮।୧୧।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ କ୍ୟାଟରିଂ ୟୁନିଟ୍ କଣ୍ଟ୍ରାକ୍ଟସ୍ ଦେବା ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି • ଖଡ଼ଗପୁର ମଣ୍ଡଳରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ନିମ୍ନଲିଖିତ ସ୍ଥାନରେ କ୍ୟାଟରିଂ ୟୁନିଟ୍‌ର ବ୍ୟବସ୍ଥା ଲାଗି ଇ-ନିଲାମ କାଟାଲଗ୍: ଝାରଗ୍ରାମ (୧ ଗୋଟି), କାନ୍ଥି (୧ ଗୋଟି), ଚାକୁଲିଆ (୧ ଗୋଟି), ମାର୍କୋଣା (୨ ଗୋଟି), ରୂପସା (୧ ଗୋଟି), ହଳଦିପଡ଼ା (୧ ଗୋଟି), ଖନ୍ତାପଡ଼ା (୨ ଗୋଟି), ବେତନଟୀ (୧ ଗୋଟି), ଦେଶପ୍ରାଣ (୨ ଗୋଟି), ଧଳଭୂମଗଡ଼ (୧ ଗୋଟି), ବାହାନଗା ବଜାର (୨ ଗୋଟି), କୋକପଡ଼ା (୧ ଗୋଟି), ଗିଧନୀ (୧ ଗୋଟି), ରାମନଗର ବେଙ୍ଗଲ (୨ ଗୋଟି), ଗାଲୁଡିହ (୧ ଗୋଟି), ନନ୍ଦକୁମାର (୨ ଗୋଟି), ଘଟଶିଳା (୨ ଗୋଟି), ନାରାୟଣଗଡ଼ (୧ ଗୋଟି), ବାଖରାବାଦ (୧ ଗୋଟି), ରାଖା ମାଇନ୍ସ (୧ ଗୋଟି), ବସ୍ତା (୧ ଗୋଟି), ଅମର୍ଦ୍ଦା ରୋଡ୍ (୧ ଗୋଟି), ବାରିପଦା (୧ ଗୋଟି), ଜଳେଶ୍ୱର (୨ ଗୋଟି) ଓ ସୋର (୧ ଗୋଟି) ରେଳ ଷ୍ଟେଶନ। **କାଟାଲଗ୍ ନଂ.: ସିଏଟିଜି-କେଜିପି-୨୫-୧୯। ନିଲାମ ତାରିଖ: ୦୪।୧୨।୨୦୨୫, ନିଲାମ ଆରମ୍ଭ/ସମାପ୍ତି ସମୟ:** ଯଥାକ୍ରମେ ୧୧.୦୦ ଓ ୧୬.୫୦ ଘଟିକା। • ଖଡ଼ଗପୁର ମଣ୍ଡଳରେ ୦୫ (ପାଞ୍ଚ) ବର୍ଷ ଅବଧି ପାଇଁ ନିମ୍ନଲିଖିତ ସ୍ଥାନରେ କ୍ୟାଟରିଂ ୟୁନିଟ୍‌ର ବ୍ୟବସ୍ଥା ଲାଗି ଇ-ନିଲାମ କାଟାଲଗ୍: : ଠାକୁରଚୋଟା (୧ ଗୋଟି), ରାଜଲୁକା (୧ ଗୋଟି), କୁଚାଇ (୧ ଗୋଟି), ଯୁଗପୁରା (୧ ଗୋଟି), ବୁରାମରା (୧ ଗୋଟି), ରୂପସା (୧ ଗୋଟି), ଜାମଶୋଲେ (୧ ଗୋଟି), ବାଦଲପୁର (୧ ଗୋଟି), କୃଷ୍ଣଚନ୍ଦ୍ରପୁର (୧ ଗୋଟି), ଟିକ୍ରା (୧ ଗୋଟି), କାଶିମହୁଲି (୧ ଗୋଟି), ଶହୀଦ ମାତଙ୍ଗିନି (୧ ଗୋଟି), ଦାନ୍ତନ (୧ ଗୋଟି), ନେକୁରସେନି (୧ ଗୋଟି), ଆଶାପୂର୍ଣ୍ଣା ଦେବୀ (୧ ଗୋଟି), ଜଳେଶ୍ୱର (୧ ଗୋଟି), ଖାଟକୁରା (୧ ଗୋଟି), ରାଣିତାଲ (୨ ଗୋଟି), ହେନରିଆ (୧ ଗୋଟି), ଭଞ୍ଜପୁର (୧ ଗୋଟି), ଶୀତଲପୁର ବେଙ୍ଗଲ (୧ ଗୋଟି), ଜୋଗାଲ (୧ ଗୋଟି), ଲକ୍ଷ୍ମଣନାଥ ରୋଡ୍ (୧ ଗୋଟି), ବନ୍ଦର (୧ ଗୋଟି), ବାଙ୍ଗିରିପୋଷି (୧ ଗୋଟି), ଲବଣ ସତ୍ୟାଗ୍ରହ ସ୍ମାରକ (୧ ଗୋଟି), ନଚିନ୍ଦା (୧ ଗୋଟି), ବେଣାପୁର (୧ ଗୋଟି), ସତୀଶ ସାମନ୍ତ (୧ ଗୋଟି), ସୁଜଳପୁର (୧ ଗୋଟି), ଡୁଆଁ (୧ ଗୋଟି) ଏବଂ ନୂଆଗାଁ ମୟୂରଭଞ୍ଜ ରୋଡ୍ (୧ ଗୋଟି) ରେଳ ଷ୍ଟେଶନ। **କାଟାଲଗ୍ ନଂ.: ସିଏଟିଜି-କେଜିପି-୨୫-୨୦। ନିଲାମ ତାରିଖ: ୦୫।୧୨।୨୦୨୫, ନିଲାମ ଆରମ୍ଭ/ସମାପ୍ତି ସମୟ:** ଯଥାକ୍ରମେ ୧୧.୦୦ ଓ ୧୬.୫୦ ଘଟିକା, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। ଏଜେନ୍ସି/ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଓ ସମ୍ବନ୍ଧିତ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ (ଯଦି ଥାଏ) ପାଇଁ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-853) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


See Career Appointment on every Wednesday & Saturday


## ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX. NO. 5, BURLA – 768017, DISTRICT : SAMBALPUR (ODISHA), INDIA
PHONE: 0663-2950721(O), 2950765, E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-PUR-45 (Vol-II) /7556 Date : 18.11.2025

NOTICE INVITING TENDER No. HHEP-67/2025

No. CAD-2368

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from reputed firms / agencies /order suppliers having similar experience for the following work as mentioned below.

| Description of work | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|
| Supply , Fabrication and fitting of Stainless steel (Grade-304) gate of size- 20'.6" X 18' at In-gate of Burla Power House and Steel wire mesh at Burla Power House | Rs 2360/- (Rs. 2000 + GST @ 18%) | 3200/- |

- Sale of tender paper : 24.11.2025 (10.00AM) to 08.12.2025 upto 05:30PM
- Receipt of tender paper : 09.12.2025 upto 03.30PM
- Date & time of opening of tender : 09.12.2025 at 04.00PM
- Further details of tender documents, terms & conditions, corrigendum etc. to the tender call notice, please visit our website **www.ohpcltd.com.**

Sd/-
OIPR- C & P Head, HHEP, Burla

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH

E-mail Id: eerw_deogarh@yahoo.co.in

No. O-1506

**E-Procurement Notice**

BID IDENTIFICATION No. SERWDGH-Online-08/2025-26

1. No. of Building Works : (06 Nos.)
2. Estimated Cost : Approx. Rs.2.54 lakh to Rs.36.22 lakhs each
3. Mode of Submission of tender : Tender shall be submitted online in **www.tendersodisha.gov.in**.
4. Availability of tender for online bidding : 21.11.2025, 10.00 A.M. to 28.11.2025 upto 5.00 P.M.
5. Date and time of opening of tender : 29.11.2025, 11.00 A.M.
6. Other details can be seen from the website **www.tendersodisha.gov.in.**
7. Corrigendum/Addendum if any shall only be published in the above website.

Sd./- Superintending Engineer
OIPR: R.W. Division, Deogarh

## GOVERNMENT OF ODISHA
## DISTRICT PROJECT OFFICE SAMAGRA SHIKSHA, PURI

ଓଡ଼ିଶା ସରକାର

E-mail ID: dpcpurissa.opepa@nic.in

**"e" Procurement Notice**

Bid Identification No. DPC/SS/PURI/01 of 2025-26

Letter No. 6677/Civil Date: 18.11.25

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Puri on behalf of Government of Odisha inviting percentage rate bid in Single Cover System on ONLINE mode from eligible contractors with valid licences for "Construction of Additional Classroom (Civil + Electrical + PH) in the Schools" as detailed in DTCN. | | |
| 2. | Nature of Work | : | Construction of Additional Classroom (Civil + Electrical + PH) in the Schools |
| 3. | No. of Works | : | 04 (Four Nos.) |
| 4. | Cost of Tender Paper | : | Rs.6,000/- |
| 5. | Class of Contractor | : | "D" & "C" in 3 Project and "C" & "B" in 1 Projects |
| 6. | Availability of bid document in the website | : | From 10.00 hours of Date: 21.11.2025 to 17.00 hours of Date: 11.12.2025 |
| 7. | Date of Opening of Bid | : | 11.00 A.M. on Dt.12.12.2025 |
| 8. | The bidders have to participate in ONLINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the said website only. | | |

Sd./- District Project Co-ordinator
Samagra Shiksha, Puri

## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर

लापताः आवश्यक सूचना





गुमशुदा पुरूष जगदीश मुखी, उम्र–करीब 59 वर्ष

सर्व साधारण को सूचित किया जाता है कि आवेदक गगन बाघ के द्वारा अपने चाचा जगदीश मुखी, उम्र–करीब 59 वर्ष की गुमशुदगी के संबंध में संबंधित थाना गोलमुरी में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा जगदीश मुखी, उम्र–करीब 59 वर्ष, पिता–स्व0 धनेश्वर मुखी, पता–क्वा0 नं0–14, केबुल हरिजन बस्ती, केबुल टाउन गोलमुरी, थाना–गोलमुरी, जिला–पूर्वी सिंहभूम, जमशेदपुर जो दिनांक–28.10.2025 को शाम करीब 05:00 बजे घर से निकले हैं अभी तक वापस नहीं लौटे हैं। गुमशुदा का मानसिक संतुलन ठीक नहीं हैं। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका। गुमशुदा पुरूष का हुलिया निम्न प्रकार है :–उम्र–करीब 59 वर्ष, कद–लगभग 05 फीट 10 इंच, रंग–सॉवला, पहनावा–सफेद टी शर्ट, भूरा हाफ पैंट, भाषा–संबलपुरिया।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक नगर, पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, नगर : 9431706483
थाना प्रभारी, गोलमुरी : 9431706494

वरीय पुलिस अधीक्षक,
पूर्वी सिंहभूम, जमशेदपुर

PR 366456 Police(25-26).D

POLICE HELPLINE (EMERGENCY DIAL)-112 · CHILD HELPLINE-1098
WOMEN HELPLINE-1091 · DOMESTIC ABUSE HELPLINE-181
CYBER CRIME HELPLINE-1930 · AMBULANCE SERVICE-108

## वरीय पुलिस अधीक्षक का कार्यालय
## पूर्वी सिंहभूम, जमशेदपुर

लापताः आवश्यक सूचना





गुमशुदा लड़की पुनम पातर, उम्र–करीब 18 वर्ष।

सर्व साधारण को सूचित किया जाता है कि आवेदक परशुराम पातर के द्वारा अपनी पुत्री **पुनम पातर, उम्र–करीब 18 वर्ष की गुमशुदगी** के संबंध में संबंधित थाना गालूडीह में लिखित आवेदन दिया गया है। आवेदन में इनके द्वारा बताया गया कि गुमशुदा पुनम पातर, उम्र–करीब 18 वर्ष, पिता–परशुराम पातर, पता–ग्राम – देवली, थाना– गालूडीह, जिला– पूर्वी सिंहभूम, जमशेदपुर जो दिनांक–13.10.2025 को घर से निकली है अभी तक वापस नहीं लौटी है। आवेदक एवं इनके रिश्तेदारों के द्वारा अपने स्तर से काफी खोजबीन किया गया लेकिन कुछ पता नहीं चल सका। गुमशुदा लड़की का हुलिया निम्न प्रकार है :–

उम्र–करीब 18 वर्ष, कद–लगभग 04 फीट 06 इंच, रंग–गोरा, पहनावा– सलवार सुट कॉफी रंग का, भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
अनुमण्डल पुलिस पदाधिकारी, घाटशिला : 9431706485
थाना प्रभारी, गालूडीह : 9430774620

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 · CHILD HELPLINE-1098
WOMEN HELPLINE-1091 · DOMESTIC ABUSE HELPLINE-181
CYBER CRIME HELPLINE-1930 · AMBULANCE SERVICE-108

PR.NO.366457 Police(25-26):D

## कार्यपालक अभियंता का कार्यालय
## ग्रामीण कार्य विभाग, कार्य प्रमण्डल, राँची

अल्पकालीन ई–पुर्ननिविदा आमंत्रण सूचना
PR 334344 REO (24-25)#D

पत्रांकः– दिनांक–

अल्पकालीन ई–पुर्ननिविदा संख्याः–09/RE/2025-26/RWD /EE/RANCHI

| क्रम सं0 | आईडेन्टी फिकेशन संख्या/ पैकेज संख्या | प्रखण्ड | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि/ अवधि | टेण्डर कॉल नं0 |
|---|---|---|---|---|---|---|---|
| 1 | RWD/RANCHI/ 30/2024-25 | ओरमांझी | आनन्दी से सबैया बगान भाया चेपाटोली एवं काशीटोली से टंगटंगटोली तक पथ निर्माण। (ल0– 3.500 कि0मी0) | 2,99,04,800.00 | दो करोड़ निन्यानबे लाख चार हजार आठ सौ रूपये मात्र। | 15 माह | द्वितीय |

1. वेबसाईट में निविदा प्रकाशन की तिथि :–20.11.2025
2. ई–निविदा प्राप्ति की अंतिम तिथि एवं समय :–02.12.2025 अपराह्न 5.00 बजे तक।
3. निविदा खोलने की तिथि एवं समय :–04.12.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष सं0– 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग कार्य प्रमण्डल,
राँची

PR.NO.366523 REO(25-26):D

## Jharkhand Education Project Council

J.S.C.A Stadium Road, Jagannathpur, Sector -3,
Dhurwa, Ranchi - 834004 Phone - 0651-2444502 E-mail: jepcranchi1@gmail.com
E-Tender for Printing and Supply of notebooks (copy) for Class I to XII for 2026-27
BID No. MRE/33/283/2025-26/4820

Jharkhand Education Project Council invites online bids through e-tender from prospective Bidders for manufacturing, printing and supply of notebooks for class I to XII for 2026-27. Important dates/details are as under:

| Sl. No. | Activity | Start Date | Time | End Date | Time |
|---|---|---|---|---|---|
| 1 | Online av ailability of bid document | 19.11.2025 | 10.00 am | 09.12.2025 | 03.15 pm |
| 2 | Pre-Bid Meeting | 25.11.2025 | 03.30 pm | - | - |
| 3 | **Online Bid Submission** | 19.11.2025 | 10.00 am | 09.12.2025 | 03.15 pm |
| 4 | Submission of Paper sample | 08.12.2025 | 10.00 am | 09.12.2025 | 03.00 pm |
| 5 | Opening of Technical Bid | 10.12.2025 | 03.15 pm | - | - |

Sd/-
(Shashi Ranjan)
State Project Director

PR 366467 Jharkhand Education Project Council(25-26)D

# ଭଟ୍ରାଜୋର ଡ୍ୟାମ୍‌ରେ ବନ୍ଦ ପଡ଼ିଛି ବୋଟିଂ

## ପର୍ଯ୍ୟଟକ ନିରାଶ

ଭବାନୀପାଟଣା,୧୯।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଭଟ୍ରାଜୋର ଡ୍ୟାମ୍‌କୁ ବନ ବିଭାଗ ପକ୍ଷରୁ ନୌକାବିହାର କେନ୍ଦ୍ର କରାଯାଇଛି। ବୋଟିଂର ମଜା ଉଠାଇବା ପାଇଁ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ତେବେ ଗତ ୨୬ଦିନ ଧରି ବୋଟିଂ ବନ୍ଦ ଯୋଗୁ ପର୍ଯ୍ୟଟକ ନିରାଶ ହେଉଛନ୍ତି। ପ୍ରକାଶ ଯେ, ଜୁନାଗଡ଼ ବ୍ଲକ ଭଟ୍ରାଜୋର ପ୍ରାୟ ୪୫୦ ଏକର ଜମିରେ ରହିଛି। ୨୦୨୪ ସେପ୍ଟେମ୍ବର ମାସରୁ ଏଠାରେ ବୋଟିଂ ସୁବିଧା ଆରମ୍ଭ ହେବା ଯୋଗୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ। ପର୍ଯ୍ୟଟକମାନଙ୍କ ନିମନ୍ତେ ଗୋଟିଏ ୨୦ ସିଟର୍ ଓ ଅନ୍ୟ ଏକ ବୋଟ୍ ୧୦ ସିଟର୍ ଅଟେ। ଗତ ୨୬ ଦିନ ତଳେ ଗୋଟିଏ ବୋଟ୍‌ର ମୋଟର ଅଚଳ ହେବା ପରେ ଏହାର ମରାମତି ପାଇଁ କଟକ ପଠାଯାଇଛି।



ସେହିଭଳି ଅନ୍ୟ ଏକ ବୋଟ୍‌ର ନବୀକରଣ ଶେଷ ହୋଇଯାଇଛି। ପୁନର୍ବାର ନବୀକରଣ ପାଇଁ କଟକ ପଠାଯାଇଛି। ବୋଟିଂ ଯୋଗୁ ଗତ ଏକବର୍ଷ ମଧ୍ୟରେ ୭ଲକ୍ଷରୁ ଅଧିକ ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଅନ୍ୟପକ୍ଷରେ ଏଠାକୁ ଦେଶୀ ବିଦେଶୀ ପକ୍ଷୀ ଆସୁଥିବାରୁ ଏହାର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଛି। ଏପରିସ୍ଥଳେ ଭଟ୍ରାଜୋରକୁ ପକ୍ଷୀ ଅଭୟାରଣ୍ୟ ପ୍ରସ୍ତାବ ବର୍ତ୍ତମାନ ବନ ବିଭାଗରେ ପଡ଼ିରହିଛି। ଏ ନେଇ ଜୁନାଗଡ ବନବିଭାଗ ରେଞ୍ଜର ସୀମାଞ୍ଚଳ ମିଶ୍ରଙ୍କୁ ପଚାରିବାରୁ ଗୋଟିଏ ବୋଟ୍‌ର ମୋଟର ଖରାପ ଥିବାବେଳେ ତାହା ଏବେ ଠିକ୍ ହୋଇ ଆସିଯାଇଛି। ଖୁବ୍‌ଶୀଘ୍ର ମୋଟର ଲଗାଯାଇ ତାହାକୁ ଚାଲୁ କରାଯିବ। ଅନ୍ୟ ବୋଟ୍ ନବୀକରଣ ପାଇଁ କଟକ ପଠାଯାଇଛି। ସେଠାରୁ ଆସିବା ପରେ ପୁଣି ବୋଟିଂ ବ୍ୟବସ୍ଥା ଆରମ୍ଭ ହୋଇ ପର୍ଯ୍ୟଟକମାନଙ୍କୁ ଅନୁମତି ଦିଆଯିବ ବୋଲି ସେ କହିଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ



ଗିରଫ ବ୍ୟକ୍ତିମାନଙ୍କ ଠାରୁ ଜବତ ମୋବାଇଲ, ନଗଦ ରାଶି ଓ ଅନ୍ୟାନ୍ୟ ସାମଗ୍ରୀ।

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ବୁର୍ଲାରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନେ ବୁର୍ଲା ସହର ବିଷ୍ଣୁମନ୍ଦିରପଡ଼ା, ପିଜିଛକ, ଡେଲିମାର୍କେଟ୍, ପଠାନବନ୍ଧ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ନଗଦ ୧୪୦୫୬୦ ଟଙ୍କା, ଗୋଟିଏ କାର ଓଡି ୧୫ ଏଡି ୬୪୪୯, ୬ଟି ବାଇକ୍ ଓ ସ୍କୁଟି, ୭ଟି ମୋବାଇଲ୍ ଫୋନ, ୧୦୪ ମୁଠା ତାସକୁ ପୋଲିସ ଜବତ କରିଛି। ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ବୁର୍ଲାର କଳା ମାର୍କେଟ୍‌ରେ ଜୁଆଖେଳ ଚାଲିଥିବା ସମ୍ପର୍କରେ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। ଖବରପାଇ ଏସ୍‌ଆଇ ଆଶିଷ କୁମାର ନାୟକ ସଦଳବଳ ଉକ୍ତ ଜୁଆଆଡ୍ଡା ଉପରେ ଅତର୍କିତ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଜୁଆ ଖେଳୁଥିବା ବ୍ୟକ୍ତିମାନେ ସେଠାରୁ ଫେରାର୍ ହେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ସମସ୍ତଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ବିରୋଧରେ ବୁର୍ଲା ଥାନାରେ ଏକ ମାମଲା (ନଂ.୫୧୭/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଅଣ୍ଡରରେଟରେ କିଣାଯାଉଛି ଧାନ

## ପ୍ରଶାସନ ଦ୍ୱାରା ଧାନ ବୋଝେଇ ଟ୍ରକ ଜବତ

କୁଚିଣ୍ଡା,୧୯।୧୧(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଆସନ୍ତା ୨୮ରୁ ଧାନ ମଣ୍ଡି ଖୋଲାଯିବା ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ହେଲେ ମଣ୍ଡି ଖୋଲିବା ପୂର୍ବରୁ ବେପାରୀମାନେ ଚାଷୀଙ୍କଠାରୁ ଅଣ୍ଡରରେଟରେ ଧାନ କିଣା ଆରମ୍ଭ କରିଦେଇଥିବା ଅଭିଯୋଗ ହେଉଛି। ବିନା କାଗଜପତ୍ରରେ ଧାନ ପରିବହନ କରୁଥିବା ଏକ ୧୬ ଚକିଆ ଗାଡ଼ିକୁ ସୋମବାର ପ୍ରଶାସନ ପକ୍ଷରୁ ଜବତ କରାଯିବା ପରେ ଏହି ଅଭିଯୋଗରେ ସତ୍ୟତା ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟା ପ୍ରାୟ ୫ଟା ୩୦ରେ କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଟାଇଁସର ଗ୍ରାମରୁ ଏକ ୧୬ ଚକିଆ ଟ୍ରକ ନଂ.ଓଆର ୧୪ ଆର ୦୭୭୫ରେ ପ୍ରାୟ ୩୮୦ ବସ୍ତା ଧାନ ବୋଝେଇ ହୋଇ କୁଚିଣ୍ଡା ପଟକୁ ଆସୁଥିବା ସମୟରେ ବେଆଇନ ଭାବେ ଧାନ ଚାଲାଣ ହେଉଥିବା ଉପଜିଲାପାଳଙ୍କୁ ସୂଚନା ମିଳିଥିଲା। ଉପଜିଲାପାଳ ସରୱନନ ସିଙ୍କ ନିର୍ଦ୍ଦେଶ କ୍ରମେ କୁଚିଣ୍ଡା ତହସିଲଦାର ସରିତା ଓରାମ, ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସାଇଁ ପୋଲିସ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଅଟକାଇ ଧାନ ପରିବହନ ବାବଦରେ କାଗଜପତ୍ର ଦେଖାଇବା ପାଇଁ ଡ୍ରାଇଭରଙ୍କୁ କହିଥିଲେ। ହେଲେ ଡ୍ରାଇଭର କୌଣସି କାଗଜପତ୍ର ଦେଖାଇ ପାରି ନ



ଥିଲେ। ତେଣୁ ଅଣ୍ଡରରେଟରେ ଧାନ କିଣା ଯାଇଥିବା ସନ୍ଦେହରେ ତହସିଲଦାର ଗାଡ଼ିକୁ ଜବତ କରି କୁଚିଣ୍ଡା ଥାନାରେ ଜିମା ଦେଇଥିଲେ। ତେବେ ଏପର୍ଯ୍ୟନ୍ତ ମଣ୍ଡି ଖୋଲାଯାଇ ନ ଥିବାବେଳେ ଧାନ ବୋଝେଇ ଟ୍ରକଟି କେଉଁ ମିଲକୁ ଯାଉଥିଲା, ତାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏଣୁ ଏହାର ତଦନ୍ତ କରି ଅଣ୍ଡରରେଟରେ ଧାନ କିଣି ଚାଷୀଙ୍କୁ ଶୋଷଣ କରୁଥିବା ବେପାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହେଉଛି। ପ୍ରକାଶ ଥାଉକି,ଧାନ ଅମଳ ପ୍ରାୟ ୭୦ପ୍ରତିଶତ ସରିଥିବା ବେଳେ ବେପାରୀମାନେ ଚାଷୀଙ୍କ ଠାରୁ କେଜି ପ୍ରତି ୧୬/୧୭ଟଙ୍କା ମୂଲ୍ୟରେ ଧାନ କିଣି ମଣ୍ଡି ଆରମ୍ଭ ହେଲେ ତାହା ଚାଷୀଙ୍କ କାର୍ଡରେ ମଣ୍ଡିରେ ଏଣ୍ଟ୍ରି କରି ମାଲାମାଲ ହେବାର ଲକ୍ଷ୍ୟ ରଖିଥିବା ସ୍ପଷ୍ଟ ହୋଇଛି।

# ରାଷ୍ଟ୍ରପତିଙ୍କ ଟ୍ରାଞ୍ଜିଟ୍ ଗସ୍ତ: ଝାରସୁଗୁଡ଼ାରେ କଡ଼ା ସୁରକ୍ଷା ବ୍ୟବସ୍ଥା

ଝାରସୁଗୁଡ଼ା,୧୯।୧୧(ଆଶିଷ ରଞ୍ଜନ ଦାଶ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଝାରସୁଗୁଡ଼ା ବୀରସୁରେନ୍ଦ୍ରସାଏ ବିମାନବନ୍ଦର ଦେଇ ଛତିଶଗଡ଼ ଅମ୍ବିକାପୁରର ସୁରଗୁଜାକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବେ। ରାଷ୍ଟ୍ରପତିଙ୍କ ଟ୍ରାଞ୍ଜିଟ୍ ଗସ୍ତ ପାଇଁ ଝାରସୁଗୁଡ଼ା ବିମାନବନ୍ଦରକୁ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ଝାରସୁଗୁଡ଼ା ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣ ଏବଂ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ବୁଧବାର ବିମାନବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି।

ଜିଲାପାଳ ଚହ୍ୱାଣଙ୍କ ସୂଚନା ଅନୁଯାୟୀ, ଗୁରୁବାର ଦିଲ୍ଲୀ ବିମାନବନ୍ଦରରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ରାଷ୍ଟ୍ରପତି ଆସି ପୂର୍ବାହ୍ନ ୧୦ଟା ୫ରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ଏଠାରେ ମାତ୍ର ୧୦ ମିନିଟ୍ ରହି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ଛତିଶଗଡ଼ର ଅମ୍ବିକାପୁରର ସୁରଗୁଜାକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବେ। ସେଠାରୁ ହେଲିକପ୍ଟର ଯୋଗେ ବାହାରି ଅପରାହ୍ନ ୧ଟା ୩୫ରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିବେ। ଏଠାରୁ ପୁଣି ଅପରାହ୍ନ ୧ଟା ୪୫ରେ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆନ୍ଧ୍ରପ୍ରଦେଶର ତିରୁପତି ବିମାନବନ୍ଦର ଅଭିମୁଖେ ଗସ୍ତ କରିବେ। ସେହିପରି ଏସ୍‌ପି କହିଛନ୍ତି, ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବୁଧବାର ଅପରାହ୍ନରୁ ବିମାନବନ୍ଦର ଅଞ୍ଚଳକୁ ନୋଫ୍ଲାଇଂ ଜୋନ୍ ଘୋଷଣା କରାଯାଇଛି। ଏପରି କି ବୁଧବାରଠାରୁ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ବିମାନବନ୍ଦର ଅଞ୍ଚଳକୁ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ବାରଣ କରାଯାଇଛି। ବିମାନବନ୍ଦର ପରିସରରେ ଡ୍ରୋନ୍ କ୍ୟାମେରା ନ ଉଡ଼ାଇବା ପାଇଁ କୁହାଯାଇଛି। ବିମାନବନ୍ଦର ଅଞ୍ଚଳରେ ୯ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବାବେଳେ ୨ ଜଣ କମାଣ୍ଡାଣ୍ଟ, ୧୧ ଡିଏସ୍‌ପି, ୭ ଆଇଆଇସି, ୪୨ ଜଣ ଏସ୍‌ଆଇଙ୍କ ସହିତ ଏସ୍‌ପି ନିଜେ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ବାୟୁସେନାର ୪ଟି ସ୍ୱତନ୍ତ୍ର ହେଲିକପ୍ଟର ବୁଧବାର ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିଛି। ସେହିପରି ଆମ୍ବୁଲାନ୍ସ ବ୍ୟବସ୍ଥା ସହିତ ୫୦ ଜଣ ମେଡିକାଲ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏସ୍‌ପିଜି କମାଣ୍ଡୋଙ୍କ ସମେତ କେତେଜଣ ସୁରକ୍ଷା ଅଧିକାରୀ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚିଥିବା ଏସ୍‌ପି କହିଛନ୍ତି।

# ଦ୍ୱିତୀୟ ସେମିଫାଇନାଲରେ ଝାରସୁଗୁଡ଼ାକୁ ହରାଇଲା ସମ୍ବଲପୁର



ଖେଳାଳିଙ୍କ ଗହଣରେ ଅତିଥି।

## ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟ

ଲୋଇସିଂହା,୧୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାଲିଥିବା ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ବୁଧବାର ଝାରସୁଗୁଡା ଓଏସଏପି ଆଦର୍ଶ ଓ ସମ୍ବଲପୁର ଡିହୁରା ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୪-୧ ଗୋଲରେ ଝାରସୁଗୁଡାକୁ ହରାଇ ସମ୍ବଲପୁର ଫାଇନାଲକୁ ଉନ୍ନୀତ ହୋଇଛି । ଗୁରବାର ବୌଦ୍ଧ ଓ ସମ୍ବଲପୁର ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ । ପ୍ରଥମାର୍ଦ୍ଧରେ ସମ୍ବଲପୁର ଦଳ ୩ ଗୋଲ ଦେଇ ଆଗୁଆ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ଦଳ ଆଉ ୧ ଗୋଲ ଦେଇଥିବା ବେଳେ ଝାରସୁଗୁଡା ଦଳ କେବଳ ୧ ଗୋଲ ବାଏ କରିବାରେ ସକ୍ଷମ ହୋଇ ପାରିଥିଲେ। ଏଣୁ ୪-୧ ଗୋଲରେ ସମ୍ବଲପୁର ବିଜୟୀ ହୋଇଥିଲା । ରେଫରି ସଞ୍ଜିବ ସାହୁ ଓ ସହଯୋଗୀ ଖେଳ ପରିଚାଳନା କରିଥିଲେ । ଆଜି ମୁଖ୍ୟଅତିଥି ଥିଲେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ,ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର, ବୁଢ଼ୀପଦର ସରପଞ୍ଚ ଲକ୍ଷ୍ମୀ ପଧାନ. ଟ୍ରଷ୍ଟବୋର୍ଡ ସଭାପତି ଦିଲୀପ କୁମାର ବେହେରା, ସମ୍ପାଦିକା ସ୍ମିତାରାଣୀ ମିଶ୍ର ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ ।

# ବାଇକ୍ ଚୋରି ରାକେଟର ପର୍ଦ୍ଦାଫାଶ

## ୬ ଅଭିଯୁକ୍ତ ଗିରଫ, ୯ ବାଇକ୍ ଉଦ୍ଧାର

ରିଷିଡ଼ା,୧୯।୧୧(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା ମ ରାମପୁର ଥାନା ଅନ୍ତର୍ଗତ ରିଷିଡ଼ା ଫାଣ୍ଡି ପୋଲିସ ଏକ ବାଇକ୍ ଚୋରି ରାକେଟର ପର୍ଦ୍ଦାଫାଶ କରିଛି। ଏହି ରାକେଟର ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିସେମାନଙ୍କଠାରୁ ୯ ଚୋରିବାଇକ୍‌ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ତୁଷରା ଥାନା ଟେଣ୍ଟୁଲିଖୁଣ୍ଟି ଗ୍ରାମର ରୋହିତ ମହାନନ୍ଦ, ତୁଷୁରା ଥାନା ବାଗବାହାଲି ଗ୍ରାମର ଗୋକୁଳ ସାହୁ, ତୁଷୁରା ଥାନା ଜାମୁଟ ଗ୍ରାମ ଜଗନ୍ନାଥ ବସ୍ତି ପଡ଼ାର ଦୟାସାଗର ବିଶି, ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଦେଉଳି ଗ୍ରାମର ବାବୁଲା ରଣା, ବାଳଗୋପାଳ ରଣା ଓ ଟିକେଟନ୍ଦ ରଣା। ଏ ନେଇ ରିଷିଡ଼ା ଫାଣ୍ଡିରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ



ଗିରଫ ଅଭିଯୁକ୍ତ ଓ ଉଦ୍ଧାର ବାଇକ୍।

କୁମାର ମାଝି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ ଝାରମୁଣ୍ଡା ଗ୍ରାମର ପଦ୍ମମୁଖ ସାହୁଙ୍କର ଗତ ୧୭ ତାରିଖରେ ଏକ ବାଇକ୍ (ଓଆର୦୮ଜି-୯୩୭୨) ଚୋରି କରୁଥିବା ବେଳେ ଗ୍ରାମବାସୀ ଅଭିଯୁକ୍ତ ରୋହିତଙ୍କୁ ଧରି ଫାଣ୍ଡି ଜିମା ଦେଇଥିଲେ। କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ତତ୍ତ୍ୱାବଧାନରେ ମ.ରାମପୁର ଥାନା ଅଧିକାରୀ ବୀରବର ଭଗତ ଓ ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇଥିଲା। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୯ ବାଇକ୍ ଉଦ୍ଧାର କରିଛି। ଏ ନେଇ ମ ରାମପୁର ଥାନାରେ ଏକ ମାମଲା (ନଂ.୨୯୪/୨୫) ରୁଜୁ କରାଯାଇ ବୁଧବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖବରଦାତା ସମ୍ମିଳନୀରେ ମ.ରାମପୁର ଥାନା ଅଧିକାରୀ ବୀରବର ଭଗତ, ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡିକା, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହା ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ପାଟଣାଗଡ଼୧୯।୧୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସି ବ୍ରହ୍ମପୁରାସ୍ଥିତ ସୁଭଦ୍ରା ଭବନଠାରେ ବୁଧବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଯୋଗ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ, ସିଡ଼ିପିଓ ପ୍ରଭାମୟୀ ନାଏକ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ୧୦୨ ଜଣ ଭିନ୍ନକ୍ଷମ ହିତାଧିକାରୀ ବିଭିନ୍ନ ସମସ୍ୟା ନେଇ ପଞ୍ଜୀକୃତ କରିଥିବା ବେଳେ ୪ ଭିନ୍ନକ୍ଷମ ହିତାଧିକାରୀଙ୍କୁ ମୁଖ୍ୟଅତିଥି ବିଶିବସ୍‌ପାସ୍‌ପ୍ରଦାନକରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କମଳକାନ୍ତ ବାରିକ ପରିଚାଳନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।


## ପୌରପରିଷଦ କାର୍ଯ୍ୟାଳୟ, ଝାରସୁଗୁଡ଼ା
ସଂଖ୍ୟା-୪୩୯୪, ତା.୧୭.୧୧.୨୦୨୫ ରିଖ

### ଇସ୍ତାହାର

No.C-1509:ଏତଦ୍ୱାରା ପୁରୁଣା ତଥା ଭଙ୍ଗାରୁଜା ଲୁହା ସାମଗ୍ରୀ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି/ଅନୁଷ୍ଠାନ ବିଶେଷଙ୍କୁ ଜଣାଇ ଦିଆଯାଉଅଛି ଯେ, ଅତ୍ର ପୌରପରିଷଦର ସ୍ୱାସ୍ଥ୍ୟ ବିଭାଗର କେତେକ ପୁରୁଣା ତଥା ଭଙ୍ଗାରୁଜା ଲୁହା ସାମଗ୍ରୀ, ଯାହାର ଏକ ତାଲିକା ଏଥିସହିତ ନଥି କରାହୋଇଅଛି, ଆସନ୍ତା ତା.୨୮.୧୧.୨୦୨୫ ରିଖ ଦିବା ୧୧.୦୦ ଘଣ୍ଟାରେ ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମୁଖରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ଏଣୁ ଇଚ୍ଛୁକ ଥିବା ବ୍ୟକ୍ତି /ଅନୁଷ୍ଠାନ ବିଶେଷ ଉକ୍ତ ନିଲାମରେ ଭାଗ ନେବା ପୂର୍ବରୁ ଅତ୍ର କାର୍ଯ୍ୟାଳୟରେ ଟ.୫୦,୦୦୦.୦୦ (ପଚାଶ ହଜାର ଟଙ୍କା) ଜମା ଦେଇ ନିଲାମରେ ଭାଗ ନେଇପାରିବେ । ନିଲାମ ଯାହାର ସିଦ୍ଧ ହେବ, ସେ ନିଲାମ ଡାକର ସମସ୍ତ ମୂଲ୍ୟ ସଙ୍ଗେ ଅଫିସରେ ଜମା ଦେବ, ନତୁବା ନିଲାମକୁ ଅସିଦ୍ଧ ଘୋଷଣା କରାଯିବା ସଙ୍ଗେ ସଙ୍ଗେ ତାଙ୍କ ଦ୍ୱାରା ଜମା ଥିବା ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ । ନିମ୍ନ ସ୍ୱାକ୍ଷରକାରୀ ସର୍ବୋଚ୍ଚ ଡାକକୁ ଗ୍ରହଣ କରିବାକୁ ବାଧ ନୁହନ୍ତି ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡ଼ା ପୌରପରିଷଦ

OIPR-



## CDA କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

### ସୂଚନା

No.CAD-2361:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୧ ରେ ପ୍ଲଟ୍ ନଂ.-11-2D/221/30 ଟିକୁ ଶ୍ରୀ ବୀରବର ପାତ୍ର, ପିତା-ସ୍ୱର୍ଗତ ରାଜ କିଶୋର ପାତ୍ର, ସା-ପ୍ଲଟ ନଂ.-୨୦୩୩/ଏଫ, ତୃତୀୟ ଗଳି, ଚିନ୍ତାମଣିଶ୍ୱର ମନ୍ଦିର ପଛପଟେ, ଚିନ୍ତାମଣିଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା-୭୫୧୦୦୬ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ବୀରବର ପାତ୍ର ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ସତ୍ୟ ରଞ୍ଜନ ମହାନ୍ତି, ପିତା-ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତି, ସା-ବଖରାବାଦ, ପୋ-ଚାନ୍ଦିନୀଚୌକ, ଥା-ଲାଲବାଗ, ଜିଲ୍ଲା-କଟକ-୭୫୩୦୦୨ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି । ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./-ଭାରପ୍ରାପ୍ତ ଅଧିକାରୀ
(ଇଷ୍ଟେଟ)

OIPR-



## OBCC ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
No.CAD-2349

(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

ODISHA BRIDGE & CONSTRUCTION CORPORATION LIMITED

(A Government of Odisha Undertaking under Works Department)

No.9769 Date:17.11.25
File: SMT-2077

### NOTICE INVITING TENDER

| | | |
|---|---|---|
| 1. | Name of Work | Selection of Social media Agency to handle social media of Works Department,Odisha |
| 2. | Bid Identification No. of the Tender Document | 18/Tender/OBCC/2025-26 |
| 3. | Date of availability in e-procurement portal | from 21.11.2025 |
| 4. | Last date & time of receipt of online bid | 11.12.2025 till 5.00 PM |
| 5. | Date of Opening of online technical bid | 12.12.2025 at 11.30 AM |
| 6. | Period of Engagement | 24 Months |

7. Further details can be seen from the e-Procurement portal https://www.tendersodisha.gov.in.
8. OBCC has the right to accept or reject the Notice/RFP/Proposal without assigning any reason thereof.

OIPR- Sd./- Chief Engineer-II



## State Institute for Development of Arts & Crafts
Handlooms, Textiles & Handicrafts Department, Government of Odisha

SIDAC
No. PP-47
RFP No: 3017

REQUEST FOR PROPOSAL

Date : 18.11.2025

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha as the implementing agency of Odisha Crafts Museum - Kalabhoomi invites sealed proposal from eligible agencies for:
**"SELECTION OF PRIVATE OPERATORS FOR LEASING AND OPERATION OF RESTRO CAFE 1/ RESTRO CAFE 2/ RESTRO CAFE 3/ CANTEEN OF ODISHA CRAFTS MUSEUM - KALA BHOOMI, BHUBANESWAR".**

Agencies fulfilling the eligibility criteria and other requirement of the selection process can download the complete RFP document from the websites of the department at www.sidacodisha.org.in & www.odishacraftsmuseum.odisha.gov.in

The proposals complete in all respect must reach the undersigned through **Speed post/ Courier** only in a sealed envelope clearly mentioning on the top of it **" REQUEST FOR PROPOSAL- TITLE OF THE TENDER"**. The authority reserves the right to reject any / all proposal and cancel the selection process without assigning any reason thereof.

For further details please contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

Sd/-
Member Secretary

OIPR:



## OFFICE OF THE CHIEF DISTRICT VETERINARY OFFICER, ANGUL
AT: HEMSURPADA, PO/DIST:ANGUL, ODISHA-759122
Mail: cdvoangul@gmail.com

### TENDER CALL NOTICE

No.M-39:Bids in sealed cover are invited from the interested eligible Non-Government Organisations/ Reputed Manpower Agency/ Service Provider to provide Manpower support i.e. One Laboratory Technician at District Diagnostic Laboratories (DDL), Angul under State Plan Scheme Support to vaccine production & Disease Control Institution" under Umbrella Scheme "GOAL FOR MANAGEMENT & TREATMENT OF ANIMALS" (GOMATA) for the year 2024-25. The details of the tender can be downloaded from the website: (www.angul.odisha.gov.in)

Sd./-
Chief District Veterinary Officer
Angul

OIPR-



## Bhubaneswar Municipal Corporation

Notice No- 58080 /2025-26
XXXXX 1502 AC, 238/2025

Dt:17.11.2025

REQUEST FOR PROPOSAL FOR
SELECTION OF AN EVENT MANAGEMENT AGENCY (EMA)
FOR CONCEPTUALISING, CURATING & EXECUTING THE
BHUBANESWAR PATHA-UTSAV

**No.C-1510:**Bhubaneswar Municipal Corporation (BMC) invites proposal from reputed Event Management Agency (EMA) for Conceptualising, Curating & Executing the Bhubaneswar Patha-Utsav. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in from 11.00 AM of 19.11.2025 to 03.00 PM of 10.12.2025**. The last date of receipt of technical and financial bids is **10.12.2025 till 3.00 PM** and the same would be opened on **10.12.2025 at 4.00 PM**. The Pre-bid meeting is scheduled on **25.11.2025 at 04.30 PM.** in the Conference Hall at BMC Office. Bids shall be submitted through registered/ Speed Post or Courier service (no hand delivery allowed) at the address mentioned in the RFP. Please refer the RFP documents for further details.
BMC reserves the right to cancel this invitation and / or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

By Order
Sd./- Deputy Commissioner
(Public Relation & Communication)
Bhubaneswar Municipal Corporation

OIPR-



## OFFICE OF THE PRINCIPAL
No.RR-28

GOVT. COLLEGE OF ART AND CRAFTS
Khallikote, Ganjam, Odisha-761030, Ph.06810 291352
Department of Odia Language, Literature & Culture, Govt. of Odisha
Affiliated to Utkal University of Culture, Odisha
Mail. govtcollegeofartandcrafts@gmail.com, Web: http://gcacodisha.nic.in
No.1093/GCAC, Khallikote Date:18.11.2025

### ADVERTISEMENT FOR GUEST FACULTIES 2025-26

Applications are invited from the eligible candidates for engagement of the Guest Faculties in the Govt. College of Art and Crafts, Khallikote for the academic year 2025-26 functioning under the Odia Language Literature and Culture Department, Govt of Odisha as mentioned below:
Guest Lecturer (Department Wise):
**(i) Crafts & Ceramics -1**
Guest Instructor (Department Wise):
**(i) Oil Painting-1 (ii) Commercial Art-1**
Interested Candidates are advised to apply in the plain paper application along with Complete Bio-Data, all photo copies of Educational Certificate and Mark sheets, latest by 30th Nov 2025 positively to the office of the Principal, Govt College of Art and Crafts, Khallikote,Ganjam-761030 . The applications received after due date shall not be taken into consideration. The minimum qualification for the post of Guest Lecturer shall be Master's Degree (MVA/MFA) and for Guest Instructor is Bachelor's Degree ( BVA / BFA) in the concerned subject and preference will be given to the candidates having any higher qualification. The remuneration shall be paid to the above Guest faculties as per the Govt. approved rate. The undersigned have reserved every right to reject any or all applications without assigning any reason.

Sd./- (Sri Devi Prasad Dash)
Principal I/C
Govt.College of Art and Crafts

OIPR-



## OFFICE OF THE SAMBALPURI BASTRALAYA HLCS LTD, BARGARH
At/PO/DIST.-BARGARH, PIN-768028,E.mail sambalpuribastralayabgh@gmail.com
Tender Call Notice
Notice No – 2000 Dated –04.11.2025

**No.CAD-2358:**Sealed Tenders are invited from the reputed Suppliers / Manufacturers/ Dealers/ Firms having valid PAN & GST with up to date Income Tax clearance Certificate, for supply of the Fleece Blankets for supply of the same to Government Agencies for their students of different districts of the state during 2025-26. The rates are inclusive of all Taxes and transportation charges up to the delivery point Koraput Godown of Sambalpuri Bastralaya HLCS Ltd., Bargarh. The last date of submission of Tender is **dt.24.11.2025 by 5.00 P.M.** The Tender will be opened on **dt. 25.11.2025 at 11.00AM** in the Office of the President, Sambalpuri Bastralaya HLCS Ltd., Bargarh in presence of the Tenderers or their authorized representatives and members of the Purchase Committee. **The Tenderers or their representatives must present on that day with samples of the above quoted items,** failing which the related quotations shall not be considered.
For more details terms & condition etc. and eligible criteria for supply of the items, please visit the official website of the of Sambalpuri Bastralaya Handloom Co-operative Society Ltd., Bargarh **www.sambalpuribastralaya.com** and may contact to the office of the Sambalpuri Bastralaya Bargarh in the above listed address, email & Phone Number-8984735626. The undersigned reserves the right to reject or accept any or all the quotation without assigning any reason thereof.

Sd/- S.L.Singh, Secretary

Proforma for submission of Tender:-

| Sl. No. | Name of the quoted items | Specification | Rate per unit inclusive all taxes and transportation | Remarks |
|---|---|---|---|---|
| 01 | 02 | 03 | 04 | 05 |
| | | | | |

OIPR-



## CONFISCATION NOTICE OF TRACTOR & TROLLEY

No.MM-289: It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number - Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs-7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.
The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

Sd./-
Authorized Officer-cum-A.C.F.
Brahmapur Forest Division

OIPR-

# ଗାଁ ଛାଡ଼ନ୍ତୁନାହିଁ, କାମ ଯୋଗାଇବୁ: ମନ୍ତ୍ରୀ ରବି ନାଏକ

ବଲାଙ୍ଗୀର/ଖପ୍ରାଖୋଲ,୧୯।୧୧ (ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)



ଖପ୍ରାଖୋଲ ବ୍ଲକର ତୁର୍ଲା ଗାଁରେ ମନ୍ତ୍ରୀ ରବି ନାଏକ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସହ ଦାଦନ ଟାକ୍ସଫୋର୍ସ ଟିମ୍ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

- ଦାଦନ ଟାକ୍ସଫୋର୍ସ ଟିମ୍‌ର ବଲାଙ୍ଗୀର ଜିଲ୍ଲା ପରିଦର୍ଶନ
- ତୁର୍ଲା, ରେଙ୍ଗାଲିରେ ସରକାରୀ ଯୋଜନା କାର୍ଯ୍ୟକାରିତା ନେଇ ଆଲୋଚନା
- ଘରକୁ ଘର ଯାଇ ମନ୍ତ୍ରୀ, ଏମ୍‌ପି, ସଚିବ କଲେ ଗ୍ରାଉଣ୍ଡ ଜିରୋ ସର୍ବେକ୍ଷଣ
- ରାଜ୍ୟ, କେନ୍ଦ୍ର ଯୋଜନା ସମନ୍ୱୟ ଉପରେ ଗୁରୁତ୍ୱାରୋପ

ଓଡିଶା ସରକାରଙ୍କ ସ୍ୱତନ୍ତ୍ର ଦାଦନ ଟାକ୍ସଫୋର୍ସ ଟିମ୍ ବୁଧବାର ବଲାଙ୍ଗୀର ଜିଲାର ଦାଦନ ପ୍ରବଣ ଖପ୍ରାଖୋଲ ଏବଂ ତୁରେକେଲା ବ୍ଲକ୍ ପରିଦର୍ଶନରେ ଆସି ତୃଣମୂଳ ସ୍ତରରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ବାସ୍ତବ ସ୍ଥିତି ଯାଞ୍ଚ କରିଥିଲେ। ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ଆସିଥିବା ଟାକ୍ସଫୋର୍ସ ଟିମ୍ ସଦସ୍ୟଙ୍କ ସହ ବଲାଙ୍ଗୀର ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ ମଧ୍ୟ କ୍ଷେତ୍ର ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ ମନ୍ତ୍ରୀ, ଏମ୍‌ପି ଓ ଟାକ୍ସଫୋର୍ସ ଟିମ୍ ଦାଦନ ଶ୍ରମିକ ଏବଂ ଗ୍ରାମବାସୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ମନ୍ତ୍ରୀ ନାଏକ କହିଥିଲେ, ରାଜ୍ୟ ସରକାର ପ୍ରତ୍ୟେକ ପରିବାରକୁ ଗାଁରେ କାମ ଯୋଗାଇବାକୁ ସଂକଳ୍ପ ନେଇଛନ୍ତି। ସେମାନେ ଯେଭଳି ଗାଁରେ କାମ ପାଇବେ ଏବଂ ନିଜ ପରିବାର ସହ ସୁବିଧାରେ ରହିବେ ସେହିଭଳି ଯୋଜନା କରାଯାଉଛି। ଲୋକେ ସରକାରୀ ଯୋଜନାର ସୁବିଧା ନ ନେଇ ରାଜ୍ୟ ବାହାରକୁ ଚାଲିଗଲେ ଦାଦନ ଶ୍ରମିକ ସମସ୍ୟାର କେବେ ସମାଧାନ ହେବନାହିଁ। ଲୋକେ ଗାଁ ଛାଡନ୍ତୁ ନାହିଁ। ଏଠି ରହି କାମ ମାଗନ୍ତୁ। ଯେଉଁଠି କାମ ନ ମିଳିଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାନ୍ତୁ। ରାଜ୍ୟ ସରକାର ଗାଁରେ କାମ ଯୋଗାଇବା ଯୋଜନା କରିଛନ୍ତି। ଏଣୁ ଗାଁ ଛାଡନ୍ତୁ ନାହିଁ ବୋଲି ସେ କହିଥିଲେ। ପ୍ରଥମେ ଟାକ୍ସଫୋର୍ସ ଟିମ୍ ଖପ୍ରାଖୋଲ ବ୍ଲକ ଭାନପୁର ଗ୍ରାମପଞ୍ଚାୟତର ତୁର୍ଲା ଗାଁରେ ପହଞ୍ଚିଥିଲେ। ସେଠାରେ ମନ୍ତ୍ରୀ ନାଏକ, ଲୋକସଭା ଏମପି ସିଂଦେଓ, ପଞ୍ଚାୟତିରାଜ ବିଭାଗ ସଚିବ ତଥା କମିଶନର ଏସ. ଏନ୍ ଗିରିଶ, ଓରମାସ ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ବିଭିନ୍ନ ଲୋକଙ୍କ ଘରକୁ ଘର ଯାଇ ସ୍ଥିତି ଯାଞ୍ଚ କରିଥିଲେ। ଅନେକ ଲୋକ ଠିକ୍ ଭାବେ ରାଶନ କାର୍ଡରେ ଚାଉଳ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ସହ ଅନ୍ୟ ଗରିବ କଲ୍ୟାଣ ଯୋଜନାରୁ ବଞ୍ଚିତ ହୋଇଥିବା ଜଣାପଡିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ଶ୍ରମ ବିଭାଗ ଅଧିକାରୀ, ବ୍ଲକ ଅଧିକାରୀ, ସମାଜ ମଙ୍ଗଳ ଅଧିକାରୀ ଓ କୃଷି ବିଭାଗ ଅଧିକାରୀଙ୍କ ଅବହେଳା ଏବଂ ସମନ୍ୱୟ ଅଭାବରୁ ଗାଁର ସରଳ ଲୋକେ ସରକାରୀ ଯୋଜନା ଥିବା ସତ୍ତ୍ୱେ ସେଥିରୁ ବାଦ୍ ପଡୁଥିବା ଜଣାପଡିଥିଲା। ଯେଉଁମାନେ ଯୋଗ୍ୟ ହିତାଧିକାରୀ ସେମାନଙ୍କୁ ତୁରନ୍ତ ସରକାରୀ ଯୋଜନାଗୁଡକରେ ଅନ୍ତର୍ଭୁକ୍ତ କରିବାକୁ ମନ୍ତ୍ରୀ ନାଏକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଶ୍ରମ ନିରୀକ୍ଷକଙ୍କୁ ମନ୍ତ୍ରୀ ନାଏକ ଏବଂ ଲୋକସଭା ଏମପି ସିଂଦେଓ ତାଗିଦ କରିଥିଲେ। ପରେ ତୁର୍ଲାଠାରେ ଆୟୋଜିତ ଦାଦନ ଶ୍ରମିକ ପରିବାର ସହ ଆଲୋଚନା କାର୍ଯ୍ୟକ୍ରମରେ ମନ୍ତ୍ରୀ ନାଏକ, ସଚିବ ଗିରିଶ ଏବଂ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବ୍ଲକର ଏସ୍‌ଏଚ୍‌ଜି ମହିଳାମାନେ କିଭଳି ଆର୍ଥିକ ଦିଗରୁ ସେମାନେ ସ୍ୱାବଲମ୍ବୀ ହୋଇଛନ୍ତି କହିଥିଲେ। ସେଠାରୁ ମନ୍ତ୍ରୀ ଏବଂ ଟିମ୍ ରେଙ୍ଗାଲି ଗ୍ରାମପଞ୍ଚାୟତକୁ ଯାଇ ସେଠାରେ ଦାଦନ ପରିବାର ସହ ଆଲୋଚନା କରିଥିଲେ। ସରକାରୀ ଯୋଜନାର ସୁଫଳ ପାଇଲେ ଲୋକେ ଆଉ ରାଜ୍ୟ ବାହାରକୁ କାମ ପାଇଁ ଯିବେନାହିଁ ବୋଲି ମନ୍ତ୍ରୀ କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ତରଣୀ ସୁନା, ପାଟଣାଗଡ ଉପଜିଲାପାଳ ସୁନୀଲ ମେହେର, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଜିଲା ଯୋଗାଣ ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ପାଟଣାଗଡ ଏସଡିପିଓ ସଦାନନ୍ଦ ପୂଝାରୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଭାଜପା ଜିଲା ସଭାପତି ଶ୍ରୀବତ୍ସ ବେହେରା, ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଭାନପୁର୍ ସରପଞ୍ଚ ରୀନା ଜାଲ, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେରଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀ ନାଏକ ଏବଂ ଟାକ୍ସଫୋର୍ସ ଟିମ୍ ରେଙ୍ଗାଲିରୁ ତୁରେକେଲା ବ୍ଲକ ଅଭିମୁଖେ ଯାଇଥିଲେ।

# ବେଲପଡ଼ାର ପୁଅ ଋତୁରାଜଙ୍କ ସଫଳତା

ବେଲପଡ଼ା,୧୯।୧୧(ମନୋଜ କୁମାର ମିଶ୍ର)




ଋତୁରାଜ ପୁଟେଲ।

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ସହରର ଋତୁରାଜ ପୁଟେଲ (୧୧) ନିକଟରେ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋରଷ୍ଟାଡିୟମଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପ୍‌ରେ ଭାଗ ନେଇ ସଫଳତା ଲାଭ କରିଛନ୍ତି। ସେ ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ଜୁନିୟର ବିଭାଗରେ ଅଂଶଗ୍ରହଣ କରିଥିଲେ। ଋତୁରାଜ ବ୍ୟାଡ଼ମିଣ୍ଟନ ଚାମ୍ପିଅନସିପରେ ସମ୍ବଲପୁର, ଖୋର୍ଦ୍ଧା, ବାଲେଶ୍ୱର, ଭୁବନେଶ୍ୱରର ଖେଳାଳିଙ୍କ ସହ ଖେଳି ୩ ରୌପ୍ୟ ପଦକ, ୪ଟି ବ୍ରୋଞ୍ଜ ପଦକ , ସେକ୍ ଓ ମାନପତ୍ର ପାଇ ବେଲପଡା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଋତୁରାଜ ବର୍ତ୍ତମାନ ରାଉରକେଲାସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢ଼ୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ତରଫରୁ ସେ ଏହି ବ୍ୟାଡମିଣ୍ଟନ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ। ତାଙ୍କ ବାପା କିଶୋର ପୁଟେଲ ସୁବର୍ଣ୍ଣପୁର ପୋଲିସ ବିଭାଗରେ କାର୍ଯ୍ୟରତ। ବାପା କିଶୋର, ଅଜା ଅବସରପ୍ରାପ୍ତ ପୋଲିସ ଅଫିସର ଲକ୍ଷ୍ମୀ ନାରାୟଣ ପୁଟେଲ ଓ କୋଚ ସୋମେନ ଦାସଙ୍କ ପ୍ରେରଣା ଓ ମାର୍ଗ ଦର୍ଶନ ସାଙ୍ଗକୁ ନିଜର ପରିଶ୍ରମ ଯୋଗୁ ସେ ଏହି ସଫଳତା ଲାଭ କରିଥିବା କହିଛନ୍ତି। ଭବିଷ୍ୟତରେ ଜଣେ ଜାତୀୟ ସ୍ତରର ବ୍ୟାଡ଼ମିଣ୍ଟନ ଖେଳାଳି ହୋଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିବା ତାଙ୍କର ଲକ୍ଷ୍ୟ ବୋଲି ଋତୁରାଜ କହିଛନ୍ତି।

# ମାଟୁପାଲିରେ ଛ ତିଅଣ ନ ଭଜା କାର୍ଯ୍ୟକ୍ରମ



ଦେଓଗାଁ,୧୯।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ମାଟୁପାଲିରେ ସ୍ଥାନୀୟ ଲୋକଶକ୍ତି ସଂଗଠନ ଆନୁକୂଲ୍ୟରେ ପରମ୍ପରା ବିକଶିତ ଯାତ୍ରାର ତୃତୀୟ ଦିବସରେ ଛ ତିଅଣ ନ ଭଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବ୍ଲକ ସଂଯୋଜକ ରୁପାଧର ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ମିର୍ଦ୍ଧା ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଆମ ଅଞ୍ଚଳରେ ମିଳୁଥିବା ବିଭିନ୍ନ ଶାଗ ତଥା ଜଙ୍ଗଲରୁ ମିଳୁଥିବା ପ୍ରାକୃତିକ ଫଳ, ପନିପରିବା ଆଦିର ବ୍ୟବହାର କରି କେମିତି ଖାଦ୍ୟପୁଷ୍ଟି ଉପରେ ସଚେତନ କରାଯାଇଥିଲା। ଏହାସହ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର ନ କରି ଜୈବିକ ପଦ୍ଧତରେ ଚାଷ କରବା ପାଇଁ ଆହ୍ୱାନ ଦିଆଯାଇଥିଲା। ବର୍ତ୍ତମାନ ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରି ହେଉଥିବା ଚାଷ ଦ୍ୱାରା ଅନେକ ମାରାତ୍ମକ ରୋଗ ବୃଦ୍ଧି ପାଉଛି। ଏହା ଚିନ୍ତାର ବିଷୟ ହୋଇଥିବା ବେଳେ ବଣଜଙ୍ଗଲରୁ ମିଳୁଥିବା ଫଳ , ଅନେକ ପ୍ରକାରର ଶାଗ, ପନିପରିବା ଆଦି ବିଲୁପ୍ତ ହେବାକୁ ବସିଥିବାରୁ ଏହାର ବ୍ୟବହାର ଓ ଉପକାରିତା ଉପରେ ସମସ୍ତେ ଅବଗତ ହେବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଜଳୀ ମିର୍ଦ୍ଧା, ଅଙ୍ଗନୱାଡ଼ି କର୍ମୀ ଦେବକୀ ନାଗ, ଆଶାକର୍ମୀ ସଂଯୁକ୍ତା ମିର୍ଦ୍ଧା, ସଭ୍ୟ ଶାନ୍ତି ଧରୁଆ, ସ୍ୱାସ୍ଥ୍ୟମିତ୍ର ଉପସ୍ଥିତ ଥିଲେ। ସଂଗଠନର ଶୁକ୍ଳିଳ ନନ୍ଦ, ଶରତ ସୁନା, ବିଦ୍ୟାଧର ଜାଲ, ମିଥୁନ ସୁନା ପ୍ରମୁଖ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣ୍ଟାବାଞ୍ଜି,୧୯।୧୧(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ, ବ୍ଲକ ଆକାଉଣ୍ଟ ଅଫିସର ଅନୁସୟା ମେହେର, ଡବ୍ଲୁଇଓ ୟୁ.କେ. ରାଉତ, ପ୍ରଫୁଲ୍ଲ କୁମାର ପଧାନ ମଞ୍ଚାସୀନ ଥିଲେ। ଶିବିରରେ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ବେଳେ ଶତାଧିକ ହିତାଧିକାରୀ ସାମିଲ ହୋଇଥିଲେ । ସୁନିଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲାଠୋର ଧନୁଯାତ୍ରା ପାଇଁ କଂସବରଣ



ଲାଠୋର,୧୯।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ୧୭ ତମ ଲାଠୋର ଧନୁଯାତ୍ରା ପାଇଁ ଜୟ ମା' ବଜ୍ରେନ ଧନୁଯାତ୍ରା କମିଟି ପକ୍ଷରୁ କଂସବରଣ ହୋଇ ଯାଇଛି। ସଭାପତି ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ କମିଟି ଉପଦେଷ୍ଟା ହରି ବାରିକ, ଉପସଭାପତି ଜୟଦେବ ଶାଣ୍ଡ, ସମ୍ପାଦକ ସଚ୍ଚିକାନ୍ତ ଦାସ, କୋଷାଧ୍ୟକ୍ଷ ବିଦ୍ୟାଧର ଗୁର୍ଲା, ସଦସ୍ୟ ମେଘଲାଲ ଖୁରା ଏବଂ ଶଶୀ ହଂସ କଂସବରଣ କରିଥିଲେ। ଚଳିତବର୍ଷ ବଲାଙ୍ଗୀର ଜିଲା ଭାଲେର ନିକଟ ଫଟକରା(କ) ଗ୍ରାମର କଳାକାର ଅନିଲ କୁମାର ନାଏକ ଲାଠୋର ଧନୁଯାତ୍ରାରେ କଂସ ଭୂମିକାରେ ଅବତୀର୍ଣ୍ଣ ହେବେ। ଆସନ୍ତା ୨୩ ଡିସେମ୍ବରରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ। ଲୋକଙ୍କ ମନୋରଞ୍ଜନ ପାଇଁ ଯାତ୍ରାରେ ମୀନାବଜାର ସହ ବିଭିନ୍ନ ଦୋଳିର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ତିନିଦିନିଆ ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡର ତାଲିମ କାର୍ଯ୍ୟକ୍ରମ



ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଉଠା ଦୋକାନୀ।

ବଲାଙ୍ଗୀର,୧୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରସ୍ଥିତ ଜାତୀୟ ଉଠା ଦୋକାନୀ ସଂଘ ଓ ଜିଲା ଉଠା ଦୋକାନୀ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲଠାରେ ତିନିଦିନିଆ ଷ୍ଟ୍ରିଟ ଫୁଡ୍ ଭେଣ୍ଡର ତାଲିମ ଶିବର ଅନୁଷ୍ଠିତ ହୋଇଛି। ଏହି ତାଲିମ ଶିବିରକୁ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ସହରର ୨୫୦ ଜଣ ଷ୍ଟ୍ରିଟ ଫୁଡ୍ ଭେଣ୍ଡରଙ୍କୁ ତାଲିମ ଦିଆଯିବା ସହ ସେମାନଙ୍କୁ ଫୁଡ୍‌ସେଫ୍ଟି ସାର୍ଟିଫିକେଟ୍ ଦିଆଯାଇଥିଲା। ଏହି ଅବସରରେ ଖାଦ୍ୟ ସୁରକ୍ଷା ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଯଥା ପିଏମ୍ ସ୍ୱନିଧି, ଅଣସଙ୍ଗଠିତ ଶ୍ରମିକ କାର୍ଡ, ଷ୍ଟ୍ରିଟ ଭେଣ୍ଡର ଭାବରେ ରେଜିଷ୍ଟ୍ରିଭୁକ୍ତ ହେବା ପାଇଁ ଅବଗତ କରାଯାଇଥିଲା । ସଭାପତି ଶମ୍ଭୁ ନାଗଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ସଂଘ କିପରି ସୁଦୃଢ ହେବ ସେ ଉପରେ ସମସ୍ତ ସଭ୍ୟ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ପର୍ଯ୍ୟବେକ୍ଷକ ଭାବେ ରାଜୀବ କୁମାର ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ବିଶ୍ୱଜିତ ସାହୁ, ଉପସଭାପତି ବରୁଣ ବାଗ, ସାଧାରଣ ସମ୍ପାଦକ କର୍ଣ୍ଣରାଜ ପାଣିଗ୍ରାହୀ, ସୁଦାମ ସିଂ, ଗୋପାଳ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ପୌର ପରିଷଦ କାଉନସିଲର ଇସ୍‌ମତ ଆରା ଖାନ, କିଶୋର କୁମ୍ଭାର, ଗଙ୍ଗାଧର ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ ଓ ଶତୃଘ୍ନ ବାଗଙ୍କ ସହ ଖାଦ୍ୟ ନିରାପତ୍ତା ଅଧିକାରୀ ଯୋଗ ଦେଇଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୧-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ବେସ୍‌ମେଣ୍ଟ ଏରିଆର ବିକାଶ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ ଏବଂ ସରଡେଗା ଷ୍ଟେଶନ ବିଲ୍ଡିଂର ୪ର୍ଥ ମହଲା ଭାବେ ଅତିରିକ୍ତ ମହଲା ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୨୧,୭୫,୯୯୬.୭୮ । ଇଏମ୍‌ଡି: ₹୪୩,୫୦୦ । କ୍ର.ସଂ.-୨ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଏବିଏସ୍‌ଏସ୍ ଅନ୍ତର୍ଗତ ଚକ୍ରଧରପୁର ମଣ୍ଡଳରେ ଦିବ୍ୟାଙ୍ଗଜନଙ୍କ ପାଇଁ ନ୍ୟୂନତମ ଅତ୍ୟାବଶ୍ୟକ ସୁଖ ସୁବିଧାର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ₹୧,୨୯,୧୪,୬୭୭.୪୬ । ଇଏମ୍‌ଡି: ₹୨,୧୪,୬୦୦ । କ୍ର.ସଂ.-୩ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୩-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଟାଟାନଗର–ପୋସୋଡିଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୭୪,୨୮,୪୭୫.୩୦। ଇଏମ୍‌ଡି: ₹୧,୪୮,୬୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ବନ୍ଦ ହେବା/ଖୋଲାଯିବା ତାରିଖ: ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବ ଜରୁରୀ । (PR-855)

**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**

E-mail: eelidbdk@gmail.com

No.CAD-2342

**E-Procurement Notice**

Bid Identification No. E-04/2025-26 (3373)/OLIC (BDK)/ Dt. 03.11.2025

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 65 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs. 23.69 Lakh to Rs. 24.15 Lakh |
| 3. | Cost of Tender Paper | Rs. 7080/- (including GST @ 18%) as mentioned against each L.I Project through online mode as mentioned in DTCN |
| 4. | Date and Time of Publication | Dt. 21.11.2025 from 11.00 AM |
| 5. | Date & Time of Closing with Seeking Clarification | Dt. 29.11.2025 up to 5.00 PM |
| 6. | Date & Time of Opening of Bid | Dt. 01.12.2025 at 11.00 AM |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR- Sd./- Executive Engineer

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

No.O-1440

E_Mail : eerw_kuchinda@yahoo.com

**"e" Procurement Notice for Building Works**

**Identification No Online Tender / 07 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid in double cover format from experienced & eligible bidders for 08 (Eight) no. of Building works in the District of Sambalpur for the year 2025-26.

1. Name of the work : Building Works (Double cover)
2. Total Number of Works : 08 Nos.
3. Estimated Cost : Aprx. Rs.65.47-Rs.67.77 lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 07/RWD/KCD | 21.11.2025 at 11 A.M. | 28.11.2025 at 5.00 P.M. | 27.11.2025 at 5.00 A.M. | 29.11.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

OIPR-

Sd./- Superintending Engineer
Rural Works Division, Kuchinda

# ସମଲେଶ୍ୱରୀ ଏକ୍ସପ୍ରେସର ପରୀକ୍ଷାମୂଳକ ରହଣି ଆରମ୍ଭ



ଅତିଥି ପତାକା ଦେଖାଇ ସମଲେଶ୍ୱରୀ ଏକ୍ସପ୍ରେସ ରହଣି ପାଇଁ ଶୁଭାରମ୍ଭ କରୁଛନ୍ତି।



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଲୋଇସିଂହା ଷ୍ଟେଶନ**

ଲୋଇସିଂହା,୧୯।୧୧(ସୁଶାନ୍ତ ବାରିକ)

ଯାତ୍ରୀଙ୍କ ସୁବିଧା ଏବଂ ସ୍ଥାନୀୟ ଜନସାଧାରଣଙ୍କ ଦୀର୍ଘଦିନର ଦାବିକୁ ଦୃଷ୍ଟିରେ ରଖି ଟ୍ରେନ ନମ୍ବର ୧୮୦୦୫/୧୮୦୦୬ ହାଓଡା ଜଗଦଲପୁର–ହାଓଡା ସମଲେଶ୍ୱରୀ ଏକ୍ସପ୍ରେସ ବୁଧବାରଠାରୁ ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟେଶନରେ ପରୀକ୍ଷାମୂଳକ ଭାବେ ରହଣି ଆରମ୍ଭ କରିଛି। ତେବେ ରହଣିର ଶୁଭାରମ୍ଭ ଦିନ ୩ ଘଣ୍ଟା ବିଳମ୍ବରେ ପହଞ୍ଚିଥିବା ୧୮୦୦୫ ହାଓଡା–ଜଗଦଲପୁର ଟ୍ରେନକୁ ଅପରାହ୍ନ ୧.୪୩ ମିନିଟ ସମୟରେ ସମ୍ବଲପୁରର ବରିଷ୍ଠ ବାଣିଜ୍ୟିକ ପରିଚାଳିକା ଗରିମା ତିୱାରୀଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ , ସମ୍ମାନିତ ଅତିଥି ଲୋଇସିଂହା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ମିଳିତ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଲୋଇସିଂହା ଷ୍ଟେଶନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବଲପୁରର ବରିଷ୍ଠ ବାଣିଜ୍ୟିକ ପରିଚାଳିକା ଗରିମା ଅଧ୍ୟକ୍ଷତା କରିଥିଲେ। ଯାତ୍ରୀଙ୍କ ସୁବିଧା ବୃଦ୍ଧି ଓ ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବା ଦିଗରେ ବିଭାଗ ପ୍ରତିବଦ୍ଧ ବୋଲି ସେ କହିଥିଲେ । ମୁଖ୍ୟଅତିଥି ସିଂଦେଓ କହିଥିଲେ, ଜନସାଧାରଣଙ୍କ ଦୀର୍ଘଦିନର ଦାବି ଆଜି ପୂରଣ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ,କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି। ଲୋକଙ୍କ ଦାବି ମୁତାବକ ଲୋଇସିଂହା ଷ୍ଟେଶନରେ ରେଳ ବିଭାଗ ପକ୍ଷରୁ ବହୁ ଉନ୍ନତୀମୂଳକ କାର୍ଯ୍ୟ ଚାଲିଛି। ଖଳିଆପାଲି ଓ ଲୋଇସିଂହା ଷ୍ଟେଶନ ମଝିରେ କାମ ଚାଲିଛି। ଏହାଛଡା ଲୋଇସିଂହା ଷ୍ଟେଶନର ପୁନରୁଦ୍ଧାର ହେବା ସହିତ ଯାତ୍ରୀଙ୍କ ପାଇଁ ବହୁ ସୁବିଧା ଉପଲବ୍ଧ କରାଯାଇଛି । ଲୋଇସିଂହା ବ୍ଲକରେ ବିଦ୍ୟୁତ୍ ବିଭ୍ରାଟକୁ ଦୂର ପାଇଁ ଗ୍ରୀଡଗୁଡିକର ଆଧୁନିକୀକରଣ କାମ ତ୍ୱରାନ୍ୱିତ କରାଯାଉଛି। ଏହି ଅବସରରେ ସେ ବରଗଡ–ବୋରିଗୁମା ୨୬ ନଂ ଜାତୀୟରାଜପଥ ବରପାଲିରୁ ବଲାଙ୍ଗୀର ୪ ଥାକିଆ ରାସ୍ତା କାମ ପାଇଁ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ଅନୁମୋଦନ କରିଥିବା କହିଥିଲେ। ସମ୍ମାନିତ ଅତିଥି ମହାଲିଙ୍ଗ କହିଥିଲେ, ଲୋଇସିଂହା ଷ୍ଟେଶନ ଏବେ ଜିଲାର ପ୍ରମୁଖ ଷ୍ଟେଶନ ହେଲାଣି । ସୁବିଧା ଦୃଷ୍ଟିରୁ ବଲାଙ୍ଗୀର ସହରର ଲୋକେ ଏଠି ଓହ୍ଲାଇ ବଲାଙ୍ଗୀରକୁ ଯାଉଛନ୍ତି। ଏଣୁ ଏଠାରେ ଭୁବନେଶ୍ୱର ଇଣ୍ଟରସିଟି ପରେ ପୁରୀ–ଦୁର୍ଗ ଏବେ ସମଲେଶ୍ୱରୀ ଏକ୍ସପ୍ରେସ ରହଣି ତାହା ପ୍ରମାଣିତ କରୁଛି। ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ର୍‍ୟାମ୍ପ ନିର୍ମାଣ ସାଙ୍ଗକୁ ଯାତ୍ରୀଙ୍କୁ ଆକୃଷ୍ଟ ପାଇଁ ଏକ ପୁରୁଣା ରେଳକୋଚରେ ଟି ଷ୍ଟଲ ଓ ଅନ୍ୟାନ୍ୟ ସୁବିଧା ପାଇଁ ଯୋଜନା ରହିଥିବା ସେ କହିଥିଲେ। ବିକାଶକୁ ଦ୍ୱିଗୁଣିତ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ । ୧୮୦୦୫ ହାଓଡା–ଜଗଦଲପୁର ସମଲେଶ୍ୱରୀ ଏକ୍ସପେସ ଅପ୍‌ଲାଇନରେ ପୂର୍ବାହ୍ନ ୧୦.୪୧ ମିନିଟରେ ଲୋଇସିଂହା ଷ୍ଟେଶନରେ ପହଞ୍ଚି ୧୦.୪୩ ମିରେ ପ୍ରସ୍ଥାନ କରିବ । ସେହିପରି ଡାଉନ ଲାଇନରେ ୧୮୦୦୬ ଟ୍ରେନ ଅପରାହ୍ନ ୪ଟାରେ ପହଂଚି ୪.୨ ମି.ରେ ଗନ୍ତବ୍ୟ ସ୍ଥଳକୁ ଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ ।

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ମହାବୀର ବଜାର, ଢେଙ୍କାନାଳ ଶାଖା**
ପ୍ଲଟ୍ ନଂ.: ୨୩୨୫/୧୧୩୪୭ ଏବଂ ୨୩୨୫,
ଜଗନ୍ନାଥ ରୋଡ୍, ମହାବୀର ବଜାର, ଜିଲ୍ଲା: ଢେଙ୍କାନାଳ,
ଇମେଲ୍: ubin0919799@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଟା, ସଦର ଆର୍‌ଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଟା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ | ଟ.୪,୯୮,୬୬୧.୪୭ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୮.୧୧.୨୦୨୪ / ୧୫.୧୧.୨୦୨୫ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ |

**ସ୍ଥାନ: ଢେଙ୍କାନାଳ, ତାରିଖ: ୧୯.୧୧.୨୦୨୫** ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ ନେଇ ରାସ୍ତାରୋକୋ

ବିନିକା,୧୯।୧୧(ରାମଗୋପାଳ ବାଘ)



ଘଟଣାସ୍ଥଳରେ ଲୋକେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକା ଦେଇ ରାମପୁର ପଟକୁ ଯାଇଥିବା ୧୨୬(ଏ)ନଂ. ଜାତୀୟ ରାଜପଥର ବିନିକା ଥାନା ଅନ୍ତର୍ଗତ ସିଂଘିଯୁବା ଛକ ନିକଟରେ ବୁଧବାର ସକାଳେ ଦୁର୍ଘଟଣା ଘଟିଛି। ଏକ ଟ୍ରକ ଧକ୍କା ଦେବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ସିଂଘିଯୁବା ଗାଁର ପୁରୋଷୋତ୍ତମ ନେପାଳ। ସେ ସକାଳ ୭ଟା ୩୦ରେ ଗାଧୋଇବା ପାଇଁ ପୋଖରୀକୁ ଚାଲିଚାଲି ଯାଉଥିବାବେଳେ ରାମପୁର ପଟରୁ ବିନିକା ପଟକୁ ଆସୁଥିବା ଓଜେ ୦୧ ଏଟି ୯୮୪୯ ନଂ. ଟ୍ରକ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ପରିବାର ଲୋକେ ଓ ଗ୍ରାମବାସୀ ସେଠାରେ ପହଞ୍ଚି ଟ୍ରକ ସହ ଚାଳକଙ୍କୁ ଅଟକ ରଖିଥିଲେ। ଏହା ସହ ମୃତଶରୀରକୁ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ପାର୍ଶ୍ୱରେ ଗାଡିମୋଟର ଲମ୍ବାଲାଇନ ଦେଖିବାକୁ ମିଳିଥିଲା। ଖବରପାଇ ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ପଧାନ, ଏସ୍ଆଇ ତ୍ରିନାଥ ସାହୁ, ଅନିଲ ବେହେରା, ରଞ୍ଜନ ନାୟକ ପୋଲିସ ବାହିନୀ ନେଇ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ବିନିକା ତହସିଲଦାର ରମ୍ଭା ଭୋଇ, ଅତିରିକ୍ତ ତହସିଲଦାର ଦୟାରାମ ମେହେର, ସୁବର୍ଣ୍ଣପୁର ଆର.ଟି.ଓ, ଏମଭିଆଇ ଓ ଆରଆଇ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହିତ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ରେଡ୍କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଗ୍ରାମବାସୀ ୩ଘଣ୍ଟା ପରେ ରାସ୍ତାରୋକୋରୁ ଓହରିଥିଲେ। ପୋଲିସ ଟ୍ରକକୁ ଜବତ କରି ଥାନାରେ ଅଟକ ରଖିଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଚାର୍ଯ୍ୟ ବରଣ

ବୀରମହାରାଜପୁର,୧୯।୧୧ (ଯୁଗଳ କିଶୋର ମିଶ୍ର)



ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଚାର୍ଯ୍ୟ ବରଣ କରାଯାଉଛି।

ଆସନ୍ତା ଫାଲଗୁନ କୃଷ୍ଣପକ୍ଷ ଅଷ୍ଟମୀ ୧୦।୦୨।୨୦୨୬ରୁ ୧୬।୦୨।୨୦୨୬ ମହାଶିବରାତ୍ରି ପର୍ଯ୍ୟନ୍ତ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ଖଲିଆପାଲିରେ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଚାର୍ଯ୍ୟ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ବ୍ଲକ ସମେତ କଳାହାଣ୍ଡି ଜିଲାର ୪ଟି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଦସ୍ୟ, ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ ତଥା ଆଞ୍ଚଳିକ ବ୍ରାହ୍ମଣ ସମାଜର ସଦସ୍ୟ ଚିତ୍ରସେନ ଦାଶ ଏବଂ ଅନ୍ୟମାନେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ମହଦା ପଞ୍ଚାୟତର ପାଲିଗାଁ ଗ୍ରାମର ବିଶିଷ୍ଟ ପଣ୍ଡିତ ସୁମନ୍ତ ଷଡ଼ଙ୍ଗୀଙ୍କୁ ମୁଖ୍ୟ ଆଚାର୍ଯ୍ୟ ରୂପରେ ବରଣ କରିଛନ୍ତି।

# କୃଷକଙ୍କ ଦକ୍ଷତା ବିକାଶ ହେଲେ ଆୟ ବଢ଼ିବ

ସୋନପୁର,୧୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

**ବ୍ଲକସ୍ତରୀୟ ଏକ ଦିବସୀୟ କର୍ମଶାଳା**

କୃଷକଙ୍କ ଦକ୍ଷତା ବିକାଶ ପାଇଁ ସୋନପୁର ବ୍ଲକସ୍ତରୀୟ ଏକ ଦିବସୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଆଗୁଆ ଚାଷୀ ଏଥିରେ ଯୋଗଦେଇ ଉଦ୍ୟାନ କୃଷି ସମ୍ପର୍କିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, ଚାଷ ପ୍ରଣାଳୀ ଏବଂ ରୋଗପୋକ ଦମନ ସମ୍ପର୍କରେ ଅବଗତ ହୋଇଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀ ହୃଷିକେଶ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆୟ ବୃଦ୍ଧି ପାଇଁ କୃଷକଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଅଏଲ ପାମ୍ ଚାଷ ପାଇଁ ଉପଯୁକ୍ତ ମୃତ୍ତିକା, ଚାରା ଚୟନ, ଚାଷ ପ୍ରଣାଳୀ, ଫଳ ଅମଳ, ବଜାର ସୁବିଧା ଉପରେ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ତ୍ରିନାଥ ଖଣ୍ଡାୟତରାୟ ପନିପରିବା ଚାଷରେ ରୋଗ ପୋକ ନିୟନ୍ତ୍ରଣ, ଚାଷ ପୂର୍ବରୁ ମାଟି ପରୀକ୍ଷା ନେଇ ଚାଷୀଙ୍କୁ ବୁଝାଇଥିଲେ। ପ୍ରି ୟୁନିକ୍ ଇଣ୍ଡିଆ ତାଳ ତେଲର ଜିଲା ପରିଚାଳକ ଟି.ରବି କୁମାର ଯୋଗଦେଇ ଜିଲାରେ ତାଳ ତେଲ ଚାଷ ପାଇଁ ଉପଯୁକ୍ତ ମୃତ୍ତିକା, ସରକାରଙ୍କ ପକ୍ଷରୁ ରହାତି ବ୍ୟବସ୍ଥା ଓ କୃଷକଙ୍କ ଆୟ ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ବୈଜ୍ଞାନିକ ପ୍ରଣାଳୀରେ ତେଲ ତାଳ ଚାଷ କଲେ ଚାଷୀର ଆୟ ଅନେକ ପରିମାଣରେ ବୃଦ୍ଧି ପାଇବ ବୋଲି ରବି କୁମାର କହିଥିଲେ। ତାଳ ଚାଷ ପାଇଁ ସରକାରଙ୍କ ସହାୟତା, ଅମଳ, ପ୍ରକ୍ରିୟାକରଣ ଓ ବଜାର ସୁବିଧା ସମ୍ପର୍କରେ ସେ ବୁଝାଇଥିଲେ। ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଦାଶ ବକ୍ତବ୍ୟରେ ଜିଲାରେ ତାଳ ତେଲ ଚାଷ ପାଇଁ ଅନୁକୂଳ ଜଳବାୟୁ, ଉପଯୁକ୍ତ ମୃତ୍ତିକା ଓ ଜଳ ଉପଲବ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ। ଉଦ୍ୟାନ କୃଷି ପାଇଁ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ତାଳ ତେଲ ଯୋଜନା, ଜାତୀୟ ଉଦ୍ୟାନ ମିଶନ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ସୋନପୁର ବ୍ଲକ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶିନୀ ପୂଜାହାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଶରତ କଲତା, କମଳ ରାଜହଂସ ଓ ସୁବାସ ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଲୁପୁରସିଂହାକୁ ନୂତନ ପଞ୍ଚାୟତ ପାଇଁ ଦାବି




ଗ୍ରାମବାସୀ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

ସୋନପୁର,୧୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ଲୁପୁରସିଂହାକୁ ନୂତନ ପଞ୍ଚାୟତ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ବୁଧବାର ଶତାଧିକ ଗ୍ରାମବାସୀ ସୋନପୁର ବ୍ଲକ ଛକଠାରୁ ଏକ ରାଲିରେ ଆସି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ପଞ୍ଚାୟତ ଓ ବ୍ଲକଗୁଡିକୁ ପୁନର୍ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ସୋନପୁର ବ୍ଲକର ଲଛିପୁର ଓ ରେଙ୍ଗାଲି ପଞ୍ଚାୟତକୁ ପୁନର୍ଗଠନ କରି ଲୁପୁରସିଂହା, ଭୂରୁଷାପାଲି ଓ ଲୁହୁରାପାଲି ଗ୍ରାମକୁ ନେଇ ନୂତନ ଭାବେ ଲୁପୁରସିଂହା ପଞ୍ଚାୟତ ଗଠନ କରିବାକୁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ ପ୍ରସ୍ତାବିତ ଲୁପୁରସିଂହା ପଞ୍ଚାୟତର ଲୋକସଂଖ୍ୟା ୩୧୦୭ ଅଟେ। ସେଥିମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ସଂଖ୍ୟା ୩୨ ପ୍ରତିଶତ। ପଛୁଆବର୍ଗଙ୍କ ସଂଖ୍ୟା ୬୦ ପ୍ରତିଶତ ଓ ଉଚ୍ଚଜାତିର ଜନସଂଖ୍ୟା ୭ ରୁ ୮ ପ୍ରତିଶତ ଅଟେ। ଲୁପୁରସିଂହା ଗ୍ରାମ ଅଞ୍ଚଳର ମୁଖ୍ୟ ଜନବସତି। ତେଣୁ ଭୌଗୋଳିକ ଦୃଷ୍ଟିକୋଣରୁ ଏହି ଦାବି ଯୁକ୍ତିଯୁକ୍ତ ବୋଲି ଅଞ୍ଚଳବାସୀ କହିଛନ୍ତି। ଲୁପୁରସିଂହା ଗ୍ରାମର ବିଭୂତି ଭୂଷଣ ଦାଶ, ଭୁବନେଶ୍ୱର ଦାଶ, ସତ୍ୟନାରାୟଣ ଦାଶ, ସଞ୍ଜୟ ପ୍ରଧାନ, ରାଜୀବ ପୂଜାହାରୀ, ଭରତ ପ୍ରଧାନ, ଭୁରୁଷାପାଲି ଗ୍ରାମର ବଳଦେବ ଦେହେରୀ, ଗାନ୍ଧୀ ଦେହେରୀ ଓ ଲୁହୁରାପାଲିର ଅଶୋକ ଦେହେରୀ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସତ୍ୟବ୍ରତ ସାହୁ ଓ ରମେଶ ଚନ୍ଦ୍ର ଗୋଛି ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ସ୍ମାରକପତ୍ର ଗ୍ରହଣ କରିଥିଲେ।

# ସୁବଲୟା ଖେଳପଡ଼ିଆ ସଫେଇ

ବୀରମହାରାଜପୁର,୧୯।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଲୟା ଖେଳପଡିଆର ସଫେଇ କରିଛନ୍ତି ରେଡ୍କ୍ରସ ସ୍ୱେଚ୍ଛାସେବୀ। ସୁବଲୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସୁବଲୟା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରେଡ୍କ୍ରସ କାଉନସିଲର ଦେବାଶିଷ ପ୍ରଧାନ ଓ ଅଧ୍ୟାପକ ଟି.ରେହମାନଙ୍କ ନେତୃତ୍ୱରେ ଉଭୟ ମହାବିଦ୍ୟାଳୟର ରେଡ୍କ୍ରସ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସୁବଲୟା ଖେଳପଡ଼ିଆରେ ସଫେଇ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏଥିରେ ୫୦ରୁ ଅଧିକ ଛାତ୍ରୀଛାତ୍ର ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ପୁରୋହିତ, ଅଧ୍ୟାପକ ବିଶ୍ୱରଞ୍ଜନ ସାହୁ, ଓମ କୁମାର ପ୍ରଧାନ, ସଞ୍ଜୟ କୁମାର ମେଣ୍ଡିଲୀ, ଅଧ୍ୟାପିକା ଅର୍ପିତା ନାୟକ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। କଲେଜର କର୍ମଚାରୀ ଦିଲ୍ଲୀପ କୁମାର ମେହେର, ଗୋପାଳ ଭୋଇ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପର୍ଯ୍ୟାୟ କ୍ରମେ ସୁବଲୟାର ମୁଖ୍ୟ ସ୍ଥାନ ଗୁଡ଼ିକରେ ଏହି ସଫେଇ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# କମାଣ୍ଡୋ ଏକାଦଶ ଭୁବନେଶ୍ୱର ସେମିଫାଇନାଲରେ

ଅମରପାଲି,୧୯।୧୧(ପୀତାମ୍ବର ସାହୁ)




ଉଦ୍ଘାଟନୀ ଉତ୍ସବରେ ଉଭୟ ଦଳର ଖେଳାଳି ଓ ଅତିଥି।

**ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଉଦ୍ଘାଟିତ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବୁଧବାର ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ (କମିରା କ୍ରିକେଟ କପ) ଉଦ୍ଘାଟିତ ହୋଇଯାଇଛି। ଆୟୋଜକ କମିଟି ସଭାପତି ନିର୍ମଳ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ କମିରା ସରପଞ୍ଚ ଅନୁଶୟା ପଧାନ ମୁଖ୍ୟ ଅତିଥି ଏବଂ ସୁବଲୟା ସରପଞ୍ଚ ପ୍ରମୋଦ କୁମାର ମହାପାତ୍ର ଓ କ୍ରୀଡାବିତ୍ ଧରଣୀଧର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ମ୍ୟାଚଟି ଆୟୋଜକ ଏମ୍ଏମସିସି କମିରା ଓ ଏସ୍ଭିସିସି ନୂଆପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ନୂଆପଡ଼ା ପ୍ରଥମେ ବ୍ୟାଟିଂ କରି ୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୭୫ ରନ କରିଥିବାବେଳେ କମିରା ଦଳ ଆବଶ୍ୟକୀୟ ୭୬ ରନକୁ ୮.୧ ଓଭରରେ ୩ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି କମାଣ୍ଡୋ ଏକାଦଶ ଭୁବନେଶ୍ୱର ଓ ପ୍ରଥମ ମ୍ୟାଚର ବିଜେତା କମିରା ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୧୭୧ ରନ କରିଥିଲା। ଜବାବରେ କମିରା ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୫ ରନ କରି ପରାସ୍ତ ହୋଇଥିଲା। ଫଳରେ ଭୁବନେଶ୍ୱର ଦଳ ଏହି ବିଜୟୀ ସହିତ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ୍ ରାମପ୍ରସାଦ କର୍ଣ୍ଣ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚ ପାଇଁ କମିରାର ଜଗନ ପ୍ରଧାନଙ୍କୁ ଓ ଦ୍ୱିତୀୟ ମ୍ୟାଚ ପାଇଁ ଭୁବନେଶ୍ୱରର ଚିନ୍ମୟ ପରିଡ଼ାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚ ଗୁଡିକରେ ଶ୍ରୀବନ୍ତ ନାଏକ ଓ ସୁବାଷ ଭଏନା ଅମ୍ପାୟାର, ପ୍ରଜେଶ ମହାକୁର ସ୍କୋରର ଏବଂ ସଚିନ ପ୍ରଧାନ ଓ ବୁଦ୍ଧଦେବ ମହାରଣା ଧାରାବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ ଷ୍ଟାର ଏକାଦଶ ପୁରୀ ଓ ସିଆରଏନ ତାଳଚେର ମଧ୍ୟରେ ହେବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଓ କମଣ୍ଡୋ ଏକାଦଶ ଭୁବନେଶ୍ୱର ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ୬୧,୭୪୯ କୃଷକଙ୍କୁ ମିଳିଲା ପିଏମ୍ କିଷାନ ସମ୍ମାନନିଧି



ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୯।୧୧(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାମିଲନାଡୁର କୋଏମ୍ବାଟୁରରୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ବୁଧବାର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜନ ହୋଇଥିଲା। ଏଥିରେ ଶତାଧିକ ଚାଷୀ ଯୋଗଦାନ କରି ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବକ୍ତବ୍ୟ ଶୁଣିଥିଲେ। ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ୬୧ହଜାର ୭୪୯ଜଣ କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁରର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପିଏମ୍ କିଷାନ ସମ୍ମାନ ନିଧି, ସିଏମ୍ କିଷାନରେ ସହାୟତା ଓ ଧାନ କୁଇଣ୍ଟାଲ ପ୍ରତି ରାଜ୍ୟ ସରକାରଙ୍କ ୮୦୦ଟଙ୍କାର ଇନ୍ପୁଟ୍ ସହାୟତା କୃଷକଙ୍କ ସଶକ୍ତିକରଣରେ ବେଶ ସହାୟକ ହୋଇଥିବା ପ୍ରଧାନ କହିଥିଲେ। ସମ୍ମାନିତ ଅତିଥି ଭାବେ ଚାଷୀ ନେତା ବେଣୁଧର ଦାଶ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ପଟ୍ଟନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ରୁଦ୍ରଦେବ ରାଉତ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଷିକେଶ ଦାଶ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଉପନିର୍ଦ୍ଦେଶକ ଦେବରାଜ ଦାସ ଯୋଗଦାନ କରିଥିଲେ। ଲୋପାମୁଦ୍ରା ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମ୍ପ୍ରସାରଣ ବିଶେଷଜ୍ଞ ସୁପ୍ରଭା ସେଠୀ ଓ ସୋନପୁର ବ୍ଲକ ସହକାରୀ କୃଷି ଅଧିକାରୀ ବିଭୂତି ଭୂଷଣ ସେଠୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK**

E-mail: eelidbdk@gmail.com

No.CAD-2342

**E-Procurement Notice**

**Bid Identification No. E-04/2025-26 (3373)/OLIC (BDK)/ Dt. 03.11.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 65 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs. 23.69 Lakh to Rs. 24.15 Lakh |
| 3. | Cost of Tender Paper | Rs. 7080/- (including GST @ 18%) as mentioned against each L.I Project through online mode as mentioned in DTCN |
| 4. | Date and Time of Publication | Dt. 21.11.2025 from 11.00 AM |
| 5. | Date & Time of Closing with Seeking Clarification | Dt. 29.11.2025 up to 5.00 PM |
| 6. | Date & Time of Opening of Bid | Dt. 01.12.2025 at 11.00 AM |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR- Sd./- Executive Engineer

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୧-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ବେସ୍ମେଣ୍ଟ ଏରିଆର ବିକାଶ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ ଏବଂ ସରଡେଗା ଷ୍ଟେଶନ ବିଲ୍ଡିଂର ୪ର୍ଥ ମହଲା ଭାବେ ଅତିରିକ୍ତ ମହଲା ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୨୧,୭୫,୯୯୬.୭୮ । ଇଏମ୍ଡି: ₹୪୩,୫୦୦ । କ୍ର.ସଂ.-୨ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଏବିଏସ୍ଏସ୍ ଅନ୍ତର୍ଗତ ଚକ୍ରଧରପୁର ମଣ୍ଡଳରେ ଦିବ୍ୟାଙ୍ଗଜନଙ୍କ ପାଇଁ ନ୍ୟୂନତମ ଅତ୍ୟାବଶ୍ୟକ ସୁଖ ସୁବିଧାର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ₹୧,୨୯,୧୪,୬୨୭.୪୬ । ଇଏମ୍ଡି: ₹୨,୧୪,୬୦୦ । କ୍ର.ସଂ.-୩ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୩-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଟାଟାନଗର–ପୋସୋଟିଆଠାରେ ବିଦ୍ୟମାନ ଗୁଡ୍ସ ଶେଡ୍ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୭୪,୨୮,୪୭୫.୩୦। ଇଏମ୍ଡି: ₹୧,୪୮,୬୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ବନ୍ଦ ହେବା/ଖୋଲାଯିବା ତାରିଖ: ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ୱେବ୍ସାଇଟ୍ **http://www.ireps.gov.in** ରେ ଦେଖା–ଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍ଲୋଡ୍ କରାଯିବ ଜରୁରୀ । (PR-855)

No.O-1440

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

E_Mail : eerw_kuchinda@yahoo.com

**"e" Procurement Notice for Building Works**

**Identification No Online Tender / 07 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid in double cover format from experienced & eligible bidders for 08 (Eight) no. of Building works in the District of Sambalpur for the year 2025-26.

1. Name of the work : Building Works (Double cover)
2. Total Number of Works : 08 Nos.
3. Estimated Cost : Aprx. Rs.65.47-Rs.67.77 lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 07/RWD/KCD | 21.11.2025 at 11 A.M. | 28.11.2025 at 5.00 P.M. | 27.11.2025 at 5.00 A.M. | 29.11.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

OIPR- Sd./- Superintending Engineer, Rural Works Division, Kuchinda

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ମହାବୀର ବଜାର, ଢେଙ୍କାନାଳ ଶାଖା**
ପ୍ଲଟ୍ ନଂ.: ୨୩୨୫/୧୧୩୪୭ ଏବଂ ୨୩୨୫, ଜଗନ୍ନାଥ ରୋଡ୍, ମହାବୀର ବଜାର, ଜିଲ୍ଲା: ଢେଙ୍କାନାଳ,
ଇମେଲ୍: **ubin0919799@unionbankofindia.bank**

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଟା, ସଦର ଆରଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଟା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ | ଟ.୪,୯୮,୬୬୧.୪୭ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୮.୧୧.୨୦୨୪ / ୧୫.୧୧.୨୦୨୫ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ |

**ସ୍ଥାନ: ଢେଙ୍କାନାଳ, ତାରିଖ: ୧୯.୧୧.୨୦୨୫** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



୨୦ତମ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଶୁ କଳାକାରମାନଙ୍କ ନୃତ୍ୟ ପରିବେଷଣ।

# କଳା ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**୨୦ତମ ଶିଶୁ ମହୋତ୍ସବ**

ରାଉରକେଲା,୧୯।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସୌଜନ୍ୟରେ ରାଉରକେଲାର ସ୍ପନ୍ଦନ ଅନୁଷ୍ଠାନ ପକ୍ଷରୁ ତିନିଦିନ ଧରି ଚାଲିଥିବା ୨୦ତମ ଶିଶୁ ମହୋତ୍ସବ-୨୦୨୫ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଛି। ମହୋତ୍ସବର ପ୍ରଥମ ଦୁଇଦିନ ସହରର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମୋଟ ୧୫ଟି କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଏହି ନାଟକ ମାଧ୍ୟମରେ ଛାତ୍ରୀଛାତ୍ର ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉଜାଗର କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ୧୮ଟି ନୃତ୍ୟ ଦଳ ମଧ୍ୟରେ ସିନିୟର ଏବଂ ଜୁନିୟର ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ଆର୍‌ଏସ୍‌ପି ସହରସେବା ଏବଂ ସିଏସ୍‌ଆର ମୁଖ୍ୟ ମହାପ୍ରବନ୍ଧକ ଟି. ଜି. କାନେକର ଓ ଗୃହସ୍ଥୀ ଉଦ୍ୟୋଗର ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେଡିଆ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁମାନେ ପାଠ ସହିତ କଳା ଓ ସଂସ୍କୃତି କ୍ଷେତ୍ରରେ ପାରଙ୍ଗମ ହେବା ଜରୁରୀ। କାରଣ ପାଠ ଦ୍ୱାରା ଜ୍ଞାନ ବୃଦ୍ଧି ହୁଏ, କଳା ଓ ସଂସ୍କୃତି କ୍ଷେତ୍ରରେ ପାରଦର୍ଶୀ ହେଲେ ସମାଜରେ ଜଣେ ସଫଳ ବ୍ୟକ୍ତିତ୍ୱ ଭାବେ ପରିଗଣିତ ହେବାରେ ସାହାଯ୍ୟ କରେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ବିଚାରକ ଥିବା ଅରବିନ୍ଦ ପଣ୍ଡା, ଅଭିଜିତ ଶର୍ମା, ମମତା ସାହୁ ଓ ଜୟାଙ୍କୁ ସମ୍ମାନିତ କରାଯାଇଥିଲା। ସ୍ପନ୍ଦନର ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି ପୌରୋହିତ୍ୟ କରିଥିଲେ। ଝିଲିମା ମହାନ୍ତି ସଭା ସଂଯୋଜନା ଏବଂ ଡ. ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମହୋତ୍ସବରେ ଇଣ୍ଡୋ ଇଂଲିଶ ସ୍କୁଲକୁ ଶ୍ରେଷ୍ଠ ଷ୍ଟେଜ୍ କ୍ରାଫ୍ଟ କ୍ଷୁଦ୍ର ନାଟକ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ସରସ୍ୱତୀ ଶିଶୁ ମନ୍ଦିରକୁ ଶ୍ରେଷ୍ଠ ସଙ୍ଗୀତ ସଂରଚନା, ଚିନ୍ମୟ ବିଦ୍ୟାଳୟ ସେକ୍ଟର-୨ର ଛାତ୍ର ସୁବ୍ରତ ମହଙ୍ଗାଙ୍କୁ ଶ୍ରେଷ୍ଠ ସହଯୋଗୀ ଅଭିନେତା, ସେକ୍ଟର-୬ ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭଙ୍କର ସୁନାଙ୍କୁ ଶ୍ରେଷ୍ଠ ନାଟ୍ୟ ଅଭିନେତା, ସେକ୍ଟର-୫ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅର୍ଚ୍ଚିତା ଗୋଛାୟତଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ, ସେକ୍ଟର-୬ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରସ୍ତୁତ ନାଟକ 'ବେଡା'କୁ ଶ୍ରେଷ୍ଠ ନିର୍ଦ୍ଦେଶନା ତଥା ଅନୁସନ୍ଧାନମୂଳକ କ୍ଷୁଦ୍ର ନାଟକ ଏବଂ ଶ୍ରେଷ୍ଠ ପ୍ରଯୋଜିତ ନାଟକ ଭାବେ ସେଣ୍ଟ ଯୋଶେଫ କନଭେଣ୍ଟ ସ୍କୁଲ ଦ୍ୱାରା ପରିବେଷିତ ନାଟକକୁ ସମ୍ମାନିତ କରାଯାଇଥିଲା।

# ରାଉରକେଲା ଏନ୍‌ଆଇଟି ୬୫୨ତମ ସ୍ଥାନକୁ ଉନ୍ନୀତ

**କ୍ୟୁଏସ୍ ବିଶ୍ୱବିଦ୍ୟାଳୟ ସ୍ଥିରତା ର‍୍ୟାଙ୍କିଙ୍ଗ-୨୦୨୬**

ରାଉରକେଲା,୧୯।୧୧(ସଙ୍ଗୀତା ଜେନା)

ରାଉରକେଲା ଏନ୍‌ଆଇଟି କ୍ୟୁଏସ୍ ବିଶ୍ୱବିଦ୍ୟାଳୟ ସ୍ଥିରତା ର‍୍ୟାଙ୍କିଙ୍ଗ-୨୦୨୬ରେ ୬୫୨ତମ ବିଶ୍ୱ ର‍୍ୟାଙ୍କ ହାସଲ କରିଛି। ଗତବର୍ଷ ଏହା ୬୬୪ ର‍୍ୟାଙ୍କରେ ରହିଥିଲା। ୨୦୨୬ ସଂସ୍କରଣରେ ଏହି ପ୍ରତିଷ୍ଠାନ କ୍ୟୁଏସ୍ ସ୍ଥିରତା ଢାଞ୍ଚା ଅଧୀନରେ ଏସିଆରେ ୧୮୦ତମ ଏବଂ ଭାରତରେ ୨୦ତମ ସ୍ଥାନରେ ରହିଛି। ରାଉରକେଲା ଏନ୍‌ଆଇଟି ଶୀର୍ଷ ର‍୍ୟାଙ୍କ ଭାବେ ଏହାର ସ୍ଥାନ ଏବଂ ଓଡ଼ିଶାରେ ସର୍ବୋଚ୍ଚ ସ୍ଥାନ ବଜାୟ ରଖିଛି। ଏହା ଜଣାପଡିବା ପରେ ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, ସ୍ଥାୟିତ୍ୱ ବିକାଶ କମିଟି ଅଧ୍ୟକ୍ଷ ପ୍ରଫେସର ଏଚ୍. ବି. ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୨୫ ସଂସ୍କରଣରେ ବିଶ୍ୱସ୍ତରରେ ୨୦୦୨ ପ୍ରତିଷ୍ଠାନ, ଏସିଆରୁ ୮୨୭ ଏବଂ ଭାରତର ୧୦୩ ସଂସ୍ଥା କ୍ୟୁଏସ୍ ସ୍ଥିରତା ଢାଞ୍ଚା ଅଧୀନରେ ମୂଲ୍ୟାଙ୍କିତ ହୋଇଥିଲେ। ର‍୍ୟାଙ୍କିଙ୍ଗ ଶିକ୍ଷା ଏବଂ ଗବେଷଣା କେନ୍ଦ୍ର ଭାବେ ବିଶ୍ୱବିଦ୍ୟାଳୟଗୁଡ଼ିକର ସାମାଜିକ ଏବଂ ପରିବେଶଗତ ପ୍ରଭାବର ମୂଲ୍ୟାଙ୍କନ କରେ। ନିରନ୍ତରତା ର‍୍ୟାଙ୍କିଙ୍ଗ-୨୦୨୬ ତିନୋଟି ମୁଖ୍ୟ ଦିଗ ଯଥା ପରିବେଶଗତ ପ୍ରଭାବ, ସାମାଜିକ ପ୍ରଭାବ ଏବଂ ଶାସନ ପରିଚାଳନାକୁ ଅନ୍ତର୍ଭୁକ୍ତ କରିଥାଏ। କ୍ୟୁଏସ୍ ନିରନ୍ତରତା ଢାଞ୍ଚା ଶିକ୍ଷା, ଗବେଷଣା, ନବସୃଜନ ଏବଂ ଦାୟିତ୍ୱପୂର୍ଣ୍ଣ ସଂସ୍ଥାଗତ ଅଭ୍ୟାସ ମାଧ୍ୟମରେ ପ୍ରତିଷ୍ଠାନଗୁଡ଼ିକ କିପରି ପ୍ରଭାବଶାଳୀ ଭାବେ ବିଶ୍ୱ ଚ୍ୟାଲେଞ୍ଜକୁ ମୁକାବିଲା କରନ୍ତି ତାହା ପରୀକ୍ଷା କରେ।

# ସଙ୍ଗୀତ ଗୁରୁଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

ରାଉରକେଲା,୧୯।୧୧(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପିର ଅବସରପ୍ରାପ୍ତ କର୍ମଚାରୀ, ସଙ୍ଗୀତ ଗୁରୁ ତଥା ସାମାଜିକ କର୍ମୀ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ରାଉରକେଲା କ୍ଲବଠାରେ ବୁଧବାର ରଶ୍ମିପ୍ରଭା ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ଲକ୍ଷ୍ମୀନାରାୟଣ ହୋତା, ମନୋଜ ନନ୍ଦ, ଜଗନ୍ନାଥ ରାଉତ, ନିରୁପମା ପତି, ପ୍ରଶାନ୍ତ ଦାସ, ରାମକୃଷ୍ଣ ତ୍ରିପାଠୀ, କନକଲତା ମିଶ୍ର, ସୁଶାନ୍ତ କୁମାର ନାୟକ, ସସ୍ମିତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଜ୍ୟୋତିର୍ମୟ ଆଚାର୍ଯ୍ୟ ଆର୍‌ଏସ୍‌ପିର କର୍ମଚାରୀ ଥାଇ ସଙ୍ଗୀତ ଜଗତରେ ଏକ ପରିଚିତ ସ୍ୱର ଥିଲେ। ସେ ନିକଟରେ ଆର୍‌ଏସ୍‌ପିରୁ ଅବସର ଗ୍ରହଣ କରିଛନ୍ତି।

# ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ରାଉରକେଲା,୧୯।୧୧(ସଙ୍ଗୀତା ଜେନା): ରଘୁନାଥପାଲୀ ପୋଲିସ ଥାନା ଅଞ୍ଚଳରେ ମଙ୍ଗଳବାର ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୬ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଲଦା ସି ବ୍ଲକର ଶଙ୍କର ଲୋହାର(୩୫), ଦେଓଗାଁର ବିଷ୍ଣୁ ତିର୍କୀ(୨୧), ଟିଣ୍ଟୁ ମୁଣ୍ଡା(୨୪), ବିନାୟକ ମଲ୍ଲିକ(୩୨), ଗୋବିନ୍ଦ ସାଣ୍ଡିଲ(୨୫) ଏବଂ ଟାଙ୍ଗରପାଲୀ ଫର୍ଟିଲାଇଜରର ରୋହିତ ପାତ୍ର(୨୨)। ପୋଲିସ ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ଧାରୁଆ ଲୁହାରଡ୍, ଭୁଜାଲି ଓ ଅନ୍ୟ ମାରଣାସ୍ତ୍ର ଜବତ କରିଛି। ପୋଲିସ ଏକ ମାମଲା (ନଂ.୬୯୯/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟଚାଲାଣ କରିଛି।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୧-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ବେସ୍‌ମେଣ୍ଟ ଏରିଆର ବିକାଶ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ ଏବଂ ସରଡେଗା ଷ୍ଟେଶନ ବିଲ୍ଡିଂର ୪ର୍ଥ ମହଲା ଭାବେ ଅତିରିକ୍ତ ମହଲା ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୨୧,୭୫,୯୯୬.୭୮ । ଇଏମ୍‌ଡି: ₹୪୩,୫୦୦ । କ୍ର.ସଂ.-୨ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୨-ଇଏଲ-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଏବିଏସ୍‌ଏସ୍ ଅନ୍ତର୍ଗତ ଚକ୍ରଧରପୁର ମଣ୍ଡଳରେ ଦିବ୍ୟାଙ୍ଗଜନଙ୍କ ପାଇଁ ନ୍ୟୂନତମ ଅତ୍ୟାବଶ୍ୟକ ସୁଖ ସୁବିଧାର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ₹୧,୨୯,୧୪,୬୨୭.୪୬ । ଇଏମ୍‌ଡି: ₹୨,୧୪,୬୦୦ । କ୍ର.ସଂ.-୩ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୩-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଟାଟାନଗର-ପୋସୋଡିଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୭୪,୨୮,୪୭୫.୩୦। ଇଏମ୍‌ଡି: ₹୧,୪୮,୬୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ବନ୍ଦ ହେବା/ଖୋଲାଯିବା ତାରିଖ: ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବ ଜରୁରୀ । (PR-855)

# ଗଞ୍ଜେଇ ଜବତ, ଯୁବକ ଗିରଫ

ରାଉରକେଲା,୧୯।୧୧(ସଙ୍ଗୀତା ଜେନା): ଝିରପାଣି ଥାନା ଅଞ୍ଚଳରେ ଗଞ୍ଜେଇ କାରବାର ବେଳେ ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶକ୍ତି ନଗର ଅଞ୍ଚଳର ଚନ୍ଦନ କାଳିନ୍ଦୀ(୪୧)। ତାଙ୍କଠାରୁ ୧ କେଜି ୩୮୪ ଗ୍ରାମ ଗଞ୍ଜେଇ, ମୋବାଇଲ ଫୋନ୍ ଏବଂ ଟଙ୍କା ଜବତ ହୋଇଛି। ପୋଲିସ ଏକ ମାମଲା (ନଂ.୧୫୫/୨୫) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଶକ୍ତିନଗର ଅଞ୍ଚଳରୁ କୋଏଲନଗରକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଥିଲେ।

# ଡିସେମ୍ବର ୭ରେ ଯୋଗାସନ ଚାମ୍ପିୟନଶିପ୍

ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା)



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା ଫ୍ରେଣ୍ଡଶିପ୍ କପ୍-୨୦୨୫ ଯୋଗାସନ ଚାମ୍ପିୟନଶିପ୍ ଆସନ୍ତା ଡିସେମ୍ବର ୭ ତାରିଖରେ ରେଲୱେ ଷ୍ଟେଶନ ନିକଟ ଗୁରୁଦ୍ୱାରା ଗୁରୁ ସିଂହ ସଭା ପରିସରରେ ଆୟୋଜନ କରାଯିବ। ଓମ୍ ଯୋଗ ସେଣ୍ଟର ରେଲୱେ କଲୋନି, ବାସନ୍ତୀ କଲୋନି, ଓମ୍ ପତଞ୍ଜଳି ପରିବାର, ଗୁରୁଦ୍ୱାରା ଶ୍ରୀ ଗୁରୁ ସିଂହ ସଭା, ପ୍ରୋଗ୍ରେସିଭ୍ ଯୋଗାସନ ସ୍ପୋର୍ଟସ୍ ଆସୋସିଏଶନ ଏବଂ ଲିଭ୍ ଇନ୍ ଫିଟ୍ କୋଲକାତା ସହଯୋଗରେ ହେବାକୁ ଥିବା ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଆସାମ ସମେତ ଅନ୍ୟ ରାଜ୍ୟରୁ ୩୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ରାଉରକେଲାବାସୀଙ୍କ ମଧ୍ୟରେ ଯୋଗର ପ୍ରଚାର ପ୍ରସାର କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ବୁଧବାର ଗୁରୁଦ୍ୱାରାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ସ୍ମୃତିଚିହ୍ନ ଓ ପ୍ରମାଣପତ୍ର ଦିଆଯିବ। ବାଳକ, ବାଳିକା, ମହିଳା ଓ ପୁରୁଷ ଏଭଳି ୧୨ଟି ଗ୍ରୁପ୍ ରହିବ। ପ୍ରତ୍ୟେକ ଗ୍ରୁପ୍‌ରେ ୧୦ଜଣ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଗୁରୁଦ୍ୱାରା ଗୁରୁ ସିଂହ ସଭାର ଅଧ୍ୟକ୍ଷ ନିର୍ମଳ ସିଂହ, ସମ୍ପାଦକ ବଲଦେବ ସିଂହ, ଓମ୍ ଯୋଗା ସେଣ୍ଟରର କୋଚ୍ ନବକିଶୋର ଧବଳ, ଏମ୍. କେ. ମହତୋ, ସୋନି ରାଉତ, ମନୋଜ ଗୁପ୍ତା, ଲାଲସାଗର ଚୌହାନ୍, ସତ୍ୟନାରାୟଣ ତାନ୍ତି, କେ. ଉମାଶଙ୍କର ପାତ୍ର, ଓମ୍ ଯୋଗା ପରିବାରର କମଳ କାବରା, ସଜନ ବଂଶଲ, ଶଶିକାନ୍ତ ଜୋଶୀ, ଗୋବିନ୍ଦ ଚନ୍ଦ୍ର ସାହୁ, ରୀତା ଗୋୟାଲ୍, ୱାଇ. ବି. ମିଶ୍ର, ପ୍ରୋଗ୍ରେସିଭ୍ ଯୋଗାସନ ସ୍ପୋର୍ଟସ୍ ଆସୋସିଏଶନର ଅଧ୍ୟକ୍ଷ ନୀଳାଦ୍ରି ମୁଖାର୍ଜୀ, ଚେୟାରମ୍ୟାନ୍ ଆଲୋକ ଚାଟାର୍ଜୀ, ଲିଭ୍ ଇନ୍ ଫିଟ୍‌ର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, BHADRAK**

E-mail: eelidbdk@gmail.com

No.CAD-2342

**E-Procurement Notice**

**Bid Identification No. E-04/2025-26 (3373)/OLIC (BDK)/ Dt. 03.11.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 65 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs. 23.69 Lakh to Rs. 24.15 Lakh |
| 3. | Cost of Tender Paper | Rs. 7080/- (including GST @ 18%) as mentioned against each L.I Project through online mode as mentioned in DTCN |
| 4. | Date and Time of Publication | Dt. 21.11.2025 from 11.00 AM |
| 5. | Date & Time of Closing with Seeking Clarification | Dt. 29.11.2025 up to 5.00 PM |
| 6. | Date & Time of Opening of Bid | Dt. 01.12.2025 at 11.00 AM |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR- Sd./- Executive Engineer

# ଡିଆର୍‌ଏମ୍‌ଙ୍କ ରାଉରକେଲା ଗସ୍ତ

ରାଉରକେଲା,୧୯।୧୧(ସଙ୍ଗୀତା ଜେନା): ଦକ୍ଷିଣପୂର୍ବ ରେଲୱେ ଚକ୍ରଧରପୁର ରେଳମଣ୍ଡଳର ଡିଆର୍‌ଏମ୍ ତରୁଣ ହୁରିଆ ଏକ ଦିବସୀୟ ରାଉରକେଲା ଗସ୍ତରେ ଆସି ବୁଧବାର ସକାଳ ୮ଟାରେ ପହଞ୍ଚିଥିଲେ। ସେ ବନ୍ଧମୁଣ୍ଡାରେ ଜବରଦଖଲ ଉଚ୍ଛେଦ ସ୍ଥାନ ବୁଲି ଦେଖିବା ପରେ ନିର୍ମାଣାଧୀନ ପାନପୋଷ ଷ୍ଟେଶନ, ରାଉରକେଲାରେ ନୂତନ ଟିକେଟ୍ କାଉଣ୍ଟର ଓ ଅନ୍ୟାନ୍ୟ ନିର୍ମାଣସ୍ଥଳୀକୁ ପରିଦର୍ଶନ କରିଥିଲେ। ପରେ ରାଉରକେଲା ଡିଏଫ୍‌ଓଙ୍କ ସହ ହାତୀ ଚଳାଚଳ ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଅପରାହ୍ନ ୪ଟାରେ ସେ ରାଉରକେଲାରୁ ଚକ୍ରଧରପୁର ଯାଇଥିଲେ।

# ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ମହୋତ୍ସବ ସମ୍ପନ୍ନ

ରାଉରକେଲା,୧୯।୧୧ (ସଙ୍ଗୀତା ଜେନା)




କାର୍ଯ୍ୟକ୍ରମରେ ଉପସ୍ଥିତ ଧ୍ୟାନ ପ୍ରଶିକ୍ଷକ ଏବଂ ଅନ୍ୟମାନେ।

ରାଉରକେଲା ଆର୍ଟ ଅଫ୍ ଲିଭିଂ ପରିବାର ଆନୁକୂଲ୍ୟରେ ଭଞ୍ଜ ଭବନ ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟା ୭ଟାରେ ସୋମନାଥ ମହାଦେବଙ୍କ ପ୍ରାଚୀନ ତଥା ମୂଳ ଜ୍ୟୋତିର୍ଲିଙ୍ଗ ଦର୍ଶନ ମହୋତ୍ସବ ତଥା ରୁଦ୍ରାଭିଷେକ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆର୍ଟ ଅଫ୍ ଲିଭିଂ ଅନ୍ତର୍ଜାତୀୟ ଧ୍ୟାନ ପ୍ରଶିକ୍ଷକ ସ୍ୱାମୀ ବ୍ରହ୍ମଚିତ୍ତଙ୍କ ପୌରୋହିତ୍ୟରେ ଆର୍ଟ ଅଫ୍ ଲିଭିଂ ବାଙ୍ଗାଲୋରର ଅନ୍ତର୍ଜାତୀୟ ମୁଖ୍ୟ ଆଶ୍ରମରୁ ଆଗତ ବୈଦିକ ଧର୍ମ ସଂସ୍ଥାନର ପଣ୍ଡିତମାନଙ୍କ ଦ୍ୱାରା ରୁଦ୍ରାଭିଷେକ ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସୋମନାଥ ଜ୍ୟୋତିର୍ଲିଙ୍ଗ ସ୍ଥାପନା ସମ୍ପର୍କରେ ସ୍ୱାମୀ ବ୍ରହ୍ମଚିତ୍ତ ଆଲୋକପାତ କରିଥିଲେ। ଦୁଇ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏହି ଜ୍ୟୋତିର୍ଲିଙ୍ଗଙ୍କୁ ଧାଡିରେ ଦର୍ଶନ କରିଥିଲେ। ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ରଶ୍ମି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍ଟ ଅଫ୍ ଲିଭିଂ ପ୍ରଶିକ୍ଷକ ପ୍ରଫୁଲ୍ଲ ମଙ୍ଗଳ ଓ ସରୋଜ ଦାସ ସତସଙ୍ଗ ସମାବେଶ ପରିଚାଳନା କରିଥିଲେ। ରୁଦ୍ରାଭିଷେକ କାର୍ଯ୍ୟକ୍ରମକୁ ବୈଦିକ ଧର୍ମ ସଂସ୍ଥାନର ରାଜ୍ୟ ଆବାହକ ଗୌରବ ସୁଲତାନିଆ ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ଗିରିଜା ଶଙ୍କର ଦାସ, ବେରିନ୍ଦର ସିଂ ସହୋଟା, ପ୍ରଶାନ୍ତ ପାଢ଼ୀ, ବାଙ୍କ ବିହାରୀ ଦାସ, ଚନ୍ଦ୍ରଚୂଡ ପାଣିଗ୍ରାହୀ, ସଞ୍ଜୟ ମହାନ୍ତି, ସୁଜାତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**

No.O-1440

E_Mail : eerw_kuchinda@yahoo.com

**"e" Procurement Notice for Building Works**

**Identification No Online Tender / 07 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid in double cover format from experienced & eligible bidders for 08 (Eight) no. of Building works in the District of Sambalpur for the year 2025-26.

1. Name of the work : Building Works (Double cover)
2. Total Number of Works : 08 Nos.
3. Estimated Cost : Aprx. Rs.65.47-Rs.67.77 lakhs
4. Class of Contractor : "B" Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 07/RWD/KCD | 21.11.2025 at 11 A.M. | 28.11.2025 at 5.00 P.M. | 27.11.2025 at 5.00 A.M. | 29.11.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

OIPR-

Sd./- Superintending Engineer
Rural Works Division, Kuchinda

# ଘରୋଇକରଣ ବିରୋଧରେ ବିକ୍ଷୋଭ

ରାଉରକେଲା, ୧୯।୧୧ (ସଙ୍ଗୀତା ଜେନା)




ସିଆଇଟିୟୁ କାର୍ଯ୍ୟକର୍ତ୍ତାମାନେ ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ୟୁନିଟ୍ ଘରୋଇକରଣକୁ ବିରୋଧ କରି ସିଆଇଟିୟୁ ପକ୍ଷରୁ ବିଶ୍ରା ଛକରେ ବୁଧବାର ସକାଳ ସାଢ଼େ ୭ଟାରେ ବିକ୍ଷୋଭ କରାଯାଇଥିଲା। ସାଧାରଣ ସମ୍ପାଦକ ବସନ୍ତ ନାୟକ ଓ ଆର୍‌ଡବ୍ଲ୍ୟୁୟୁର ସାଧାରଣ ସମ୍ପାଦକ ବିମାନ ମାଇତି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ସେମାନେ ଅଭିଯୋଗ କରିଥିଲେ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ସେଲ୍ କର୍ତ୍ତୃପକ୍ଷ ସେଲ୍‌ର ସାଲେମ, ଭଦ୍ରାବତୀ, ଇସ୍କୋ ତଥା ଆଇଆଇଏନ୍‌ଏଲ୍‌କୁ ବିକ୍ରି କରିବାକୁ ମସୁଧା କରୁଛନ୍ତି। ଏହା ମଧ୍ୟରେ ଆର୍‌ଏସ୍‌ପିର ବିଭିନ୍ନ ୟୁନିଟ୍‌କୁ ଘରୋଇକରଣ ସହ ଶିକ୍ଷା ବ୍ୟବସ୍ଥାକୁ ବିଲୋପ କରାଯାଇଛି। ଏବେ ସହର ସେବା ଓ ଆଇଜିଏଚ୍‌କୁ ଘରୋଇକରଣ କରିବା ପ୍ରକ୍ରିୟାକୁ ସିଆଇଟିୟୁ ବିରୋଧ କରୁଛି ବୋଲି ନେତୃବୃନ୍ଦ କହିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଜୀବନ ବରିହା, ବି. ପି. ମହାପାତ୍ର, ସୁରେଶ ବେହୁରିଆ, ଯଜ୍ଞେଶ୍ୱର ସାହୁ, ରାଜକିଶୋର ପ୍ରଧାନ, ରତ୍ନାକର ନାୟକ, ଲକ୍ଷ୍ମୀଧର ନାୟକ, ଦିବାକର ମହାରଣା, ଅରୁ ଦାସ ପ୍ରମୁଖ ଘରୋଇକରଣକୁ ବିରୋଧ କରିଥିଲେ। ଏହାବ୍ୟତୀତ ୩୯ମାସର ଏରିଅର ପ୍ରଦାନ ସହ ଉଭୟ ସ୍ଥାୟୀ ଓ ଠିକା ଶ୍ରମିକଙ୍କ ପାଇଁ ଏନ୍‌ଜେସିଏସ୍ ଚୁକ୍ତିନାମା କରିବା, ଯୁବ ଇଞ୍ଜିନିୟରଙ୍କ ୩ବର୍ଷିଆ ଠିକା ନିଯୁକ୍ତି ନିଷ୍ପତ୍ତିକୁ ପ୍ରତ୍ୟାହାର ଆଦି ଦାବି କରାଯାଇଥିଲା। ଆଗାମୀ ଦିନରେ ସିଆଇଟିୟୁ ଆଇଜିଏଚ୍ ଓ ସହର ସେବା ସମ୍ମୁଖରେ ବ୍ୟାପକ ବିକ୍ଷୋଭ ଓ ଧାରଣା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି ବୋଲି ସୂଚନା ଦିଆଯାଇଥିଲା। ସଂଗ୍ରାମ ସାମଲ, ଜେ. କେ. ସାହୁ, ବିଶ୍ୱଜିତ ମାଝି, ବିନୟ ବେହୁରିଆ, ବିଶ୍ୱରଞ୍ଜନ ମଲିକ, ପ୍ରଭାତ ମହାନ୍ତି, ପିତାମ୍ବର ବେହେରା, କୁଳମଣି ରାଉତ, ପି. କେ. ଷଡ଼ଙ୍ଗୀ, ବିଜୟ ପରିଡା, ବସିରାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ମହାବୀର ବଜାର, ଢେଙ୍କାନାଳ ଶାଖା**
ପ୍ଲଟ୍ ନଂ.: ୨୩୨୫/୧୧୩୪୭ ଏବଂ ୨୩୨୫, ଜଗନ୍ନାଥ ରୋଡ୍, ମହାବୀର ବଜାର, ଜିଲ୍ଲା: ଢେଙ୍କାନାଳ,
ଇମେଲ୍: ubin0919799@unionbankofindia.bank

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ,** ସା: କୁଞ୍ଜକଣ୍ଠା, ସଦର ଆରଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ,** ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଠା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ | ଟ.୪,୯୮,୬୬୧.୪୭ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୮.୧୧.୨୦୨୪ / ୧୫.୧୧.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୯.୧୧.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ‘ଦେଶର ବିକାଶ ସମସ୍ତଙ୍କ ଲକ୍ଷ୍ୟ ହେଉ’

ଝାରସୁଗୁଡ଼ା,୧୯।୧୧(ଆଶିଷ ରଞ୍ଜନ ଦାଶ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବୁଧବାର ସକାଳେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଅତିରିକ୍ତ ଜିଲାପାଳ, ଉପଜିଲାପାଳ, ବିଭିନ୍ନ ସଙ୍ଗଠନର ସଦସ୍ୟଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ପଦଯାତ୍ରା ସ୍ଥାନୀୟ ମନମୋହନ ସ୍କୁଲପଡିଆରୁ ବାହାରି ସହର ମୁଖ୍ୟ ରାସ୍ତାରେ ପୁରୁଣା ବସ୍‌ଷ୍ଟାଣ୍ଡ, ବେହେରାମାଲ ଦେଇ ଏମ୍‌ସିଏଲ୍ ଅଡିଟୋରିୟମଠାରେ ପହଞ୍ଚିଥିଲା। ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଏମ୍‌ପି ପୁରୋହିତ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ବଳିଦାନକୁ ମନେ ପକାଇବା ସହ ଦେଶର ଅଖଣ୍ଡତା, ଏକତା ବଜାୟ ରଖିବା ସହ ଦେଶକୁ ବିକାଶ ଦିଗରେ ଆଗକୁ ନେବା ସମସ୍ତଙ୍କର ଲକ୍ଷ୍ୟ ହେଉ ବୋଲି କହିଥିଲେ। ବିଧାୟକ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଦେଶର ଅଖଣ୍ଡତା ଓ ଏକତା ବଜାୟ ରଖିବା ପାଇଁ ପଟେଲ ଯେଉଁ ବଳିଦାନ ଦେଇଛନ୍ତି ଏବେ ତାହାର ପ୍ରତିଫଳନ ଦେଖାଯାଉଛି। ନରେନ୍ଦ୍ର ମୋଦି



ପଦଯାତ୍ରାରେ ସାମିଲ ହୋଇଥିବା ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ଅନ୍ୟମାନେ।

**ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା**

ପ୍ରଧାନମନ୍ତ୍ରୀ ହେବା ପରେ ଯେଉଁମାନେ ସ୍ୱାଧୀନତା ପୂର୍ବରୁ ଏବଂ ପରେ ଦେଶ ପାଇଁ ବଳିଦାନ ଦେଇଛନ୍ତି, ସେମାନଙ୍କୁ ଉଚିତ୍ ସମ୍ମାନ ପ୍ରଦାନ ଲାଗି ନିଷ୍ପତ୍ତି ନିଆଯାଇଛି ବୋଲି ବିଧାୟକ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ବ୍ରଜବନ୍ଧୁ ଭୋଇ (ସାଧାରଣ ପ୍ରଶାସନ), ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଙ୍ଗଠନର ସଦସ୍ୟ, ଛାତ୍ରୀଛାତ୍ର, ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବିଶ୍ୱ ଶୌଚାଳୟ ଦିବସ ପାଳିତ

ଦେବଗଡ଼,୧୯।୧୧
(ଶଶାଙ୍କ ଶେଖର ଝାଙ୍କର)




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଜିଲା ଜଳ ଓ ପରିମଳ ମିଶନ, ଜିଲା ପରିଷଦ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ବୁଧବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜି, ବରେଣ୍ୟ ଅତିଥି ଭାବେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁବାସ ଚନ୍ଦ୍ର ଦାସ, ଡିପିଏମ୍ ଓଏଲେମ ଶିଶିର କୁମାର ଷଡ଼ଙ୍ଗୀ, ଜିଲା ପଞ୍ଚାୟତ ଅଧିକାରୀ ହେମନ୍ତ କୁମାର ସିଂ, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଯୋଗ ଦେଇ ‘ବିଶ୍ୱ ଶୌଚାଳୟ ଦିବସ ଆମ ଶୌଚାଳୟ, ଆମ ଭବିଷ୍ୟତ’ ବିଷୟ ଉପରେ ଆଲୋକପାତ କରିଥିଲେ। ନଭେମ୍ବର ୧୯ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ କାର୍ଯ୍ୟକ୍ରମ କରାଯିବା ପାଇଁ ଶୁଭାରମ୍ଭ କରାଯାଇଛି। ପ୍ରତି ପଞ୍ଚାୟତରେ ବ୍ୟକ୍ତିଗତ ପାଇଖାନାର ଠିକ୍ ବ୍ୟବହାର କରାଯିବା ପାଇଁ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୩ଟି ବ୍ଲକ ଅଞ୍ଚଳର ବେଷ୍ଟ ୱାର୍କରମାନଙ୍କୁ ମାନପତ୍ର ଓ ବ୍ୟକ୍ତିଗତ ପାଇଖାନା ତିଆରି ପାଇଁ ଅନୁମତି ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିମଳ ସଂଯୋଜକ ହିମାଂଶୁ ପଟ୍ଟନାୟକ, ସଂଯୋଜକ ପ୍ରଶାନ୍ତ କୁମାର ସାମଲ, ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଓର୍ମାସ୍‌ର ଡେପୁଟି ସିଓ ରବୀନ୍ଦ୍ର କୁମାର ପ୍ରଧାନ, ଫାଇନାନ୍ସ ପ୍ରୋଗ୍ରାମ ମ୍ୟାନେଜର ଆଶିଷ ବାରିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମୁକୁଳା ଅବସ୍ଥାରେ ରହିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର



ଲଖନପୁର,୧୯।୧୧(ଗୌତମ ସାହୁ): ଲଖନପୁର ବ୍ଲକ ସୀମାନ୍ତ କନକତୋରା ବଜାର ନିକଟରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଏହାର ଚତୁଃପାର୍ଶ୍ୱରେ ତାରବାଡ଼ ନାହିଁ। ଫଳରେ ଗୋରୁଙ୍କ ସମେତ ସାପ୍ତାହିକ ହାଟକୁ ଆସୁଥିବା ଲୋକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତୁରନ୍ତ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ତାରବାଡ଼ ଲଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ‘ସରକାରୀ ଯୋଜନାର ଲାଭ ଉଠାନ୍ତୁ ଚାଷୀ’

ଝାରସୁଗୁଡ଼ା,୧୯।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ କୃଷି କାର୍ଯ୍ୟାଳୟରେ ବୁଧବାର ଅପରାହ୍ନରେ ୨୧ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇ କହିଛନ୍ତି, ଚାଷୀମାନେ ସରକାରୀ ଯୋଜନାର ଲାଭ ଉଠାନ୍ତୁ। ସେହିପରି ସମ୍ମାନିତ ଅତିଥି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ

**ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ**


କହିଛନ୍ତି, କେନ୍ଦ୍ର ଓ ରାଜ୍ୟରେ ରହିଥିବା ଡବଲ ଇଞ୍ଜିନ୍ ସରକାର ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ଲଖନପୁର ଅଞ୍ଚଳର ନିରଞ୍ଜନ ସା, ଲଇକେରାର ନରେନ୍ଦ୍ର ସା ଏବଂ ଝାରସୁଗୁଡ଼ା ବ୍ଲକର ଧନମତି ଭୋଇଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା। ଜିଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ, କର୍ମଚାରୀ ଓ ଜିଲାର ବହୁ ଚାଷୀ ଉପସ୍ଥିତ ଥିଲେ।

# ସାଂସଦ ଖେଳ ମହୋତ୍ସବ ପ୍ରସ୍ତୁତି ବୈଠକ

ବ୍ରଜରାଜନଗର,୧୯।୧୧(ବିଜୟ ବରାଡ଼)

ବ୍ରଜରାଜନଗର ପୌର ପରିଷଦ ସଭାଗୃହରେ ବୁଧବାର ସାଂସଦ ଖେଳ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ଜିଲାର ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ଦାଶ, ଜିଲା ପ୍ରଶାସନର ଅଧିକାରୀଙ୍କ ସମେତ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ଉପଜିଲାପାଳ ପଣ୍ଡା ଏହି ଖେଳ ମହୋତ୍ସବର ଅଧ୍ୟକ୍ଷ ଭାବରେ ରହିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବା ଏମ୍‌ପି ପୁରୋହିତ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପୁରୋହିତ ଓ ବିଧାୟକ ତ୍ରିପାଠୀ ସୂଚନା ଦେଇଛନ୍ତି, ଆସନ୍ତା ଡିସେମ୍ବର ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ା ଜିଲାର ବିଭିନ୍ନ ଖେଳପଡିଆରେ ଫୁଟ୍‌ବଲ ଓ ଭଲିବଲ ଭଳି ଅନେକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ୩୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେଶନ କରିଛନ୍ତି। ବରଗଡ଼ ଓ ଝାରସୁଗୁଡ଼ା ଜିଲାରେ ଏକା ସାଙ୍ଗରେ ଏହି ଖେଳ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଏମ୍‌ପି କହିଛନ୍ତି। ସେହିପରି ବିଧାୟକ ତ୍ରିପାଠୀ କହିଛନ୍ତି, ଜିଲା ଓ ଗ୍ରାମାଞ୍ଚଳରେ ଲୁଚି ରହିଥିବା ଯୁବ ଖେଳାଳିଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଭାଜପା ନେତା ଅନିଲ ନାୟକ ସ୍ୱାଗତ ଭାଷଣ ଓ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆଦର୍ଶ ସ୍ନାତକ କଲେଜରେ ବିଭିନ୍ନ ପ୍ରତିଯୋଗିତା




ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

ଦେବଗଡ଼,୧୯।୧୧(ଶଶାଙ୍କ ଶେଖର ଝାଙ୍କର)

ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଉପଲକ୍ଷେ ବିଦ୍ୟାର୍ଥୀଙ୍କ ମନରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଦେବଗଡ଼ସ୍ଥିତ ଆଦର୍ଶ ସ୍ନାତକ କଲେଜରେ ପାରମ୍ପରିକ ପୋଷାକ, ପ୍ରବନ୍ଧ, ବକ୍ତୃତା, ଜଣାଅଜଣା ଓ ଚିତ୍ରାଙ୍କନ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ଶତରୂପା ମିଶ୍ର, ସଞ୍ଜିତା ଜେନା, ସୁଭଦ୍ରା ନାୟକ ଓ ଅଧ୍ୟାପକ ବିକ୍ରମ କୁମାର ଜେନାଙ୍କ ପରିଚାଳନାରେ ଆୟୋଜିତ ପ୍ରତିଯୋଗିତାରେ କଲେଜର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଉତ୍ସାହିତ କରିଥିଲେ।

# ଅର୍ଜୁନ ସ୍ନାତକ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ଗଦଳୀଗଡ଼ସ୍ଥିତ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟରେ ବୁଧବାର ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ନାତକ ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୧୫୫ ଛାତ୍ରୀ ଭାଗ ନେଇଥିଲେ। ରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ଉପଲକ୍ଷେ ଏଠାରେ ଅନୁଷ୍ଠିତ ‘ମିଶନ ସାହସୀ’ ଶୀର୍ଷକ କାର୍ଯ୍ୟକ୍ରମ ଅନ୍ତର୍ଗତ ଆତ୍ମରକ୍ଷା ତାଲିମ୍ ଶିବିରରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଶିବରାମ ସାହୁ, ସମ୍ମାନିତ ଅତିଥି ଜିଲାପରିଷଦ ସଭ୍ୟ ଶରତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ଯୋଗଦେଇ ଛାତ୍ରୀଙ୍କ ନିମନ୍ତେ ଆତ୍ମରକ୍ଷା ପ୍ରଶିକ୍ଷଣର ଉପଯୋଗିତା ଏବଂ ମହାରାଣୀ ଲକ୍ଷ୍ମୀବାଈଙ୍କ ପରାକ୍ରମ, ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଏଲ୍.ବିଷ୍ଣୁପ୍ରିୟା ଛାତ୍ରୀଙ୍କୁ ତାଲିମ୍ ଦେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଏବିଭିପିର କାର୍ଯ୍ୟକ୍ରମ ପ୍ରମୁଖ ସିଦ୍ଧାନ୍ତ ମାଝୀ, ବିରଞ୍ଚି ନାଏକ, ରାଜା ପ୍ରଧାନ, ବର୍ଷାରାଣୀ ପ୍ରଧାନ, ତୁଳସୀ ମହାପାତ୍ର, ପିଙ୍କନ ପ୍ରଧାନ, ସାଇ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶର ମାଧ୍ୟମ ସର୍ଗିଫୁଲ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସର୍ଗିଫୁଲ’**

ଦେବଗଡ଼,୧୯।୧୧(ଶଶାଙ୍କ ଶେଖର ଝାଙ୍କର)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ‘ସର୍ଗିଫୁଲ’ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ କହିଛନ୍ତି, ସର୍ଗିଫୁଲ ପବିତ୍ରତାର ପ୍ରତୀକ। ସେହିପରି ଆମ ପିଲାମାନେ ମଧ୍ୟ ସରଳ ଓ ପବିତ୍ର। ପିଲାଙ୍କ ଦକ୍ଷତା ବୃଦ୍ଧି ସହ ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପରଦାର, ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଧନଞ୍ଜୟ ମହନ୍ତ, ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଯୋଗଦେଇଥିଲେ। ଏହି ଅବସରରେ ବିଭାଗ ଅଧୀନରେ ଥିବା ସରକାରୀ ଏବଂ ଆଶ୍ରମ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ବର୍ଗରେ ଆୟୋଜିତ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ଏକକ ନୃତ୍ୟ, ଦଳଗତ ନୃତ୍ୟ ଓ ଜଣାଅଜଣା ଆଦି ପ୍ରତିଯୋଗିତା କରାଯାଇଥିଲା। ସେମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, BHADRAK**
E-mail: eelidbdk@gmail.com
No.CAD-2342
**E-Procurement Notice**
**Bid Identification No. E-04/2025-26 (3373)/OLIC (BDK)/ Dt. 03.11.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 65 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs. 23.69 Lakh to Rs. 24.15 Lakh |
| 3. | Cost of Tender Paper | Rs. 7080/- (including GST @ 18%) as mentioned against each L.I Project through online mode as mentioned in DTCN |
| 4. | Date and Time of Publication | Dt. 21.11.2025 from 11.00 AM |
| 5. | Date & Time of Closing with Seeking Clarification | Dt. 29.11.2025 up to 5.00 PM |
| 6. | Date & Time of Opening of Bid | Dt. 01.12.2025 at 11.00 AM |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR- Sd./- Executive Engineer



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ (ଜି)/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କ୍ର.ସଂ.-୧ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୧-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ବେସ୍‌ମେଣ୍ଟ ଏରିଆର ବିକାଶ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ ଏବଂ ସରଡେଗା ଷ୍ଟେଶନ ବିଲ୍ଡିଂର ୪ର୍ଥ ମହଲା ଭାବେ ଅତିରିକ୍ତ ମହଲା ନିର୍ମାଣ । ଟେଣ୍ଡର ମୂଲ୍ୟ: ₹୨୧,୭୫,୯୯୬.୭୮ । ଇଏମ୍‌ଡି: ₹୪୩,୫୦୦ । କ୍ର.ସଂ.-୨ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୨-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଏବିଏସ୍‌ଏସ୍ ଅନ୍ତର୍ଗତ ଚକ୍ରଧରପୁର ମଣ୍ଡଳରେ ଦିବ୍ୟାଙ୍ଗଜନଙ୍କ ପାଇଁ ନ୍ୟୂନତମ ଅତ୍ୟାବଶ୍ୟକ ସୁଖ ସୁବିଧାର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ: ₹୧,୨୯,୧୪,୬୨୭.୪୬ । ଇଏମ୍‌ଡି: ₹୨,୧୪,୬୦୦ । କ୍ର.ସଂ.-୩ । ଇ-ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ୭୩-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୧୮।୧୧।୨୦୨୫ । କାର୍ଯ୍ୟର ନାମ: ଟାଟାନଗର-ପୋସୋଡିଆଠାରେ ବିଦ୍ୟମାନ ଗୁଡ୍‌ସ ଶେଡ୍‌ର ଭିତ୍ତିଭୂମିର ଉନ୍ନତୀକରଣ/ଆଧୁନିକୀକରଣ । ଟେଣ୍ଡର ମୂଲ୍ୟ: ₹୭୪,୨୮,୪୭୫.୩୦। ଇଏମ୍‌ଡି: ₹୧,୪୮,୬୦୦ । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ବନ୍ଦ ହେବା/ଖୋଲାଯିବା ତାରିଖ: ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା (କ୍ର.ସଂ. ୧ରୁ ୩ ପାଇଁ ପ୍ରତ୍ୟେକ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବ ଜରୁରୀ । (PR-855)



No.O-1440
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, KUCHINDA**
E_Mail : eerw_kuchinda@yahoo.com
**“e” Procurement Notice for Building Works**
**Identification No Online Tender / 07 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid in double cover format from experienced & eligible bidders for 08 (Eight) no. of Building works in the District of Sambalpur for the year 2025-26.

1. Name of the work : Building Works (Double cover)
2. Total Number of Works : 08 Nos.
3. Estimated Cost : Aprx. Rs.65.47-Rs.67.77 lakhs
4. Class of Contractor : “B” Class of Contractor
5. Cost of tender paper : As per Annexure-I
6. Mode of submission of tender : Tender should be submitted only Online in website www.tendersorissa.gov.in (https://tendersodisha.gov.in)
7. EMD & Mode of deposit : 1% of estimated cost of the work to be remitted online as mention in DTCN

**Summary of key dates are provided below :-**

| Procurement Officer | Bid Identification No. | Availability of tender On-line for bidding | | Last Date & Time for seeking Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kuchinda | Tender online - 07/RWD/KCD | 21.11.2025 at 11 A.M. | 28.11.2025 at 5.00 P.M. | 27.11.2025 at 5.00 A.M. | 29.11.2025 at 11.00 A.M. | To be Intimated Later |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

OIPR-
Sd./- Superintending Engineer
Rural Works Division, Kuchinda



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ମହାବୀର ବଜାର, ଢେଙ୍କାନାଳ ଶାଖା**
ପ୍ଲଟ୍ ନଂ.: ୨୩୨୫/୧୧୩୪୭ ଏବଂ ୨୩୨୫,
ଜଗନ୍ନାଥ ରୋଡ୍, ମହାବୀର ବଜାର, ଜିଲ୍ଲା: ଢେଙ୍କାନାଳ,
ଇମେଲ୍: ubin0919799@unionbankofindia.bank

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ. ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମହାବୀର ବଜାର, ଢେଙ୍କାନାଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଛପନ ଭୋଗ, ସ୍ୱତ୍ୱାଧିକାରୀ: ଶ୍ରୀ ମାନସ ରଞ୍ଜନ ରାୟ, ସା: କୁଞ୍ଜକଣ୍ଠା, ସଦର ଆରଆଇ ଅଫିସ୍ ନିକଟ, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟ, ସା: କୁଞ୍ଜକଣ୍ଠା, ୱାର୍ଡ ନଂ.:୨, ଜିଲ୍ଲା: ଢେଙ୍କାନାଳ-୭୫୯୦୦୧ | ଟ.୪,୯୮,୬୬୧.୪୭ + ପରବର୍ତ୍ତୀ ସୁଧ, ଦେୟ ଏବଂ ଖର୍ଚ୍ଚ | ୨୮.୧୧.୨୦୨୪ / ୧୫.୧୧.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ରାୟ, ସ୍ୱାମୀ: ଶ୍ରୀ କୃପାସିନ୍ଧୁ ରାୟଙ୍କ ନାମରେ ଥିବା ଖାଲି ଜମିର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ଖାତା ନଂ.: ୩୦, ପ୍ଲଟ୍ ନଂ.: ୨୪୯/୬୩୨୦, ପରିମିତ କ୍ଷେତ୍ର: ଏକର୦.୧୨୦ ଡିସିମିଲି, କିସମ: ଘରବାରୀ, ମୌଜା: ତାଳବରକୋଟ, ଥାନା/ତହସିଲ: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନଟବର ଦେବତା, ଦକ୍ଷିଣ: ସଲିଳ ପଟ୍ଟନାଏକ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୩୨୮୮ |

ସ୍ଥାନ: ଢେଙ୍କାନାଳ, ତାରିଖ: ୧୯.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ପିଆଇଏଲ୍ଏଫ୍, ଭାରତ ଚାପ୍ଟରର ଅଧ୍ୟକ୍ଷ ହେଲେ ଡ. ଭବାନୀ ଶଙ୍କର ନିଆଲ

**ଭବାନୀପାଟଣା,୧୯।୧୧(ଉତ୍ତମ କୁମାର ଦାଶ):** ପାନୋରମା ଇଣ୍ଟରନ୍ୟାଶନାଲ ଲିଟେରଚର୍ ଫେଷ୍ଟିଭାଲ (ପିଆଇଏଲ୍ଏଫ୍) ୨୦୨୬ ପାଇଁ ଭାରତ ଅଧ୍ୟାୟର ଅଧ୍ୟକ୍ଷ ଭାବେ କଳାହାଣ୍ଡି ଜିଲା ଭବାନୀପାଟଣାର ଆନ୍ତର୍ଜାତିକ କବି ଡ. ଭବାନୀ ଶଙ୍କର ନିଆଲଙ୍କୁ ମନୋନୀତ କରାଯାଇଛି। ଏ ନେଇ ପିଆଇଏଲ୍ଏଫ୍ର କେନ୍ଦ୍ରୀୟ କମିଟି ଅଧ୍ୟକ୍ଷ ପ୍ରଫେସର ପ୍ରିଥ ନାମ୍ବିଆର୍ ଏବଂ ମହାସଚିବ ପ୍ରଫେସର ଆଇରିନ କାଭାଡିଆ ଘୋଷଣା କରିଛନ୍ତି। ୭୮ଟି ଦେଶର ଅଂଶଗ୍ରହଣରେ ଏହି ଫେଷ୍ଟିଭାଲରେ ବିଭିନ୍ନ ପ୍ରାନ୍ତରୁ ଲେଖକ, କଳାକାର ଓ ସ୍ୱେଚ୍ଛାସେବୀଙ୍କ ସହାୟତାରେ ପରିଚାଳିତ ହେଉଛି। ଏହା ଲେଖକମାନଙ୍କ ପାଇଁ ଏକ ଗ୍ଲୋବାଲ ପ୍ଲାଟଫର୍ମ ପ୍ରଦାନ କରିଥାଏ, ଯାହା ସାହିତ୍ୟ, ସଂସ୍କୃତିର ବିନିମୟ ଏବଂ ମାନବିକ ମୂଲ୍ୟବୋଧ ମାଧ୍ୟମରେ ବିଶ୍ୱ ସଂହତିକୁ ପ୍ରୋତ୍ସାହିତ କରିଥାଏ। ପିଆଇଏଲ୍ଏଫ୍-୨୦୨୬ର ବିଷୟବସ୍ତୁ ହେଉଛି, ପୃଥିବୀ: ପୃଥିବୀର ଉପାଦାନର ଅନୁସନ୍ଧାନ ଯାହା ମାନବଜାତି ଏବଂ ଆମକୁ ବଞ୍ଚାଇଥିବା ଗ୍ରହ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଚିନ୍ତନ କରେ। ଡ. ନିଆଲଙ୍କୁ ଭାରତୀୟ କମିଟିରେ ଅଧ୍ୟକ୍ଷ ଭାବରେ କ୍ରମାଗତ ଭାବରେ ଚତୁର୍ଥ ଥରପାଇଁ ମନୋନୀତ କରାଯାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

### ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡ଼ା,୧୯।୧୧ (ମକାରୁ ବେମାଲ):** ଜାତୀୟ ଓ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆସନ୍ତା ଡିସେମ୍ବର ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ହେବା ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡ଼େନ କୋର୍ଟରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ଦେୱାନୀ, ଫୌଜଦାରି, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ (ଛାଡ଼ପତ୍ର ବାଦଦେଇ), ଜମି ଅଧିଗ୍ରହଣ, ବିଦ୍ୟୁତ୍ ଓ ଜଳ ଯୋଗାଣ ବିଲ୍ ଦେୟ ଜନିତ ବିବାଦ, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦର ସମାଧାନ ହୋଇପାରିବ। ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ଦେବାକୁ ପଡ଼େ ନାହିଁ। ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ବୋଲି ସଚିବ ନବନୀତା ଦାଶ ସୂଚନା ଦେଇଛନ୍ତି।

### ରାସ୍ତା ଶୋଚନୀୟ, ମରାମତି ଦାବି



**କେସିଙ୍ଗା,୧୯।୧୧(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କସ୍ତୁପଡ଼ା ଗ୍ରାମପଞ୍ଚାୟତ ଅଧୀନ ସିଂଝରଣ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ୨୬ ନଂ. ଜାତୀୟ ରାଜପଥରୁ ପ୍ରାୟ ୫କି.ମି. ଦୀର୍ଘ ରାସ୍ତାକୁ ଦୀର୍ଘ ୨୫ବର୍ଷ ତଳେ ଆର୍ଡି ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ପୂର୍ବରୁ ପିଚୁ ରାସ୍ତା ଥିଲାବେଳେ ଟ୍ରାକ୍ଟର ଚଳାଚଳ ଯୋଗୁ ପିଚୁ ଉଠିଯାଇ କେବଳ ଚିପ୍ସ ଦେଖାଯାଉଛି। ଫଳରେ ଲୋକେ ପିଡିଏସ୍ ସାମଗ୍ରୀ ପାଇଁ ପଞ୍ଚାୟତକୁ ଗଲେ ବର୍ଷା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷୟିତ୍ରୀମାନେ ସ୍କୁଟିରେ ଯିବାବେଳେ ରାସ୍ତାରେ ପଡିଯାଉଥିବା ନଜିର ରହିଛି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ବିଡିଓ ଓ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ସମ୍ପର୍କରେ ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତିସମିତି ମିଟିଂରେ ପ୍ରସ୍ତାବ ଦେଇଥିବା କହିଛନ୍ତି। ଆର୍ଡି ବିଭାଗ କନିଷ୍ଠ ଯନ୍ତ୍ରୀ ତପନ କୁମାର ବଡ଼ନାୟକଙ୍କୁ ପଚାରିବାରୁ ବାରମ୍ବାର ଏସିଙ୍କ ବଦଳି ଯୋଗୁ ବିଭିନ୍ନ ରାସ୍ତାର ସର୍ଭେ ଓ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ପ୍ରକାଶ କରିଥିଲେ।

# ୨୧ ମାସର ସଂଘର୍ଷ ପରେ ମିଳିଲା ନ୍ୟାୟ

**ଭବାନୀପାଟଣା,୧୯।୧୧(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ତଳଜାରିଙ୍ଗ ପଞ୍ଚାୟତ ଲବଣିପୁର ମୌଜାର ବାଘବାଡ଼ିପଡ଼ାବାସୀ ୨୧ ବର୍ଷର ସଂଘର୍ଷ ପରେ ଶେଷରେ ଜଙ୍ଗଲ ଜମି ଶିରୋନାମା ପଟ୍ଟାରୁ ରାଜସ୍ୱ ପଟ୍ଟା ପାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ହିତାଧିକାରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ପ୍ରକାଶ ଯେ, ବାଘବାଡ଼ିପଡାର ୨୨ ଜଣ ହିତାଧିକାରୀ ଜଙ୍ଗଲ ଅଧିକାର ଆଇନ -୨୦୨୫ ଅନୁଯାୟୀ ଶିରୋନାମା ପଟ୍ଟା ସ୍ୱୀକୃତି ପାଇଥିଲେ। କିନ୍ତୁ ରାଜସ୍ୱ ପଟ୍ଟା ହୋଇ ନ ଥିବାରୁ ଧାନ କିଣାବିକା କିମ୍ବା କୌଣସି ସରକାରୀ କାଗଜପତ୍ର, ପିଏମ୍ କିଷାନ ଓ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଥିଲେ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପତ୍ର (ଏସ୍ଟି/ଏସ୍ସି/ଏସ୍ଏସ୍ଡି ଏବଂ ଅନ୍ୟାନ୍ୟ ସଂଖ୍ୟା-୨୦୫୨୪ ଓ ସେହି ବିଭାଗର ପତ୍ର ସଂଖ୍ୟା-୦୦୩-୨୦୧୪/୨୬।୧୦।୨୦୨୧ରେ ସମସ୍ତ



ରାଜସ୍ୱ ପଟ୍ଟା ପାଇଥିବା ହିତାଧିକାରୀ।

**ରାଜସ୍ୱ ପଟ୍ଟା ପାଇଲେ ବାଘବାଡ଼ିପଡାର ୨୨ ହିତାଧିକାରୀ**

ଜିଲାପାଳଙ୍କୁ ଜଙ୍ଗଲ ଜମି ପାଇଥିବା ଶିରୋନାମା ପଟ୍ଟାକୁ ସଂଶୋଧନ କରି ଯଥାଶୀଘ୍ର ରାଜସ୍ୱ ଜମିରେ ପରିବର୍ତ୍ତନ କରି ଦେବାକୁ ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଥିଲେ। ତେବେ ସେତେବେଳେ ଥିବା କଳାହାଣ୍ଡି ଜିଲାପାଳ ଗାଭାଲି ପରାଗ ହର୍ଷଦ ମଧ୍ୟ ଜିଲାର ସମସ୍ତ ତହସିଲଦାର ଓ ଜିଲା ମଙ୍ଗଳ ଅଧିକାରୀ ଏ ସଂକ୍ରାନ୍ତରେ ପତ୍ର ସଂଖ୍ୟା -୩୨୬୬/ଏଫ୍ଆର୍ଏ -୧୨-୧୧-୨୦୧୮ ଜରିଆରେ ଏହା କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହା ପରେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଏ ବିଷୟରେ ବାଘବାଡ଼ିପଡା ଗ୍ରାମବାସୀ ତଥା ଜଙ୍ଗଲ ଜମି ହିତାଧିକାରୀ ସ୍ଥାନୀୟ ଆଇନଜୀବୀ ସଞ୍ଜୀବ କୁମାର ଶତପଥିଙ୍କ ସାହାଯ୍ୟରେ ଗତ ଜାନୁୟାରୀ ୩, ୨୦୨୪ରେ କଳାହାଣ୍ଡି ଜିଲାପାଳ ଓ ଜୁନାଗଡ଼ ତହସିଲଦାରଙ୍କୁ ସମସ୍ତ ନଥିପତ୍ର ଦେଖାଇବା ସହ ରାଜସ୍ୱ ପଟ୍ଟା ପାଇଁ ଦାବି କରିଥିଲେ। ଏହାର ୨୧ ମାସ ପରେ ମଙ୍ଗଳବାର ଜୁନାଗଡ଼ ତହସିଲ କାର୍ଯ୍ୟାଳୟରେ ବାଘବାଡ଼ିପଡାର ୨୨ ଜଣ ହିତାଧିକାରୀଙ୍କୁ ରାଜସ୍ୱ ପଟ୍ଟା ବଣ୍ଟନ କରାଯାଇଥିଲା। ଜୁନାଗଡ଼ ତହସିଲଦାର ବିରୁପାକ୍ଷ ନନ୍ଦ, ଏଫ୍ଆର୍ଏ ସଂଯୋଜିକା ମଧୁମିତା ମହାନ୍ତି ଓ କମ୍ପ୍ୟୁଟର ସହଯୋଗୀ ହରିଶ ତପନ ଚଣ୍ଡୀ ପ୍ରମୁଖ ଉପସ୍ଥିତ ରହି ଏହା ବଣ୍ଟନ କରିଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର ଜଙ୍ଗଲ ଅଧିକାର କମିଟି ସଭାପତି ଯାଦବ ଖାଡ଼ିଆ ଓ ସମ୍ପାଦକ ମିଶ୍ର ଖାଡ଼ିଆ ତଥା ଆଦିବାସୀ ନେତା, ସାମାଜିକ କର୍ମୀ ଗୌରୀ ଶଙ୍କର ପାତ୍ର, ଗଣେଶ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ବିତରଣ ସମାରୋହ



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**ନୂଆପଡ଼ା,୧୯।୧୧ (ମକାରୁ ବେମାଲ)**

ନୂଆପଡ଼ାରେ ବୁଧବାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ବିତରଣ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଡିପିଆର୍ସି ସିଲଦା ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁଜୁର ଅଧ୍ୟକ୍ଷତା କରିଥିଲେ। ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି, ଏମ୍ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଉପାଧ୍ୟକ୍ଷ

**ଜିଲାର ୮୪,୧୫୪ ଚାଷୀ ଉପକୃତ ହେବେ**

ଦିଲୀପ ନିର୍ମଳକର୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଆବାହକ ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ସମାରୋହର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଷାନ ସମ୍ମାନ ନିଧି ଯୋଜନାର ୨୧ ତମ କିସ୍ତି କୋଏମ୍ବାଟୁରରୁ ପ୍ରଦାନ କରିଥିବାର କାର୍ଯ୍ୟକ୍ରମ ଆଭାସି ମାଧ୍ୟମରେ ଏଠାରେ ପ୍ରଦର୍ଶିତ ହୋଇଥିଲା। ନୂଆପଡା ଜିଲାର ୮୪,୧୫୪ ଜଣ ଚାଷୀ ଏହି ଯୋଜନାରେ ଉପକୃତ ହେବେ। ଏହି ଯୋଜନାରେ ମୁଖ୍ୟମନ୍ତ୍ରୀ କିଷାନ ସହାୟତା ପାଉଥିବା ଚାଷୀଙ୍କ ସହିତ ସମସ୍ତ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କୁ ୩ଟି କିସ୍ତିରେ ବାର୍ଷିକ ୬୦୦୦ ଟଙ୍କା ମିଳୁଛି। ସମାରୋହରେ ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ଏଡିଓ ଖଡିଆଳ ସୋମନାଥ ମହାପାତ୍ର, ଏସ୍ଡିଭିଓ ଡ. କିଶୋର କୁମାର ପରିଡ଼ା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ କୃଷି ବିଭାଗର ସମସ୍ତ ଅଧିକାରୀଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଚାଷୀ ସାମିଲ ହୋଇଥିଲେ।

## ମହାବିଦ୍ୟାଳୟରେ ଏକଦିବସୀୟ କର୍ମଶାଳା

**ଖଡ଼ିଆଳ,୧୯।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗ ତରଫରୁ ବୁଧବାର ସାଇବର ନିର୍ଯାତନାର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଶୀର୍ଷକ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ଏହାକୁ ଉଦ୍ଘାଟନ କରିଥିଲେ। ନୃତତ୍ତ୍ୱ ବିଭାଗର ଗବେଷିକା ଅନୁରାଧା ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ସାଇବର ବୁଲିଂର ପ୍ରଭାବ ଓ ତା'ର ସାମାଜିକ ଦିଗ ତଥା ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଡ. ଶିବ କୁମାର, ଡ. ସୁରେନ୍ଦ୍ର କଲେତ, ବନିତା ସେଠୀ, ଡ. ଶିବ ବାବୁ, ପ୍ରଳୟ ମହାନ୍ତି, ଚୁମନ ଦଣ୍ଡସେନା, ଡ. ଲିଙ୍ଗରାଜ ସାହୁ, ପ୍ରବୀଣ ପଟ୍ଟନାୟକ, ବିଷ୍ଣୁ ଭୋଇ, କୁନାଲ ବାଗ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନୋବିଜ୍ଞାନ ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ପ୍ରୀତିପ୍ରଜ୍ଞା ଖମାରି ଧନ୍ୟବାଦ ଅର୍ପଣ କରିଥିଲେ।

## ଡିସେମ୍ବର ୨୭ରେ ବୁଢାଡଙ୍ଗର ଲୋକ ମହୋତ୍ସବ

**କେସିଙ୍ଗା,୧୯।୧୧ (ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ହେବାକୁ ଥିବା ରାଜ୍ୟସ୍ତରୀୟ ବୁଢାଡଙ୍ଗର ଲୋକ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ବିଏସ୍ଏ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡିସେମ୍ବର ୨୭ ଓ ୨୮ରେ ମହୋତ୍ସବ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଉତ୍ସବରେ ଜିଲା, ରାଜ୍ୟ ତଥା ରାଜ୍ୟ ବାହାରୁ ସାଂସ୍କୃତିକ ଦଳକୁ ନିମନ୍ତ୍ରଣ ସହ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ ଅତିଥି କରାଯିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟସ୍ତରୀୟ କବିତା ପାଠ, ଚିତ୍ରକଳା ପ୍ରଦର୍ଶନୀ, ସାଂସ୍କୃତିକ ଶୋଭାଯାତ୍ରା



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

ଆୟୋଜନ ହେବ। ବିଭିନ୍ନ ବର୍ଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଉତ୍ସବକୁ ସଫଳ କରିବା ୧୦ ଗୋଟି କମିଟି ଗଠନ କରାଯାଇଛି। ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଅମିୟ ନନ୍ଦ, କେସିଙ୍ଗା କଲେଜ ଅଧ୍ୟକ୍ଷ ସୁଶାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ବିକ୍ରମ ବାରିକ, ଡା. ହରେକୃଷ୍ଣ ଧଳ, ଧନେ ମିଶ୍ର, ରମେଶ ପଟ୍ଟନାୟକ ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ପଞ୍ଚାୟତ ହାଇସ୍କୁଲରେ ଶିକ୍ଷକ ଅଭାବ

**ବୋଡ଼େନ,୧୯।୧୧ (ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ବୋଏରଗାଁରେ ଶିକ୍ଷକ ଅଭାବ ସମସ୍ୟା ଲାଗିରହିଛି। ୧୯୯୧ରେ ପ୍ରତିଷ୍ଠା ହୋଇଥିବା ଏହି ହାଇସ୍କୁଲ ରୌପ୍ୟ ଜୟନ୍ତୀ ପାଳନ କରିଛି। ଚଳିତ ଶିକ୍ଷା ବର୍ଷରେ ନବମ ଶ୍ରେଣୀରେ ୧୨୫ ଜଣ ଓ ଦଶମ ଶ୍ରେଣୀରେ ୮୮ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ମାତ୍ର ୪ ଜଣ ଶିକ୍ଷକ ନେଇ ହାଇସ୍କୁଲ ପରିଚାଳିତ ହେଉଛି। ଜଣେ ତାଲିମପ୍ରାପ୍ତ ବିଜ୍ଞାନ ଶିକ୍ଷକ, ୨ ଜଣ ତାଲିମପ୍ରାପ୍ତ କଳା ଶିକ୍ଷକ ଓ ଜଣେ ତାଲିମପ୍ରାପ୍ତ କ୍ରୀଡା ଶିକ୍ଷକ ରହିଥିବା ବେଳେ ଆବଶ୍ୟକ ଗଣିତ, ସାମାଜିକ ବିଜ୍ଞାନ, ଅନ୍ୟ ଶିକ୍ଷକ ଅଭାବ ରହିଛି। ଶିକ୍ଷକ ନିଯୁକ୍ତି ପାଇଁ ପରିଚାଳନା କମିଟି ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅବଗତ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

## ଲଖନା ପଞ୍ଚାୟତ: ଭତ୍ତାରୁ ବଞ୍ଚିତ ବୃଦ୍ଧାବୃଦ୍ଧ



ଭତ୍ତା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବୃଦ୍ଧା।

**ନୂଆପଡ଼ା,୧୯।୧୧(ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ୍ ଲଖନା ପଞ୍ଚାୟତ ଅନ୍ତର୍ଗତ ମୁରଲିବାହାଲି ଗାଁରେ ଅନେକ ବୃଦ୍ଧାବୃଦ୍ଧ ଭତ୍ତାରୁ ବଞ୍ଚିତ ହୋଇ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳ ମଧୁସୂଦନ ଦାଶଙ୍କ ଅନୁପସ୍ଥିତିରେ ସେମାନେ ଡାକ ବାକ୍ସରେ ଦରଖାସ୍ତ ଦେଇ ଫେରିଯାଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମୁରଲିବାହାଲି ଗାଁର ଉକିଆ ନିଆଲ (୬୪)ଙ୍କ ସ୍ୱାମୀ ଜଣେ ମାନସିକ ବିକୃତ ଓ ସେ ଅନେକ ଦିନ ହେବ ଘର ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। ଘରେ ଏକୁଟିଆ ବୃଦ୍ଧା ଉକିଆଙ୍କ ଦେଖାରଖା ପାଇଁ କେହି ନାହାନ୍ତି। କାମଧନ୍ଦା ପାଉ ନ ଥିବାରୁ ଅନେକ ସମୟରେ ଭୋକ ଉପାସରେ ଦିନ କାଟୁଥିବା କହିଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରିଥିଲେ ମଧ୍ୟ ହୋଇପାରୁନାହିଁ। ସେହିପରି ଉକ୍ତ ଗାଁର ଅଁଳା ତାଣ୍ଡି (୬୦)ଙ୍କ ସ୍ୱାମୀ ଅମୃତ ତାଣ୍ଡି ୨୦୨୪ ଜୁଲାଇ ୨୧ରେ ମୃତ୍ୟୁବରଣ କରିସାରିଛନ୍ତି। ପ୍ରାୟ ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ ଅଁଳା ବିଧବାଭତ୍ତା ପାଇନାହାନ୍ତି। ଏମାନେ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ୍କୁ ଯାଇ ବିଡିଓଙ୍କୁ ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ନିରାଶ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲା ଓ ବ୍ଲକ୍ସ୍ତରୀୟ ଅଧିକାରୀ ପଞ୍ଚାୟତ ତଦାରଖରେ ଯାଉ ନ ଥିବାରୁ ଲୋକଙ୍କ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆଧାର ସର୍ଭେ ସମୟରେ ଅଧିକାରୀମାନେ ଘରକୁ ଘର ନ ଯାଇ ଗାଁର ଗୋଟିଏ ସ୍ଥାନରେ ବସି ୱାର୍ଡମେମ୍ବର ବା ବୟୋଜ୍ୟେଷ୍ଠଙ୍କୁ ପଚାରି ସର୍ଭେ କରିଥିବାରୁ ଆଜି ଏହିଦିନ ଦେଖିବାକୁ ପଡୁଛି। ଯୋଗ୍ୟ ହିତାଧିକାରୀ ଆଧାର ଅନୁସାରେ ଭତ୍ତା ପାଇପାରୁନାହାନ୍ତି। ତୁରନ୍ତ ବୃଦ୍ଧାବୃଦ୍ଧ, ବିଧବା, ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଭତ୍ତା ଯୋଜନାରେ ସାମିଲକରିବା ପାଇଁ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ ଦାବି କରିଛନ୍ତି।

## ଫୁଟବଲ ମହାକୁମ୍ଭ ଦ୍ୱିତୀୟ ଦିବସରେ ୪ ମ୍ୟାଚ୍



ଖେଳାଳିଙ୍କ ଗହଣରେ ଅତିଥିମାନେ।

**ଖଡିଆଳ,୧୯।୧୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଖଡିଆଳ କ୍ରିକେଟ ଏବଂ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ତୃତୀୟ ଫୁଟବଲ ମହାକୁମ୍ଭର ବୁଧବାର ଦ୍ୱିତୀୟ ଦିନରେ ୪ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ବୋଡ଼େନ ବ୍ଲକର ଡମଝର ଓ ଖଡିଆଳ ବ୍ଲକର ସୁନାରି ଶିକୁଆଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାରି ସିକୁଆଁ ଦଳ ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ସୁନାରି ଶିକୁଆଁ ସରପଞ୍ଚ ଭୁଲେଶ୍ୱରୀ ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚ ସିନାପାଲି ବ୍ଲକ ଗୋଡ଼ାଲ ପଞ୍ଚାୟତ ଦଳ ଓ ଖଡିଆଳ ବ୍ଲକ ରିଣିଗାଁ ଦଳ ମଧ୍ୟରେ ହୋଇଥିବାବେଳେ ଗୋଡାଲ ଦଳ ବିଜୟୀ ହୋଇଥିଲା। ଅତିଥି ଭାବେ ଖାସବାହାଲ ସରପଞ୍ଚ କୁନୁ ଚରଣ ବେହେରା ଓ ସୁନାରି ଶିକୁଆଁ ପଞ୍ଚାୟତର ସମିତି ମେମ୍ବର ଶିଶୁପାଳ ବାଗ ଯୋଗଦେଇଥିଲେ। ତୃତୀୟ ମ୍ୟାଚ ଖଡିଆଳ ବ୍ଲକ ବିରିଘାଟ ଓ ବୋଡ଼େନ ବ୍ଲକ ପଳସଦା ମଧ୍ୟରେ ହୋଇଥିବା ବେଳେ ବିରିଘାଟ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ଫୁଟ୍ବଲ ଖେଳାଳି ମଣି ଚରଣ ନାଗ ଓ ପୂର୍ବତନ ଫୁଟ୍ବଲ ଖେଳାଳି ଆଦିତ୍ୟ କୁମାର ମହାପାତ୍ର ଯୋଗଦେଇଥିଲେ। ଚତୁର୍ଥ ମ୍ୟାଚ ଖଡିଆଳ ବ୍ଲକ ଅରେଡ଼ା ଓ ବୋଡ଼େନ ବ୍ଲକ ସୁନାପୁର ଦଳ ମଧ୍ୟରେ ହୋଇଥିବାବେଳେ ସୁନାପୁର ବିଜୟ ଲାଭ କରିଥିଲା।

## ସ୍ୱାଧୀନତା ସଂଗ୍ରାମୀ ଅର୍ଜୁନ ପାଟ୍ଟଯୋଷୀଙ୍କ ଜୟନ୍ତୀ



ଉତ୍ସବରେ ସାମିଲ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ।

**ଧର୍ମଗଡ଼, ୧୯।୧୧ (ଘାସିରାମ ଜଗତ):** ସ୍ୱାଧୀନତା ସଂଗ୍ରାମୀ ତଥା ସାମାଜିକ କର୍ମୀ ସ୍ୱର୍ଗତ ଅର୍ଜୁନ ପାଟ୍ଟଜୋଷୀଙ୍କ ୧୦୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ଥାପିତ ତାଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ଅଗ୍ରୱାଲ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମାଲ୍ୟାର୍ପଣ କରି ହାଇସ୍କୁଲ ଗଠନରେ ତାଙ୍କର ଭୂମିକା ଓ ସମାଜ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ସମ୍ପର୍କିତ ଆଲୋଚନା କରିଥିଲେ। ତାଙ୍କର ସୁପୁତ୍ର ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପାଟ୍ଟଜୋଷୀଙ୍କ ସମେତ ଆଇନଜୀବୀ ପ୍ରେମଲାଲ ସାଗର, ସାମାଜିକ କର୍ମୀ ସୁରେଶ କୁମାର ଅଗ୍ରୱାଲ ଉପସ୍ଥିତଥିଲେ।

## ଫୁଟ୍ବଲ ଟୁର୍ନାମେଣ୍ଟ ଉଦ୍ଯାପିତ: ବଗାର୍ଡ ଚାମ୍ପିୟନ

**କଲମପୁର, ୧୯।୧୧ (ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ ଅରେବେଡା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ୱର୍ଗତ ଗୋପଗଞ୍ଜନ ବେଣୁପାଣି ମେମୋରିଆଲ ଫୁଟ୍ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଯାଇଛି। ଅରେବେଡା ଦର୍ଲି ବାହାଲି ଫୁଟବଲ ଖେଳ ପଡିଆଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗନେଇଥିଲେ। ଫାଇନାଲ ଖେଳ ଏମ୍ସିବି ଟିକିଲି ଓ ବଗାର୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଗାର୍ଡ ଦଳ ଟିକିଲିକୁ ୫-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ତ୍ରିନାଥ ରାଉତ ଖେଳ ପରିଚାଳନା କରିଥିବା ବେଳେ କ୍ଷିରୋଦ କୁମାର ଶବର ଓ ଜୟନ୍ତ ବନ୍ଦୀଛୋଡ ଲାଇନରେ ସହାୟତା କରିଥିଲେ। ଉଦ୍ଯାପନୀ ଉତ୍ସବରେ ସାମାଜିକ କର୍ମୀ ସୁଧୀର ପଣ୍ଡା ମୁଖ୍ୟ ଅତିଥି, ବୃଷଧ୍ୱଜ ବେଣୁପାଣି ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ରଣମାଲ ପ୍ୟାକ୍ସ ସମ୍ପାଦକ ଯୁବରାଜ ବାଗ, ଗରୁଡ଼ଧ୍ୱଜ ବେଣୁପାଣି, ସୁଦର୍ଶନ ବେଣୁପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।




ଟ୍ରଫି ସହ ବିଜୟୀ ଦଳର ଖେଳାଳି।

# ଅଭାବୀ ବିକ୍ରିର ଶିକାର ଅଳସି ଫୁଲଚାଷୀ

**ଲାଞ୍ଜିଗଡ଼,୧୯।୧୧(ରମେଶ ଚନ୍ଦ୍ର ନାୟକ)**

ଶୀତୁଆ ସକାଳେ ସତେ ଯେମିତି କୁହୁଡିର ଚାଦର ତଳେ ଘୋଡେଇ ହୋଇଛି ହଳଦୀ ଟହଟହ ଅଳସିଫୁଲ। ଯୁଆଡେ ଅନେଇଲେ ସିଆଡେ ଅଳସିଫୁଲର ସମ୍ଭାର। ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ଅଞ୍ଚଳରେ। ଆଉ ସେହି ଅଳସି ସଂଗ୍ରହ କରି ଦୁଇପଇସା ରୋଜଗାର କରିବାକୁ ଆଶା ବାନ୍ଧିଛନ୍ତି ଲାଞ୍ଜିଗଡ଼ ଅଞ୍ଚଳର ଚାଷୀ। ତେବେ ସେମାନଙ୍କ ଆଶାକୁ ଧୂଳିସାତ କରୁଛି ଦଲାଲଙ୍କ ଅନଧିକାର ହସ୍ତକ୍ଷେପ। କଷ୍ଟକରି ଅଳସି ସଂଗ୍ରହ କରି ଘରକୁ ଆଣିବା ପରେ ତାକୁ ବିକିବା ବେଳେ ସେମାନଙ୍କୁ ଦଲାଲଙ୍କ ଶୋଷଣର ଶିକାର ହେବାକୁ ପଡୁଛି। ଲାଞ୍ଜିଗଡ ବ୍ଲକର ତ୍ରିଲୋଚନପୁର, ପାହାଡାପଦର, ମାଳିଯୁବାଙ୍ଗ, ବିଜେପୁର, ଲାଖବାହାଲି, ବେନାଗାଁ, ଲାଞ୍ଜି, କାନକୁଟ୍ଟୁ, କୁମଖାଳ, ବେଡାଗାଁ



ଲାଞ୍ଜିଗଡ଼ ଅଞ୍ଚଳରେ ଅଳସି ଫୁଲ+ଚାଷ।

ଆଦି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଏବେ ଅଳସି ଚାଷ ହେଉଛି। ଅଳସି ଫୁଲ ମହକରେ ଏବେ ମହକିଉଠୁଛି କଳାହାଣ୍ଡିର ଜଙ୍ଗଲୀ ଇଲାକା। ଉକ୍ତ ଅଞ୍ଚଳ ପାହାଡିଆ ହୋଇଥିବା ବେଳେ ପାହାଡି ସ୍ଥାନରେ ଏହି ଫସଲ ଭଲ ଅମଳ ହୋଇଥାଏ। ଚଳିତବର୍ଷ ପାଗ ଅନୁକୂଳ ଯୋଗୁ ଗଛରେ ଭଲ ଫୁଲ ଧରିଛି। ତେବେ ଏହି ଆଦିବାସୀ ଚାଷୀଙ୍କ ପାଇଁ ଉପଯୁକ୍ତ ବଜାର ବା ମଣ୍ଡିର କୌଣସି ବ୍ୟବସ୍ଥା ନାହିଁ। ଫଳରେ ସେମାନେ କମ ଦରରେ ବାଧ ହୋଇ ଆଞ୍ଚଳିକ ବ୍ୟବସାୟୀ ବା ଦଲାଲଙ୍କୁ ଦେଇ ଶୋଷଣର ଶିକାର ହେଉଛନ୍ତି। ଅମଳ ପୂର୍ବରୁ ଚାଷୀମାନଙ୍କଠାରୁ ଦଲାଲମାନେ କମ ଦରରେ ନେବା ପାଇଁ ଆଗରୁ ବଇନା ଦେଇଥାନ୍ତି। ଲାଞ୍ଜିଗଡ ବ୍ଲକର ପଡୋଶୀ ରାୟଗଡା ଜିଲାର ଆମ୍ବାଦଳା ଓ ମୁନିଗୁଡାରୁ ବ୍ୟବସାୟୀମାନେ ଦୁର୍ଗମ ଅଞ୍ଚଳକୁ ଆସି କମ ଦରରେ ଅଳସି କିଣୁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି । ଉଚିତ ବଜାର କିମ୍ବା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଆମେ କମ ଦରରେ ବିକ୍ରି କରୁଛୁ ବୋଲି ଚାଷୀମାନେ କହିଛନ୍ତି। ତେଣୁ ପଞ୍ଚାୟତସ୍ତରରେ ବଜାର ବ୍ୟବସ୍ଥା ପାଇଁ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ଆଦିବାସୀ ଚାଷୀମାନେ ଦାବି କରିଛନ୍ତି।

# ମୋ ସେବା କେନ୍ଦ୍ର ଉଦ୍‌ଘାଟିତ



**ବରଗଡ଼, ୧୯।୧୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ସମବାୟ ସମିତିରେ ମୋ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇ ଯାଇଛି। ଗୋବିନ୍ଦପୁର ସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାଥମିକ କୃଷି ସମବାୟ ସମିତି(ପେକ୍ସ)ର ସମ୍ପାଦକ ଅଶୋକ ଥପା, ପେକ୍ସ ନିର୍ଦ୍ଦେଶକ ଅନନ୍ତ କୁମାର ମହାପାତ୍ର, ରାଜେଶ୍ୱର ସାହୁ, ଇଶ୍ୱର ବାଗ, ବୀରବଲ ମହାକୁର, ବ୍ୟାସଦେବ ନାଏକ, ତରୁଣ ନାଏକ, ଶ୍ରୀକାନ୍ତ ମହାପାତ୍ର, ଅଶୋକ ସାହୁ, ପ୍ରିୟାରିଲାଲ ସାହୁ, ଧବଳେଶ୍ୱର ମେହେର, ସରୋଜ କୁମାର ଭୋଇ, କୃଷ୍ଣଚନ୍ଦ୍ର ଦାସ, ଲକ୍ଷଣ ପଧାନ, ସୁଶିଲ ଖମାରୀଙ୍କ ସହ ବରିଷ୍ଠ ଚାଷୀ ଛତ୍ରପତି ଭୋଇ, ରଘୁନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଅତାବିରା ମଣ୍ଡିରେ ଧାନ ପୂରାଇବେ ଚାଷୀ

## ଧାନ ସଂଗ୍ରହ ବିଳମ୍ବକୁ ନେଇ କୃଷକ ସଙ୍ଗଠନର ଅସନ୍ତୋଷ

**ଅତାବିରା, ୧୯।୧୧ (ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିରେ ୨୮ ତାରିଖ ମଣ୍ଡି ଖୋଲିବା ନେଇ ଦିନ ଧାର୍ଯ୍ୟ କରାଯାଇଛି। ହୀରାକୁଦ ସେଚାଞ୍ଚଳର ଅତାବିରା ବ୍ଲକରେ ଆଗୁଆ ଧାନଚାଷ ହୋଇଥାଏ। ଏଠାରେ ଚାଷୀମାନେ ଧାନ ଅମଳ ଆରମ୍ଭ କରିଦେଲେଣି। ଅନେକ ଚାଷୀଙ୍କ ବହୁ ଧାନ ଅମଳ ହୋଇସାରିଛି। ଚାଷୀ ପାଖରେ ଧାନ ରଖିବାକୁ ଭିତ୍ତିଭୂମି ନାହିଁ। ଏଭଳି ସ୍ଥଳେ ଚାଷୀଙ୍କ ଅମଳ ଧାନ କ୍ଷେତ, ଖଳାରେ ଖୋଲା ଆକାଶତଳେ ପଡ଼ିରହିଛି। ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଶୀତ କାକର ସହି ସେହି ଧାନକୁ ଜଗି ରହିଛନ୍ତି। ଏଭଳି ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିଚାଲିଥିବାବେଳେ ଏହାକୁ ନେଇ ଆନ୍ଦୋଳନ ମଧ୍ୟ ତେଜିଉଠିଛି।



ବୈଠକରେ ଆଲୋଚନା ଚାଲିଛି।

ଏହି କ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଇ ନ ଥିଲେ ସୁଦ୍ଧା ଗୁରୁବାରରୁ ବରଗଡ଼ ଜିଲା ଅତାବିରା ମଣ୍ଡିରେ ଚାଷୀମାନେ ବିକ୍ରି ପାଇଁ ଅମଳ ଧାନ ପୂରାଇବେ ବୋଲି ଚେତାବନୀ ଦେଇଛନ୍ତି । ଚାଷୀ ୨୦ ତାରିଖରେ ବାଧ୍ୟ ହୋଇ ଜୋରଜବରଦସ୍ତ ମଣ୍ଡିମାନଙ୍କରେ ଧାନ ରଖିବ ବୋଲି ଅତାବିରା ମୁଖ୍ୟ ବଜାର ପ୍ରାଙ୍ଗଣରେ ଅନୁଷ୍ଠିତ ଓ ରାଜ୍ୟ କୃଷକ ସଂଗଠନର ଗତ ରବିବାର ବେଠକରେ ନିଷ୍ପତ୍ତି ନିଆଯାଇଥିଲା । ସଂଗଠନର ଅତାବିରା ବ୍ଲକ ସଭାପତି ବୀରେନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ନିଷ୍ପତ୍ତି କ୍ରମେ ଗତ ମଙ୍ଗଳବାର ଏକ ପ୍ରତିନିଧି ଦଳ ଜିଲା ତଥା ଅତାବିରା ନିୟନ୍ତ୍ରିତ ବଜାର କମିଟି ପ୍ରଶାସନ ସହ ଆଲୋଚନା କରିଛି। ଧାନ ମଣ୍ଡି ଖୋଲିବା ପୂର୍ବରୁ ପଞ୍ଜୀକରଣରୁ ବାଦ ପଡ଼ିଥିବା ଅତାବିରା ବ୍ଲକର ଚାଷୀଙ୍କୁ ଖରିଫ ଧାନ ସଂଗ୍ରହରେ ସାମିଲ କରିବାକୁ ଦାବି ଦୋହାରିଛି ସଂଗଠନ। ବେଠକରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ଟିକେଲାଲ ମିଶ୍ର, ପାପ ରାଓ, ବୁଧଦେବ ନନ୍ଦ, ଭି କ୍ରିଷ୍ଣା ମୂର୍ତ୍ତି, ଦଶରଥ ଭୋଇ, କେ ରାମ ବାବୁ, ନରେନ୍ଦ୍ର ପ୍ରଧାନ, ଭୁବନ ପ୍ରଧାନ, କୁବେର ପ୍ରଧାନ, ଦେବେନ୍ଦ୍ର ସାହୁ, ତ୍ରିଲୋଚନ ନାଏକ, ଅମୂଲ୍ୟ ସ୍ୱାଇଁ, ପଦ୍ମଲୋଚନ ପ୍ରଧାନ, ଦାଶରଥି ବେହେରା, ସମୀର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ପୂର୍ବତନ ମନ୍ତ୍ରୀଙ୍କ ଜୟନ୍ତୀରେ ୫୦ ୟୁନିଟ୍ ରକ୍ତ ସଂଗ୍ରହ

**ପଦ୍ମପୁର, ୧୯।୧୧ (ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ୬୮ତମ ଜୟନ୍ତୀ ଅବସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ବର୍ଷା ସିଂ ବରିହା ଓ ତାଙ୍କ ଭାଇ ଭୋଜରାଜ ସିଂ ବରିହା ପ୍ରଥମେ ରାଜଘାଟସ୍ଥିତ ସ୍ୱର୍ଗତ ବରିହାଙ୍କ ସମାଧିପୀଠ ଓ ବଡ଼ବନ୍ଧଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ରକ୍ତଦାନ ଶିବିରକୁ ଜୀବନବିନ୍ଦୁ ଜିଲା ସଂଯୋଜକ ଗୌରହରି ମିଶ୍ରଙ୍କ ସହ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବରିହାଙ୍କ ବାଲ୍ୟବନ୍ଧୁ ସମୂହ ଯୋଗଦେଇଥିଲେ। ଏହି ଶିବିରରୁ ୫୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପଦ୍ମପୁର ରକ୍ତଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ସୁମିତ ସିହ୍ନା, ଦୀପକ ସାହୁ ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ମହାନ୍ତି, ବେଣୁମାଧବ ଦୋରା, ରବି ନାରାୟଣ ଦୋରା, ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, କିଶୋର ମେହେର, ନିରୋଜ ଦୋରା ପ୍ରମୁଖ ଯୋଗଦେଇଥିବା ବେଳେ ଭରତ ପଣ୍ଡା, ସର୍ଜ୍ଜୁ ପଟ୍ଟନାୟକ, ଦେବାଶିଷ ପଟ୍ଟନାୟକ, ଦୁଷ୍ମନ୍ତ ପଟେଲ, ଚନ୍ଦନ ଚାନ୍ଦ, ଶିବାଶିଷ ପଟ୍ଟନାୟକ, ଲୋକନାଥ ମେହେର, ବବଲୁ ହୋତା ପରିଚାଳନାରେ ସହଯୋଗ କରିଥିଲେ।

**ପାଇକମାଲ, (ବଢ଼ ଶତପଥୀ):** ପାଇକମାଲ ବ୍ଲକ ନୃସିଂହନାଥ ମୁଖ୍ୟ କାର୍ଯ୍ୟାଳୟରେ ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜ ପକ୍ଷରୁ ପୂର୍ବତନ ବିଧାୟକ ତଥା ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ସମାଜର କର୍ମକର୍ତ୍ତା ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ବିଂଝାଲ ସମାଜର ଲାଟ ସଭାପତି ହୃଷୀକେଶ ବରିହା, ସର୍ବଭାରତୀୟ ସ୍ତର ସଙ୍ଗଠନ ସମ୍ପାଦକ ଦେବରାଜ ବରିହା, ଜୋନ୍ ସମ୍ପାଦକ ନନ୍ଦଲାଲ୍ ବରିହା, ବରିଷ୍ଠ ସକ୍ରିୟ ସାମାଜିକ କର୍ମୀ ନୃପ ବରିହା ପ୍ରମୁଖ ଥିଲେ। ସଭା ଶେଷରେ ଦେବରାଜ ବରିହା ଧନ୍ୟବାଦ ଦେଇଥିଲେ। ସେହିପରି ପାଇକମାଳ ସାଲେପାଲି ବିଜେଡି କାର୍ଯ୍ୟାଳୟଠାରେ ବ୍ଲକ ଅଧକ୍ଷା ଭାବନା ସିଂଙ୍କ ଅଧକ୍ଷତାରେ ବିଂଝାଲ ସମାଜ ପକ୍ଷରୁ ପୂର୍ବତନ ମନ୍ତ୍ରୀଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି ।

# ପଦ୍ମପୁର ଲୋକ ମହୋତ୍ସବ ପାଇଁ ପୂଜାର୍ଚ୍ଚନା

**ପଦ୍ମପୁର, ୧୯।୧୧ (ପ୍ରଦୀପ୍ତ ଦାଶ)**

ପଦ୍ମପୁରଠାରେ ଅନୁଷ୍ଠିତ ହେଉଥିବା ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ପାଇଁ ବୁଧବାର ମଞ୍ଚ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଲୋକ ମହୋତ୍ସବକୁ ଏଥର ଅଧିକ ଆକର୍ଷଣୀୟ କରିବା ପାଇଁ ଆୟୋଜକ ଟାଉନ କ୍ଲବର ଉଦ୍ୟମ ଅବ୍ୟାହତ ଥିବାବେଳେ ପଞ୍ଚମ ଲୋକ ମହୋତ୍ସବର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପଦ୍ମପୁର ଅଶୋକ ପଡ଼ିଆରେ ନିର୍ମିତ ହେଉଥିବା ମଞ୍ଚର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଟାଉନ କ୍ଲବ ସଭାପତି ଯୁବନେତା ପ୍ରୀତେଶ ବହିଦାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍ଥାନୀୟ ପୂଜକ ସୁବ୍ରତ ମିଶ୍ରଙ୍କ ଦ୍ୱାରା ମଞ୍ଚ ପୂଜା କର୍ମ ଅନୁଷ୍ଠିତ ହୋଇଯାଇଛି। ଏହି ମଞ୍ଚ ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ପଦ୍ମପୁର ଲୋକ ମହୋତ୍ସବ ଆବାହକ ଅଶୋକ ମିଶ୍ର, ସହଆବାହକ କୁନାଲ ପାଣିଗ୍ରାହୀ, ସଦସ୍ୟ ନରେଶ ସୁନ୍ଦର ସାହୁ, ପ୍ରଫେସର କେଶବ ରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ରମେଶ ଗୁର୍ଲ୍ଲା, ସୁରେନ୍ଦ୍ର ସାହୁ, ରାଜେଶ ଗୁର୍ଲ୍ଲା, ସମ୍ୟାର୍କ ପଟନାୟକ, ନରୋତ୍ତମ ପ୍ରଧାନ, ପ୍ରମୋଦ ମେହେର, ଅଖିଳ ପଟନାୟକ, ଦୀନେଶ ବାରିକ, ସୁରଜ ସୁନା, ସୁରେଶ ସାହୁ, ସୋମେଶ ମହାନ୍ତି, ନାରାୟଣ ପୁରୋହିତ, ପାଲି ସିଂ, ନିରୋଜ ସିହ୍ନା, ସିପନ ପୁରୋହିତ, ଗୋପବନ୍ଧୁ ଶିକା, ରାଣା ଭୋଇ, ଗଣ ବଗର୍ତି, ଅନିଲ ଗୁର୍ଲ୍ଲା, ଟେନେଶ ପଣ୍ଡା, ବିଜୟ ଦୋରା, ହରେଶ ଷଣ୍ଡ, ନିରୋଦ କୁମାର, ରାହୁଲ ତାଣ୍ଡି, ସୁରେନ୍ଦ୍ର ଲୁହାର, ହରେଶ, ଅମୀର ମେହେର ପ୍ରମୁଖଙ୍କ ଉପସ୍ଥିତିରେ ମଞ୍ଚ ପୂଜାର୍ଚ୍ଚନାର ଶୁଭାରମ୍ଭ ହୋଇଛି। ଆସନ୍ତା ଡିସେମ୍ବର ୯ ସାଂସ୍କୃତିକ ଶୋଭାଯାତ୍ରାରୁ ପଦ୍ମପୁର ଲୋକ ମହୋତ୍ସବ ଅନୁଷ୍ଠିତ ହେବାକୁ ଘୋଷଣା ହୋଇଛି।



ଶୁଭସ୍ତମ୍ଭ ସ୍ଥାପନ ସହ ପୂଜା କରାଯାଉଛି।

# ସିଡିଏମ୍‌ଓଙ୍କୁ ମହିଳା କମିଶନ ସଦସ୍ୟାଙ୍କ ତଦନ୍ତ ନିର୍ଦ୍ଦେଶ



ସିଡିଏମ୍‌ଓଙ୍କୁ ଫେରାଦ ହୋଇଥିବା ଆଶାୟୀ ଆବେଦନକାରୀବୃନ୍ଦ।

## ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ବରଗଡ଼, ୧୯।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚର୍ଚ୍ଚା ଥମିବାର ନାଁ ନେଉ ନାହିଁ। କେତେବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ତ ଆଉ କେବେ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯନ୍ତ୍ରପାତି ଚୋରିକୁ ନେଇ ଏଠାରେ ଚର୍ଚ୍ଚା ଲାଗି ରହିଛି। ଏବେ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଏଏନ୍‌ଏମ୍, ଜେଏନ୍‌ଏମ୍, ଫାର୍ମାସିଷ୍ଟ, ଲାବୋରାଟୋରି ଟେକ୍ନିସିଆନ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ଅନିୟମିତତା ନେଇ ଉପରୋକ୍ତ ପଦବୀ ପାଇଁ ଆବେଦନ କରିଥିବା ଅନେକ ଆଶାୟୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଫେରାଦ ହୋଇଛନ୍ତି। ମହିଳା କମିଶନ ସଦସ୍ୟା ମୁକ୍ତା ସାହୁଙ୍କୁ ମଧ୍ୟ ଏ ନେଇ ସେମାନେ ଲେଖି ଜଣାଇଛନ୍ତି। ଏହି ଅନିୟମିତତାର ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗକୁ ଏହାର ଦୃଢ଼ ପ୍ରତିବାଦ କରିବେ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ପାଇବା ପରେ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ ସିଡିଏମ୍‌ଓଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

# ପାଲଖାରଠାରେ ୨୧ ତମ ପିଏମ୍ କିଷାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ କୃଷି ଅଧିକାରୀ ଓ ଅନ୍ୟମାନେ।

**ବଘିଆପଡା, ୧୯।୧୧ (ଶ୍ରୀକାନ୍ତ ସାହୁ)**

କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପାଲଖାରସ୍ଥିତ ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନଠାରେ ୨୧ତମ ପିଏମ କିଶାନ ସମ୍ମାନ ନିଧି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତାମିଲନାଡୁ ରାଜ୍ୟର କୋଏମ୍ବାଟୁରଠାରୁ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ଉକ୍ତ ସହାୟତା ପ୍ରଦାନ କରିଥିଲେ । ବରିଷ୍ଠ କୃଷି ବୈଜ୍ଞାନିକ ତପନ କୁମାରଙ୍କ ଅଧକ୍ଷତାରେ ପାଲଖାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ପି.ଭି. ରମଣ ରାଓ, ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣି ଜେନା, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ସମେତ କୃଷି ବିଭାଗର ବିଭିନ୍ନ ଅଧିକାରୀ ଓ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ଯୋଗ ଦେଇଥିଲେ ।

# ମା’ ଭୈରବୀ ଫୁଟ୍‌ବଲ ଟୁର୍ନାମେଣ୍ଟ: ମୁରୁଶୁଣ୍ଡି ଚାମ୍ପିୟନ

**ବଘିଆପଡ଼ା, ୧୯।୧୧ (ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ବଢ଼ିଗାଁ ପଞ୍ଚାୟତ ଇଚ୍ଛାପୁର ଖେଳପଡ଼ିଆରେ ମା’ ଭୈରବୀ କ୍ଲବ ଆନୁକୂଲ୍ୟରେ ମା’ ଭୈରବୀ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବଢ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାଢ଼ୀ, ବନ୍ଧାପଥର ସମିତି ସଭ୍ୟ ପ୍ରତିନିଧି ତରଣୀସେନ ବାରିକ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ମୁରୁଶୁଣ୍ଡି ଏବଂ ବଢ଼ିଗାଁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁରୁଶୁଣ୍ଡି ଦଳ ୪–୩ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଅମିତ ନାଏକ, ଚନ୍ଦନ ମହାରଣା, ସମୀର ପ୍ରଧାନ, ମାନସ ରଣା ଖେଳ ପରିଚାଳନା କରିଥିଲେ। ବଢ଼ିଗାଁ ଦଳର ଜିତେନ୍ଦ୍ର ଦେହୁରୀଙ୍କୁ ମ୍ୟାନ୍ ଅଫ ଦ ସିରିଜ ଓ ଜିତେନ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପ୍ରଦାନ କରାଯାଇଥିଲା। ଭୈରବୀ କ୍ଲବ ସଭାପତି ଅମୀୟ ପଟ୍ଟନାୟକ, ମୁକେଶ ପଟ୍ଟନାୟକ, ପ୍ରତ୍ୟୁଷ ବାରିକ, ସତ୍ୟବାନ ପ୍ରଧାନ, ମାନସ ମହାରଣା , ଏ. ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଧାରା ବିବରଣୀ ତେଜସ କୁମାର ସାହୁ ଓ ମାନସ ରଣା ପ୍ରଦାନ କରିଥିଲେ ।



ମ୍ୟାଚ ଅବସରରେ ଖେଳାଳିମାନେ।

# ଭାରତ ଗୋଲ ଶଟ୍‌ବଲ୍ ଦଳରେ ସୌରଭ

**ବରପାଲି, ୧୯।୧୧ (ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଲେଣ୍ଡା ଗ୍ରାମ ତରଣୀ ପଧାନଙ୍କ ପୁଅ ସୌରଭ ପଧାନ ଭାରତ ଗୋଲ ଶଟ ବଲ୍ ଦଳରେ ସ୍ଥାନ ପାଇଛନ୍ତି। ସେ ଆସନ୍ତା ଡିସେମ୍ବର ୧୬ରୁ ୧୯ ଯାଏ ନେପାଳର କାଠମାଣ୍ଡୁରେ ହେବାକୁଥିବା ଅନ୍ତଃରାଷ୍ଟ୍ରୀୟ ଖେଳରେ ଯୋଗଦେବେ। ସୌରଭ ଗତ ୧୨ ତାରିଖ ପଞ୍ଜାବର ସଂଗୃ ଡିଗ୍ରୀ କଲେଜ ପଡ଼ିଆରେ ଭାରତୀୟ ଖେଳାଳି ଚୟନରେ ଯୋଗଦେଇଥିଲେ। ସେ ଟ୍ରେନ୍ ଯୋଗେ ବରପାଲି ରେଳଷ୍ଟେଶନରେ ପହଞ୍ଚିବା ପରେ ବେଦାନ୍ତ ସ୍ୱାମୀ ବିବେକାନନ୍ଦ କଲେଜର ଛାତ୍ର, ପ୍ରିନ୍‌ସିପାଲ, ବରପାଲିବାସୀ ଓ ତାଙ୍କ ମା’ ବାପା, କୋଚ୍ ପ୍ରଭାକର ଶିକା ସୌରଭଙ୍କୁ ପୁଷ୍ପମାଲ୍ୟ, ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।



ସୌରଭଙ୍କୁ ସ୍ୱାଗତ କରାଯାଉଛି।


# ୨୪ରୁ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

**ବରଗଡ଼, ୧୯।୧୧ (ପ୍ରେମାନନ୍ଦ ଖମାରୀ):** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ରୁ ଆରମ୍ଭ ହେବ। ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ଏହି ମହୋତ୍ସବ ଚାଲିବ। ତେବେ ଠିକ୍ ଏହାର ମାସକ ପୂର୍ବରୁ ଅର୍ଥାତ୍ ଆସନ୍ତା ୨୪ ତାରିଖରେ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ଏହି କ୍ରମରେ ଉକ୍ତ ଦିନ ସନ୍ଧ୍ୟା ୫ଟା ୩୦ମିନିଟ୍‌ର ବରଗଡ଼ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ପୂଜାର୍ଚ୍ଚନା ସନ୍ଧ୍ୟା ୬ଟାରେ ମନ୍ଦିରରୁ ହାଟପଦା ସଞ୍ଚାର ମଣ୍ଡଳୀ ଅଭିମୁଖେ ଶୋଭାଯାତ୍ରା ବାହାରିବ। ଶୋଭାଯାତ୍ରା ହାଟପଦା ସଞ୍ଚାର ମଣ୍ଡଳୀକୁ ପହଞ୍ଚିବା ପରେ ସନ୍ଧ୍ୟା ୭ଟାରେ ପୂଜାର୍ଚ୍ଚନା ସହିତ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ପରମ୍ପରା ଅନୁଯାୟୀ, ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଆଦିତ୍ୟ ଗୋୟଲ ଏବଂ କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ୍. ମୀନା ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଧନୁଯାତ୍ରା ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ଏବଂ ରାଜ ଦରବାର ମଞ୍ଚ କମିଟିର ଆବାହକ ରାଜେନ୍ଦ୍ର ପ୍ରସାଦ ସିଂହ ସୂଚନା ଦେଇଛନ୍ତି।

# ସମଲେଶ୍ୱରୀଙ୍କୁ କଂସ ଅଭିନେତାଙ୍କ ଦର୍ଶନ

**ବରଗଡ଼, ୧୯।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏଥର କଂସ ଅଭିନୟ କରିବା ପାଇଁ ଭେଡ଼େନ ବ୍ଲକ ଚିଚିଣ୍ଡା ଗ୍ରାମର ସୁଶୀଲ କୁମାର ମେହେର ମନୋନୀତ ହୋଇଛନ୍ତି। ଚୟନ ପ୍ରକ୍ରିୟାରେ ଭାଗନେଇଥିବା ଅନ୍ୟ ୩୫ ଜଣଙ୍କୁ ପଛରେ ପକାଇ ସେ ପ୍ରଥମଥର ପାଇଁ ଏହି ସୁଯୋଗ ପାଇଛନ୍ତି। ମଙ୍ଗଳବାର ଏଥିପାଇଁ ତାଙ୍କ ନାମ ଘୋଷଣା ହୋଇସାରିଛି। ବୁଧବାର ସକାଳେ କଂସ ଅଭିନେତା ସୁଶୀଲ ବରଗଡ଼ ତଳିପଡ଼ାସ୍ଥିତ ମାଁ ସମଲେଶ୍ୱରୀ ମନ୍ଦିରରେ ଦେବୀଙ୍କୁ ଦର୍ଶନ ସହିତ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି। ସେହିପରି ମଙ୍ଗଳବାର ସନ୍ଧ୍ୟାରେ ନିଜ ଗ୍ରାମ ଚିଚିଣ୍ଡାରେ ଏକ ବିଶାଳ ଶୋଭାଯାତ୍ରା ସହିତ ଗ୍ରାମବାସୀ ଖୁସି ମନାଇଥିଲେ। ଧନୁଯାତ୍ରା ମହୋତ୍ସବ ସମିତିର ଗାଇଡ୍‌ଲାଇନ୍ ଅନୁଯାୟୀ, ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଅତିକମ୍‌ରେ ସେ ୩ ବର୍ଷ କଂସ ଅଭିନୟ କରିପାରିବେ। ମାତ୍ର ଏହି ଅବଧି ମଧ୍ୟରେ ସେ ଅନ୍ୟ କୌଣସି ମଞ୍ଚରେ କଂସ ଅଭିନୟ କରିପାରିବେ ନାହିଁ ବୋଲି ବରଗଡ଼ ଧନୁଯାତ୍ରା ମହୋତ୍ସବର ଗାଇଡ୍‌ଲାଇନ୍‌ରେ କଟକଣା ରହିଛି।



କଂସ ଅଭିନେତା ସୁଶୀଲ କୁମାର ମେହେର ସମଲେଶ୍ୱରୀଙ୍କୁ ଦର୍ଶନ କରୁଛନ୍ତି।

# ସମ୍ବଲପୁରୀ ନାଚଗୀତରେ ଦୁଲୁକିଲା ମଞ୍ଚ



ମହୋତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମା’ ଭୈରବୀ ମହୋତ୍ସବର ଦ୍ୱିତୀୟ ଦିବସ

**ବୌଦ୍ଧ/ହରଭଙ୍ଗା, ୧୯।୧୧ (ଅଜିତ କୁମାର ବାରିକ / ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲାର ପୁରୁଣାକଟକସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ନାମରେ ନାମିତ ମା’ ଭୈରବୀ ମହୋତ୍ସବ, ପଲ୍ଲିଶ୍ରୀ ଓ ବାଣିଜ୍ୟ ମେଳାର ବୁଧବାର ଥିଲା ଦ୍ୱିତୀୟ ଦିବସ । ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ତହସିଲଦାର ବଳଦେବ ବେହେରା ଓ ପୁରୁଣାକଟକ ଥାନା ଅଧିକାରୀ ଅରୁଣ କୁମାର ସିଂକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚକୁ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ରମେଶ ଚନ୍ଦ୍ର ତାରେଣିଆ ପରିଚାଳନା କରିଥିଲେ । ସନ୍ଧ୍ୟାରେ ରାମଗଡ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗୀତ, ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପଢିବୁରେ ପଢିବୁ ପରୀ, ଲୁଣିବାହାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ମା’ ଭୈରବୀଙ୍କ ଭଜନ, ହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଭାଇ ଜିଉଁଠିଆ, ବଉଲି କଳା ପରିଷଦ କନ୍ଧମାଳ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। କମେଡିଆନ ଟୁକୁନା ଷ୍ଟାଇଲିସ ଓ ଲିପସା ମହାରଣାଙ୍କ କମେଡି ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସମ୍ବଲପୁରୀ ନାଚ, ଗୀତ ସାଙ୍ଗକୁ ଢୋଲ, ନିଶାନା, ତାସାରେ ମହୋତ୍ସବ ମଞ୍ଚ ଦୁଲୁକି ଉଠିଥିଲା । ଏହି ମହୋତ୍ସବ ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ ହେବ । ମହୋତ୍ସବକୁ ସରସ ସୁନ୍ଦର ଆର୍କଷଣୀୟ କରିବାକୁ ମୀନାବଜାର, ରାମଦୋଳି, ବାଣିଜ୍ୟ ମେଳା, ବିଭିନ୍ନ ଖାଦ୍ୟ ଷ୍ଟଲ , ଘରକରଣା ସାମଗ୍ରୀର ପସରା ଖୋଲାଯାଇଛି । ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ଅଗ୍ରୱାଲା, ଆବାହକ ସୁକାନ୍ତ କୁମାର ପଟ୍ଟନାୟକ, ଉପସଭପତି ଅଙ୍କୁର ସେଠୀ, ସମ୍ପାଦକ ଅଶୋକ ସେଠୀ, ସହ ସମ୍ପାଦକ ମନୋଜ ପାଢୀ, କାର୍ଯ୍ୟକାରୀ ସଭାପତି ସତୀଶ କୁମାର ବେହେରା, ସାଙ୍ଗଠନିକ ସଭାପତି ପ୍ରାଣବନ୍ଧୁ ସାହୁ, କୋଷାଧକ୍ଷ କୈଳାସ ଅଗ୍ରୱାଲା, ଭୈରବୀ କ୍ଲବର ସମସ୍ତ ସଦସ୍ୟ, ଡ୍ରାଇଭର ସଂଘ ସଦସ୍ୟ ସହଯୋଗ କରୁଛନ୍ତି ।

## ସ୍ୱାସ୍ଥ୍ୟ ଶିବିର, ୩୬୧ ରୋଗୀ ଚିକିତ୍ସିତ

**ରାଉରକେଲା,୧୯।୧୧(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ କୁଆଁରମୁଣ୍ଡା ବ୍ଲକ କଟାରୁ ରତାଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ବହୁମୁଖି ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ସିଏସ୍‌ଆର ବିଭାଗର ଜିଏମ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ୍ ଆର.ଏସ୍. ବାରା ଓ ଟି.ବି ଟପ୍ପୋ, ଏଜିଏମ ବି. ଜେନା, ଡେପୁଟି ମ୍ୟାନେଜର ଏସ୍. କେ. ଶୁକ୍ଳା ଶିବିର ପରିଦର୍ଶନ କରିଥିଲେ। ଆର୍‌ଏସ୍‌ପିର ଚିକିତ୍ସକ ଚକ୍ଷୁ ବିଭାଗର ଡା. ସୋନିଆ ଯୋଶୀ, ଇଏନ୍‌ଟି ବିଭାଗର ଡା. ଗୌତମ ଦାସ, ଶଲ୍ୟ ବିଭାଗର ଡା. ମନୋଜ କୁମାର ପ୍ରଧାନ, ଶିଶୁ ବିଭାଗର ଡା. ମାନଭଞ୍ଜନ ମୁଣ୍ଡ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ଦିବ୍ୟା, ଦନ୍ତ ବିଭାଗର ଡା. ଲିଜା ଦେଓ, ମେଡିସିନ ବିଭାଗର ଡା. ନୀଳକଣ୍ଠ ସାହୁ ପ୍ରମୁଖ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୩୬୧ ରୋଗୀଙ୍କୁ ପରୀକ୍ଷା କରାଯାଇ ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା।

# ହାତୀ କରିଡର ଗଠନ ଉପରେ ଗୁରୁତ୍ୱ

## ବନ୍ଧମୁଣ୍ଡା ରେଲୟାର୍ଡରେ ହାତୀ ସୁରକ୍ଷା ପାଇଁ ବୈଠକ



ଅଧିକାରୀମାନେ ହାତୀ ସୁରକ୍ଷା ନେଇ ଆଲୋଚନା କରୁଛନ୍ତି।

**ବନ୍ଧମୁଣ୍ଡା,୧୯।୧୧(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଅଞ୍ଚଳରେ ହାତୀଙ୍କ ଆଗମନ ତଥା ବାରମ୍ବାର ରେଳପଥ ପାର୍ ହେବା ବେଳେ ଘଟୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ରାଉରକେଲା ଡିଏଫ୍‌ଓ କାର୍ଯ୍ୟାଳୟରେ ବୁଧବାର ରେଳ ଏବଂ ବନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚକ୍ରଧରପୁର ରେଳ ଡିଆର୍‌ଏମ୍ ତରୁଣ ହୁରିଆ ଓ ଡିଏଫ୍‌ଓ ଯଶୱନ୍ତ ସେଠୀଙ୍କ ସହିତ ୨ ବିଭାଗର ଅଧିକାରୀମାନେ ଯୋଗଦେଇ ହାତୀ ଓ ଟ୍ରେନ୍ ସୁରକ୍ଷା ପାଇଁ ମଜଭୁତ ରୋଡ୍‌ମ୍ୟାପ୍ ତିଆରି କରିଥିଲେ। ଡିଆରଏମ୍ ହୁରିଆ ଜଙ୍ଗଲରେ ସ୍ଥାପିତ ଏଆଇ ଟାୱାର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଟାୱାର ମାଧ୍ୟମରେ ହାତୀ ଚଳାଚଳ କିପରି ବନ୍ଧମୁଣ୍ଡା ରେଳବାଇ ଏଆରଏମ୍ କାର୍ଯ୍ୟାଳୟସ୍ଥିତ କଣ୍ଟ୍ରୋଲ ରୁମ୍‌ରେ ସମୟ ମୁତାବକ ପହଞ୍ଚିପାରିବ ସେଥିପାଇଁ ମଧ୍ୟ ଆଲୋଚନା କରାଯାଇଥିଲା। ଏଥିସହ ହାତୀ ଯାତାୟାତ କରୁଥିବା ସ୍ଥାନରେ କିପରି ବ୍ୟାରିକେଟିଂ କରାଯିବ ଏବଂ ବନ୍ଧମୁଣ୍ଡା ସହିତ କିଛି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ହାତୀ କରିଡର ଗଠନ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗତ କିଛିମାସ ତଳେ ଚକ୍ରଧରପୁର ରେଳବାଇ ମୁଖ୍ୟାଳୟରେ 'ନତାରା' ଅଭୟାରଣ୍ୟରୁ ଅଣାଯାଇଥିବା ପ୍ରଶିକ୍ଷିତ ହାତୀମାନଙ୍କ ମାଧ୍ୟମରେ ହାତୀ ସୁରକ୍ଷା ପାଇଁ ହୋଇଥିବା ପରୀକ୍ଷଣ ଅଭିଜ୍ଞତା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଟ୍ରେନ୍ ଗତି ଓ ହାତୀଙ୍କ ଜୀବନକୁ ଗୁରୁତ୍ୱ ଦିଆଯିବ। ଏହି ପଦକ୍ଷେପ ଆଗାମୀ ଦିନରେ ଟ୍ରେନ୍‌ରେ ହେଉଥିବା ହାତୀ ଦୁର୍ଘଟଣାକୁ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଆଶା କରାଯାଉଛି।

## ରେଲୱେର ଘର, ଦୋକାନ ଉଚ୍ଛେଦ ଅଭିଯାନ



ଲୋକଙ୍କ ଘର, ଦୋକାନ ଭଙ୍ଗାଯାଉଛି।

**ବନ୍ଧମୁଣ୍ଡା,୧୯।୧୧(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଅଞ୍ଚଳବାସୀଙ୍କ ଦୁଃଖ ଶେଷ ହେବାର ନାଁ ଧରୁନାହିଁ। ଗତ ୨ସପ୍ତାହ ପୂର୍ବେ ଏନଏଚ ବିଭାଗ ରାସ୍ତା ଚୌଡ଼ା କରିବା ପାଇଁ ଅନେକ ଲୋକଙ୍କ ଘର ଓ ଦୋକାନକୁ ଭାଙ୍ଗି ଦେଇଛି। ଅନେକ ପରିବାର ଘରହୀନ ହୋଇଥିବା ବେଳେ ଅନେକ ନିଜ ଜୀବିକା ମଧ୍ୟ ହରାଇଛନ୍ତି। ବୋଝ ଉପରେ ଲଳିତା ବିଡା ସଦୃଶ୍ୟ ଏବେ ପୁଣି ରେଳବାଇ ବିଭାଗ ଦ୍ୱାରା ବୁଲଡୋଜର୍ ଲଗାଇ ଲୋକଙ୍କ ଘର, ଦୋକାନ ଭାଙ୍ଗିବା ଆରମ୍ଭ ହେଇଯାଇଛି। ବୁଧବାର ଚକ୍ରଧରପୁର ରେଳ ଡିଆରଏମ ତରୁଣ ହୁରିଆ ଦିନିକିଆ ବନ୍ଧମୁଣ୍ଡା ଅଞ୍ଚଳକୁ ଗସ୍ତ କରିଥିଲେ। ଡିଆରଏମ ବନ୍ଧମୁଣ୍ଡା ରେଳବାଇ ହାଇସ୍କୁଲରେ ପହଞ୍ଚି ଥିଲେ। ଏହି ସମୟରେ ଡିଆରଏମ ରେଳବାଇ ସ୍କୁଲ ପାଚେରୀକି ଲାଗି ରହି ଥିବା ଘର ଓ ଦୋକାନ ଗୁଡ଼ିକୁ ଭାଙ୍ଗିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନ ପ୍ରାୟ ୧ଟା ବେଳେ ରେଳବାଇ ଆଇଓଡବ୍ଲ୍ୟୁ ବିଭାଗ, ଆରପିଏଫ ଏବଂ ସ୍ଥାନୀୟ ପୋଲିସ ବୁଲଡୋଜର୍ ନେଇ ଏ-ସେକ୍ଟର୍ ଛକ ସ୍ଥିତ ଦୋକାନ ଗୁଡ଼ିକୁ ଭଙ୍ଗିବା ଆରମ୍ଭ କରି ଦେଇଥିଲେ। ଲୋକେ ଏହାକୁ ବିରୋଧ କରି ମୁଖ୍ୟ ରାସ୍ତାକୁ ଜାମ କରି ପ୍ରତିବାଦ ଜଣାଇ ଥିଲେ। ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ସ୍ଥାନୀୟ ଲୋକ ଓ ରେଳ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଶେଷରେ ରେଳବାଇ ଅଧିକାରୀମାନେ ଫେରି ଯାଇଥିଲେ। ଅଧିକାରୀମାନେ ଆଗାମୀ ଦିନରେ ଘର ଓ ଦୋକାନ ଗୁଡ଼ିକୁ ଭଙ୍ଗିବା ପାଇଁ ନୋଟିସ ଜାରି କରିବାର କଥା କହିଛନ୍ତି। ଯାହା ପାଇଁ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଛି।

## ଦୁମାଙ୍ଗଦିରି ଷ୍ଟୋନ୍ କ୍ରଶରକୁ ବିରୋଧ କରି ଗଣ୍ଡଗୋଳ: ୭ ଗିରଫ

**କୁଆଁରମୁଣ୍ଡା,୧୯।୧୧(ମହେନ୍ଦ୍ର କୁମାର ସାହୁ)**

ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଦୁମାଙ୍ଗଦିରି ଜଙ୍ଗଲରେ ଥିବା ଏକ ଷ୍ଟୋନ୍ କ୍ରଶରକୁ ବିରୋଧ କରି ଗ୍ରାମବାସୀ ଓ କ୍ରଶର ମାଲିକଙ୍କ ମଧ୍ୟରେ ଗତ ୧୨ ତାରିଖରେ ଗଣ୍ଡଗୋଳ ଘଟିଥିଲା। ଏଥିରେ କ୍ରଶର କର୍ମଚାରୀ ତେମ୍ବା ଏକ୍କା(୩୧)ଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ସେହିଦିନ କର୍ମଚାରୀ ଜଣଙ୍କ କୁଆଁରମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଥିଲେ। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ.୫୩୪/୨୫) ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଗ୍ରାମବାସୀଙ୍କ ମଧ୍ୟରୁ ରୟେଲେନ ବୁଡ଼(୩୫)ଙ୍କ ସମେତ ୭ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେହିପରି ଗତ ୧୩ ତାରିଖରେ ଗ୍ରାମବାସୀଙ୍କ ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୫୩୫/୨୫) ରୁଜୁ କରିଛି। ଏହି ଘଟଣାରେ ପୋଲିସ ଅଦ୍ୟାବଧି କାହାକୁ ଗିରଫ କରି ନ ଥିବା ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା
## ୮ ଚାଷୀ ସମ୍ବର୍ଦ୍ଧିତ

**କୁଆଁରମୁଣ୍ଡା,୧୯।୧୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ପରିସରରେ ବୁଧବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ରୋହିତ୍ ଜୋସେଫ୍ ତିର୍କୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲାବେଳେ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍‌କେଟା, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେର୍‌କେଟା, ଏମ୍‌ପି ପ୍ରତିନିଧି ହଳପାଣି ମାଝୀ, ଜିଲା ମତ୍ସ୍ୟ ଅଧିକାରୀ ବିବେକ ସୋରେନ, ପ୍ରାଣୀ ସମ୍ପଦ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡା. ହାଡ଼ିବନ୍ଧୁ ଭୋଇ, ବ୍ଲକ ମତ୍ସ୍ୟ ଅଧିକାରୀ ତାଡ଼ସା ପ୍ରିୟଦର୍ଶନୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଜଗଦୀଶ ଚନ୍ଦ୍ର ମହାନନ୍ଦ, ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରସନ୍ନ କୁମାର ମହାରଣା ଯୋଗଦେଇଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର ମତ୍ସ୍ୟ ଓ ପ୍ରାଣୀ ପାଳକଙ୍କ ମଧ୍ୟରୁ ୬ ଜଣ ବ୍ୟକ୍ତିବିଶେଷ ଓ ୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ସମ୍ପର୍କିତ ୮ଟି ଷ୍ଟଲ୍ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଡିଓ ପ୍ରସନ୍ନା ପତିଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ବେଳେ ବ୍ଲକ ଜୀବିକା ମିଶନ ସଂଯୋଜିକା ରଶ୍ମିତା ବେହେରା ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୁଆଁରମୁଣ୍ଡା ବ୍ଲକ ପରିସରରେ ଅନୁଷ୍ଠିତ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଉପସ୍ଥିତ ଅତିଥିମାନେ।

# ଜିଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ




ସୁନ୍ଦରଗଡ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଜିଲା ସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ସମାରୋହରେ ଉପସ୍ଥିତ ଅତିଥି।

**ସୁନ୍ଦରଗଡ,୧୯।୧୧(ଜୟ ନାରାୟଣ ମେଣ୍ଟୁଲି)**

ସ୍ଥାନୀୟ ସଂସ୍କୃତି ଭବନଠାରେ ମଙ୍ଗଳବାର ୭୨ତମ ସୁନ୍ଦରଗଡ଼ ଜିଲା ସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଯାଇଛି। ଉପନିବନ୍ଧକ ସମବାୟ ସମିତି ସମୂହ, ଜିଲା ସମବାୟ ସଂଘ ଏବଂ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଚଳିତବର୍ଷ ସମବାୟ ସପ୍ତାହ ପାଳନର ମୁଖ୍ୟ ଆଲୋଚ୍ୟ ବିଷୟ ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ ରହିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଉପସ୍ଥିତ ସମବାୟ ପ୍ରେମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ସଭାରେ ସମବାୟ ସମିତି ସମୂହର ଉପନିବନ୍ଧକ ରଶ୍ମିଲତା ବେହେରା, ଜିଲା ସମବାୟ ସଂଘର ସଭାପତି ଭରତ ଚନ୍ଦ୍ର ମିଶ୍ର, ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ର କାଲୁଣ୍ଡିଆ, ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ, ନାବାର୍ଡ ଡିଡିଏମ ତାପସ ବେହେରା, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ଆଶିଷ ମହାନ୍ତି, ବଣାଇ ବରିଷ୍ଠ ସହକାରୀ ନିବନ୍ଧକ ଅଜୟ ସେଠୀ, ସୁନ୍ଦରଗଡ ବରିଷ୍ଠ ସହକାରୀ ନିବନ୍ଧକ ମୋହନ ଚନ୍ଦ୍ର ପ୍ରଧାନ, ପାନପୋଷ ସହକାରୀ ନିବନ୍ଧକ, ବିକାଶ ସାମଦ ଏବଂ ଉପନିବନ୍ଧକ, ସହକାରୀ ନିବନ୍ଧକ ଓ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ଜିଲାର ସମସ୍ତ ସମବାୟ ସମିତିର ସଭ୍ୟାସଭ୍ୟ ଏବଂ କର୍ମଚାରୀମାନେ ସଭାରେ ଯୋଗ ଦେଇଥିଲେ। ଏହା ଗତ ୧୪ତାରିଖ ଠାରୁ ୨୦ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଉପନିବନ୍ଧକ, ସମବାୟ ସମିତି ସମୂହଙ୍କ ତରଫରୁ ଏକ ଗଣ ଦୌଡ, ଓଡ଼ିଶା ରାଜ୍ୟ ସମବାୟ ନୀତି ଉପରେ ଏକ କର୍ମଶାଳା ଏବଂ ରଚନା/ବକ୍ତୃତା ପ୍ରତିଯୋଗିତା ଜିଲାର ବିଭିନ୍ନ ସ୍କୁଲ ଏବଂ ମହାବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ରଚନା ଓ ବକ୍ତୃତା ପ୍ରତିଯୋଗିତାର ବିଜେତାଙ୍କୁ, ଜିଲାର ପ୍ରାଥମିକ ଓ କେନ୍ଦ୍ରୀୟ ସମବାୟ ସମିତି, ବ୍ୟାଙ୍କ, ଏସଏଚଜି ଏବଂ ଅନ୍ୟାନ୍ୟ ସମବାୟ ସମିତି ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଜିଲାର ନୂଆଗାଁ ଲାମ୍ପସ, ବଣେଇ ଆର.ସି.ଏମ.ସ, ଫର୍ଟିଲାଇଜର ଟାଉନଶିପ ଶାଖା, ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ସାଇ ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରଥମ ପୁରସ୍କାର, ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ରାଉରକେଲା ସହରାଞ୍ଚଳ ସମବାୟ ବ୍ୟାଙ୍କ ଏବଂ ତିନି ଜଣ ଅଗ୍ରଣୀ ଚାଷୀ, ପ୍ରଫୁଲ୍ଲ କୁମାର ପଟେଲ, ଜୟ ସିଂହ ମହାନ୍ତ ଓ ଶୁକୁଟା କିଶାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭାକୁ ଅଜୟ ସେଠି, ବରିଷ୍ଠ ସହକାରୀ ନିବନ୍ଧକ ଅମନ ମଣ୍ଡଲ, ସହକାରୀ ନିବନ୍ଧକ ସୀତାରାମ ବାଘ, ଉପ ସହକାରୀ ନିବନ୍ଧକ ସଦାଶିବ ତ୍ରିପାଠୀ, ସୁନ୍ଦରଗଡ଼ ଜିଲା ସମବାୟ ସଂଘ ସଭା ପରିଚାଳନା କରିଥିଲେ ଏବଂ ଜଟିଆ ମୁଣ୍ଡା, ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ସଭ୍ୟ ସଭା ସମାପନ ଅଭିଭାଷଣ ପ୍ରଦାନ କରିଥିଲେ।

## ଟ୍ରେଲର ଧକ୍କାରେ ଓଏସ୍‌ଆର୍‌ଟିସି ଜିଲା ପରିଚାଳକଙ୍କ ମୃତ୍ୟୁ

**ସୁନ୍ଦରଗଡ,୧୯।୧୧(ଜୟ ନାରାୟଣ ମେଣ୍ଟୁଲି)**



ସୁନ୍ଦରଗଡ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ବିଭାଗର ଜିଲା ପରିଚାଳକଙ୍କ ବୁଧବାର ଟ୍ରେଲର ଧକ୍କାରେ ମୃତ୍ୟୁ ଘଟିଛି। ମୃତକହେଲେ କେନ୍ଦ୍ରାପଡା ଜିଲା ଗରାପୁରର ଅମରେଶ ମହାନ୍ତି(୩୮)। ଏନେଇ ସଦର ଥାନାରେ କେସ୍ ନଂ. ୪୧୪/୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ସେହି ସମୟରେ ଯାଇଥିବା ଟ୍ରେଲର ଗୁଡିକର ନମ୍ବର ଯାଞ୍ଚ କରି ଫେରାର ଥିବା ଟ୍ରେଲରକୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଅମରେଶ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ଜଗତଗଡଠାରେ ସୁନ୍ଦରଗଡରୁ ଲୁଲୁକିଡିହି ଯାଉଥିବା ସରକାରୀ ବସକୁ ଚେକିଂ କରୁଥିବା ବେଳେ ରାଉରକେଲା ପଟୁ ଝାରସୁଗୁଡା ପଟକୁ ଯାଉଥିବା ଏକ ଅଜଣା ଟ୍ରେଲର ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ତାଙ୍କ ମୁଣ୍ଡ ପଛ ପାଖରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ବସ କର୍ମଚାରୀମାନେ ତାଙ୍କୁ ତୁରନ୍ତ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁନ୍ଦରଗଡ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତ ଅମରେଶ ଗତ ୨ ବର୍ଷ ହେବ ଏଠାରେ ଜିଲା ପରିଚାଳକଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ସ୍ତ୍ରୀ ଓ ୨ଟି ପୁଅଝିଅ କଟକରେ ରୁହନ୍ତି।

## ପଥର ଉପରେ ପଡ଼ି ଶିଶୁପୁତ୍ର ମୃତ

**ଲହୁଣୀପଡା,୧୯।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ବୁଢ଼ିପାଲି ଗ୍ରାମରେ ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ଖେଳୁଥିବା ବେଳେ ପଥର ଉପରେ ପଡି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତ ୧୪ ମାସର ଶିଶୁପୁତ୍ର ହେଲେ ଆରିୟନ ଓରାମ। ଏନେଇ ଲହୁଣୀପଡା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪୪/୨୫) ରୁଜୁ କରିଛି। ସୂଚନାଯୋଗ୍ୟ ଯେ, ଆରିୟନ ଖେଳୁଥିବା ବେଳେ ହଠାତ୍ ପଥର ଉପରେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଲହୁଣୀପଡା ଓ ପରେ ବଣେଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଏନ୍‌ଟିପିସି ଦର୍ଲିପାଲି ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଗ୍ରାମସଭା

**ସୁନ୍ଦରଗଡ,୧୯।୧୧(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ ଜିଲା ଏନ୍‌ଟିପିସି ଦର୍ଲିପାଲିର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ବୁଧବାର ସ୍ଥାନୀୟ (ଦର୍ଲିପାଲି) ଗ୍ରାମ ପଞ୍ଚାୟତରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପର ଏକ ଅତିରିକ୍ତ ୟୁନିଟ (୧x୮୦୦ ମେଗାୱାଟ) ସ୍ଥାପନ ପାଇଁ ଭୂମି ଅଧିଗ୍ରହଣ ଆବେଦନ ଦାଖଲ ପୂର୍ବରୁ ସାମ୍ବିଧାନିକ ପ୍ରକ୍ରିୟାର ଅଂଶ ଭାବରେ ଦର୍ଲିପାଲି ଗ୍ରାମ ପଞ୍ଚାୟତରେ ଗ୍ରାମସଭା ଡକାଯାଇଥିଲା। ଭୂମି ଅଧିଗ୍ରହଣ ବିଭାଗର ଅଧିକାରୀ, ଏନଟିପିସି ପ୍ରତିନିଧି ଏବଂ ଦର୍ଲିପାଲି ଗ୍ରାମ ପଞ୍ଚାୟତର ଗ୍ରାମବାସୀଙ୍କ ଉପସ୍ଥିତିରେ ଲେଫ୍ରିପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଆତିସି ପରିଡା ଏବଂ ଦର୍ଲିପାଲି ସରପଞ୍ଚ ନଳିନୀ କୁମୁରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଏକ ଅନୁସୂଚିତ ଜିଲା ହୋଇଥିବାରୁ, ଏହି ଗ୍ରାମସଭା ପେସା ଆଇନର ନିୟମାବଳୀ ଅନୁଯାୟୀ ଅନୁଷ୍ଠିତ ହେବା ନେଇ ବୈଠକରେ ସୂଚୀତ କରାଯାଇଥିଲା। ଅଧିବେଶନ ସମୟରେ ପ୍ରକଳ୍ପ କର୍ତ୍ତୃପକ୍ଷ ଆଗାମୀ ସମ୍ପ୍ରସାରଣ ପ୍ରକଳ୍ପ ଏବଂ ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ଜମି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଗ୍ରାମସଭାରେ ଗ୍ରାମବାସୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ କମ୍ପାନୀକୁ ଏହାର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଅତିରିକ୍ତ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଏନଟିପିସିର ଅଧିକାରୀମାନେ ଦର୍ଲିପାଲି ଏବଂ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପୂର୍ବରୁ କରାଯାଇଥିବା ବିଭିନ୍ନ ବିକାଶମୂଳକ ଏବଂ କଲ୍ୟାଣକାରୀ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ ଏବଂ ଭବିଷ୍ୟତରେ ମଧ୍ୟ ସମାନ ପଦକ୍ଷେପ ଜାରି ରହିବ ବୋଲି ସମ୍ପ୍ରଦାୟକୁ ଆଶ୍ୱାସନା ଦେଇଥିଲେ।




ଗ୍ରାମସଭା ରେ ଉପସ୍ଥିତ ସରପଞ୍ଚ, ସରକାରୀ ଓ ଏନଟିପିସି ଅଧିକାରୀ ଓ ଗ୍ରାମବାସୀ।

# ପିଏମ୍ କିଷାନର ୨୧ତମ କିସ୍ତି ରାଶି ଚାଷୀଙ୍କୁ ହସ୍ତାନ୍ତର

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ସିଧା ପ୍ରସାରଣ

**ସୁନ୍ଦରଗଡ,୧୯।୧୧(ଜୟ ନାରାୟଣ ମେଣ୍ଟୁଲି)**

ସୁନ୍ଦରଗଡ଼ ଜିଲାର କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ କୃଷକ ଶସକ୍ତିକରଣ ବିଭାଗର ମିଳିତ ସହଯୋଗରେ କିରେଇ ସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ରଠାରେ ବୁଧବାର ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନନିଧିର ୨୧ତମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଓ ଏକ ସଭା ଆୟୋଜନ କରାଯାଇଥିଲା। ତାମିଲନାଡୁର କୋଏମ୍ବାଟୁର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀ ଭଉଣୀଭାଇମାନଙ୍କୁ ପିଏମ୍ କିଷାନର ୨୧ତମ କିସ୍ତି ଡିବିଟି ମାଧ୍ୟମରେ ୧୮ ହଜାର କୋଟି ଟଙ୍କା ହସ୍ତାନ୍ତର ଓ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ୧୮୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ଥିଲେ। ସୁନ୍ଦରଗଡ ଜିଲାର ୧ ଲକ୍ଷ ୩୨ ହଜାର ୭୨୨ ଜଣ ହିତାଧିକାରୀଙ୍କ ଖାତାକୁ ୨୬ କୋଟି ୫୪ ଲକ୍ଷ ୪୪ ହଜାର ଟଙ୍କା ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ମାନିତ ଅତିଥି ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଜିଲା ପରିଚାଳକ ଗଗନ ଧଳ, ପ୍ରକଳ୍ପ ନିର୍ଦ୍ଦେଶକ(ଜଳ ବିଭାଜିକା) ପ୍ରସନ୍ନ କୁମାର ପାତ୍ର, ଅଧୀକ୍ଷଣ ଯନ୍ତ୍ରୀ, (କ୍ଷୁଦ୍ର ଜଳସେଚନ) ଇଂ. ଧୀରେନ୍ଦ୍ର କୁମାର ନାଏକ, ଏ.ଆର.ସି.ଏସ.ର ଅମନ କୁମାର ମଣ୍ଡଳ, ବରିଷ୍ଠ ଏ.ଆର.ସି.ଏସ. ସୀତାରାମ ବାଗ, ସହାୟକ ଯୋଗାଣ ଅଧିକାରୀ ଲକ୍ଷ୍ମଣ ମାଝୀ, ବୃହତ ଉଠା ଜଳସେଚନର କନିଷ୍ଠ ଯନ୍ତ୍ରୀ ସନ୍ଧ୍ୟାରାଣୀ ପୂର୍ତ୍ତୀ, ସୁନିତା ରାଉତ, ଯୁଗଳ କିଶୋର ମେହେର, ସହକାରୀ ଯନ୍ତ୍ରୀ (କୃଷି) ଶୁଭମ କୁମାର ସାହୁ, ଅବସରପ୍ରାପ୍ତ ଉପ କୃଷି ନିର୍ଦ୍ଦେଶକ ଡ. ସୁରେନ୍ଦ୍ର କୁମାର ପଟେଲ, ଆଞ୍ଚଳିକ କୃଷି ଓ ଗବେଷଣା ଉପକେନ୍ଦ୍ର, କିରେଇର ମୁଖ୍ୟ ଡ. ସଜୀବ କୁମାର ବିଶ୍ୱାସୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ କୃଷି ବିଜ୍ଞାନ କେନ୍ଦ୍ର-୧ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ ଜେମସ ବାଗେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୃତ୍ତିକା ରସାୟନବିତ ଦିପ୍ତୀ ପଟେଲ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀ ଏବଂ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।



କିରେଇ ସ୍ଥିତ ବିଜ୍ଞାନ କେନ୍ଦ୍ର ଠାରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ଯୋଗ ଦେଇଥିବା ଅତିଥି।

# ରେଙ୍ଗାଲି ପିଏଚ୍‌ସିରେ ରାଜ୍ୟର ସର୍ବାଧିକ ରୋଗୀ

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ଲୋକଙ୍କ ଦାବି

ସମ୍ବଲପୁର,୧୯।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ୯ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ସେଥି ମଧ୍ୟରୁ ଶିଳ୍ପ ସଂବୃଦ୍ଧ ରେଙ୍ଗାଲୀ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଲଇଡାରେ ରହିଛି। ତେବେ ରେଙ୍ଗାଲି ସହରରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କେବଳ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ରହିଛି। ଦୁର୍ଘଟଣା ପ୍ରବଣ ବିଜୁ ଏକ୍ସପ୍ରେସ ୱେ କଡରେ ରହିବା ସହ ଯାତାୟତ ସୁବିଧା କାରଣରୁ ଜିଲାର ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅପେକ୍ଷା ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସର୍ବାଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ତେବେ ଏହି ଡାକ୍ତରଖାନାରେ କେବଳ ଜଣେ ଡାକ୍ତର ରହିଛନ୍ତି। ଏହା ସତ୍ତ୍ୱେ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାଖାପାଖି ୩୦୦ ରୋଗୀ ଚିକିତ୍ସିତ ହେଉଛନ୍ତି। ଏପରିକି ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ ଗତ ଜାନୁଆରୀ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ରାଜ୍ୟର ପିଏଚ୍‌ସିଗୁଡ଼ିକ ମଧ୍ୟରେ ସର୍ବାଧିକ ରୋଗୀ ରେଙ୍ଗାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଛନ୍ତି। ଅନଲାଇନ ରେଜିଷ୍ଟ୍ରେସନ ଅନୁସାରେ ସେପ୍ଟେମ୍ବର ମାସରେ ଅନଲାଇନ ପଞ୍ଜୀକରଣ ଅନୁସାରେ ୫୩୬୦ ରୋଗୀ ଆସିଛନ୍ତି। ଇମେର୍ଜେନ୍ସି ରୋଗୀଙ୍କୁ ମିଶାଇ ମୋଟ ୬୭୭୮ ଜଣ ରୋଗୀ ଆସିଛନ୍ତି। ଗତ ଜାନୁଆରୀ ମାସରୁ ରେଙ୍ଗାଲି ପିଏଚ୍‌ସି ରୋଗୀଙ୍କ ସଂଖ୍ୟାରେ ରାଜ୍ୟରେ ପ୍ରଥମ ସ୍ଥାନରେ ରହୁଛି। ତେବେ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର, ଜଣେ ଷ୍ଟାଫନର୍ସ, ଜଣେ ଆଟେଡାଣ୍ଟ, ଜଣେ ସୁଇପର ଓ ଜଣେ ସୁରକ୍ଷା କର୍ମୀ ରହୁଛନ୍ତି। ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରିବାକୁ ସ୍ଥାନୀୟ ଲୋକ ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି। ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ପାଣି କହିଛନ୍ତି, ‘ଏହି ଅଞ୍ଚଳ ହୀରାକୁଦ ଡ୍ୟାମ ବିସ୍ଥାପିତଙ୍କ ବସତି ସମୟରେ ୭୦ ବର୍ଷ ପୂର୍ବେ ଏହି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନା ହୋଇଥିଲା। ସେହି ସମୟରୁ ଏଠାରେ ଜଣେମାତ୍ର ଡାକ୍ତର ନିଯୁକ୍ତ ହୋଇ ଆସୁଛନ୍ତି । ରୋଗୀ ସଂଖ୍ୟା ଦଶଗୁଣ ବଢିଲାଣି, ଡାକ୍ତର ସଂଖ୍ୟା କିନ୍ତୁ ବଢୁନାହିଁ। ଅନ୍ୟ ପକ୍ଷରେ ରେଙ୍ଗାଲି ପିଏଚ୍‌ସିର ମେଡିକାଲ ଅଧିକାରୀ ଡା. ଶୁଭମ ସିଂ କହିଛନ୍ତି, ଏହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ତେଣୁ ଏଠାରେ ଜଣେ ଡାକ୍ତର ପୋଷ୍ଟ ରହିଛି। ଏହାସହ ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତର, ଜଣେ ଷ୍ଟାଫ ନର୍ସ, ଜଣେ ଆଟେଡାଣ୍ଟ, ଜଣେ ସୁଇପର ଓ ଜଣେ ସୁରକ୍ଷା କର୍ମୀ ରହୁଛନ୍ତି। ତେବେ ଏଠାରେ ରୋଗୀଙ୍କ ସଂଖ୍ୟାକୁ ଦେଖି ଅନ୍ୟ ଜଣେ ଡାକ୍ତରଙ୍କୁ ସପ୍ତାହକ ୩ ଦିନ ଏଠାକୁ ପଠାଯାଉଛି । ଏହା ସହ ସପ୍ତାହକୁ ଥରେ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ଡାକ୍ତର ଏଠାକୁ ଆସୁଛନ୍ତି । ଏହାକୁ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦେଲେ ଏଠାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତ ହୋଇ ପାରିବେ ବୋଲି ସେ କହିଛନ୍ତି । ତେବେ ଜନସାଧାରଣ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯଥାଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବା ଶିଳ୍ପସଂସ୍ଥା ସହଯୋଗରେ ଉନ୍ନତ ଡାକ୍ତରଖାନା କରାଯିବା ଜରୁରୀ ବୋଲି ମତ ଦେଇଛନ୍ତି।



ରେଙ୍ଗାଲିଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

# ରେଙ୍ଗାଲି ଷ୍ଟେଶନରେ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍


ରେଙ୍ଗାଲି ଷ୍ଟେଶନରେ ମକ୍‌ଡ୍ରିଲ୍‌ରେ ବିପର୍ଯ୍ୟୟ ପରିଚାଳନା ଜନିତ ଉଦ୍ଧାର କାର୍ଯ୍ୟରେ ଅତ୍ୟାଧୁନିକ ଯନ୍ତ୍ରପାତି ପ୍ରୟୋଗର ପ୍ରଦର୍ଶନ।

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ରେଳଷ୍ଟେଶନରେ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ମିଳିତ ବିପର୍ଯ୍ୟୟ ପରିଚାଳନା ଜନିତ ଏକ ମକ୍‌ଡ୍ରିଲ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ବାହିନୀ(ଏନ୍‌ଡିଆର୍‌ଏଫ୍) ଓଡ଼ିଶା ବିପର୍ଯ୍ୟୟ ରାପିଡ୍ ଆକ୍ସନ ଫୋର୍ସ (ଓଡିଆର୍‌ଏଫ୍), ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟସେବା, ରେଳବାଇ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ରେଳବାଇର ସମସ୍ତ ବିଭାଗର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଥିଲା। ଏଥିରେ ଦୁର୍ଘଟଣା ଜନିତ ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟବେଳେ ରେଳ କୋଚ କାଟିବା, ଅଗ୍ନି ନିର୍ବାପକ ତଥା ତ୍ୱରିତ ଚିକିତ୍ସା ପଦ୍ଧତି ଓ ଗୁରୁତରଙ୍କୁ ଚିକିତ୍ସା ପାଇଁ ତ୍ୱରିତ ସ୍ଥାନାନ୍ତରଣ ଆଦି ପାଇଁ ନିୟୋଜିତ ହେବାକୁ ଥିବା ଆଧୁନିକ ଯନ୍ତ୍ରପାତି ଓ ଉଚ୍ଚ କ୍ଷମତା ସମ୍ପନ୍ନ ଉପକରଣ ଇତ୍ୟାଦି ବ୍ୟବହାର ତଥା ପ୍ରୟୋଗ ଆଦିର ପ୍ରଦର୍ଶନ କରାଯାଇଥିଲା।

ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ମକ୍‌ଡ୍ରିଲ୍ ସ୍ଥଳ ପରିଦର୍ଶନ କରି କହିଲେ, ଏଭଳି ଅଭ୍ୟାସ ରେଳବାଇ ସହିତ ଏଥିରେ ସମସ୍ତ ସହଯୋଗୀ ସଙ୍ଗଠନ ଓ ଅନୁଷ୍ଠାନଙ୍କୁ ଯେକୌଣସି ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ପାଇଁ ସହାୟକ ହେବ। ଏହା ସହିତ ସେ ଏଭଳି ଅଭ୍ୟାସରେ ଅଂଶଗ୍ରହଣ କରିଥିବା ସମସ୍ତ ସଂସ୍ଥା ଓ ସଙ୍ଗଠନର ଭୂମିକାକୁ ପ୍ରଶଂସା କରିଥିଲେ। ଶେଷରେ ସମ୍ବଲପୁର ରେଳମଣ୍ଡଳର ବରିଷ୍ଠ ନିରାପତ୍ତା ଅଧିକାରୀ ଏସ୍.ଏସ୍. ନାୟକ ମକ୍‌ଡ୍ରିଲ୍‌ରେ ଅଂଶଗ୍ରହଣ କରିଥିବା ସମସ୍ତ ରେଳବାଇ କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ଜମନକିରା,୧୯।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)

ଜମନକିରା ବ୍ଲକ ବଜାର ନିୟନ୍ତ୍ରିତ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିଲେ। ଉପଖଣ୍ଡ ପ୍ରାଣି ଚିକିତ୍ସକ ଡ.ପ୍ରସନ୍ନ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ତହସିଲଦାର ପ୍ରବୀଣା ବିଲୁଙ୍ଗ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଶିବ ପ୍ରସାଦ ଦାସ, ଓମ୍‌ଫେଡ ଜେନେରାଲ ମ୍ୟାନେଜର ସରୋଜ କୁମାର ସାହୁ, ଭାଜପା ମଣ୍ଡଳ ସଭାପତି ମନୋଜ ମାଝୀ, ବଡରମା ସରପଞ୍ଚ ବିଜୟ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀ ନାଏକଙ୍କ ଦ୍ୱାରା ବ୍ଲକର ୮ ସଫଳ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପ୍ରତ୍ୟେକ ଚାଷୀଙ୍କୁ ୧ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ୧୦ ଚାଷୀଙ୍କୁ ସବସିଡି ରାଶିକୁ ଚେକ ଆକାରରେ ପ୍ରଦାନ କରିଥିଲେ। ୪୦ ଜଣ ଚାଷୀଙ୍କୁ ବିଭିନ୍ନ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ବିଭାଗ ପକ୍ଷରୁ ଚାଷୀଙ୍କୁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାକୁ ପ୍ରୋଜେକ୍ଟର ମାଧ୍ୟମରେ ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କୁନାଲ ସାହୁ, ଡ. ଭୁବନେଶ୍ୱର ସାହୁ, ଡ. ଗଣେଶ ପାଣି, ବିଶ୍ୱଜିତ ମହାନ୍ତି, ତନ୍ମୟ ମୁର୍ମୁ ହିତେଶ ବଡେଇ ପରିଚାଳନାରେ ସହଯୋଗ କରିଥିଲେ। ଗୋଷ୍ଠୀ ମତ୍ସ୍ୟ ଅଧିକାରୀ ଶୁଭ୍ରାଂଶୁ ଶେଖର ଆଏଚ ଧନ୍ୟବାଦ ଅର୍ପଣ କରିଥିଲେ।

### ଛୁରିମାଡ଼ରେ ଯୁବକ ଆହତ, ଭୀମ୍‌ସାରରେ ଭର୍ତ୍ତି



ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର)

ହୀରାକୁଦ ଥାନା ଅନ୍ତର୍ଗତ ଜଳଭଣ୍ଡାର ବାମ ଡାଇକ ଅଞ୍ଚଳରେ ଦୁର୍ବୃତ୍ତଙ୍କ ଛୁରିମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇ ଭିମ୍‌ସାରରେ ଭର୍ତ୍ତି ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ ସମ୍ବଲପୁର ଲକ୍ଷ୍ମୀଟକିଜଛକ ଅଞ୍ଚଳର ରୋହିତ କୁମାର ମେହେର(୨୪)। ଏହାକୁ ନେଇ ହୀରାକୁଦ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରିବା ସହ ଦୁର୍ବୃତ୍ତମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ନରେ ରୋହିତ ହୀରାକୁଦ ଅଞ୍ଚଳକୁ ବୁଲିବାକୁ ଯାଇଥିଲେ। ସେ ଏକାକୀ ଡାଇକ୍ ଉପରେ ଛିଡ଼ା ହୋଇଥିବା ବେଳେ ଏକ ବାଇକ୍‌ରେ ତିନିଜଣ ଯୁବକ ଆସି ତାଙ୍କର ମୋବାଇଲ ଲୁଟିବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ କରିବାକୁ ଦୁର୍ବୃତ୍ତମାନେ ତାଙ୍କୁ ଛୁରିରେ ଆକ୍ରମଣ କରି ମୋବାଇଲ୍ ଲୁଟି ନେଇ ଫେରାର ହୋଇ ଯାଇଛନ୍ତି। ଛୁରି ଆକ୍ରମଣରେ ଗୁରୁତର ଆହତ ରୋହିତଙ୍କୁ କେତେକ ପଥଚାରୀ ଓ ସ୍ଥାନୀୟ ଲୋକ ଉଦ୍ଧାର କରି ପୋଲିସକୁ ଖବର ଦେବା ସହ ତାଙ୍କୁ ପ୍ରଥମେ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଏଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ବୃତ୍ତମାନଙ୍କୁ ଧରି ପାରି ନ ଥିବା ପ୍ରକାଶ।

# ୫୯୩୬୯ ଚାଷୀ ପାଇଲେ ମୋଟ ୧୧.୮୮ କୋଟି



ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ କିସ୍ତି ବଣ୍ଟନ ଉପଲକ୍ଷେ ସମ୍ବଲପୁର ଆର୍‌ଏମ୍‌ସି ପ୍ରେକ୍ଷାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସମ୍ବଲପୁର ଚାଷୀଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି

ସମ୍ବଲପୁର,୧୯।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ୫୯୩୬୯ ଜଣ ଯୋଗ୍ୟ ଚାଷୀଙ୍କୁ ବୁଧବାର ମିଳିଛି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି(ପିଏମ୍ କିଷାନ) ଯୋଜନାର ୨୦ ତମ କିସ୍ତି ଟଙ୍କା। ସମ୍ବଲପୁର ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ତାମିଲନାଡୁର କୋଏମ୍ବାଟୋରୁରୁ ଆଭାସୀ ମାଧ୍ୟମରେ ଚାଷୀମାନଙ୍କୁ ପିଏମ୍ କିଷାନ ଯୋଜନାର ୨୧ତମ କିସ୍ତି ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ସମ୍ବଲପୁରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ଓ ପାନୀୟ ଜଳ ମନ୍ତ୍ରୀଙ୍କ ପ୍ରତିନିଧି ବିରେନ୍ଦ୍ର ଚୌଧୁରୀ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଅନୀଲ କୁମାର ବେହେରା, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ବରିଷ୍ଠ ବୈଜ୍ଞାନିକ ତଥା ଚିପିଲିମା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସଙ୍ଗୀତା ଶ୍ରୀଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଦେଶର ଚାଷୀଙ୍କୁ ପ୍ରଗତିଶୀଳ କରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି କୃଷକ କଲ୍ୟାଣକାରୀ ଯୋଜନା ଗତ ୨୦୧୯ ଫେବୃଆରୀରେ ଶୁଭାରମ୍ଭ ହୋଇଥିଲା। ଏହି ରାଶି ଚାଷୀ ଆବଶ୍ୟକ ଅନୁସାରେ ବିହନ, ସାର, କୀଟନାଶକ, କୃଷି ଯନ୍ତ୍ରପାତି କିଣିବା ସହିତ ସେମାନଙ୍କ ବ୍ୟକ୍ତିଗତ ଓ ଘରୋଇ ଆବଶ୍ୟକତା ପୂରଣ ଦିଗରେ ବିଶେଷ ସହାୟକ ହୋଇ ପାରିଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ କହିଛନ୍ତି। ପିଏମ୍ କିଷାନ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ସମାନ ତିନୋଟି କିସ୍ତିରେ ବର୍ଷକୁ ୬ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ସେହି ଅନୁସାରେ ବୁଧବାର ସମ୍ବଲପୁର ଜିଲାର ପ୍ରତ୍ୟେକ ଯୋଗ୍ୟ ଚାଷୀଙ୍କୁ ୨ ହଜାର ଟଙ୍କା ଲେଖାଏଁ କରି ମୋଟ ୧୧.୮୮ କୋଟି ଟଙ୍କା ବଣ୍ଟନ କରାଯାଇଛି। ଯାହା ଚାଷୀମାନଙ୍କ ଜମାଖାତାରେ ସିଧାସଳଖ ଜମା ହୋଇଥିଲା।

# ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କ ତାରାମଣ୍ଡଳ ଭ୍ରମଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ପକ୍ଷରୁ ଶିକ୍ଷାଗତ ଭ୍ରମଣ ତଥା ତାରା ମଣ୍ଡଳ ଭ୍ରମଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି । ଏହି ୨ଦିନିଆ କାର୍ଯ୍ୟକ୍ରମରେ ତୃତୀୟ, ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ଶ୍ରେଣୀର ପ୍ରାୟ ୩୦୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଛାତ୍ରୀଛାତ୍ର ସମ୍ବଲପୁର ବୁର୍ଲା ସ୍ଥିତ ଡ. ଏପିଜେ ଅବଦୁଲ କଲାମ ତାରାମଣ୍ଡଳ ଦେଖିଥିଲେ। ସେଠାରେ ଛାତ୍ରୀଛାତ୍ରମାନେ ପ୍ରଥମେ ତାରାମଣ୍ଡଳ ପରିସରରେ ନିର୍ମିତ ଆକର୍ଷଣୀୟ ବିଜ୍ଞାନ ପାର୍କ ବୁଲି ଦେଖିଥିଲେ। ବିଜ୍ଞାନ ତଥା ଜୈବବିବିଧତା ସମ୍ବନ୍ଧିୟ ବିଭିନ୍ନ ପ୍ରକାରର ସୂଚନା ହାସଲ କରିଥିଲେ। ତାରାମଣ୍ଡଳରେ ଛାତ୍ରୀଛାତ୍ରମାନେ ସୌରମଣ୍ଡଳର ନିର୍ମାଣ, ତାରାମାନଙ୍କର ରହସ୍ୟ, ଗ୍ରହ, ଉପଗ୍ରହ ଏବଂ ବିଭିନ୍ନ ପ୍ରକାରର ମହାକାଶୀୟ ପିଣ୍ଡର ରଚନା କେବେ ଏବଂ କିପରି ହେଲା ଆଦି ଅନେକ ପ୍ରକାରର ସୂଚନା ଦେଖିଥିଲେ। ନିଜ ଜ୍ଞାନର ଜିଜ୍ଞାସାକୁ ଶାନ୍ତ କରିଥିଲେ । ଛାତ୍ରୀଛାତ୍ରମାନେ ନିଜ ସହପାଠୀମାନଙ୍କ ସହିତ ଏହି ଭ୍ରମଣର ଭରପୂର ଆନନ୍ଦ ନେଇଥିଲେ । ଏହି ଶିକ୍ଷାଗତ ଭ୍ରମଣ ସମୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବିଶେଷ ଉତ୍ସାହ ଥିଲା । ଏହି ଶିକ୍ଷାଗତ ଭ୍ରମଣର ନେତୃତ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କ ଏକ ଟିମ୍ ନେଇଥିଲେ । ଶିକ୍ଷକମାନେ ନିଜର ଅନୁଭବ ଏବଂ ଜ୍ଞାନକୁ ଛାତ୍ରୀଛାତ୍ରଙ୍କ ସହିତ ବାଣ୍ଟିଥିଲେ। ସେମାନଙ୍କୁ ବ୍ରହ୍ମାଣ୍ଡ ସମ୍ବନ୍ଧିୟ ରୋଚକ ସୂଚନା ବିଷୟରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ ପାଠକ କହିଛନ୍ତି, ଇଣ୍ଡିଆନ ପବ୍ଲିକ ସ୍କୁଲ ନିଜ ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ନିୟମିତ ଭାବେ ବିଭିନ୍ନ ପ୍ରକାରର ଶିକ୍ଷାଗତ ଭ୍ରମଣର ଆୟୋଜନ ହୋଇଥାଏ। ଏହି ଶୃଙ୍ଖଳାରେ ଆଜିର ଏହି ଭ୍ରମଣ ଏକ ଉଦାହରଣ ଅଟେ। ଯେକୌଣସି ବିଦ୍ୟାର୍ଥୀଙ୍କ ପାଇଁ ତାରାମଣ୍ଡଳ ଏବଂ ବିଜ୍ଞାନ ପାର୍କର ଭ୍ରମଣ ପ୍ରାୟୋଗିକ ଭାବେ ବହୁତ ଲାଭକାରୀ ହୋଇଥାଏ । ଏଠାରୁ ବିଦ୍ୟାର୍ଥୀ ବହୁତ କିଛି ଶିଖି ଥାଅନ୍ତି । ଶିଖିବାର ପ୍ରକ୍ରିୟା ଛାତ୍ର କେନ୍ଦ୍ରିତ ହେଲେ ପିଲାମାନଙ୍କ ମଧ୍ୟରେ ଉତ୍ସାହ ବଜାୟ ରହେ ଏବଂ ଶିକ୍ଷାଗତ ଭ୍ରମଣ ଏହାର ଆଧାର ଅଟେ ବୋଲି ପ୍ରଦାନ ଶିକ୍ଷକ ପାଠକ କହିଛନ୍ତି ।


ସମ୍ବଲପୁର ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଆୟୋଜିତ ଶିକ୍ଷାଗତ ଓ ତାରା ମଣ୍ଡଳ ଭ୍ରମଣ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର।

# ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ ସ୍ନେହାଞ୍ଜଳି କାର୍ଯ୍ୟକ୍ରମ



ପିଏନ୍‌ବି ସମ୍ବଲପୁର ମଣ୍ଡଳ ପକ୍ଷରୁ ସ୍ନେହାଞ୍ଜଳି-୨୦୨୫ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୧୯।୧୦(ବି.ଶଙ୍କର)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ ପକ୍ଷରୁ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପ୍ରଶଂସା ଓ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ସ୍ନେହାଞ୍ଜଳି-୨୦୨୫ କାର୍ଯ୍ୟକ୍ରମ ସମ୍ବଲପୁର ପାନ୍ଥନିବାସଠାରେ ହିଲ ଭିୟୁ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବି ସମ୍ବଲପୁର ମଣ୍ଡଳର ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅବସରପ୍ରାପ୍ତ ଉପ ମହାପ୍ରବନ୍ଧକ ନାରାୟଣ ପ୍ରଧାନ , ଅବସରପ୍ରାପ୍ତ ଉପ ମହାପ୍ରବନ୍ଧକ ସୃଷ୍ଟିଚନ୍ଦ୍ର ନାଏକ, ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ପୃଥ୍ୱୀରାଜ ମିଶ୍ର ଏବଂ ଲମ୍ବୋଦର ମିଶ୍ର ପ୍ରମୁଖ ୭୦ ଜଣ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇଥିଲେ। ଏହି ଅବସରରେ ଲାଇଫ୍ ସାର୍ଟିଫିକେଟ୍ ଦାଖଲ, ଅଦ୍ୟତନ ବ୍ୟାଙ୍କିଙ୍ଗ୍ ପଦକ୍ଷେପ ଓ ଯୋଜନା ସମ୍ପର୍କିତ ସୂଚନା, ସାଇବର ଠକେଇ ସଚେତନତା ଏବଂ ନ୍ୟାଶନାଲ ଅନୁଭବ ଆୱାଡ୍ ସ୍କିମ୍-୨୦୨୬ ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ତାପସ କୁମାର ମହାନ୍ତି, ସଞ୍ଜୀବ ମେହେର, ସ୍ୱାଗତିକା ମହାପାତ୍ର ଏବଂ ସୁଭାସିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ସହ ମୁଖ୍ୟ ପ୍ରବନ୍ଧକ ପାର୍ଥସାରଥି ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ମା’ ଅନ୍ଧାରୀ ବନଦୁର୍ଗାଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା

କୁଚିଣ୍ଡା,୧୯।୧୧(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା ବାମରା ବ୍ଲକ କବରିବାହାଲ ପଞ୍ଚାୟତର ସେଗାପଡ଼ାସ୍ଥିତ ପୁରାତନ ମା’ ଅନ୍ଧାରୀ ବନଦୁର୍ଗା ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ, ଧାନ୍ୟଧିବାସ, କୁଣ୍ଡମଣ୍ଡପ ନିର୍ମାଣ କରାଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ଜଳାଶୟରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ମାଧ୍ୟମରେ ଜଳ ଅଣାଯାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଅପରାହ୍ନରୁ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ମୁଖ୍ୟପଣ୍ଡିତ ଦାମୋଦର ରଥଙ୍କ ଦ୍ୱାରା ୨୭ କୁଣ୍ଡିୟ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୭କୁଣ୍ଡରେ ଆଖପାଖ ଅଞ୍ଚଳର ୨୭ ସପତ୍ନୀକ କର୍ତ୍ତା ଯୋଡ଼ି ଆହୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ୩ୟଦିବସ ବୁଧବାର ଦେବୀଙ୍କ ମହାସ୍ନାନ, ମନ୍ଦିର ଅଧିବାସ ଶିଖର ସ୍ନାନ ଓ ଶୟନ ଆଦି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କୁନ୍ତରା ଆଠ ଗାଁ ଛକ ଡୁମେରମାଲ ଆଶ୍ରମ ସଂସ୍ଥାପକ ଜୀବନ ଚୈତନ୍ୟ ପୁରୀଜି ମହାରାଜ ଓ ଜୟ ଗୁରୁଦେବ ସନାତନ ଧର୍ମ ଉପରେ ପ୍ରବଚନ ଦେଇଥିଲେ।

# ସମ୍ବଲପୁର ମହୋତ୍ସବରେ ଆଲୋଚନାଚକ୍ର

## ଗୀତ ବ୍ୟତୀତ ନୃତ୍ୟ ଅସମ୍ପୂର୍ଣ୍ଣ

ସମ୍ବଲପୁର,୧୯।୧୦(ବି.ଶଙ୍କର)

ସମ୍ବଲପୁର ସାଂସ୍କୃତିକ ପରିଷଦ ଆୟୋଜିତ ସମ୍ବଲପୁର ମହୋତ୍ସବ-୨୦୨୫ର ପଞ୍ଚମ ଦିବସ ବୁଧବାର ଅଇଁଠାପାଲି ନିକଟସ୍ଥ ଡଲଫିନ ସମ୍ମିଳନୀ କକ୍ଷରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଙ୍ଗୀତଜ୍ଞ ମୋତିଲାଲ ଦୋରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ମହୋତ୍ସବର ଆଲୋଚନା, କର୍ମଶାଳା ଓ କବିତା ପାଠୋତ୍ସବ କମିଟି ଆବାହକ ମାନସ କୁମାର ଷଡଙ୍ଗୀ ପରିଚାଳନା କରିଥିବା ବେଳେ ମହୋତ୍ସବ ସଂଯୋଜକ ଡ. ସପନ ମିଶ୍ର ସ୍ୱାଗତ ଭାଷଣ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏଥିରେ ସଙ୍ଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ, ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ, ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗର ସହକାରୀ ପ୍ରଫେସର ଡ. ମୋହିତ କୁମାର ସ୍ୱାଇଁ, ଗୁରୁ ରତନ କୁମାର ପୂଜାରୀ ଆଲୋଚକ ଭାବେ ଯୋଗଦେଇ ସମ୍ବଲପୁରୀ ଗୀତ, ନାଚ, ବାଦ୍ୟର ଆନୁଷ୍ଠାନିକ ଶିକ୍ଷାରେ ସମସ୍ୟା ଓ ତାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ସମ୍ବଲପୁର ଗୀତ ବ୍ୟତୀତ ନୃତ୍ୟ ଅସମ୍ପୂର୍ଣ୍ଣ ଅଟେ। ତେଣୁ ସମ୍ବଲପୁର ଗୀତକୁ ନେଇ ପୁସ୍ତକ ପ୍ରକାଶିତ ହେବା ଆବଶ୍ୟକତା ରହିଛି। ଯାହାକି ପୁସ୍ତକକୁ ଆଧାର କରି ନୂତନ ପିଢ଼ିକୁ ଶିକ୍ଷା ପ୍ରଦାନ କରାଯାଇ ପାରିବ। ଏହା ଫଳରେ ସମ୍ବଲପୁର ଗୀତରେ ସମାନତା ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସମ୍ବଲପୁର ମହୋତ୍ସବ ସଭ୍ୟ କାର୍ତ୍ତିକ ପ୍ରସାଦ ବହିଦାର ଅତିଥି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପୀନାଥ ଷଡଙ୍ଗୀ, ଅନୁପମା ବିଶ୍ୱାଳ, ରତ୍ନଭୂଷଣ ପୃଷେଠ, ଡ. ପ୍ରଦୀପ କୁମାର ପଣ୍ଡା, ଜଗଦୀଶ ସାହୁ, ବେଣୁଧର ତ୍ରିପାଠୀ, ଭବାନୀ ଶଙ୍କର ମେହେର, କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଆଲୋଚନାରେ ଭାଗ ନେଇଥିଲେ। କମିଟିର ସହ ଆବାହକ ପ୍ରବୀଣ ସୂପକାର ଓ ରାଜେଶ ଚଇନି ସମସ୍ତ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ରାତି ୭ଟାରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।


ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଆଲୋଚନା ଚକ୍ରରେ ଡ. ମୋହିତ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ଶଙ୍କର, ମୁନାଙ୍କ ଆର୍ଥିକ କାରବାର ଯାଞ୍ଚ କରୁଛି ଇଡି

ଭୁବନେଶ୍ୱର, ୧୯।୧୧(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି**

- ଆଜି ୩ଜଣଙ୍କ ଜାମିନ ଆବେଦନର ଶୁଣାଣି
- ଟେଣ୍ଡର ନେଇଥିବା ଦୁଇ ସଂସ୍ଥାର କର୍ମଚାରୀ ହେଲେ ହାଜର
- ଆର୍ଥିକ କାରବାର ସମ୍ପର୍କିତ ଦସ୍ତାବିଜ୍ ନେଲା ଇଡି

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିବିଆଇ ୨ଦିନ ହେବ ବ୍ରହ୍ମପୁରରେ ଡେରା ପକାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଏକାଧିକ ବ୍ୟକ୍ତିଙ୍କୁ ପଚରାଉଚରା କରୁଛି। ଶଙ୍କର ପୃଷ୍ଟିଙ୍କ ଅଫିସ ଏବଂ ଅନ୍ୟ ସ୍ଥାନରେ ସିବିଆଇ ଚଢାଉ କରି ଛାନ୍‌ଭିନ୍ କରିଛି। ସେଠାରେ ସିବିଆଇ କିଛି ପୁରୁଣା ଦସ୍ତାବିଜ୍ ଜବତ କରିଥିବା ଜଣାପଡ଼ିଛି। ଏଥିସହିତ ସିବିଆଇ ଟିମ୍ ବୁଧବାର ଗୋଳନ୍ଥରା ଥାନାର ତଦନ୍ତକାରୀ ଅଧିକାରୀଙ୍କୁ ମାମଲା ସମ୍ପର୍କରେ ପଚାରି ବୁଝିଥିଲେ। ଗିରଫ ହୋଇ ଜାମିନରେ ଆସିଥିବା ୫ଜଣ ପରୀକ୍ଷାର୍ଥୀଙ୍କୁ ପଚରାଉଚରା କରାଯାଇଛି। ମୁନା ଏବଂ ଶଙ୍କର ସେମାନଙ୍କୁ କିଭଳି ଚାକିରି କରାଇ ଦେବାକୁ ୨୫ ଲକ୍ଷ ଟଙ୍କା ନେଇଥିଲେ, ସେନେଇ ସବୁକିଛି ସେମାନେ ସିବିଆଇ ଆଗରେ ପ୍ରକାଶ କରିଛନ୍ତି। ସମନ ହୋଇଥିବା ଆଇଟିଆଇ ସଂସ୍ଥା ଏବଂ ସିଲିକନ୍ ଟେକ୍ ଲ୍ୟାବ୍ ସଂସ୍ଥାର ଅଧିକାରୀ ସିବିଆଇ ଅଫିସରେ ହାଜର ହୋଇଛନ୍ତି। ସେମାନଙ୍କୁ ଯେଉଁ ସବୁ ଦସ୍ତାବିଜ୍ ମଗାଯାଇଥିଲା, ବୁଧବାର ସେଗୁଡ଼ିକୁ ସିବିଆଇକୁ ହସ୍ତାନ୍ତର କରିଛନ୍ତି। ଆହୁରି ମଧ୍ୟ ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟ ସଂସ୍ଥାକୁ କିଭଳି ଦାୟିତ୍ୱ ଦିଆଗଲା, ସେନେଇ ମଧ୍ୟ ସିବିଆଇ ପଚରାଉଚରା କରିଛି। ଏହି ଲିଙ୍କ୍‌ରେ ସିବିଆଇ ୧୫ଜଣଙ୍କୁ ସମନ ମଧ୍ୟ କରିଛି। ସେମାନେ ଖୁବ୍ ଶୀଘ୍ର ସିବିଆଇ ଅଫିସରେ ହାଜର ହୋଇ ନିଜର ତଥ୍ୟ ରଖିବେ। କାରଣ ଯେଉଁ ପରୀକ୍ଷାର୍ଥୀମାନେ ଗିରଫ ହୋଇଥିଲେ, ସେମାନଙ୍କ ମଧ୍ୟରେ ଅନେକ ପୋଲିସ ଏବଂ ବଡ଼ ବଡ଼ିଆଙ୍କ ପୁଅ ଅଛନ୍ତି। ତେଣୁ ସିବିଆଇ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା କରିପାରେ ବୋଲି କୁହାଯାଉଛି।

ରାକେଟର ମାଷ୍ଟରମାଇଣ୍ଡ ଶଙ୍କର ଏବଂ ମୁନା ଖୁବ୍ କମ୍ ଦିନ ଭିତରେ କୋଟିପତି ହୋଇଥିଲେ। ବେନାମି ଆକାଉଣ୍ଟରୁ ସେମାନଙ୍କ ପାଖକୁ ଲକ୍ଷାଧିକ ଟଙ୍କା ଆସିଥିଲା। ଯେଉଁଥି ପାଇଁ ଶଙ୍କର ମହାରାଷ୍ଟ୍ରରେ ଘର କରିବା ସହ ବଡ଼ ଫାର୍ମ ହାଉସ୍ କରିଥିଲେ, ଯାହାର ମୂଲ୍ୟ ବହୁ କୋଟି ଟଙ୍କା ହେବ। ଆହୁରି ମଧ୍ୟ ଶଙ୍କର ପରିବାର ଲୋକଙ୍କ ନାମରେ ଟଙ୍କା ଏବଂ ସମ୍ପତ୍ତି କରିଥିଲେ। ସେହିପରି ଗାଁରେ ବୁଲୁଥିବା ମୁନା ଏଠାକୁ ଆସି ଶଙ୍କର ସହ ମିଶିଥିଲେ। ପରେ ସେ ମଧ୍ୟ କୋଟି କୋଟି ଟଙ୍କା ରୋଜଗାର କରିଥିଲେ। ଏହି ଟଙ୍କାରେ ସେ ଏକାଧିକ ଟ୍ରାକ୍ଟର, ପେଟ୍ରୋଲ ଟାଙ୍କି ଏବଂ ଦାମୀ ଗାଡ଼ି କିଣିଥିଲେ। ଏପରିକି ଗାଁରେ ଥିବା ଘରେ ମଧ୍ୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ତେଣୁ ଦୁଇ ଜଣଙ୍କ ଆର୍ଥିକ କାରବାର ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଖୋଳତାଡ଼ କରୁଛି। ସେମାନଙ୍କ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ଆଦି ଇଡି ଯାଞ୍ଚ କରୁଛି। ଯେଉଁ ଆକାଉଣ୍ଟରୁ ସେମାନଙ୍କ ନିକଟକୁ ଟଙ୍କା ଆସିଛି ତା'ର ମାଲିକଙ୍କୁ ଚିହ୍ନଟ କରାଯାଉଛି। ବୁଧବାର ଇଡି ସିବିଆଇ ଅଧିକାରୀଙ୍କ ସହ କଥା ହୋଇ ଆର୍ଥିକ କାରବାରର କାଗଜପତ୍ର ନେଇଥିବା ଜଣାପଡ଼ିଛି। ଅପରପକ୍ଷରେ ଗୁରୁବାର ବ୍ରହ୍ମପୁରସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଶଙ୍କର, ଅରବିନ୍ଦ ଦାସ ଓ ସୁରେଶ ନାୟକଙ୍କ ଜାମିନ୍ ଆବେଦନର ଶୁଣାଣି ରହିଛି। ମାମଲାରେ ସିବିଆଇ ତଦନ୍ତ ଜାରି ରହିଥିବାରୁ ସରକାରୀ ଓକିଲ ସିବିଆଇ ପକ୍ଷରୁ ଜାମିନକୁ ବିରୋଧ କରିବାର ସମ୍ଭାବନା ରହିଛି। ଅଭିଯୁକ୍ତମାନେ ଜାମିନ ପାଇଲେ ମାମଲା ପ୍ରଭାବିତ ଆଶଙ୍କାରେ ବିରୋଧ କରାଯିବ ବୋଲି ଜଣାପଡ଼ିଛି।

# ଭୁବନେଶ୍ୱର ଆର୍‌ଟିଓ-୧ ନିକଟରୁ ୯ ଦଲାଲ ଗିରଫ



ଭୁବନେଶ୍ୱର ଆର୍‌ଟିଓ-୧ ନିକଟରୁ ବୁଧବାର ଶହୀଦ ନଗର ପୋଲିସ ଦ୍ୱାରା ଗିରଫ ହୋଇଥିବା ୯ ଦଲାଲ୍।

ଭୁବନେଶ୍ୱର,୧୯।୧୧(ସତ୍ୟଜିତ ରାଉତ)

- ୯ ଲ୍ୟାପଟପ୍ ଓ ୨ ପ୍ରିଣ୍ଟର ମେଶିନ ଜବତ
- ଅଭିଯୁକ୍ତଙ୍କ ସହ ଆର୍‌ଟିଓ କର୍ମଚାରୀ ସାମିଲ ଥିବା ସନ୍ଦେହ

ଆଚାର୍ଯ୍ୟବିହାରସ୍ଥିତ ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ)-୧ ନିକଟରୁ ଶହୀଦନଗର ଥାନା ପୋଲିସ ବୁଧବାର ୯ଜଣ ଦଲାଲଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ଶୁକବିହାର ବସ୍ତିରେ ରହୁଥିବା ବିପିନ କୁମାର ନାୟକ, ଜୀବନ ଦାସ, ସବ୍ୟସାଚୀ ଖଣ୍ଡୁଆଳ, ସୁକାନ୍ତ ବାରିକ, ସିଡୁନ କୁମାର ମହାନ୍ତି, ସୋନୁ ବାରିକ, ବିଶ୍ୱରଞ୍ଜନ ବାରିକ, ବିକ୍ରମ ମହାରଣା ଏବଂ ନିରଞ୍ଜନ ଖଟୁଆ। ସେମାନଙ୍କଠାରୁ ୯ଟି ଲାପଟପ୍ ଓ ୨ଟି ପ୍ରିଣ୍ଟର ମେଶିନ ଜବତ କରାଯାଇଛି। କୋର୍ଟ ଚାଲାଣ ପରେ ସମସ୍ତଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଶହୀଦନଗର ଥାନା ପକ୍ଷରୁ ମାମଲା(ନଂ.୫୫୧/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତମାନେ ଆର୍‌ଟିଓ କର୍ମଚାରୀ ଭାବେ ନିଜକୁ ପରିଚୟ ଦେଇ ଲୋକମାନଙ୍କୁ ଫସାଉଥିଲେ। ଡ୍ରାଇଭିଂ ଲାଇସେନ୍ସ ଦେବା ତଥା ନବୀକରଣ କରିବା, ଏନ୍‌ଓସି, ମାଲିକାନା ହସ୍ତାନ୍ତର, ପଞ୍ଜୀକରଣ, ଫିଟ୍‌ନେସ୍ ସାର୍ଟିଫିକେଟ୍ ଓ ବୀମା ସମ୍ପର୍କିତ କାମ ପାଇଁ ଲୋକମାନଙ୍କଠାରୁ ମୋଟା ଅଙ୍କରେ ବେଆଇନଭାବେ ଟଙ୍କା ଆଦାୟ କରୁଥିଲେ। ସେମାନେ ଆର୍‌ଟିଓ ଅଫିସ୍ ସମ୍ମୁଖରେ ଲୋକଙ୍କୁ ଶସ୍ତା ଦରରେ ଶୀଘ୍ର ସେବା ପ୍ରଦାନ କରିବାକୁ କହି ପ୍ରଲୋଭିତ କରୁଥିଲେ। ଯେଉଁ ଲୋକମାନେ ଆର୍‌ଟିଓ ଅଫିସକୁ କାମ ପାଇଁ ଆସୁଥିଲେ, ସେମାନଙ୍କୁ ସରକାରୀ କାଉଣ୍ଟର ପାଖକୁ ଯିବାକୁ ବାରଣ କରୁଥିଲେ। ଏନେଇ ସୂଚନା ମିଳିବା ପରେ ପୋଲିସ ଟିମ୍ ଦିନ ପ୍ରାୟ ୧୨ଟା ୩୦ ବେଳେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ସରକାରୀ ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ନେଇ ପ୍ରତ୍ୟେକ ଲୋକଙ୍କଠାରୁ ପ୍ରାୟ ୫ହଜାର ଟଙ୍କା ରୋଜଗାର କରୁଥିବା କଥା କହିଥିଲେ। ତେବେ ଏହି ଘଟଣାରେ ଆର୍‌ଟିଓ ଅଫିସର ଅଧିକାରୀ ତଥା କର୍ମଚାରୀ ଅଭିଯୁକ୍ତମାନଙ୍କ ସହ ସାମିଲ ଥିବା ସନ୍ଦେହ କରାଯାଉଛି। ଏ ଦିଗରେ ଅଧିକ ତଦନ୍ତ କରାଯାଉଥିବା ଜୋନ-୫ ଏସିପି ବିଶ୍ୱରଞ୍ଜନ ସେନାପତି କହିଛନ୍ତି।

# ଚୋର ସନ୍ଦେହରେ ପିଟି ମାରିଦେଲେ

ଉଦଳା, ୧୯।୧୧(ସନ୍ତୋଷ କୁମାର ବାଞ୍ଛିନୀ)

**ଅନ୍ୟ ଜଣେ ଗୁରୁତର, ୧୦ ଅଟକ**



ଗୁରୁତର କାହ୍ନୁ ମଢ଼େଇ

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ବିସିପୁର ଗ୍ରାମରେ ମଙ୍ଗଳବାର ରାତିରେ ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି। ଚୋର ସନ୍ଦେହରେ ଲୋକେ ପିଟି ପିଟି ଜଣଙ୍କୁ ମାରିଦେଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଏନେଇ ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୪୪୧/୨୫) ରୁଜୁକରି ୧୦ଜଣଙ୍କୁ ଥାନାରେ ଅଟକ ରଖିଛି। ମୃତକ ହେଲେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର। ଗୁରୁତର ଗଡ଼ିଗାଁ ଗ୍ରାମର କାହ୍ନୁ ମଢ଼େଇଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ବାପି ଓ କାହ୍ନୁ ଗ୍ୟାସ୍ ସିଲିଣ୍ଡର ନେଇ ଆସୁଥିବାବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ସେମାନେ ଚୋରି କରି ଗ୍ୟାସ୍ ସିଲିଣ୍ଡର ଆଣିଥିବା ସନ୍ଦେହକରି ଲୋକେ ଉଭୟଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାପିଙ୍କର ମୃତ୍ୟୁ ଘଟିଥିଲା। ମୃତ ବାପିଙ୍କ ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟି ହତ୍ୟା କରାଯାଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ବାପି ଉଦଳାସ୍ଥିତ ଏକ ଗ୍ୟାସ୍ ଦୋକାନରେ କାମ କରିବା ସହ ଗ୍ୟାସ୍ ସିଲିଣ୍ଡର ଡେଲିଭରି କାମ କରନ୍ତି। ସେ ଗ୍ୟାସ୍ ସିଲିଣ୍ଡର ଆଣିବାକୁ ଯାଇଥିବା ବେଳେ ଚୋର ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ବାପିଙ୍କ ମୃତ୍ୟୁ ପରେ ତାଙ୍କୁ ମାଡ଼ ମାରିଥିବା ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ମୃତକଙ୍କ ଦେହରେ ଅନେକ କ୍ଷତଚିହ୍ନ ଥିବା ବେଳେ ତାଙ୍କୁ ତାର କିମ୍ବା ବାଉଁଶରେ ମାଡ଼ ମରାଯାଇଥିବା ପୋଲିସ ଅନୁମାନ କରିଛି।

## ହେରୋଇନ ଜବତ, ୨ ଗିରଫ

ରାଉରକେଲା, ୧୯।୧୧(ସଙ୍ଗୀତା ଜେନା)

ହେରୋଇନ କାରବାର ଅଭିଯୋଗରେ ରାଉରକେଲା ଉଦିତ୍‌ନଗର ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ବାସନ୍ତୀ କଲୋନିର ବିଶାଳ ଶଙ୍କର ମହାପାତ୍ର(୪୨)। ତାଙ୍କଠାରୁ ୭ ଗ୍ରାମ ୪ଶହ ୯୦ ମିଲିଗ୍ରାମର ହେରୋଇନ, ମୋବାଇଲ ଫୋନ୍, ସ୍କୁଟି ଏବଂ ୬ ଶହ ଟଙ୍କା ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୯୨/୨୫) ରୁଜୁ କରି ବୁଧବାର ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସେହିପରି ପ୍ଲାଣ୍ଟସାଇଟ୍ ଥାନା ଅଧୀନ ରେଲୱେ କଲୋନି ଛୋଟାପାର୍କ ନିକଟରେ ଜଣେ ଯୁବକଙ୍କୁ ହୋରୋଇନ ଚାଲାଣ ବେଳେ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ମାଲଗୋଦାମ ମସ୍‌ଜିଦ ଅଞ୍ଚଳର ଏମ୍‌ଡ଼ି ସୋହେଲ(୨୨)। ତାଙ୍କ ନିକଟରୁ ୯ ଗ୍ରାମ ହେରୋଇନ ଓ ବାଇକ୍ ଜବତ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

# ନାବାଳିକାଙ୍କୁ ଅସଦାଚରଣ, ଯୁବକଙ୍କୁ ୫ ବର୍ଷ ଜେଲ

ଫୁଲବାଣୀ, ୧୯।୧୧
(ରାକେଶ କୁମାର ରାଉତ)

ଜଣେ ନାବାଳିକାଙ୍କୁ ଅସଦାଚରଣ ମାମଲାର ବିଚାରକରି ବୁଧବାର ଫୁଲବାଣୀ ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୮ ହଜାର ଟଙ୍କା ଏବଂ ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଜି.ଉଦୟଗିରି ଥାନା ଅଞ୍ଚଳର ଶିବରାମ ପ୍ରଧାନ ।

ମିଳିଥିବା ସୂଚନା ଅନୁସାରେ, ଗତ ଏପ୍ରିଲ ୧୮ ତାରିଖ ଦିନ ୧ଟା ବେଳେ ନାବାଳିକା ଜଣକ ଘର ପାଖରେ ପରିସ୍ରା କରିବାକୁ ଆସିଥିଲେ। ଏହି ସମୟରେ ସେଠାରେ ଥିବା ଶିବରାମ ତାଙ୍କୁ ଉଠାଇ ନେଇ ପାଖ ଜଙ୍ଗଲରେ ଅସଦାଚରଣ କଲାବେଳେ ସେ ପାଟି କରିଥିଲେ। ମା' ପାଟି ଶୁଣି ସେଠାକୁ ଯିବା ବେଳେ ଅଭିଯୁକ୍ତ ଶିବରାମଙ୍କ ହାତକୁ ନାବାଳିକା କାମୁଡ଼ି ପଳାଇ ଆସିଥିଲେ। ଏନେଇ ରାତି ୮ଟାରେ ନାବାଳିକାଙ୍କ ମା' ଜି.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୭୧/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ଶିବରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବିଚାରପତି ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ୍ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## Business

# ହଳଦିଆ ଷ୍ଟେସନର ଉନ୍ନତୀକରଣ

ଭୁବନେଶ୍ୱର, ୧୯।୧୧(ଅନୁରାଧା ମହାରଣା)




ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଦକ୍ଷିଣ ପୂର୍ବ ରେଳଷ୍ଟେସନର ୭୨ଟି ଷ୍ଟେସନର ଉନ୍ନତୀକରଣ କରାଯାଉଛି। ତେବେ ଯାତ୍ରୀ ସୁବିଧାକୁ ଦୃଷ୍ଟିରେ ରଖି ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ, ଆରାମଦାୟକ ଓ ଯାତ୍ରୀ ଅନୁକୂଳ କରିବା ପାଇଁ ପର୍ଯ୍ୟାୟକ୍ରମେ ବିକାଶ କରାଯାଉଛି। ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଅନ୍ତର୍ଗତ ହଳଦିଆ ଷ୍ଟେସନର ପୁନର୍ବିକାଶ କରାଯାଇଛି। ସହରର ଶିଳ୍ପ କେନ୍ଦ୍ର ବନ୍ଦର ସହର ଭାବେ ପରିଚିତ ହଳଦିଆ ପାଇଁ ଏହି ଷ୍ଟେସନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯାତ୍ରୀ ଓ ମାଲ ପରିବହନକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପୁନର୍ବିକାଶର ଆବଶ୍ୟକତା ରହିଥିଲା। ବର୍ତ୍ତମାନ ଏହା ସ୍ଥାନୀୟ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ଷ୍ଟେସନ ବିଲ୍ଡିଂର ପୁନର୍ବିକାଶ ସହ ନୂଆ ପାର୍କିଂ ଅଞ୍ଚଳ ଏବଂ ଚଳାଚଳ ସ୍ଥାନ ଯାତ୍ରୀଙ୍କୁ ସୁବିଧା ଦେବ। ସେହିପରି ବୁକିଂ କାଉଣ୍ଟର, ପ୍ରତୀକ୍ଷାସ୍ଥଳ, ଶୌଚାଳୟ, ପ୍ଲାଟ୍‌ଫର୍ମ ସେଲ୍ଟର, ନୂଆ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ସହ ଦିବ୍ୟାଙ୍ଗଜନଙ୍କ ପାଇଁ ୱାଟର ବୁଥ୍, ର୍‍ୟାମ୍ପ, ଟାକଟାଇଲ୍ ଓ ବ୍ରେଲି ସାଇନ୍, ବୁକିଂ କାଉଣ୍ଟର, ପାର୍କିଂ ବ୍ୟବସ୍ଥା ଆଦି ଅନ୍ତର୍ଭୁକ୍ତ ରହିଛି।

## ପୋଷା ପ୍ରାଣୀ ଖାଦ୍ୟ ବଜାରରେ ରିଲାଏନ୍ସର ପ୍ରବେଶ

ଭୁବନେଶ୍ୱର, ୧୯।୧୧

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ଏଫଏମସିଜି ୟୁନିଟ ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ ପୋଷା ପ୍ରାଣୀ ଖାଦ୍ୟ ଓ ଯତ୍ନ ବଜାରରେ ଧମାକାଦାର ପ୍ରବେଶ କରିଛି। କମ୍ପାନୀ ୱେଗିଜ ନାମକ ଏକ ନୂତନ ପୋଷା ପ୍ରାଣୀ ଖାଦ୍ୟ ବ୍ରାଣ୍ଡ ଲଞ୍ଚ କରିଛି। ୱେଗିଜ ପାଳିତ ପଶୁମାନଙ୍କ ପାଇଁ ଉଚ୍ଚମାନର, ବିଜ୍ଞାନସମ୍ମତ, ପୁଷ୍ଟିକର ଏବଂ ସୁଲଭ ପୋଷା ପ୍ରାଣୀ ଖାଦ୍ୟ ପ୍ରଦାନ କରିବ। ସାଧାରଣ ପରିବାର ପାଇଁ ପୋଷା ପ୍ରାଣୀ ଖାଦ୍ୟକୁ ସୁଲଭ କରିବା ପାଇଁ, କମ୍ପାନୀ ଏହାକୁ ବହୁତ ସୁଲଭ ମୂଲ୍ୟରେ ବଜାରକୁ ଆଣିଛି। ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, ୱେଗିଜ ଉତ୍କୃଷ୍ଟ ପୁଷ୍ଟିସାର ଏବଂ ସୁଲଭ ମୂଲ୍ୟ ମଧ୍ୟରେ ପ୍ରସ୍ତୁତ କରାଯାଇଛି। ଏଥିରେ ଅତିରିକ୍ତ ପ୍ରୋଟିନ, ପାଚନ-ଉନ୍ନତକାରୀ ପ୍ରିବାୟୋଟିକ୍ସ, ଗଣ୍ଠି, ଚର୍ମ ଶକ୍ତି ସମେତ ଅନେକ ଲାଭ ସାମିଲ ରହିଛି।

# କିଟ୍ ଓ ଆପୋଲୋ ଟାୟାର୍ସ ମଧ୍ୟରେ ବୁଝାମଣା



ଭୁବନେଶ୍ୱର, ୧୯।୧୧(ଅନୁରାଧା ମହାରଣା)

ଟାୟାର ଟେକ୍ନୋଲୋଜି ପାଠ୍ୟକ୍ରମ ନେଇ କିଟ ବିଶ୍ୱବିଦ୍ୟାଳୟ ଓ ଆପୋଲୋ ଟାୟାର୍ସ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। କିଟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏଥିରେ ସ୍ୱାକ୍ଷର କରିଥିବା ବେଳେ ଆପୋଲୋ ଟାୟାର୍ସ ପକ୍ଷରୁ ଫିଲ୍ଡ ଟେକ୍ନିକାଲ ସର୍ଭିସ ମୁଖ୍ୟ ଅନୀତ ଟାକୁ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ସହ ଟାୟାର ଟେକ୍ନୋଲୋଜିରେ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳନ କରିବାରେ କିଟ ଭାରତର ପ୍ରଥମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଛି । ଏହି ବୁଝାମଣା ଫଳରେ କିଟ ଟାୟାର ବିଜ୍ଞାନ, ଟାୟାର ଡିଜାଇନ, ଉତ୍ପାଦନ, ପରୀକ୍ଷଣ ଏବଂ ସ୍ଥାୟିତ୍ୱକୁ ଅନ୍ତର୍ଭୁକ୍ତ କରୁଥିବା ଏକ ସ୍ୱତନ୍ତ୍ର ଇଚ୍ଛାଧୀନ ବିଷୟ ପ୍ରଦାନ କରିବ। ବୁଝାମଣା ଅନୁସାରେ ଆପୋଲୋ ଟାୟାର୍ସ ବିଶ୍ୱବିଦ୍ୟାଳୟକୁ ପାଠ୍ୟକ୍ରମ ବିକାଶ, ଅଧ୍ୟୟନ ସାମଗ୍ରୀ ପ୍ରସ୍ତୁତ ଏବଂ ନୂତନତମ ଶିଳ୍ପ ଧାରା ସହିତ ଶିକ୍ଷାଦାନକୁ ସହଜ କରିବାରେ ସହାୟତା କରିବ। କମ୍ପାନୀର ବିଷୟବସ୍ତୁ ଉପରେ ବିଶେଷଜ୍ଞମାନେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ। ଫଳରେ ଛାତ୍ରଛାତ୍ରୀମାନେ ବାସ୍ତବ-ବିଶ୍ୱ ଅଭ୍ୟାସ ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ପରିଚିତ ହେବେ । ଆପୋଲୋ ଟାଇର୍ସର ଉତ୍ପାଦ ବିକାଶ ମୁଖ୍ୟ ପ୍ରଶାନ୍ତ କୁମାର ଏସ. କହିଲେ, ଏହି ବୁଝାମଣାପତ୍ର ଛାତ୍ରମାନଙ୍କୁ ଗଭୀର ଶିଳ୍ପ-ସମର୍ଥିତ ଦକ୍ଷତା ପ୍ରଦାନ କରି ସେମାନଙ୍କ ନିଯୁକ୍ତି ଯୋଗ୍ୟତା ଭାଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ। ଏହି ବୁଝାମଣା ନେଇ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହା କିଟ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ପାଠ୍ୟକ୍ରମରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି କହିଛନ୍ତି ।

# ଡେଏରି ଉଦ୍ୟୋଗ କ୍ଷେତ୍ରରେ ଓମ୍‌ଫେଡ୍‌କୁ ସ୍ୱତନ୍ତ୍ର ପୁରସ୍କାର



ଭୁବନେଶ୍ୱର, ୧୯।୧୧

ରାଜ୍ୟରେ ଡେଏରି ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଓମ୍‌ଫେଡ୍‌କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ୭୨ତମ ନିଖିଳ ଭାରତ ସମବାୟ ସପ୍ତାହ-୨୦୨୫ ପାଳନ ଅବସରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଓମ୍‌ଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ଏବଂ ଭାରପ୍ରାପ୍ତ ମାନବ ସମ୍ବଳ ବିକାଶ ମୁଖ୍ୟ ନିତ୍ୟଦର୍ଶନ ମିଶ୍ର ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ସମବାୟ ବିଭାଗ କମିଶନର ତଥା ପ୍ରମୁଖ ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହର ନିବନ୍ଧକ ସିଦ୍ଧାର୍ଥ ଦାସ, ସମବାୟ ସମିତି ୟୁନିୟନର ସଭାପତି ପ୍ରଭାସିନୀ ଷଡ଼ଙ୍ଗୀ ଏବଂ ସମବାୟ ମହାସମୀକ୍ଷକ ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ସମବାୟ ଆନ୍ଦୋଳନର ପ୍ରମୁଖ ପୁରୋଧା ସାଜିଥିବାରୁ ଓମ୍‌ଫେଡ୍‌କୁ ଏହି ପୁରସ୍କାର ମିଳିଥିବା ପ୍ରଧାନୀ କହିଛନ୍ତି। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଦୁଗ୍ଧଚାଷୀଙ୍କ ବିକାଶକୁ ପ୍ରାଧାନ୍ୟ ଦେଇଆସୁଥିବା ଓମ୍‌ଫେଡ୍ ତା'ର ବହୁ ଲକ୍ଷ ଗ୍ରାହକଙ୍କୁ ଉଚ୍ଚ ଗୁଣମାନର ଦୁଗ୍ଧଜାତ ଦ୍ରବ୍ୟ ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଆସୁଛି । ଏଥିରେ କୌଣସି ସାଲିସ କରାଯିବ ନାହିଁ ବୋଲି ସେ କହିଛନ୍ତି ।

# କର୍ଟେନ ରେଜର: ସମୃଦ୍ଧ ଓଡ଼ିଶା ୨୦୩୬ କନ୍‌କ୍ଲେଭ

ଭୁବନେଶ୍ୱର, ୧୯।୧୧

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ) ପକ୍ଷରୁ ନଭେମ୍ବର ୨୫ ଓ ୨୬ ଭୁବନେଶ୍ୱରର ଜନତା ମଇଦାନ ଠାରେ ଦୁଇ ଦିନିଆ ସମୃଦ୍ଧ ଓଡ଼ିଶା ୨୦୩୬ କନକ୍ଲେଭ ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ୨୦୩୬ ସୁଦ୍ଧା ଏକ ଦୃଢ଼ ଶିଳ୍ପ-ଚାଳିତ ଏବଂ ନବସୃଜନ-ଚାଳିତ ଅର୍ଥନୀତି ହେବା ଦିଗରେ ଓଡ଼ିଶାର ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ଉପରେ ଆଲୋଚନା କରାଯିବ। ସେମିକଣ୍ଡକ୍ଟର, ବିରଳ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ, ମହାକାଶ ଏବଂ ପ୍ରତିରକ୍ଷା, ଏଆଇ ଏବଂ ଆଇଟି, ନୀଳ ଅର୍ଥନୀତି, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଲଜିଷ୍ଟିକ୍ସ, ଖଣି, ଶକ୍ତି, ନବୀକରଣ ଶକ୍ତି, ଫାର୍ମା, ବୟନଶିଳ୍ପ, ଅଟୋମୋବାଇଲ, ରିଅଲ ଇଷ୍ଟେଟ୍ ସମେତ ୩୦ ରୁ ଅଧିକ ପ୍ରମୁଖ କ୍ଷେତ୍ରର ଅଂଶଗ୍ରହଣ କରିବ।

# କାନାରା ବ୍ୟାଙ୍କ ପାଳିଲା ଆମେମ୍ବାଲ ସୁବାରାଓ ପାଇଙ୍କ ଜୟନ୍ତୀ



ଭୁବନେଶ୍ୱର, ୧୯।୧୧(ଅନୁରାଧା ମହାରଣା)

ରାଷ୍ଟ୍ରାୟତ୍ତ କାନାରା ବ୍ୟାଙ୍କର ଭୁବନେଶ୍ୱର ସର୍କଲ ପକ୍ଷରୁ ବ୍ୟାଙ୍କର ପ୍ରତିଷ୍ଠାତା ଆମେମ୍ବାଲ ସୁବାରାଓ ପାଇଙ୍କର ୧୭୩ତମ ଜନ୍ମଜୟନ୍ତୀ ଭୁବନେଶ୍ୱର ସର୍କଲ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଛି। ବ୍ୟାଙ୍କର ମଣ୍ଡଳ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଏଥିରେ କାନାରା ବ୍ୟାଙ୍କର କର୍ମଚାରୀମାନଙ୍କ ସହିତ ହାଇ ନେଟ୍ ୱର୍ଥ ଗ୍ରାହକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧନ କରି ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ (ଡି) ସୁମନ ଚକ୍ରବର୍ତ୍ତୀ ରାଜ୍ୟରେ କାନାରା ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ସେ ବ୍ୟାଙ୍କର ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ଓ ଉତ୍କୃଷ୍ଟ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ ପାଇଁ ଏହାର ପ୍ରତିବଦ୍ଧତା ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇଥିଲେ। ପ୍ରତିଷ୍ଠାତାଙ୍କ ଜନ୍ମ ଦିବସ ଉପଲକ୍ଷେ କେକ୍ କାଟିବା ସମାରୋହ ଆୟୋଜିତ ହୋଇଥିଲା ଏବଂ ବ୍ୟାଙ୍କର ମୂଲ୍ୟବୋଧ ଓ ସମୃଦ୍ଧ ଐତିହ୍ୟ ପ୍ରତି ବ୍ୟାଙ୍କର ସମର୍ପଣକୁ ସୁନିଶ୍ଚିତ କରାଯାଇଥିଲା। ଉପ ମହାପ୍ରବନ୍ଧକ ନେତ୍ର ମୋହନ ପାତ୍ର ଗ୍ରାହକମାନଙ୍କ ଉପସ୍ଥିତି ପାଇଁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୟୁବିଆଇର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସାଚୁରେଶନ ଡ୍ରାଇଭ




ଭୁବନେଶ୍ୱର, ୧୯।୧୧

ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଖଜୁରିଆ ଶାଖାଠାରେ ଏକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସାଚୁରେସନ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜର ଅବହେଳିତ ବର୍ଗକୁ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ୍ ସେବା ସହିତ ଯୋଡ଼ିବା, ଆର୍ଥିକ ସଚେତନତା ବୃଦ୍ଧି କରିବା ଏବଂ ଡିଜିଟାଲ ପେମେଣ୍ଟ ସମାଧାନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁମ୍ବାଇ କେନ୍ଦ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ମହାପ୍ରବନ୍ଧକ ଜିକେ ସୁଧାକର ରାଓ, ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ହରେକୃଷ୍ଣ ଦାସ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ୟାଙ୍କ ମିତ୍ରଙ୍କ ସମେତ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନ ମନ୍ତ୍ରୀ ପେନ୍‌ସନ୍ ଯୋଜନା,ପିଏମ୍ ସ୍ୱନିଧି ଯୋଜନା ଓ ଆକାଉଣ୍ଟଗୁଡ଼ିକର ରିକେୱାଇସି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା।

# Classified Everyday

0674-2580101, 9692975378



## REAL ESTATE

**SALE**

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/Duplex ଅଛି– 8327785834. D-06

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ– **9438362273.** D-12

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ– 9776974912. D- 10





All type of physiotherapy, contact Number- 9556924059/765696134, Jharapada. D-1603

## LOST

I, Mrs. Ranjita Dwibedi, wife of the late Shibasis Dwibedi from Village- Sanata, P.O.- Raj-Nilgiri, District- Balasore. I wish to inform you that a piece of land was purchased by my late husband on June 12, 2017, from Shri Ambaris Ray, son of Ratinarayan Ray, located in Village- Sanata, Post- Rajnilgiri, Police station- Nilgiri, District- Balasore. The RSD number of the land is 10121700533. The documents for the land have unfortunately been lost for some reason. Keeping this necessity in view, on November 14, 2025, at the court of Executive Magistrate (OAS) Shubhashree Jena, I appeared and made a solemn declaration. A stationary number 013 has been sent for the information of Nilgiri police station authorities.

Ranjita Dwibedi D-1616

ଢେଙ୍କାନାଳ ମୌଜାର ରାମଦେଓ ଲକ୍ଷ୍ମୀ ନାରାୟଣଙ୍କ ନାମରେ ଥିବା ଦଲିଲ ନଂ– ୩୦୩୧/୧୪.୦୯.୧୯୫୭ଟି ୧୮.୧୧.୨୦୨୫ ତାରିଖରେ କେଉଁଠାରେ ହଜିଯାଇଛି । ଯଦି କେହି ପାଆନ୍ତି, ମୋବାଇଲ– ୯୪୩୭୦ ୫୮୮୨୨ରେ ଯୋଗାଯୋଗ କରିବାକୁ ଅନୁରୋଧ । ଧ–୧୬୧୭

I, MRS. SHASHI KALA AGARWAL, aged about 62 years, W/o.- Mr. Santosh Kumar Agarwala, Resident of At- B/1554, Sector-6, Markat Nagar, CDA, VTC:Cuttack Sadar, Dist.- Cuttack (ODISHA), PIN- 753014, beg to state that I am the owner of the below mentioned Schedule of Property by purchasing the same from Mr. Surendra Mohanty, S/o.- Late Benudhra Mohanty by virtue of Registered Deed of Sale vide No.- 503, Dtd.- 09.03.2010. (Document number: 11091000621 Dtd.- 04.08.2010) And thereafter I mutated the same in my name vide Mutation Case No.- 2038 of 2010. I have lost the Original Settlement RoR in respect of Khata No.- 443 of Mouza- Paribasudeipur in the name of Mr. Surendra Mohanty, S/o.- Late Benudhra Mohanty AND also lost the Mutation & Conversion RoR in respect of Khata No.- 443 of Mouza- Paribasudeipur in my name i.e. Mrs. Shashi Kala Agarwal, W/o.- Mr. Santosh Kumar Agarwala somewhere while I was travelling from Cuttack to Bhubaneswar on Dtd.- 11.10.2025 and in spite of my best effort I could not find it out again. If any person find the same kindly call in my Mobile No.- 9438408269. D-1609

## AFFIDAVIT

I, Rosalin Pattnaik, W/o.- Bibhu Kalyan Pattnaik, Resident of Plot No.- 410, Oscar City, Canal Road, P.O.- Budheswari Colony, P.S.- Laxmisagar, Bhubaneswar, Dist.- Khorda, PIN- 751006, Odisha declare by this affidavit No.- 77, Dtd.- 15.11.2025 that now onwards I shall be known as ROSALIN DAS for all future purposes. D-76947

I, Bibhu Kalyan Pattanayak, S/o.- Late Bipin Bihari Pattanayak, Resident of Plot No.- 410, Oscar City, Canal Road, P.O.- Budheswari Colony, P.S.- Laxmisagar, Bhubaneswar, Dist.- Khorda, PIN-751006, Odisha declare by this affidavit No.- 76, Dtd.- 15.11.2025 that now onwards I shall be known as BIBHU KALYAN PATTNAIK for all future purposes. D-76946

I, Siddhant Sourav Mishra, S/o.- Saroj Kumar Mishra, Indira Homes, Flat No.- 001, 1st Floor, Jharapada Canal Road, P.O.- Budheswari, P.S.- Laxmisagar, Bhubaneswar, Dist.- Khordha, PIN- 751006, Odisha declare by this affidavit CF No.- 1, Dtd.- 19.11.2025 that now onwards I shall be known as SIDDHANT SAURAV MISHRA for all future purposes. D-1608

By virtue of an affidavit sworn before the Executive Magistrate, Bolangir Dist.- Bolangir, Dtd.- 11.11.2025, I, Shakuntala Padhan, W/o.- Markanda Padhan, aged 65, R/o.- Village- Fasad, P.O.- Loisingha, Dist.- Bolangir, PIN- 767020 declare that I have changed my name from Sukun Padhan to Shakuntala Padhan for all purposes.

Shakuntala Padhan D-1610

By virtue of an affidavit at Bhubaneswar, Dated- 19.11.25, I, Niranjana Mohapatra, At- Station Bazar, P.O.- Dhenkanal Railway Station, Dist.- Dhenkanal, Odisha- 759013, declare that I have changed my name from Niranjan Mohapatra to Niranjana Mohapatra. Henceforth, I shall be known as Niranjana Mohapatra for all purposes. D-214

By virtue of an affidavit in the court of Executive Magistrate, Khaira, I declare that in my Aadhaar and Pan card my name has been mentioned as Sapan Kumar Sahoo but in RPLI Certificate (Policy No.- R- OR- EA- 180202) my name has been recorded as Suban Kumar Sahoo. Both the above names belongs to one and same person.

Sapan Kumar Sahoo
Ratina, Khaira, Balasore. D-1612

By virtue of an affidavit sworn before the Executive Magistrate, Bhubaneswar, Dated- 18.11.2025, I, Rosalisha Das, aged about 47 years, W/o.- Amit Kumar Das, Resident of Plot No.- 447, Saheed Nagar, Bhubaneswar, Odisha, PIN – 751007, hereby declare that I have changed my name from Rajlisha Das to Rosalisha Das. Henceforth, I shall be known as Rosalisha Das for all future purposes.

Rosalisha Das D-1613

## ମନେ ପଡୁଛି

**19th DEATH ANNIVERSARY**



In Loving memory of
**PRAVIN PATTANAIK**
DOB- 25.11.1986
DOD- 20.11.2006
Fondly Remembered by
**PRAVIN MEMORIAL TRUST MALIPADA BHUBANESWAR** D-1618

## LEGAL NOTICE

IN THE COURT OF THE DISTRICT JUDGE, NAYAGRH
R.F.A CASE NO.- 29 OF 2024.

Susri Sarita Pattnaik ................Appellant.
Vrs.
Debashish Pattnaik and others ................Respondents.

DRAFT FOR PUBLICATION NOTICE U/O 5. RULE-20-1(A) OF THE C.P.C.

(Appeal for set-aside the dismissal order of the Title Suit bearing No.- 267 of 2022 on dated- 23.03.2023 of the court of CJ (SD), Nayagarh.)

Notice to the Respondent No.- 1.

Resp. No.1- Debashish Pattnaik, aged about 50 years, S/o.- Late Netrananda Pattnaik, At/P.O.- College Road, Nayagarh. P.S./Dist.- Nayagarh (Plaintiff in the court below)

Whereas, it has been proved to the satisfaction of the court that the Respondent noted above can not be served to the ordinary way of service. Hence, this proclamation under order-5, Rule 20-1(A) of the C.P.C. is hereby issued against him and should appeared personally or through his counsel on dated- 02.01.2026 at about 10.30 A.M positively before the District Judge, Nayagarh.

Take notice that in default of your appearance on the day fixed, the above said appeal will be heard and determined in your absence.

Giving under my hand and seal of the court this the 10th day of November 2025

By the Appellant through
K. Sahoo
hercounsel. D-1614

IN THE COURT OF HON'BLE CIVIL JUDGE (SR. DIVN.) AT PARALAKHEMUNDI.
Exec. Pet. No.- 04/2025 (out of C.S. 07/2018)

Smt. Kalamata Bhagyalaxmi. ...Decree Holder.
Versus.
Sri Prafulla Kumar Patro. Judgment Debtor.

PUBLICATION UNDER ORDER V RULE 20 of C.P.C.

To,
Sri Prafulla Kumar Patro, S/o.- late Hari Krushna Patro, aged about 80 years, Hindu, Retd. Govt. Employee, Resident of Chandraprabha Street, 2nd Lane, Town/P.O./P.S.- Berhampur, Ganjam District, Odisha.

Whereas the plaintiff/Petitioner has instituted the above proceeding against you for the reliefs claimed in the above petition. That in spite of the several steps taken by this Hon'ble Court in both ways such as through Court and Postal for your appearances. All the notices returned back without service. So, you are hereby noticed through this notice to appear in this Court in person or by an advocate duly instructed on 22nd day of November, 2025 at 10:30 AM to answer all material questions relating to the suit, failing which the suit/application will be disposed off in your absence according to law.

Given under my hand and seal of this Court this the 15th day of November 2025.

BY ORDER
Advocate for Decree Holder
Smt. Itishree Mahapatra
Paralakhemundi (Gajapati) D-1615

ମାନନୀୟା ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ୍. (ଏସ୍.ଏ.ଜି.)
ଆଡିସ୍‌ନାଲ କମିଶନର, ଆଡିସ୍‌ନାଲ ରିଭିଜନ କୋର୍ଟ ନଂ.–୧
ସ୍ଥାନ– ସରକାରୀ ଅଫିସ, ୟୁନିଟ୍–୫, ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର, ଓ.ଏସ୍.ଏସ. କେସ୍ ନଂ. ୭୦/୨୦୨୫

(୧) ସୀମାରାଣୀ ଜେନା, ବୟସ– ବ୫୮ର୍ଷ, ସ୍ୱାମୀ– ସୁବାସ ଚନ୍ଦ୍ର ଜେନା, ବାସସ୍ଥାନ– ଗ୍ରାମ– ମହାଦେଇଅଡିଆ, ପୋଷ୍ଟ– ଆୟତନ, ପିନ୍– ୭୫୪୨୨୦, ଥାନା– ରାଜକନିକା, ଜିଲ୍ଲା– କେନ୍ଦ୍ରାପଡ଼ା ...... ବାଦୀ

ବନାମ

ବୈକୁଣ୍ଠ ରାଉତରା ଏବଂ ଓଗେର ...... ପ୍ରତିବାଦୀ

ପ୍ରାପ୍ତେଷୁ
ପ୍ରତିବାଦୀ ନଂ.୧– ବୈକୁଣ୍ଠ ରାଉତରା, ପିତା– ଦିଗମ୍ବର ରାଉତରା, ପ୍ରତିବାଦୀ ନଂ.୨– ବନମାଳି ରାଉତରା,, ପିତା– ମଣି ରାଉତରା, ପ୍ରତିବାଦୀ ନଂ.୩– ବାମଦେବ ରାଉତରା, ପିତା– ବରଜୁ ରାଉତରା, ପ୍ରତିବାଦୀ ନଂ.୪– ଲୋକନାଥ ରାଉତରା, ପିତା– ଫକିର ରାଉତରା ପ୍ରତିବାଦୀ ନଂ.୧ରୁ ୪ମାନଙ୍କର ବାସସ୍ଥାନ– ଜୁଝଗଡ଼, ପୋଷ୍ଟ– ଦାରୁଠେଙ୍ଗ, ଥାନା– ଚନ୍ଦକା, ଜିଲ୍ଲା– ଖୋର୍ଦ୍ଧା, ପିନ୍– ୭୫୪୦୦୫, ପ୍ରତିବାଦୀ ନଂ.୬– କୈଳାଶ ଚନ୍ଦ୍ର ସ୍ୱାଇଁ
ପ୍ରତିବାଦୀ ନଂ.୭– ତୁଷାର ରଞ୍ଜନ ସ୍ୱାଇଁ, ପ୍ରତିବାଦୀ ନଂ.୬ ଓ ୭ଙ୍କର ପିତା – ଭ୍ରମରବର ସ୍ୱାଇଁ ଏବଂ ସେମାନଙ୍କର ବାସସ୍ଥାନ– ନିଆଳି, ପୋଷ୍ଟ– ନିଆଳି, ଥାନା– ନିଆଳି, ଜିଲ୍ଲା– କଟକ, ପିନ୍– ୭୫୪୦୦୪।

ନୋଟିସ

ନୋଟିସ ସି.ପି.ସି. ଅର୍ଡର–୫, ରୁଲ୍ ୨୦ ମୁତାବକ

ଏତଦ୍ ଦ୍ୱାରା ପ୍ରତିବାଦୀ ନଂ.୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କୁ ଜଣାଇ ଦିଆଯାଉଅଛି କି ଉପରୋକ୍ତ କେସ୍ ଆଡିସନାଲ୍ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୧ଙ୍କ କୋର୍ଟରେ ବିଚାରାଧୀନ ଅଛି । ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କୁ ଠିକଣାରେ ନୋଟିସ ଡାକ ଦ୍ୱାରା ଯାଇଥିଲା, କିନ୍ତୁ ପ୍ରତିବାଦୀ ନଂ.୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କର ସ୍ଥାୟୀ ଗୃହ ଠିକଣାରେ ଅନୁପସ୍ଥିତ ଥିବାରୁ ନୋଟିସଗୁଡିକ ଫେରସ୍ତ ଆସିଛି । ପ୍ରତିବାଦୀଙ୍କର ବର୍ତ୍ତମାନ ଠିକଣା ଆମ୍ଭ ବାଦୀଙ୍କୁ ଜଣାନାହିଁ । ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୧ଠାରୁ ୪ଙ୍କୁ ଏବଂ ୬ରୁ ୭ଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନନୀୟା ଶ୍ରୀମତୀ କନକଚମ୍ପା ମେହେର, ଓ.ଏ.ଏସ. (ଏସ୍.ଏ.ଜି.)ଙ୍କ ଇଜିଲାସ, ଭୁବନେଶ୍ୱରସ୍ଥ କାର୍ଯ୍ୟାଳୟଠାରେ ଆସନ୍ତା ତା୨୨।୧୨।୨୦୨୫ ଦିବା ୧୧.୪୫ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି । ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଜମିର ବିବରଣୀ

ମୌଜା– ଭୁଆଶୁଣି, ଥାନା– ଚନ୍ଦକା, ତହସିଲ– ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା, ସାବକ ଖାତା ନଂ.୧୫୦, ସାବକ ପ୍ଲଟ୍ ନଂ.୩୮୧, ଏରିଆ– ଏସି.୦.୬୨୮ ଡିସିମିଲରୁ ଏ୦.୦୫୫ କରେସ୍‌ପଣ୍ଡିଂ ହାଲ ଖାତା ନଂ.୮୭୫, ହାଲ୍ ପ୍ଲଟ୍ ନଂ.୧୯୧୮, ଏରିଆ ଏ.୦.୨୪୫ ଡିସିମିଲରୁ ଏ୦.୦୫୫ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ. ୧ଠାରୁ ୪ଙ୍କୁ ଏବଂ ୬ରୁ ୭ ମାନେ ସ୍ୱୟଂ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ଉପରୋକ୍ତ ମୋକଦ୍ଦମାର ପକ୍ଷ ରଖିବେ, ଅନ୍ୟଥା ଆଇନ ଅନୁୟାୟୀ ଉକ୍ତ ମୋକଦ୍ଦମାଟି ବିଚାର କରାଯିବ ।

ଆଡିସନାଲ କମିଶନର

ଆଡିସନାଲ ରିଭିଜନ କୋର୍ଟ ନଂ.–୧ଙ୍କ ଅନୁମୋଦନ କ୍ରମେ
ସ୍ୱା./– କୋର୍ଟ ଅଫିସର ଧ–୧୬୦୫

ମାନ୍ୟବର ବରିଷ୍ଠ ସିଭିଲ ଜଜ୍ ମହୋଦୟଙ୍କ ଅଦାଲତ, ଢେଙ୍କାନାଳ ।
ଦେୱାନୀ ମୋକଦ୍ଦମା ନଂ– ୩୬/୧୯୮୫(F.D)

ରେବତୀ ମହାନ୍ତି ଏବଂ ଅନ୍ୟମାନେ ......... ବାଦୀ

ବନାମ

ଦେବକ ଖଟୁଆ ଏବଂ ଅନ୍ୟମାନେ ........ପ୍ରତିବାଦୀ

ନୋଟିସ

ଦେୱାନୀ ବିଚାରଧାରା ଆଇନ ୧୯୦୮ର ଅର୍ଡର ୫ ରୁଲ୍ ୨୦ ମୁତାବକ ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀ ନଂ.୬– ସନାତନ ଖଟୁଆ, ପି.– ଭାଇଗ ଖଟୁଆ ଏବଂ ପ୍ରତିବାଦୀ ନଂ.୭– ଦିବାକର ଖଟୁଆ, ପି.– ଭାଇଗ ଖଟୁଆ ଉଭୟଙ୍କର ଗ୍ରାମ– ରସାସିଂହ, ଥାନା– ସଦର, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ.୮– ନେତ୍ରମଣୀ ମହାନ୍ତି, ସ୍ୱାମୀ– ଭାଇଗ ଖଟୁଆ, ଗ୍ରାମ– କାଉଁରିଆପାଳ, ଥାନା– ସଦର, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ.୯– ମୃତ ଲାବଣ୍ୟ ସ୍ୱାଇଁ, ନିଅଂଶୀ ଥାଇ ଯଦି କୌଣସି ସୂତ୍ରେ ଯେ କେହି କୌଣସି ପ୍ରକାରେ ସ୍ୱତ୍ୱ ଦାବି ଉପସ୍ଥାପନା କରୁଥାନ୍ତି ; ପ୍ରତିବାଦୀ ନଂ.୧୦(କ)– ପରମାନନ୍ଦ ମହାନ୍ତି, ପି.– ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ. ୧୦(ଖ)– ଧର୍ମାନନ୍ଦ ମହାନ୍ତି, ପି.– ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ.୧୦(ଗ)– ପବିତ୍ର କୁମାର ମହାନ୍ତି, ପି.– ତିର୍ଥବାସୀ ମହାନ୍ତି, ପ୍ରତିାବଦୀ ନଂ.୧୦(ଘ)– ଶ୍ରୀକାନ୍ତ ମହାନ୍ତି, ପି.ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ.୧୦(ଙ)– ରଜନୀକାନ୍ତ ମହାନ୍ତି, ପି.– ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ. ୧୦(ଚ)– କୁମୁଦିନୀ ପରିଡ଼ା, ସ୍ୱା.– ସୋମନାଥ ପରିଡ଼ା, ପି.– ତୀର୍ଥବାସୀ ମହାନ୍ତି, ପ୍ରତିବାଦୀ ନଂ.୧୦(ଛ)– ଅଇଁଠୁ ଚରଣ ମହାନ୍ତି, ପି.– ଫକୀର ମହାନ୍ତି, ଏ ସମସ୍ତଙ୍କ ଗ୍ରା.– ରସାସିଂହ, ଥା.– ସଦର, ପୋ.ଅ.– ବେଲପଡା, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ. ୧୧(କ)– ଅଗସ୍ତି ମହାନ୍ତି, ପ୍ରତିବାଦୀ ନଂ. ୧୧(ଖ)– କିଶୋର ମହାନ୍ତି ଉଭୟଙ୍କ ପି.– ନିତ୍ୟାନନ୍ଦ ମହାନ୍ତି, ପ୍ରତିବାଦୀ ନଂ. ୧୧(ଗ)– ଚତୁର୍ଭୁଜ ମହାନ୍ତି, ପ୍ରତିବାଦୀ ନଂ. ୧୧(ଘ)– ଦୁର୍ଯ୍ୟୋଧନ ମହାନ୍ତି, ଉଭୟଙ୍କ ପି.– ଭାସ୍କର ମହାନ୍ତି, ଏ ସମସ୍ତଙ୍କ ଗ୍ରା.– ରସାସିଂହ, ଥା.– ସଦର, ପୋ.ଅ.– ବେଲପଡା, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ. ୧୨– ଗୁଲି ମହାନ୍ତି, ମୃତ ଥାଇ ଯଦି କୌଣସି ସୂତ୍ରେ ଯେ କେହି କୌଣସି ପ୍ରକାର ସ୍ୱତ୍ୱ ଦାବି ଉପସ୍ଥାପନ କରୁଥାନ୍ତି, ପ୍ରତିବାଦୀ ନଂ. ୧୩(କ)– ଅଖିଳ ମହାନ୍ତି, ପ୍ରତିବାଦୀ ନଂ. ୧୩(ଖ)– ହୃଦାନନ୍ଦ ମହାନ୍ତି, ପ୍ରତିବାଦୀ ନଂ. ୧୩(ଗ)– ପ୍ରତାପ ମହାନ୍ତି, ପ୍ରତିବାଦୀ ନଂ. ୧୩(ଘ)– ଦେବାନନ୍ଦ ମହାନ୍ତି, ଏ ସମସ୍ତଙ୍କ ପି.– ଭ୍ରମରବର ମହାନ୍ତି, ଗ୍ରା.– ରସାସିଂହ, ପୋ.ଅ.– ବେଲପଡା, ଥା.– ସଦର, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ. ୧୪(କ)– ପ୍ରମୋଦ ପରିଡ଼ା ପ୍ରତିବାଦୀ ନଂ. ୧୪(ଖ)– ବନମାଳୀ ପରିଡ଼ା, ଉଭୟଙ୍କ ପି.– ବିଜୟ ପରିଡ଼ା, ପ୍ରତିବାଦୀ ନଂ. ୧୪(ଗ)– ରତିକାନ୍ତ ପରିଡ଼ା, ପି.– ପ୍ରଫୁଲ୍ଲ ପରିଡ଼ା, ପ୍ରତିବାଦୀ ନଂ. ୧୪(ଘ)– ରଞ୍ଜିତ ପରିଡ଼ା, ପି.– ଗଗନ ପରିଡ଼ା, ପ୍ରତିବାଦୀ ନଂ. ୧୪(ଙ)– ବିଶ୍ୱଜିତ ପରିଡ଼ା, ପି.– ଗଗନ ପରିଡ଼ା, ଏ ସମସ୍ତଙ୍କ ଗ୍ରାମ– ନାଗେରା, ଥା.– ମୋଟଙ୍ଗା, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ. ୧୫(କ)– ସୁଜନ ବରାଳ, ପି– ସୁରଜ ବରାଳ, ପ୍ରତିବାଦୀ ନଂ. ୧୫(ଖ)– ବିମଳ ବରାଳ, ପି.– ହେମନ୍ତ ବରାଳ ଉଭୟଙ୍କ ଗ୍ରା.– ରସାସିଂହ, ପୋ.ଅ.– ବେଲପଡା, ଥା.– ସଦର, ଜି.– ଢେଙ୍କାନାଳ, ପ୍ରତିବାଦୀ ନଂ. ୧୬(ଖ)– ରୋହିତ କୁମାର ସାମଲ, ପ୍ରତିବାଦୀ ନଂ. ୧୬(ଗ)– ରବି ନାରାୟଣ ସାମଲ, ପ୍ରତିବାଦୀ ନଂ. ୧୬(ଘ)– ବେଣୁ ଧର ସାମଲ, ପ୍ରତିବାଦୀ ନଂ. ୧୬(ଙ)– ଦ୍ରୌପଦୀ ବରାଳ, ସ୍ୱା.– ଶିଶିର ବରାଳ, ପ୍ରତିବାଦୀ ନଂ. ୧୬(ଚ)– ସୁକାନ୍ତି ସ୍ୱାଇଁ, ସ୍ୱା.– ହଳଧର ସ୍ୱାଇଁ, ଏ ସମସ୍ତଙ୍କ ପିତା– ଉତ୍ସବ ସାମଲ, ଗ୍ରା.– ରସାସିଂହ, ଥା.– ସଦର, ପୋ.ଅ.– ବେଲପଡା, ଜି.– ଢେଙ୍କାନାଳ ମାନଙ୍କୁ ଜଣାଇଦିଆଯାଉଛି ଯେ ବାଦୀ ନଂ. ୧– ରେବତୀ ମହାନ୍ତି, ସ୍ୱା.– ଦୁର୍ଯ୍ୟୋଧନ ମହାନ୍ତି, ବାଦୀ ନଂ. ୨(କ)– ଚତୁର୍ଭୁଜ ନାୟକ, ପି.– କଇରି ନାୟକ, ଗ୍ରାମ/ପୋ.ଅ.– ବାରଦା, ଥା.– ସଦର, ଜି.– ଢେଙ୍କାନାଳ, ବାଦୀ ନଂ. ୨(ଖ)– କୋକିଳତା ବରାଳ, ପି.– କଇରି ନାୟକ, ବାଦୀ ନଂ. ୨(ଗ)– ରଜନୀ ନାୟକ, ପି.– କଇରି ନାୟକ, ଉଭୟଙ୍କ ଗ୍ରାମ/ପୋ.ଅ.– ବାରଦା, ଥା.– ସଦର, ଜି.– ଢେଙ୍କାନାଳ, ବାଦୀ ନଂ. ୨(ଘ)– ସୁସାନ୍ତି ପ୍ରଧାନ, ପି.– କଇରି ନାୟକ, ଗ୍ରା.– ରଣପସି, ପୋ.ଅ.– ଗେଙ୍ଗୁଟିଆ, ଥାନା– ସଦର, ବାଦୀ ନଂ. ୨(ଙ)– ସୁକାନ୍ତି ସ୍ୱାଇଁ, ସ୍ୱା.– କୃଷ୍ଣ ଚନ୍ଦ୍ର ସ୍ୱାଇଁ, ପି.– କଇରି ନାୟକ, ଗ୍ରାମ/ପୋ.ଅ.– ମଙ୍ଗଳପୁର, ଥା.– ସଦର, ବାଦୀ ନଂ. ୩– ସୁଷମା ବରାଳ, ସ୍ୱା.– ନବିନ ବରାଳ, ଗ୍ରା.– ରସାସିଂହ, ଥା.– ସଦର, ଜି.– ଢେଙ୍କାନାଳ, ଉପରୋକ୍ତ ମୋକଦ୍ଦମା ଜିଲ୍ଲା– ଢେଙ୍କାନାଳ, ଥାନା– ସଦର, ଗ୍ରାମ– ପଶାସିଂହ, ହାଲ ଖାତା– ୭୩, ମୋଟ ରକବା– ଏ୧.୩୫ ଡେସିମିଲ (କ– ତଫସିଲ), ଗ୍ରାମ– ରସାସିଂହ, ହାଲ ଖାତା– ୯୫, ମୋଟ ରକବା– ଏ.୦.୨୭ ଡେସିମିଲ, ହାଲ ଖାତା– ୧୩୩, ମୋଟ ରକବା– ଏ୦.୧୪ ଡେସିମିଲ, ଗ୍ରାମ– ପଶାସିଂହ, ହାଲ ଖାତା– ୭୫, ମୋଟ ରକବା– ଏ୦.୩୦ ଡେସିମିଲ, ଗ୍ରା.– ରସାସିଂହ, ହାଲ ଖାତା– ୨୬, ମୋଟ ରକବା– ଏ.୦.୨୪ ଡେସିମିଲ (ଖ– ତଫସିଲ), ମୌଜା– ପଶାସିଂହ, ହାଲ ଖାତା ନଂ.– ୨୪, ମୋଟ ରକବା– ଏ୦.୯୭ ଡେସିମିଲ (ଗ– ତଫସିଲ), ମୌଜା– ରସାସିଂହ, ହାଲ ଖାତା ନଂ.– ୧୨, ମୋଟ ରକବା– ଏ୨.୧୭ ଡେସିମିଲ (ଗ– ତଫସିଲ), ହାଲ ଖାତା ନଂ.– ୧୩, ମୋଟ ରକବା– ଏ୦.୦୪ ଡେସିମିଲ ଏବଂ ଗ୍ରାମ– ତେନ୍ତୁଳିଆପଡା, ହାଲ ଖାତା ନଂ.– ୩୭, ମୋଟ ରକବା– ଏ୦.୧୮ ଡେସିମିଲ (କ– ତଫସିଲ), ଗ୍ରାମ– ପସାସିଂହ, ହାଲ ଖାତା– ୭୪, ମୋଟ ରକବା– ଏ୦.୧୩ ଡେସିମିଲ (କ– ତଫସିଲ), ଗ୍ରାମ– ତେନ୍ତୁଳିଆପଡା ହାଲ ଖାତା ନଂ.– ୯୯, ମୋଟ ରକବା– ଏ୦.୧୮ ଡେସିମିଲ (କ– ତଫସିଲ) ଉପରେ ପୂର୍ଣ୍ଣାଙ୍ଗ ବଣ୍ଟନ ପତ୍ର ପ୍ରସ୍ତୁତି ଏବଂ ପୂର୍ଣ୍ଣାଙ୍ଗ ବିକ୍ରି ପ୍ରସ୍ତୁତି ନିମନ୍ତେ ଉପରୋକ୍ତ ମୋକଦ୍ଦମା ଆଗତ କରି ଅଛନ୍ତି । ଉକ୍ତ ମୋକଦ୍ଦମା ଆସନ୍ତା ତା.୧୨।୧୨।୨୦୨୫ରିଖକୁ ଧାର୍ଯ୍ୟ କରାଯାଇଅଛି ।

ଉକ୍ତ ଧାର୍ଯ୍ୟ ତାରିଖରେ ଏହାକୁ ଆଇନଗତ ନୋଟିସ ରୂପେ ଅବଗତ ହୋଇ ଉପରୋକ୍ତ ତଫସିଲ ବୃତ୍ତି ବାଦିଙ୍କ ସପକ୍ଷେ ତଥା ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିବାଦୀଙ୍କ ସପକ୍ଷେ ନିଜ ନିଜ ସ୍ୱତ୍ୱ ମୁତାବକ କାହିଁକି ପୂର୍ଣ୍ଣାଙ୍ଗ ଡିକ୍ରି ପ୍ରସ୍ତୁତ କରାନଯିବ ଉପରୋକ୍ତ ଅଦାଲତଙ୍କ ମୁକାମରେ ହାଜର ହୋଇ ଜବାବ ସୁଆଲ ନ ରଖିଲେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ତା.–୧୦।୧୧।୨୦୨୫ ସ୍ୱା/– ବରିଷ୍ଠ ସିଭିଲ ଜଜ୍ ମହୋଦୟ, ଢେଙ୍କନାଳ ଧ–୧୬୦୪

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

# ଇସ୍କ ଟ୍ରାଫିକ୍

ପିଲାଟିକୁ ଜନ୍ମ ଦେବା ପରେ ମା' ତାହାର ଯତ୍ନ ନେଇଥାଏ। ହେଲେ ପୁଅର ମଧ୍ୟ ମା' ପ୍ରତି କିଛି କର୍ତ୍ତବ୍ୟ ରହିଛି। ମା'-ପୁଅର ସମ୍ପର୍କକୁ ଆଧାର କରି କାହାଣୀ ଗତି କରିଛି। ତା' ସହ ଏଥିରେ ଲଭ୍, ଇମୋଶନ,କମେଡି ମଧ୍ୟ ରହିଛି। ଫିଲ୍ମଟିର ଟାଇଟଲ ରହିଛି 'ଇସ୍କ ଟ୍ରାଫିକ୍'। ଖାସ୍ କଥା ହେଲା, ଏହି ଫିଲ୍ମରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରୁଛନ୍ତି ପ୍ରେମ। କେବଳ ସେତିକି ନୁହେଁ ଅନ୍ୟତମ ଆଗଧାଡିର ହାସ୍ୟାଭିନେତା ପପୁ ପମ୍‌ପମ୍‌ଙ୍କୁ ମଧ୍ୟ



'ଇସ୍କ ଟ୍ରାଫିକ୍'ର ଏକ ଦୃଶ୍ୟରେ ନୈନା, ପ୍ରେମ୍ ଏବଂ ପପୁ

ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ନୈନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ ଓ ଆନ୍ନା ଭିନ୍ନ ଭିନ୍ନ ଚରିତ୍ରରେ ଦେଖାଦେବେ। କାହାଣୀ ସହ ସଂଳାପ ରଚନା କରିଛନ୍ତି ଶୁଭ୍ରାଂଶୁ ବିଶ୍ୱାଳ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ରୋହନଜିତ ଦାସ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅସଦ ନିଜାମ।

# ଅଡୁଆ କରିଥିଲା ଡବଲ୍ ଅଫର

ଜ୍ୟାକ୍ଲିନ୍ ଫର୍ନାଡିସ ୨୦୦୯ରେ ପ୍ରଥମେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଆଉ ଫିଲ୍ମଟିର ଟାଇଟଲ ଥିଲା 'ଆଲ୍ଲାଦିନ୍'। ହେଲେ ସେତେବେଳେ ସେ ଟିକେ ଦୋଛକିରେ ପଡିଥିଲେ। କାରଣ ସେହି ସମୟରେ ତାଙ୍କୁ ଏହି ଫିଲ୍ମ ବ୍ୟତୀତ ଆଉ ଏକ ଫିଲ୍ମ-'ଲଣ୍ଡନ ଡ୍ରିମ୍‌ସ'ରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ସେ ପ୍ରଥମେ କେଉଁ ଅଫରକୁ ଗ୍ରହଣ କରିବେ ସେ ନେଇ ଦ୍ୱନ୍ଦ୍ୱରେ ପଡିଥିଲେ। ଯେତେବେଳେ ସେ ଦେଖିଲେ ଯେ 'ଲଣ୍ଡନ ଡ୍ରିମ୍‌ସ'ର ପ୍ରାରମ୍ଭିକ କାମ ମନ୍ଥର ଗତିରେ ଚାଲିଛି, ତେଣୁ ସେ ଏହି ସୁଯୋଗଟିକୁ ହାତଛଡା କରିବାକୁ ମନସ୍ଥ କରିଥିଲେ। ଏ ବିଷୟରେ ଜ୍ୟାକ୍ଲିନ୍ କହନ୍ତି, ''ଏକାଥରେ ଦୁଇଟି ଅଫର ମିଳିବା ନିଶ୍ଚୟ ସୌଭାଗ୍ୟର କଥା। ହେଲେ ସେତେବେଳେ ମୋତେ କେବଳ ଗୋଟିଏ ସିନେମାରେ ହିଁ ଅଭିନୟ କରିବାର ଥିଲା। 'ଲଣ୍ଡନ ଡ୍ରିମ୍‌ସ'ର ପ୍ରାରମ୍ଭିକ କାମ ଲେଟ୍ ହେବାକୁ ମୁଁ ସେହି ଫିଲ୍ମରେ ଅଭିନୟ କରିବାକୁ ମନା କରିଦେଇଥିଲି।'ଆଲ୍ଲାଦିନ୍'ରୁ ସିନା କ୍ୟାରିୟର ଆରମ୍ଭ କଲି, ହେଲେ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। ହେଲେ ସେତେବେଳେ ମୁଁ ଭାଙ୍ଗିପଡି ନ ଥିଲି। ମନକୁ ଦୃଢ଼ କରି ନିଜ ଆକ୍ଟିଂ କ୍ୟାରିୟରକୁ ଆଗେଇ ନେଇଥିଲି।'' ଜ୍ୟାକ୍ଲିନ୍ ପ୍ରଥମେ ଜଣେ ଟିଭି ରିପୋର୍ଟର ଭାବରେ କ୍ୟାରିୟର ଆରମ୍ଭ କରିଥିଲେ। ହେଲେ ମଡେଲିଂ ସହ ଜଡିତ ହେବା ପରେ ତାଙ୍କର ଜଣେ ସାମ୍ବାଦିକା ହେବାର ସ୍ୱପ୍ନ ଅଧାରେ ରହିଯାଇଥିଲା।'' ଜ୍ୟାକ୍ଲିନ୍‌ଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ହାଉସଫୁଲ୍ ୫'। ଏହି ଚିତ୍ରଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ କରିବାରେ ସକ୍ଷମ ହୋଇଥିଲା। ସେ ନିର୍ମାଣାଧୀନ 'ୱେଲକମ୍ ଟୁ ଦ ଜଙ୍ଗଲ' ଫିଲ୍ମରେ ଅଭିନୟ କରୁଛନ୍ତି, ଯାହା ଆସନ୍ତା ବର୍ଷ ରିଲିଜ ହେବାର ଯୋଜନା ରହିଛି।



ଜ୍ୟାକ୍ଲିନ୍

# ଜୀବନରେ କମେଡି ଭରିରହିଛି

ରିତେନ୍ ପଟ୍ଟନାୟକ ଓରଫ ଇଗ୍‌ଲୁ। ପିତା ତଥା ଅବସରପ୍ରାପ୍ତ ରିଡର (ରାଜନୀତି ବିଜ୍ଞାନ) ଦୀପେନ୍ ପଟ୍ଟନାୟକ ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତିଙ୍କର ଏହି ଦ୍ୱିତୀୟ ପୁତ୍ର ଷ୍ଟାଣ୍ଡ-ଅପ୍ କମେଡିକୁ ଜୀବନର ଅନ୍ୟତମ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଗ୍ରହଣ କରିନେଇଛନ୍ତି। ନିଜ ବିଷୟରେ ସେ କହନ୍ତି, ''ପିଲାଦିନେ ଛୋଟମୋଟ କମେଡି କରି ପ୍ରଶଂସିତ ହେବା ପରେ ଭବିଷ୍ୟତରେ ଏହାକୁ କ୍ୟାରିୟର କରିବି ବୋଲି ସ୍ଥିର କରିଥିଲି। ମୋ ମତରେ ପ୍ରତ୍ୟେକଙ୍କ ଜୀବନରେ କେତେକାଂଶରେ କମେଡି ରହିଛି। ସାମ୍ପ୍ରତିକ ଘଟଣାକୁ ଆଧାର କରି ମୋ କମେଡିର ସ୍କ୍ରିପ୍ଟ ପ୍ରସ୍ତୁତ କରିଥାଏ, ଯାହା ବେଶ୍ ଦର୍ଶକାଦୃତ ହେଉଛି।'' ବରଗଡରେ ଜନ୍ମିତ ରିତେନ୍ ନିଜ ସଂସ୍ଥା କମେଡି କାଉଣ୍ଟଡାଉନ୍ ଅର୍ଗାନାଇଜେଶନ (କେସିଓ) ପକ୍ଷରୁ ଏ ପର୍ଯ୍ୟନ୍ତ ଓଡ଼ିଶା ବ୍ୟତୀତ ମୁମ୍ବାଇ, ଦିଲ୍ଲୀ ବେଙ୍ଗାଲୁରୁ ଏବଂ ପୁଣେ ଆଦି ସ୍ଥାନରେ ଷ୍ଟାଣ୍ଡ-ଅପ୍ କମେଡି ଶୋ' କରି ପ୍ରଶଂସିତ ହୋଇଛନ୍ତି। କେବଳ ସେତିକି ନୁହେଁ, ସେ ଓଡ଼ିଆ ଫିଲ୍ମ 'ଏ ରସଗୋଲା କାହାର' ଓ ରିଲିଜ ଅପେକ୍ଷାରେ ଥିବା 'ମନ୍ତ୍ରମୁଗ୍ଧ' ଏବଂ 'ବରବଧୂ' ଅଭିନୟ ମଧ୍ୟ କରିସାରିଛନ୍ତି।



ମୋ କଥା/ରିତେନ୍ ପଟ୍ଟନାୟକ

# ଦୃଢ଼ ବିଶ୍ୱାସୀ କ୍ୟାଟ୍ରିନା

କ୍ୟାଟ୍ରିନା କୈଫ ପ୍ରଥମେ ମଡେଲିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ମଡେଲିଂ ଆରମ୍ଭ କରିବା ସମୟରେ ତାଙ୍କୁ କେତେ ବୟସ ହୋଇଥିଲା ଜାଣନ୍ତି ? ମାତ୍ର ୧୪ ବର୍ଷ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ବୁମ୍' ଆଉ ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହେବା ସହ ୧୦୦କୋଟିରୁ ଅଧିକ ବିଜନେସ୍ କରିବାରେ ସଫଳ ହୋଇଥିଲା। ହେଲେ ଗୋଟିଏ ଖାସ୍ କଥା ଜାଣନ୍ତି ? କ୍ୟାଟ୍ରିନା ନିଜର ପ୍ରତିଟି ସିନେମା ରିଲିଜ ହେବା ପୂର୍ବରୁ ପୂଜାଅର୍ଚ୍ଚନା କରିବାକୁ ଭୁଲି ନ ଥାନ୍ତି। କାରଣ ତାଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ ଏହାଦ୍ୱାରା ତାଙ୍କ ଫିଲ୍ମ ଭଲ ବିଜନେସ୍ କରିବ। ଏବେ ମଧ୍ୟ ସେ ଏହି ଧାରା ଜାରିରଖିଛନ୍ତି। ଏ ବିଷୟରେ କ୍ୟାଟ୍ରିନା କହନ୍ତି, ''ମୋର ପ୍ରତିଟି ସିନେମା ରିଲିଜ ହେବା ପୂର୍ବରୁ ମୁଁ ଦେବସ୍ଥାନକୁ ଯାଇଥାଏ। ଏହି ସମୟରେ ମୁଁ ସିଦ୍ଧି ବିନାୟକ ମନ୍ଦିର, ମାଉଣ୍ଟ ମେରୀ ଚର୍ଚ୍ଚ ଏବଂ ଅଜମେରର ଦରଘା ସରିଫ ଯାଇଥାଏ। ସେଠାରେ ପୂଜା କରି ମୋ ସିନେମାଗୁଡ଼ିକ କିପରି ଭଲ ବିଜ୍‌ନେସ କରିବ ସେ ନେଇ ପ୍ରାର୍ଥନା କରିଥାଏ। ତା' ସହ ମୋ ସାମର୍ଥ୍ୟ ମୁତାବକ ଦାରିଦ୍ର୍ୟତା ମଧ୍ୟରେ ଜୀବନ ବିତାଉଥିବା ମହିଳାମାନଙ୍କୁ ସାହାଯ୍ୟ କରିଥାଏ।'' ୨୦୦୩ରେ କ୍ୟାରିୟର ଆରମ୍ଭ କରିଥିବା କ୍ୟାଟ୍ରିନାଙ୍କ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଥିଲା ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ମୈନେ ପ୍ୟାର୍ କ୍ୟୁଁ କିୟା'। ଏହି ଫିଲ୍ମରେ ସେ ପ୍ରଥମ ଥର ପାଇଁ ସଲମାନ ଖାଁଙ୍କ ସହ ଅଭିନୟ କରିଥିଲେ। ପରବର୍ତ୍ତୀ ସମୟରେ ଏହି ଯୋଡି ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଯୋଡି ଭାବରେ ପରିଚିତ ହୋଇଥିଲା। ଭିକି କୌଶଲଙ୍କୁ ମ୍ୟାରେଜ କରିବା ପରେ ସେ ପ୍ରାୟ ଅଭିନୟଠାରୁ ଦୂରେଇ ଯାଇଛନ୍ତି। ନିକଟରେ ସେ ପୁତ୍ର ସନ୍ତାନର ଜନନୀ ହୋଇଛନ୍ତି। ତାଙ୍କ ଅଭିନୀତ ଶେଷ ସିନେମା ଥିଲା 'ମେରି କ୍ରିଷ୍ଟମାସ୍'।



କ୍ୟାଟ୍ରିନା

# ଅପେକ୍ଷା ଶୁଭ ଦିନକୁ

ଏବେ ରିଲିଜ ଅପେକ୍ଷାରେ ରହିଛି ସସ୍‌ପେନ୍ସ ଥ୍ରୀଲର 'ମିଡ୍‌ନାଇଟ୍'। ଏହାର ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଭାର ସମ୍ଭାଳିବା ସହ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ମନୁ ଦ୍ୱିବେଦୀ। କାହାଣୀ ଅନୁସାରେ ଅମିୟ ଦାଶ ଜଣେ ପୁଞ୍ଜିପତି ଏବଂ ଗୋଟେ ନିର୍ମାଣକାରୀ ସଂସ୍ଥାର ମାଲିକ। ତାଙ୍କର ଅନ୍ତରଙ୍ଗ ବନ୍ଧୁ ବିଜୁ ବଳିୟାରସିଂ (ବୀରେନ ମିଶ୍ର) ଓ ଚନ୍ଦ୍ରଶେଖର (ଅକ୍ଷୟ ବସ୍ତିଆ)ଙ୍କୁ ସେହି ସଂସ୍ଥାରେ କାମ କରିବାର ସୁଯୋଗ ଦିଅନ୍ତି। ହେଲେ ସଂସ୍ଥାର ଉନ୍ନତି ଓ ଲାଭାଂଶ ଦେଖି ସେମାନେ ଲୋଭ କରନ୍ତି। ମୋଟା ଅଙ୍କର ଅଂଶଧନ ଓ ଲାଭାଂଶ ମାଗନ୍ତି। ବାସ୍, ଏଇଠୁ କଳହର ସୂତ୍ରପାତ ହୁଏ। ସମୟକ୍ରମେ ନିଜ ସ୍ୱାର୍ଥ ସାଧନ ପାଇଁ ବିଜୁ ଏବଂ ଚନ୍ଦ୍ର ମିଶିକରି ଅମିୟଙ୍କୁ ହତ୍ୟା କରନ୍ତି। ପରବର୍ତ୍ତୀ ସମୟରେ ବାପାଙ୍କର ରହସ୍ୟମୟ ମୃତ୍ୟୁ ଉପରୁ ପରଦା ହଟାଇବାକୁ ପୂରାଦମ୍‌ରେ ଲାଗିପଡ଼େ ଅନିଲ। ଆଉ ଶେଷରେ କ'ଣ ହୁଏ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଅନୁପ ଦ୍ୱିବେଦୀଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ.ରଜନୀ ରଞ୍ଜନ। ଡ. ନିର୍ମଳ ନାୟକ ଓ ସରୋଜ ବଳଙ୍କ ରଚିତ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ପ୍ରଶାନ୍ତ ପାଢ଼ୀ। କ୍ରିଏଟିଭ ହେଡ୍‌ର ଭୂମିକା ନିର୍ବାହ କରିଛନ୍ତି ରାହୁଲ ଶତପଥୀ। ଅନ୍ୟାନ୍ୟ ଭୂମିକାରେ ଦେବୁ ବ୍ରହ୍ମା, ପ୍ରତିଭା ପଣ୍ଡା, ଡାଏନା, ଆଲିଆ, ପ୍ରିୟା, ପ୍ରିୟଙ୍କା, ସସ୍ମିତା ଓ ସୁଧାଂଶୁବାଳାଙ୍କୁ ଦେଖିବାକୁ ମିଳିବ। ସିନେମାଟୋଗ୍ରାଫିରେ ଅଜିତ ଦାସ ଥିବା ବେଳେ ସମ୍ପାଦନାରେ ଅଛନ୍ତି ଚନ୍ଦ୍ରଶେଖର ମିଶ୍ର। ସହକାରୀ ନିର୍ଦ୍ଦେଶକର ଭୂମିକା ନିର୍ବାହ କରିଛନ୍ତି ସୁରେଶ ଦାଶ। କୋରିଓଗ୍ରାଫିରେ ବବି ଇସ୍‌ଲାମ ଓ ପ୍ରଚାର ମୁଖ୍ୟ ଅଛନ୍ତି ହରପ୍ରସାଦ ମହାପାତ୍ର। ଏବେ ଏଡିଟିଂ ଟେବୁଲରେ ରହିଛି 'ମିଡ ନାଇଟ'।

# ଏବେ ବି ମନେପଡ଼େ...

ଟାଇଗର ଶ୍ରଫଙ୍କର ଗୋଟିଏ କଥା ଏବେ ମଧ୍ୟ ମନେପଡୁଛି। ତାହା କ'ଣ ଜାଣନ୍ତି ? ବର୍ତ୍ତମାନ ବେଳେବେଳେ ତାଙ୍କର ନିଜ ଡେବ୍ୟୁ ଫିଲ୍ମ ବିଷୟରେ ମନେ ପଡ଼େ। ଟାଇଗରଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ଦେଇଥିଲେ ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ସାଜିଦ ନାଦିୱାଦୱାଲା। ଫିଲ୍ମଟିର ଟାଇଟଲ ଥିଲା 'ହିରୋପନ୍ତି'। ଖାସ୍ କଥା ହେଲା ପ୍ରଥମ ସିନେମାଟି ହିଁ ତାଙ୍କୁ ମାଇଲେଜ ଦେବାରେ ସହାୟକ ହୋଇଥିଲା। ନିଜର ପ୍ରଥମ ସିନେମା ବିଷୟରେ ଟାଇଗର କହନ୍ତି, ''ଯେତେବେଳେ ସାଜିଦ୍ ସାର୍ ଏବଂ ଏହି ଫିଲ୍ମର ନିର୍ଦ୍ଦେଶକ ସବିର ଖାନ୍ ଏ ବିଷୟରେ ମୋ ସହ ଆଲୋଚନା କଲେ ସେତେବେଳେ ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହା ପରେ କିଛିଦିନ ମୁଁ ପାପା (ଜ୍ୟାକି ଶ୍ରଫ)ଙ୍କର ସହ ଏ ବିଷୟରେ ବିଶଦ ଭାବରେ ଆଲୋଚନା କରିବା ପରେ ହଁ ଭରିଥିଲି। ଫିଲ୍ମଟି ରିଲିଜ ହେବା ପରେ ଭଲ ବିଜ୍‌ନେସ କରିଥିଲା। ସେତେବେଳେ ମୁଁ ଭାବିଥିଲି ଯେ ଯଦି ଏହି ଚାନ୍ସଟିକୁ ମୁଁ ହାତଛଡ଼ା କରିଥାଆନ୍ତି ତେବେ ପରେ ନିଶ୍ଚୟ ଅନୁତାପ କରିଥାଆନ୍ତି। ମୋ ପ୍ରଥମ ସିନେମାର ସଫଳତାକୁ ଏବେ ମଧ୍ୟ ମୁଁ ମନେ ପକାଇଥାଏ।'' ୨୦୦୮ରେ ରିଲିଜ ହୋଇଥିବା ତେଲୁଗୁ ଫିଲ୍ମ 'ପରାଗୁ'ର ଏହା ରିମେକ୍ ଥିଲା। ପ୍ରଥମ ସିନେମାରେ ଟାଇଗରଙ୍କ ନାୟିକା ସାଜିଥିଲେ କ୍ରୀତି ସାନନ୍। ୨୫କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ୭୨କୋଟି ଆୟ କରିବାରେ ସକ୍ଷମ ହୋଇଥିଲା।



'ହିରୋପନ୍ତି' ଫିଲ୍ମରେ ଟାଇଗର-କ୍ରୀତି

# ଶୁଭମ୍‌ଙ୍କ ଆଶା

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି ଯେଉଁଭଳି ଏକ ଦମକଦାର ସିନେମାରୁ ନିଜ ଅଭିନୟ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁଥିଲେ ତାହା ସଫଳ ହୋଇଛି। ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି 'ଲାଡୋ'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସେ। ହଁ, ଏହି ନବାଗତ ଜଣଙ୍କ ହେଉଛନ୍ତି ଶୁଭମ୍ ସାଗର। ପେସା ତାଙ୍କର ରିୟଲ ଇଷ୍ଟେଟ ବିଜନେସ୍, ହେଲେ ନିଶା ଅଭିନୟ। ପ୍ରଥମ ଥର ପାଇଁ ନାୟକ ସାଜିବା ପୂର୍ବରୁ ସେ ୨-୩ଟି ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ଏଥର ନିଜେ ଏକ ଫିଲ୍ମ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। ଏହାର ଶୀର୍ଷକ ରହିଛି 'ଲାଡୋ'। ଏକ ସତ୍ୟଘଟଣାକୁ ନେଇ କାହାଣୀ ଗତି କରିଛି। ଏହି ଫିଲ୍ମ ବିଷୟରେ ସେ କହନ୍ତି, ''ପରିବେଶ ସୁରକ୍ଷାକୁ ମୁଁ ମୋ ଜୀବନର ଅନ୍ୟତମ ଅଙ୍ଗଭାବରେ ଗ୍ରହଣ କରିସାରିଛି। ତେଣୁ ସେଭଳି ଏକ ବିଷୟବସ୍ତୁକୁ ନେଇ ଫିଲ୍ମଟିଏ କରିଛି। ଜଙ୍ଗଲ କିପରି ସୁରକ୍ଷିତ ରହିବ-ଏହା ହେଉଛି ମୋ ସିନେମାର ମୂଳ ବାର୍ତ୍ତା। କେବଳ ସେତିକି ନୁହେଁ, ବର୍ତ୍ତମାନ ମୋର ଏକ ପରିବେଶ ମିଶନ ଚାଲିଛି। ଗଛ ଚାରା ବୋଝେଇ କିଛି ଗାଡି ସହ ଲୋକଙ୍କ ପାଖକୁ ଯାଉଛି ଏବଂ ସେମାନଙ୍କୁ ଗଛ ଚାରା ଉପହାର ଦେଇ ବୃକ୍ଷରୋପଣରେ ନିଜକୁ ସାମିଲ କରିବାକୁ କହୁଛି। ମୋର ଏହି କାର୍ଯ୍ୟ ଆଗକୁ ଆହୁରି ବ୍ୟାପକ କରିବାକୁ ସ୍ଥିର ମଧ୍ୟ କରିଛି। ମୋତେ ସମୟ ମିଳିଲେ ମୁଁ ଏକ ଶାନ୍ତ ପରିବେଶକୁ ଚାଲିଯାଏ ଏବଂ ସେଠାରେ ବସି ପରିବେଶ ସୁରକ୍ଷା ପାଇଁ ଯୋଜନା ପ୍ରସ୍ତୁତ କରେ।'' ଶୁଭମ ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି। ସତ୍ୟଭାମା ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ଆର୍ଲିନ ଅଙ୍କିତା ଏହାର ନାୟିକା ସାଜିଥିବା ବେଳେ ସଞ୍ଜନା ପ୍ରଧାନ, ସୁଶାନ୍ତ ନାୟକ (ମୁଖ୍ୟ ଖଳନାୟକ), ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟ ପ୍ରକାଶ ଦାସ ଏବଂ ସ୍ମିତା ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି।



'ଲାଡୋ' ଫିଲ୍ମରେ ଶୁଭମ୍ ସାଗର

# କିଟ୍‌ରେ ଓଡ଼ିଶାର ପ୍ରଥମ ବିଜୟ

ଭୁବନେଶ୍ୱର, ୧୯।୧୧(ତପନ ସ୍ୱାଇଁ)


କିଟ୍ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରୁ ଓଡ଼ିଶା ରଣଜୀ ଦଳ ପାଇଁ ଆସିଛି ବଡ଼ ଆଶ୍ୱସ୍ତିକର ଖବର। ଏଲିଟ୍ ଗ୍ରୁପ୍ 'ଏ'ର ପ୍ରଥମ ୪ ମ୍ୟାଚ୍‌ରେ ଦୟନୀୟ ପ୍ରଦର୍ଶନ ପରେ ଏଠାରେ ଚଳିତ ସିଜନର ପ୍ରଥମ ବିଜୟ ସ୍ୱାଦ ଚାଖିଛି ଶୁଭ୍ରାଂଶୁ ସେନାପତିଙ୍କ ଦଳ। ବୁଧବାର ଶେଷ ହୋଇଥିବା ମ୍ୟାଚ୍‌ରେ ନାଗାଲାଣ୍ଡକୁ ୨୯୯ ରନ୍‌ରେ ପରାସ୍ତ କରିଛି ଓଡ଼ିଶା। ଫଳରେ ଏହି ମ୍ୟାଚରୁ ୬ ପଏଣ୍ଟ ସହ ମୋଟ ୭

## ରଣଜୀ ଟ୍ରଫି

ପଏଣ୍ଟରେ ପହଞ୍ଚିଥିବାରୁ ଅତିକମ୍‌ରେ ପ୍ଲେଟ ଗ୍ରୁପ୍‌କୁ ଖସିବା ସମ୍ଭାବନା କମିଯାଇଛି। ଏଠାରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୨୭୫ ରନ୍ କରିଥିବାବେଳେ ନାଗାଲାଣ୍ଡର ପ୍ରଥମ ଇନିଂସ୍ ୧୬୧ରେ ସୀମିତ ରହିଥିଲା। ଓଡ଼ିଶା ଏହାର ଦ୍ୱିତୀୟ ଇନିଂସ୍‌କୁ ୩୫୦/୫ରେ ଘୋଷଣା କରିବାପରେ ନାଗାଲାଣ୍ଡ ସମ୍ମୁଖରେ ୪୬୫ ରନ୍‌ର କଷ୍ଟସାଧ୍ୟ ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଭ୍ରମଣକାରୀ ଦଳ ଦ୍ୱିତୀୟ ଇନିଂସ୍‌ରେ ୧୬୫ ରନ୍‌ରେ ଅଲ୍‌ଆଉଟ ହୋଇଯିବାରୁ ଅନ୍ତିମ ଦିବସ ଚା' ବିରତି ପୂର୍ବରୁ ମ୍ୟାଚ୍ ଶେଷ ହୋଇଯାଇଥିଲା। ଦ୍ୱିତୀୟ ଇନିଂସରେ କ୍ୟାରିୟରର ଶ୍ରେଷ୍ଠ ୧୬୯ ରନ୍ କରିଥିବା ସ୍ୱସ୍ତିକ୍ ସାମଲ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍ ରେଫରି ସଞ୍ଜୟ ଶର୍ମା ପୁରସ୍କାର ପ୍ରଦାନ କରିଥିଲେ।

### ଗୋବିନ୍ଦଙ୍କୁ ୫ ଉଇକେଟ

ତୃତୀୟ ଦିବସର ଅସମାପ୍ତ ସ୍କୋର ୪୧/୧ରୁ ଖେଳ ଆରମ୍ଭ କରିଥିବା ନାଗାଲାଣ୍ଡ ଅନ୍ତିମ ଦିବସ ଆରମ୍ଭରୁ ରକ୍ଷଣାତ୍ମକ ଖେଳି ମ୍ୟାଚ୍‌କୁ ଡ୍ର ରଖିବା ଲକ୍ଷ୍ୟରେ ରହିଥିଲା। ମାତ୍ର ଅଭିଜ୍ଞ ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ୍ ଯାଦୁରେ ଦଳ ବଶୀଭୂତ ହୋଇଯାଇଥିଲା। ପୂର୍ବଦିନ ଅପରାଜିତ ରହିଥିବା ନାଗାଲାଣ୍ଡର ଦୁଇ ଅପରାଜିତ ବ୍ୟାଟର ଡେଗା ନିଶ୍ଚଲ ଓ ହେମ ଚେତ୍ରୀ ୪ର୍ଥ ଦିବସ ସକାଳେ ୧୮ ଓଭର ପର୍ଯ୍ୟନ୍ତ ରକ୍ଷଣାତ୍ମକ ଖେଳି ସଫଳ ହୋଇଥିଲେ। ମାତ୍ର ୧୯ତମ ଓଭରର ୪ର୍ଥ ବଲ୍‌ରେ ହେମ (୩୭ ରନ୍)ଙ୍କୁ ପୋଦାର ଏଲ୍‌ବିଡବ୍ଲ୍ୟୁ କରିବାପରେ ମ୍ୟାଚ୍‌ର ରୂପ ବଦଳି ଯାଇଥିଲା। ନିୟମିତ ବ୍ୟବଧାନରେ ଉଇକେଟ ପତନ ଘଟିଥିଲା। ଡେଗା ନିଶ୍ଚଲ ଏକମାତ୍ର ଅର୍ଦ୍ଧଶତକ ହାସଲକରି ୫୨ ଓ ଅଧିନାୟକ ରଙ୍ଗସେନ ଜୋନାଥନ ୩୫ ରନ କରିଥିଲେ ହେଁ ମିଡଲ ଓ ଲୋୟର ଅର୍ଡରର ୬ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରି ନ ପାରିବାରୁ ଓଡ଼ିଶା ବହୁ ପ୍ରତୀକ୍ଷିତ ବିଜୟ ହାସଲ କରିଥିଲା। ୩୧-୧୩-୬୯-୫ ବୋଲିଂ ଫିଗର ପାଇଥିବା ପୋଦ୍ଦାର କ୍ୟାରିୟରର ୩ୟ ୫ ଉଇକେଟ ସଫଳତା ହାସଲ କରି ନାଗାଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ବାଦଲ ବିଶ୍ୱାଳ ୩ଟି ଏବଂ ସମ୍ବିତ୍ ବରାଳ ଗୋଟିଏ ଉଇକେଟ ନେଇଥିଲେ। ବାଦଲ ଚମତ୍କାର ଭାବେ ଏକ ଡାଇରେକ୍ଟ ଥ୍ରୋରେ ଚେତନ ବିସ୍ତ(୦)ଙ୍କୁ ପାଭିଲିୟନ ପଠାଇବା ମଧ୍ୟ ଥିଲା ଅନ୍ୟତମ ଚର୍ଚ୍ଚିତ ଘଟଣା।



ମ୍ୟାଚ ରେଫରିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ୱସ୍ତିକ ସାମଲ।



୫ ଉଇକେଟ ହାସଲକାରୀ ଗୋବିନ୍ଦ ପୋଦ୍ଦାର।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୫୦/୫ (ଘୋଷଣା)। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୧୬୫/ଅଲ୍‌ଆଉଟ (ଡେଗା ନିଶ୍ଚଲ-୫୨, ହେମ ଚେତ୍ରି-୩୭, ରଙ୍ଗସେନ ଜୋନାଥନ ୩୫, ଗୋବିନ୍ଦ ପୋଦ୍ଦାର-୫/୬୯, ବାଦଲ ବିଶ୍ୱାଳ-୩/୩୮, ସମ୍ବିତ୍ ବରାଳ-୧/୨୧)।

## ଓଡ଼ିଶା ପାଇଁ ଏଥର ଲକି ଗ୍ରାଉଣ୍ଡ

କିଟ୍ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ ଓଡ଼ିଶା ରଣ୍‌ଜୀ ଟ୍ରଫି ଦଳ ପାଇଁ ଏଥର ଲକି ସାବ୍ୟସ୍ତ ହୋଇଛି। ଚଳିତ ସିଜନରେ ଓଡ଼ିଶା ପ୍ରଥମ ୪ଟି ମ୍ୟାଚ୍ ଖେଳି ବରୋଦା ନିକଟରୁ ୭ ଉଇକେଟରେ ହାରିବାପରେ ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍‌କୁ ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ୍‌ରେ ପଛୁଆ ରହିବାରୁ ମାତ୍ର ୧ ପଏଣ୍ଟ ପାଇଥିଲା। ପରବର୍ତ୍ତୀ ୨ ମ୍ୟାଚ୍‌ରେ ଯଥାକ୍ରମେ ଆନ୍ଧ୍ରପ୍ରଦେଶ ନିକଟରୁ ଏକ ଇନିଂସ ୫୦ ଓ ବିଦର୍ଭଠାରୁ ୧୦୦ ରନ୍‌ରେ ହାରିବାପରେ ଏଲିଟ୍ ଗ୍ରୁପ୍‌ରେ ଦଳର ଭବିଷ୍ୟତଙ୍କୁ ନେଇ ଆଶଙ୍କା ଦେଖାଦେଇଥିଲା। ମାତ୍ର କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡ ବିପକ୍ଷରେ ୨୯୯ ରନ୍‌ରେ ବିଜୟ ଓଡ଼ିଶା ଦଳକୁ ଆଶ୍ୱସ୍ତ କରିଛି। ଓଭରଅଲ୍ ଦେଖିବାକୁ ଗଲେ କିଟ୍‌ରେ ଓଡ଼ିଶାର ଏହା ଥିଲା ପ୍ରଥମ ବିଜୟ। ପୂର୍ବରୁ ଦଳ ଏଠାରେ ୫ଟି ମ୍ୟାଚ୍ ଖେଳିଥିଲେ ହେଁ ବିଜୟ ସ୍ୱାଦ ଚାଖିପାରି ନ ଥିଲା। ୨୦୧୫-୧୬ରେ ଦିଲ୍ଲୀ ବିପକ୍ଷରେ ଡ୍ର, ୨୦୧୭-୧୮ରେ ମୁମ୍ବାଇଠାରୁ ୧୨୦ ରନ୍‌ରେ ପରାଜୟ, ୨୦୧୮-୧୯ରେ ରାଜସ୍ଥାନଠାରୁ ୩୫ ରନ୍‌ରେ ପରାସ୍ତ, ସେହି ସିଜନରେ ହରିୟାଣା ବିପକ୍ଷ ମ୍ୟାଚ୍ ଡ୍ର ଏବଂ ୨୦୧୮-୧୯ରେ ଉତ୍ତର ପ୍ରଦେଶଠାରୁ ୧୦ ଉଇକେଟରେ ପରାଜୟ ଲଭିଥିଲା ଓଡ଼ିଶା। ତେଣୁ ଏଥର ପ୍ରଥମ ବିଜୟ ହାସଲକରି ପୂର୍ବ ଧାରାକୁ ଭାଙ୍ଗିଛି ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ। ଓଭରଅଲ୍ କିଟ୍ ଷ୍ଟାଡିୟମରେ ଏହା ଥିଲା ୧୩ଶ ରଣ୍‌ଜୀ ମ୍ୟାଚ୍। ଚଳିତ ସିଜନରେ ପ୍ରଥମ ବିଜୟ ହାସଲ କରିଥିବା ଓଡ଼ିଶା ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅଭିନନ୍ଦନ ଜଣାଇଛନ୍ତି।

## ମୋମେଣ୍ଟମ ବଜାୟ ରଖିବାକୁ ଚେଷ୍ଟା କରିବୁ

ଭୁବନେଶ୍ୱର, ୧୯।୧୧(ତପନ ସ୍ୱାଇଁ)

''ଚଳିତ ସିଜନରେ ଆମେ ଯେପରି ଖେଳିବାକୁ ଯୋଜନା କରିଥିଲୁ ତାହା ସମ୍ଭବ ହୋଇପାରିନି। ତେବେ ନାଗାଲାଣ୍ଡ ବିପକ୍ଷ ବିଜୟରେ ଆମେ ବହୁତ ଖୁସି ଅଛୁ। ଆମର ପରବର୍ତ୍ତୀ ମ୍ୟାଚ୍ ଏକମାସ ପରେ ଅନୁଷ୍ଠିତ ହେବ। ଜାନୁଆରୀ ୨୨ରୁ ଆମେ ତାମିଲନାଡୁକୁ ଭେଟିବୁ। ତେବେ ଆମେ ଏହି ମୋମେଣ୍ଟମ ବଜାୟ ରଖିବାକୁ ଚେଷ୍ଟା କରିବୁ। ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଅନିଲ ପରିଡ଼ାଙ୍କ ଶତକ ଏବଂ ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ (୯୨ ରନ)ଙ୍କ ଦୃଢ଼ ବ୍ୟାଟିଂ ଆମ ପାଇଁ ଉପାଦେୟ ସାବ୍ୟସ୍ତ ହୋଇଛି। ଚଳିତ ମାସରୁ ସୟଦ୍ ମୁସ୍ତାକ୍ ଅଲୀ ଟି୨୦ ଟୁର୍ନାମେଣ୍ଟ ଆରମ୍ଭ ହେଉଛି। ଏଥିରେ ଭଲ ପ୍ରଦର୍ଶନ କରି ହୁଏତ କିଛି ନୂଆ ଖେଳାଳି ଦଳରେ ସାମିଲ ହୋଇପାରନ୍ତି। ତେବେ ସେ ଯାହାହେଉନା କାହିଁକି ମୋମେଣ୍ଟମ ବଜାୟ ରଖି ପରବର୍ତ୍ତୀ ୨ ମ୍ୟାଚରେ ଭଲ ପ୍ରଦର୍ଶନ ଆମର ମୁଖ୍ୟ ଲକ୍ଷ୍ୟ ରହିବ'' ବୋଲି କିଟ୍ କ୍ରିକେଟ୍ ଷ୍ଟାଡିୟମରେ ନାଗାଲାଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଶେଷ ହେବାପରେ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି'' ପ୍ରକାଶ କରିଛନ୍ତି।



ଶୁଭ୍ରାଂଶୁ ସେନାପତି

### 'ଅନେକ ଶିଖିବାକୁ ପାଇଛୁ'

''ନାଗାଲାଣ୍ଡ ଏକ ଯୁବ ଦଳ। ଗତବର୍ଷ ପ୍ଲେଟ୍ ଗ୍ରୁପ୍‌ରୁ ଏଲିଟ୍ ଗ୍ରୁପ୍‌କୁ ଆସିଛି। ତେଣୁ ଆମେ ଏବେ ଶିଖିବା ପର୍ଯ୍ୟାୟ ଦେଇ ଗତିକରୁଛୁ। ପ୍ଲେଟ୍ ଗ୍ରୁପ୍‌ରେ ଆମେ ଓଡ଼ିଶା ଭଳି କ୍ୱାଲିଟି ବୋଲରଙ୍କୁ ସାମ୍ନା କରି ନ ଥିଲୁ। ଏହା ହିଁ ପାର୍ଥକ୍ୟ। ଓଡ଼ିଶା ଦଳ ଭଲ ବ୍ୟାଟିଂ ଏବଂ ବୋଲିଂ କଲା। ଏ ବର୍ଷ ଯେତେଗୁଡ଼ିଏ ମ୍ୟାଚ୍ ଖେଳିଛୁ ସେଥିରୁ ଅନେକ କିଛି ଶିଖିବାକୁ ପାଇଛୁ। ତାମିଲନାଡୁ ବିପକ୍ଷ ମ୍ୟାଚ୍‌ରେ ଆମେ ଯେପରି ଲଢୁଆ ପ୍ରଦର୍ଶନ କରିଥିଲୁ ଚଳିତ ସିଜନର ଅବଶିଷ୍ଟ ୨ଟି ମ୍ୟାଚରେ ଆମେ ତାହାର ପୁନରାବୃତ୍ତି କରିବା ଗୁରୁତ୍ୱପୂର୍ଣ୍ଣ ହେବ'' ବୋଲି ନାଗାଲାଣ୍ଡ ଦଳର ଅଧିନାୟକ ରଙ୍ଗସେନ ଜୋନାଥନ କହିଛନ୍ତି।

### 'ସାମର୍ଥ୍ୟ ଅନୁସାରେ ଦଳ ଖେଳିଥିବାରୁ ମୁଁ ଖୁସି'

ସମ୍ପ୍ରତି ନାଗାଲାଣ୍ଡ ଦଳର ମୁଖ୍ୟ କୋଚ୍ ଥିବା ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି କହିଛନ୍ତି, ''ସାମର୍ଥ୍ୟ ଅନୁସାରେ ଦଳ ଖେଳିପାରିଥିବାରୁ ମୁଁ ଖୁସି ଅଛି। ଏହା ଏକ ଯୁବ ଦଳ। ଏଲିଟ୍ ଗ୍ରୁପ୍‌ରେ ପ୍ରଥମଥର ପାଇଁ ଲଢ଼େଇ କରୁଛି। ୨ଟି ଘଟଣା ମୁଖ୍ୟତଃ ମ୍ୟାଚ୍‌ର ଟର୍ନିଂ ପଏଣ୍ଟ ରହିଲା। ଗୋଟିଏ ହେଲା ପ୍ରଥମ ଇନିଂସରେ ରାଜେଶ ମହାନ୍ତି ୩ଟି ଉଇକେଟ ହାସଲ କରିବାରୁ ନାଗାଲାଣ୍ଡ ସ୍କୋର ଏକଦା ୩/୧୧୪ ଥିବାବେଳେ ୬/୧୧୪ ହୋଇଯାଇଥିଲା। ଅନ୍ୟଟି ହେଲା ଦ୍ୱିତୀୟ ଇନିଂସ୍‌ରେ ସ୍ୱସ୍ତିକ୍ ସାମଲ ଓ ଶୁଭ୍ରାଂଶୁ ସେନାପତିଙ୍କ ଦ୍ୱିଶତକୀୟ ଭାଗୀଦାରି। ଦଳ ପାଇଁ ପରବର୍ତ୍ତୀ ୨ଟି ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ରହିବ''।

# ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)

## ସୟଦ ମୁସ୍ତାକ ଅଲୀ ଟ୍ରଫି

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚଳିତ ମାସ ୨୬ରୁ ଲକ୍ଷ୍ନୌରେ ଆରମ୍ଭ ହେବାକୁ ଯାଉଥିବା ସୟଦ ମୁସ୍ତାକ୍ ଅଲୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ବୁଧବାର ଓଡ଼ିଶା ଦଳ ଘୋଷଣା ହୋଇଛି। ଓଡ଼ିଶା ସିନିୟର ପୁରୁଷ ଚୟନ କମିଟି ଅଧ୍ୟକ୍ଷ ସୌରଜିତ ମହାପାତ୍ର ଘୋଷଣା କରିଥିବା ୨୦ଜଣିଆ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଓଡ଼ିଶା ୨୬ ତାରିଖରେ କେରଳ ବିପକ୍ଷରେ ଏହାର ପ୍ରଥମ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୮ରେ ଆନ୍ଧ୍ରପ୍ରଦେଶ, ୩୦ରେ ବିଦର୍ଭ, ଡିସେମ୍ବର ୨ରେ ଛତିଶଗଡ଼, ୪ରେ ରେଲୱେ, ୬ରେ ଆସାମ ଏବଂ ୮ ତାରିଖରେ ମୁମ୍ବାଇ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ବିପ୍ଳବ ସାମନ୍ତରାୟ (ଅଧିନାୟକ), ଗୌରବ ଚୌଧାରୀ, ସ୍ୱସ୍ତିକ୍ ସାମଲ, ଆଦିତ୍ୟ ରାଉତ, ସୌରଭ ଗୌଡ଼ା, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଭଗେଶ ଶର୍ମା, ସୌମ୍ୟରଞ୍ଜନ ଲେଙ୍କା, ଶୁଭ୍ରାଂଶୁ ସେନାପତି, ଶୁଭମ୍ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ରାଜ୍ ଯାଦବ, ବାଦଲ ବିଶ୍ୱାଳ, ପପୁ ରୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି, ଅନିଲ ପରିଡ଼ା।

# ଇନକମ୍‌ଟାକ୍ସ ଚେନ୍ନାଇ ବିଜୟୀ



ଇନକମ୍‌ଟାକ୍ସ ଚେନ୍ନାଇ ଓ ୟୁନାଇଟେଡ ସ୍ପୋର୍ଟସ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ।

ଢେଙ୍କାନାଳ,୧୮।୧୧(ରତନ ନାୟାର)

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବୀର ବାଜି ରାଉତଙ୍କ ୧୦୦ତମ ଜନ୍ମବାର୍ଷିକ ପାଳନ ଅବସରରେ ଷ୍ଟାଡିୟମ୍‌ଠାରେ ଆୟୋଜିତ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଇନ୍‌କମ୍ ଟାକ୍ସ ଚେନ୍ନାଇ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ ଭୁବନେଶ୍ୱରକୁ ୩-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଇନ୍‌କମ୍ ଟାକ୍ସ ପକ୍ଷରୁ ୬ନଂ ଖେଳାଳି ସୋଲେମାଲେ, ୩୨ନଂ ଖେଳାଳି ସୁନୀଲ ଓ ୭୩ନଂ ଖେଳାଳି ରାଜୁଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ରାଜୁଲଙ୍କୁ ମ୍ୟାନ୍ ଅଫ୍ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମ୍ୟାଚ୍‌କୁ ରେଫରି ଅରୁଣ ନାୟକ, ପ୍ରଦୀପ କୁମାର ନାୟକ, ଶଶିକାନ୍ତ ଦାସିଆ, ସୁବ୍ରତ କୁମାର ପୁରୋହିତ ପରିଚାଳନା କରିଥିଲେ । ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂଦେଓ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଜିଲା କ୍ରୀଡ଼ାସଂଘ ଉପସଭାପତି ଅଜୟ ପଟ୍ଟନାୟକ ଓ ସଞ୍ଜୟ ଭଞ୍ଜ, ସମ୍ପାଦକ ନଳିନୀ ଦାସ, ପୂର୍ବତନ ଫୁଟ୍‌ବଲ ଖେଳାଳି ରବୀନ୍ଦ୍ର ପ୍ରସାଦ ସିଂହ ଓ ଅଭୟ ରାଉତ ପ୍ରମୁଖ ଯୋଗଦେଇଥିଲେ । ଜିଲା କ୍ରୀଡ଼ାସଂଘ ଯୁଗ୍ମ ସମ୍ପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ପ୍ରତୀକ ଭଞ୍ଜ, ପର୍ଶୁରାମ ମିଶ୍ର, ସରୋଜ ପାଢ଼ୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବିଭୂତି ପଟ୍ଟନାୟକ, ସୁଶାନ୍ତ ଜେନା, ଅମିୟ ଭୂଷଣ ସାହୁ, ବିରଜା ମିଶ୍ର, ତନ୍ମୟ ମହାନ୍ତି, ସତ୍ୟରଞ୍ଜନ ଭୂୟାଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ । ଗୁରୁବାର ସନ୍‌ରାଇଜ୍ କ୍ଲବ କଟକ ଓ ପଞ୍ଜାବ ପୋଲିସ ମଧ୍ୟରେ ମ୍ୟାଚ ଖେଳାଯିବ ।

## ହୋପ୍‌ଙ୍କ ବିରଳ ରେକର୍ଡ

ନାପିଅର, ୧୯।୧୧: ୱେଷ୍ଟଇଣ୍ଡିଜ୍ ଅଧିନାୟକ ଶାଇ ହୋପ୍ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୬୯ ବଲ୍‌ରେ ଅପରାଜିତ ୧୦୯ ରନ୍‌ର ଇନିଂସ ଖେଳିବା ଅବସରରେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ପ୍ରଥମ ବ୍ୟାଟର ଭାବେ ଟେଷ୍ଟ ଖେଳୁଥିବା ସମସ୍ତ ୧୨ ଦେଶ ବିପକ୍ଷରେ ଶତକ ହାସଲ କରିଛନ୍ତି। ଭାରତର ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍ ପ୍ରଥମ ବ୍ୟାଟର ଭାବେ ତାଙ୍କ ସମୟରେ ଟେଷ୍ଟ ଖେଳୁଥିବା ୧୦ ଦେଶରୁ ୯ ଦେଶ ବିପକ୍ଷରେ ଶତକ ହାସଲ କରିଥିଲେ। ଦ୍ରାବିଡ୍ ଅବସର ନେବା ପରେ ଆଫଗାନିସ୍ତାନ ଓ ଆୟର୍ଲାଣ୍ଡକୁ ଟେଷ୍ଟ ମାନ୍ୟତା ମିଳିଥିଲା। ସଚିନ ତେନ୍ଦୁଲକର ମଧ୍ୟ ତାଙ୍କ ସମୟରେ ଟେଷ୍ଟ ଖେଳୁଥିବା ସମସ୍ତ ୯ ଦେଶ ବିପକ୍ଷରେ ଶତକ କରିଥିଲେ। ପୂର୍ବତନ ଅଧିନାୟକ ବିରାଟ କୋହଲି ଆୟର୍ଲାଣ୍ଡ ବିପକ୍ଷରେ କଦାପି ଶତକ ହାସଲ କରି ନାହାନ୍ତି। ତେବେ ଏହା ହୋପ୍‌ଙ୍କ କ୍ୟାରିୟରର ୧୯ତମ ଦିନିକିଆ ଶତକ ଏବଂ ଏଥିସହିତ ସେ ୱେଷ୍ଟଇଣ୍ଡିଜ୍‌ର କିମ୍ବଦନ୍ତୀ ବ୍ରାଏନ୍ ଲାରାଙ୍କ ସହିତ ସମକକ୍ଷ ହୋଇଛନ୍ତି।

# କିଟ୍ ରଣଜୀ ପିଚ୍‌ର ପ୍ରଚ୍ଛଦପଟ ନାୟକ



କିଟ୍ ଷ୍ଟାଡିୟମ କ୍ୟୁରେଟର ସମୀର ନାୟକ।

ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରଣ୍‌ଜୀ ଟ୍ରଫି କ୍ରିକେଟ୍ ମ୍ୟାଚ ସଫଳତାର ସହ ବୁଧବାର ଶେଷ ହୋଇଛି। ଚଳିତ ସିଜନରେ ଓଡ଼ିଶା ପ୍ରଥମଥର ପାଇଁ ବିଜୟ ହାସଲ କରିଥିବାରୁ ଏହା ଅଧିକ ସ୍ମରଣୀୟ ହୋଇଯାଇଛି। କୋଲ୍‌କାତାର ଇଡେନ୍ ଗାର୍ଡେନ୍ସରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ଅଢ଼େଇଦିନରେ ଶେଷହେବାରୁ ପିଚ୍ କ୍ୟୁରେଟର ସୁଜନ ମୁଖାର୍ଜୀଙ୍କୁ ଅନେକ ସମାଲୋଚନା କରାଯାଇଥିଲା। ମାତ୍ର କିଟ୍‌ରେ ଏକ ସ୍ପୋର୍ଟିଂ ପିଚ୍ ପ୍ରସ୍ତୁତକରି ମ୍ୟାଚ୍‌କୁ ସ୍ମରଣୀୟ କରିବାର ପ୍ରଚ୍ଛଦପଟ ନାୟକ ହେଲେ କ୍ୟୁରେଟର ସମୀର ନାୟକ। ଭଦ୍ରକ ଜିଲା ମଞ୍ଜୁରି ନିକଟସ୍ଥ ଶଙ୍ଖୁଳା ଗ୍ରାମର ସମୀର କ୍ୟୁରେଟର ପାଇଁ କୌଣସି ପ୍ରଫେସନାଲ କୋର୍ସ କରି ନ ଥିଲେ ହେଁ ନିଜ ଇଚ୍ଛାଶକ୍ତି ଏବଂ ଜ୍ଞାନ ଆହରଣ କରିବାର ଅଭିଳାଷ ଯୋଗୁ ସେ ଜଣେ ସଫଳ କ୍ୟୁରେଟର ହୋଇପାରିଛନ୍ତି। ସେ ୨୦୧୩ରୁ ଅର୍ଥାତ୍ ୧୩ ବର୍ଷ ହେଲା କିଟ୍ ଷ୍ଟାଡିୟମର କ୍ୟୁରେଟର ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ରେଲୱେ କ୍ରିକେଟ ଷ୍ଟାଡିୟମ କ୍ୟୁରେଟର ଥିଲେ। ସୁବ୍ରତ ଦାସ ଓ ଅରୁଣ ବାସାଙ୍କ ପରି ରାଜ୍ୟର ପ୍ରତିଷ୍ଠିତ ଅମ୍ପାୟରଙ୍କ ପରାମର୍ଶକୁ ପାଥେୟକରି ପିଚ୍ ପ୍ରସ୍ତୁତିର କଳା ଶିଖିଥିଲେ ସମୀର। ପୂର୍ବରୁ ଓଡ଼ିଶା କ୍ରିକେଟ୍ ଆସୋସିଏଶନ କ୍ୟୁରେଟର ଥିବା ପଙ୍କଜ ପଟ୍ଟନାୟକଙ୍କଠାରୁ ମଧ୍ୟ ସେ ବହୁତ କିଛି ଶିଖିଥିବା ପ୍ରକାଶ କରିଛନ୍ତି। କିଟ୍‌ରେ ମ୍ୟାଚ୍ ଆରମ୍ଭର ୬ ଦିନ ପୂର୍ବରୁ ବିସିସିଆଇ କ୍ୟୁରେଟର ଆସି ପିଚ୍ ପ୍ରସ୍ତୁତିକୁ ତଦାରଖ କରିଥିଲେ। ସେ ସନ୍ତୋଷ ପ୍ରକାଶ କରିବା ସହ ଗୋଟିଏ ଦିନ୍ ମ୍ୟାଚ୍ ଦେଖି ପ୍ରତ୍ୟାବର୍ତ୍ତନ କରିଥିଲେ। ବଲାଙ୍ଗୀରର କଳାମାଟିରେ ପିଚ୍ ପ୍ରସ୍ତୁତ ହୋଇଛି। ପଡ଼ିଆରେ ଉତ୍ତମଭାବେ ଡ୍ରେନେଜ ବ୍ୟବସ୍ଥା ମଧ୍ୟ ରହିଛି। ସ୍ପୋର୍ଟିଂ ପିଚ୍ ଯୋଗୁ ମ୍ୟାଚ୍ ଉପଭୋଗ୍ୟ ହୋଇପାରିଛି। ପିଚ୍ ଉଭୟ ବୋଲର ଓ ବ୍ୟାଟରଙ୍କୁ ସୁହାଇଥିବାରୁ ପରିଶ୍ରମ ସାର୍ଥକ ହୋଇଛି ବୋଲି ପ୍ରକାଶ କରିଛନ୍ତି ସମୀର। କିଟ୍ ଷ୍ଟାଡିୟମକୁ ଅନ୍ତର୍ଜାତୀୟମାନର କରାଯିବା ପଛରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ଓ ଦିଗ୍‌ଦର୍ଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମୀର କହିଛନ୍ତି। ଆଗାମୀ ଦିନରେ ମଧ୍ୟ ସେ କ୍ୟୁରେଟର କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି।

# ପ୍ରଥମେ ଆମେରିକାକୁ ଭେଟିବ ଭାରତ

ଦୁବାଇ,୧୯।୧୧(ପି.ଟି.)

ଆସନ୍ତା ଜାନୁଆରୀ ୧୫ରୁ ଫେବୃଆରୀ ୬ ପର୍ଯ୍ୟନ୍ତ ଜିମ୍ବାୱେ ଓ ନାମ୍ବିଆରେ ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ୍ ବିଶ୍ୱକପ୍ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଆମେରିକାକୁ ଭେଟିବ। ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିବା ୧୬ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଥିବା ବେଳେ ୨୩ ଦିନରେ ଫାଇନାଲ ସମେତ ୪୧ ମ୍ୟାଚ୍ ଖେଳାଯିବ। ଭାରତ ଗ୍ରୁପ୍-ଏ'ରେ ଆମେରିକା, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ସହ ସ୍ଥାନ ପାଇଛି। ଗ୍ରୁପ୍-ବି'ରେ ଜିମ୍ବାୱେ, ପାକିସ୍ତାନ, ଇଂଲଣ୍ଡ ଓ ସ୍କଟ୍‌ଲାଣ୍ଡ ସ୍ଥାନ ପାଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ଆୟର୍ଲାଣ୍ଡ, ଜାପାନ ଓ ଶ୍ରୀଲଙ୍କା ଗ୍ରୁପ୍-ସି'ରେ ସ୍ଥାନ ପାଇଛନ୍ତି।

# ଦୃଷ୍ଟିବାଧିତ ରାଜ୍ୟ କ୍ରିକେଟ ଚାମ୍ପିୟନଶିପ୍ ଉଦ୍‌ଘାଟିତ


ଭୁବନେଶ୍ୱର,୧୯।୧୧ (ଅନାଦି କର)

ଯାଜପୁର ଜାରକାର ଧରମଶାଳାସ୍ଥିତି ମିନି ଷ୍ଟାଡିୟମରେ ବୁଧବାର ଦଶମ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଶିଶୁ ଓ ମହିଳା ବିକାଶ ସୋସାଇଟି ଚେୟାରମ୍ୟାନ ଡ. କଳ୍ପନା ଦାସ, ମିନତି ସାହୁ, ସକ୍ଷମର ସାଧାରଣ ସମ୍ପାଦିକା ମନସ୍ୱିତା ଜେନା, ସକ୍ଷମ ଏଣ୍ଟ୍ରେପ୍ରେନ୍ୟୁଅରଶିପ୍ ଡେଭଲପମେଣ୍ଟ ମୁଖ୍ୟ ମନୁଶ୍ରୀ ମଧୁସ୍ମିତା ଓ ସକ୍ଷମ ଯାଜପୁର ସଭାପତି ବାସୁବନ୍ଧୁ ଦାସ ଯୋଗଦେଇଥିଲେ। କ୍ରିକେଟ୍ ଆସୋସିଏଶନ୍ ଫର୍ ଦି ଭିଜୁଆଲ ଇମ୍ପାୟାର୍ଡ ଓଡ଼ିଶା ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ, ଅଂଶୁମାନ ସ୍ମାରକୀ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶା ପୂର୍ବ ସହାୟତାରେ ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ରାଜ୍ୟ ଆସୋସିଏଶନ ସଭାପତି ଜାଫର ଇକ୍‌ବାଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଅଲିପ୍ସା ଓଡ଼ିଶା ଦଳର ଅଧିନାୟିକା



ଦଳ ଘୋଷଣା ଅବସରରେ ସସ୍ମିତା ପଟ୍ଟନାୟକ ଓ ସ୍ୱାଗତିକା ରଥ।

ଭୁବନେଶ୍ୱର, ୧୯।୧୧ (ତପନ ସ୍ୱାଇଁ)

## ୨୩ ବର୍ଷରୁ କମ୍ ମହିଳା କ୍ରିକେଟ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟର ୨୩ ବର୍ଷରୁ କମ୍ ଟି୨୦ ମହିଳା କ୍ରିକେଟ ଟୁର୍ନାମେଣ୍ଟ ତ୍ରିଭେନ୍ଦ୍ରମଠାରେ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ବୁଧବାର କଟକରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ସିନିୟର ମହିଳା ଚୟନ କମିଟି ଅଧ୍ୟକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ପ୍ରଥମ ୩ଟି ମ୍ୟାଚ ପାଇଁ ୧୬ ଜଣିଆ ଦଳ ଘୋଷଣା କରିଛନ୍ତି। ଏହା ବ୍ୟତୀତ ୪ ଜଣଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ ୨୪ ତାରିଖରେ ସିକିମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଖେଳିବ। ଓଡ଼ିଶା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ-ଅଧିନାୟିକା), ପୂଜା ରାଣୀ ଦାସ, ଦିବ୍ୟା ରାଉତରାୟ, ସୁଚିସ୍ମିତା ପଣ୍ଡା, ତନ୍ୱି ରଞ୍ଜନା, ଅଙ୍କିତା ଗିରି, ପ୍ରଥନା ପ୍ରତିଶ୍ରୁତି, ଶୁଭ୍ରା ଏନ.ସ୍ୱାଇଁ, ଜି.ଏମ. ଅଲକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ.ବି. ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତିକ ପ୍ରସାଦ, କାଳାଂଶି ଧିତିଆ। ଷ୍ଟାଣ୍ଡବାଇ: ଜୟସି ନାୟକ, ପାଣି କେ, ପ୍ରସାଦ,ସୂର୍ଯ୍ୟଶାନ୍ତାସ୍ୱାଇଁ,ସୋନାଲିସାସ୍ୱାଇଁ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ